ISSN 2583-9543
VOL. NO. 02, ISSUE NO. 04

REFEREED PEER-REVIEWED JOURNAL

ବାଗୀଶ

BAGEESHA ● ଜୁଲାଇ - ଅଗଷ୍ଟ ୨୦୨୪

BAGEESHA

ବାଗୀଶ

ସମାଲୋଚନାଧର୍ମୀ ପତ୍ରିକା

Refereed Peer-Reviewed Journal

ISSN 2583-9543 (ONLINE)

ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା

ଜୁଲାଇ - ଅଗଷ୍ଟ ୨୦୨୪

Volume No. 02

Issue No. 04

July - August 2024

ଯୋଗାଯୋଗ

ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍,

ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼

E-mail :

bageesha.magazine@gmail.com

Phone No. 9337166172

Visit Us : www.bageesha.in

ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।

ତତ୍ତ୍ୱ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ।।

ଶ୍ଳୋକ ୧୫, ଅଧ୍ୟାୟ - ୪୦,

ଶୁକ୍ଳ ଯଜୁର୍ବେଦ ବାଜସନେୟୀ କାଣ୍ୱ ସଂହିତା

ପ୍ରତିଷ୍ଠାତା-ସଂପାଦକ

ବିକେଶ ସାହୁ

Founder & Editor

Bikesh Sahu

Edited and Published

By

Bikesh Sahu

At - Bhuslad, Po - Dedhagaon,

P.S - Sindhekela

Dist - Balangir - 767035

BOARD OF PEERS

Prof. Dash Benhur
Retired Principal,
S.C.S (Autonomous) College, Puri

Prof. B.N Pattnaik
Retired Prof. of English & Linguistics,
IIT, Kanpur, India

Prof. Satya P. Mohanty
Prof., Department of
English Cornell University, USA

Prof. Babrubahan Mahapatra
Prof., Dept. of Odia
M.S.C.B University, Baripada

Dr. Satyapriya Mahalik
Principal, Workers' College
Jamshedpur, Jharkhand

Dr. Gopinath Bag
Asst. Prof., Dept. of Odia
Samabalpur University, Burla

Dr. Bijayalaxmi Dash
Asst. Prof., Dept. of Odia
Revenshaw University, Cuttack

Dr. Rabindra Kumar Das
Asst. Prof., Dept. of Odia
Visva Bharati University,
Shantiniketan

Mr. Satya Pattanaik
Director, Black Eagle Books
Dublin, Ohio, USA

ABOUT US

- 'Bageesha' is a bi-monthly International Standard Serial Number recognized refereed peer-reviewed journal.
- The special research section of 'Bageesha' publishes research discussions on Literature, Society, Culture, Art, History, Anthropology, Philosophy, Science, etc.
- 'Bageesha' has been successful in recent years with a unique approach to make the youth research minded and has also prepared a new framework for the future.
- 'Bageesha' is rich in the following directed sections:

  <u>Essay and Discussion Section:</u> You can submit any basic essay and discussion for this section.
  <u>New Book:</u> For this section, a copy of a recently published book should be sent to our address by the author or publisher. A short informative summary of the received book will be presented in the journal. For this section we have reserved one page of the magazine for each book.
  <u>'Bageesha' Barenya:</u> An interview with a senior critic is published by the editorial team in each issue.

Note: Text must be typed in Odia Unicode. Author's name, full address, e-mail, brief introduction of the author (within 4-5 lines), summary of the article (within 7-8 lines), full text MS-Word File (within 12 characters and 10 pages) etc. through our website. To be _sent.

Visit our website www.bageesha.in for details on sending articles and books.

ସମୀକ୍ଷକ ମଣ୍ଡଳୀ

ପ୍ରଫେସର ଦାଶ ବେନହୁର
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସାମନ୍ତ ଚନ୍ଦ୍ର ଶେଖର (ସ୍ୱ) ମହାବିଦ୍ୟାଳୟ, ପୁରୀ

ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଫେସର, ଇଂରାଜୀ ଓ ଭାଷା
ବିଜ୍ଞାନ ବିଭାଗ, ଆଇ.ଆଇ.ଟି, କାନପୁର

ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି
ପ୍ରଫେସର, ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ,
କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ, ଆମେରିକା

ପ୍ରଫେସର ବବ୍ରୁବାହନ ମହାପାତ୍ର
ପ୍ରଫେସର, ଓଡ଼ିଆ ବିଭାଗ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,
ବାରିପଦା

ଡ. ସତ୍ୟପ୍ରିୟ ମହାଲିକ
ଅଧ୍ୟକ୍ଷ, ଜାମସେଦପୁର ୱାର୍କର୍ସ ମହାବିଦ୍ୟାଳୟ,
ଜାମସେଦପୁର, ଝାଡ଼ଖଣ୍ଡ

ଡ. ଗୋପୀନାଥ ବାଗ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

ଡ. ବିଜୟଲକ୍ଷ୍ମୀ ଦାଶ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଡ. ରବୀନ୍ଦ୍ର କୁମାର ଦାସ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

ଶ୍ରୀଯୁକ୍ତ ସତ୍ୟ ପଟ୍ଟନାୟକ
ନିର୍ଦ୍ଦେଶକ ଓ ପ୍ରକାଶକ, ବ୍ଲାକ୍ ଇଗଲ୍ ବୁକ୍ସ
ଡବଲିନ୍, ଓହିଓ, ଆମେରିକା

ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ISSN ସ୍ୱୀକୃତ ରେଫରିଡ୍ ପିଅର ରିଭିଉଡ୍ ଜର୍ଣ୍ଣାଲ (Refereed Peer-Reviewed Jornal)।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

  ପ୍ରବନ୍ଧ ଓ ଆଲୋଚନା ବିଭାଗ : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ।

  ନୂଆ ବହି : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

  'ବାଗୀଶ' ବରେଣ୍ୟ : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

ଦ୍ରଷ୍ଟବ୍ୟ : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡ଼ିଟିପି ହୋଇଥିବା ଆବଶ୍ୟକ। ଲେଖକ ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ (୪-୫ ଧାଡ଼ି ଭିତରେ), ଲେଖାର ସାରାଂଶ (୭-୮ ଧାଡ଼ି ଭିତରେ), ସଂପୂର୍ଣ୍ଣ ଲେଖା MS-Word File(ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ) ଆଦି ଆମକୁ ୱେବସାଇଟ୍ ମାଧ୍ୟମରେ ପଠାଇବାକୁ ହେବ।

ଲେଖା ଓ ବହି ପଠେଇବା ନିମନ୍ତେ ସବିଶେଷ ବିବରଣୀ ପାଇଁ ଆମ ୱେବସାଇଟ୍ www.bageesha.in ପରିଦର୍ଶନ କରନ୍ତୁ।

ସଂପାଦନା ମଣ୍ଡଳୀ
EDITORIAL BOARD

ସହ-ସଂପାଦକ
କନକ ବର୍ଦ୍ଧନ ସାହୁ

କାର୍ଯ୍ୟନିର୍ବାହୀ ସଂପାଦକ
ରିତମ୍ ମିଶ୍ର

ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା

ଡ. ବିଦ୍ୟୁଲତା ଷଣ୍ଢ
ଓଡ଼ିଆ ଅଧ୍ୟାପିକା, ନୟାଗଡ଼(ସ୍ୱ.ଶା) ମହାବିଦ୍ୟାଳୟ, ନୟାଗଡ଼

ଡ. ସୁଜାତା ସାହାଣୀ
ଓଡ଼ିଆ ଅଧ୍ୟାପିକା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

ତୃପ୍ତିମୟୀ ଭୋଇ
ଓଡ଼ିଆ ଅଧ୍ୟାପିକା, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଜଗତସିଂହପୁର

ସଙ୍ଘମିତ୍ରା ଦାସ
ଓଡ଼ିଆ ଅଧ୍ୟାପିକା, ଚୌଦ୍ୱାର ମହାବିଦ୍ୟାଳୟ, ଚୌଦ୍ୱାର, କଟକ

ସୁବାସ ଚନ୍ଦ୍ର ଭୋଇ
ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, କଲିକତା

ପ୍ରଭାସ ଚନ୍ଦ୍ର ଟୋଲଟିଆ
ଗବେଷକ, ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା

ଆପଣଙ୍କ ଚିଠି

ଶବ୍ଦରେ ଯେତେବେଳେ ସମାଜର ପ୍ରତିବିମ୍ବ ଦେଖାଯାଏ, ତାହା ସାହିତ୍ୟ ବୋଲାଯାଏ। ସାହିତ୍ୟ ଖାଲି ଶବ୍ଦ ନୁହଁ ଏହା ଏକ ବିପ୍ଳବ। ସେହି ବିପ୍ଳବର ଏକ ଶାଖା ହେଉଛି 'ବାଗୀଶ', ଯାହାର ପ୍ରତିଟି ସଂଖ୍ୟାରେ ଏକ ନୂତନ ପ୍ରଶ୍ନବାଚୀ ଉଙ୍କିମାରେ। ପ୍ରଶ୍ନ ଉତ୍ତରର ଲୁଚକାଳି ଭିତରେ ଲୁଚିରହିଥାଏ କିଛି ଅଜଣା ବାର୍ତ୍ତା ଯାହା ପ୍ରବନ୍ଧ, ସମାଲୋଚନା ଆଦି ମାଧ୍ୟମରେ ପାଠକ ପାଖରେ ପହଞ୍ଚିପାରେ। ତେଣୁ 'ବାଗୀଶ' ପତ୍ରିକାର ଏମିତି ଆଗକୁ ଆଗକୁ ପ୍ରସରି ଯାଉ। ଏହାର ମଇ-ଜୁନ୍ ସଂଖ୍ୟା ପଢ଼ି ଆନନ୍ଦ ଅନୁଭବ କଲି। ଏଥିରେ ସ୍ଥାନିତ ସମସ୍ତ ଆଲୋଚନା ଖୁବ୍ ଉଚ୍ଚକୋଟୀର। ଡ. ସଂଜୟ କୁମାର ମିଶ୍ରଙ୍କ ଡାଳଖାଇ ସମ୍ବନ୍ଧରେ ପ୍ରସ୍ତୁତ ପ୍ରବନ୍ଧଟି ମୋତେ ଖୁବ୍ ଛୁଇଁ ପାରିଛି। ସାକ୍ଷାତ୍‌କାର ମଧ୍ୟ ଖୁବ୍ ଉପାଦେୟ। ନୂତନତାର ଆଶାୟୀ ଭାବରେ 'ବାଗୀଶ'ର ଆଗାମୀ ସଂଖ୍ୟାକୁ ଅପେକ୍ଷା କଲି।

--- ***ସୁନୟନା ଓଝା***
(ଗବେଷିକା, ଜାମସେଦପୁର ମହିଳା ବିଶ୍ୱବିଦ୍ୟାଳୟ,ଜାମସେଦପୁର)

ବାଗୀଶର ଦ୍ୱିତୀୟ ବର୍ଷର, ତୃତୀୟ ସଂଖ୍ୟା ପଢ଼ିବାର ସୁଯୋଗ ପାଇଲି। ଏଥିରେ ସ୍ଥାନିତ ସଙ୍ଘମିତ୍ରା ବେହେରାଙ୍କ ଆଲୋଚନାଟି ସମୟୋପଯୋଗୀ ହେବା ସହ ଏକ ନୂତନ ଧାରାର ପରିଚାୟକ। ଏକ୍ଷେତ୍ରରେ ଗବେଷିକାଙ୍କ ଶ୍ରମକୁ ମୁଁ ସମ୍ମାନ ଜଣାଉଛି। ଏହା ବ୍ୟତୀତ ପତ୍ରିକାରେ ସ୍ଥାନିତ ପ୍ରବନ୍ଧ ମଧ୍ୟ ଗୁଣାତ୍ମକ ଦୃଷ୍ଟିରୁ ବେଶ୍ ଉଚ୍ଚକୋଟିର। ବାବାଜୀ ପଟ୍ଟନାୟକଙ୍କ ସାକ୍ଷାତକାରରୁ ଅନେକ କିଛି ଜାଣିବାର ସୁଯୋଗ ପାଇଲି। ପତ୍ରିକାଟି ଦିନକୁ ଦିନ ଅନେକ ଗବେଷକ ଓ ପାଠକର ମନକୁ ଛୁଉଁଛି, ତାହା ଛଡ଼ା ଅନେକ ନୂତନ ପାଠକ ଏହା ସହିତ ଯୋଡ଼ି ହେଉଛନ୍ତି। ଏହି ଧାରା ଭବିଷ୍ୟତରେ ମଧ୍ୟ ଅବ୍ୟାହତ ରହିବ ବୋଲି ମୋର ଦୃଢ଼ ବିଶ୍ୱାସ । ଶୁଭେଚ୍ଛା।

--- ***ଅନୁରାଗ ପାଣ୍ଡେ***
(ଗବେଷକ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।

ନିଜର ମତାମତ ଓ ଯୋଗାଯୋଗ ଦେବାପାଇଁ ଇ-ମେଲ ଠିକଣା: (bageesha.magazine@gmail.com)। ବହି ପଠେଇବା ପାଇଁ ଠିକଣା : ବିକେଶ ସାହୁ, ସଂପାଦକ 'ବାଗୀଶ', ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯।

ସଂପାଦକୀୟ

॥ ନେଡ଼ି ଗୁଡ଼ କହୁଣିକୁ ଯେମିତି ବୋହି ନ ଯାଉ...॥

ସୁଧୀଜନେ ! ଆପଣ ସମସ୍ତେ ଜାଣନ୍ତି, ନିକଟରେ ଭାରତ ସରକାର ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଅବଶ୍ୟ ଏହା ମନ୍ଦ ନୁହେଁ। କିନ୍ତୁ ଏଇ କିଛିଦିନ ତଳେ ବନ୍ଧୁମାନଙ୍କ ସହ ଆଲୋଚନା ପ୍ରସଙ୍ଗରେ ଏ ସମ୍ବନ୍ଧିତ କିଛି ସମସ୍ୟା ଆମ ସାମ୍ନାକୁ ଆସିଥିଲା। ଯାହା ଉପରେ ଦୀର୍ଘ ସମୟ ଧରି ଆମର ଆଲୋଚନା ମଧ୍ୟ ହୋଇଥିଲା। ଯେହେତୁ ବନ୍ଧୁମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ମହାବିଦ୍ୟାଳୟରେ ଅଧ୍ୟାପକ-ଅଧ୍ୟାପିକା ଭାବେ କାର୍ଯ୍ୟରତ, ତେଣୁ ବିଶ୍ୱବିଦ୍ୟାଳୟ ଅନୁଯାୟୀ ବିବିଧ ପ୍ରଭେଦ ତ ରହିବ। କିନ୍ତୁ କିଛି ସମସ୍ୟା ଯାହା ଆମକୁ ବ୍ୟତିବ୍ୟସ୍ତ କରିଥିଲା ସେ ସଂପର୍କରେ ଆପଣମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିବି ।

ଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷାନୀତି ଆମ ଦେଶର ଏକ ବହୁ ପ୍ରତୀକ୍ଷିତ ସଂସ୍କରଣ। ଏହାକୁ ନେଇ ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ବର୍ତ୍ତମାନର ସରକାର ଏହାର ପ୍ରଚଳନ ଦିଗରେ ଗୁରୁତ୍ୱାରୋପ କରିଆସୁଛନ୍ତି। ଏହି କିଛି ମାସ ହେବ ଏହା ଓଡ଼ିଶାରେ ମଧ୍ୟ କାର୍ଯ୍ୟକାରୀ ହେବାର ବିଭିନ୍ନ ସଙ୍କେତ ଦୃଶ୍ୟମାନ ହେବା ଆରମ୍ଭ ହୋଇସାରିଛି। ତେବେ ସେସବୁରେ ଆମର କୌଣସି ସମସ୍ୟା ନାହିଁ। ତେବେ ଆପଣମାନେ ଭାବୁଥିବେ ସମସ୍ୟା କୋଉଠି? ନିଶ୍ଚୟ ସେହି କଥା ହିଁ କହିବାକୁ ଯାଉଛି। ଆପଣମାନେ ନିଶ୍ଚିତ ଭାବେ ମୋ ସହ ଏକମତ ହେବେ, ଯେତେବେଳେ ଶିକ୍ଷାନୀତି ପ୍ରଚଳନ କଥା ଆସିଲା ଏହାର ସମୟ ଓ ପ୍ରଚଳନ ନିମିତ୍ତ ଯେଉଁ କ୍ଷେତ୍ର ପ୍ରସ୍ତୁତି କରାଯିବା କଥା ତାହା କରାଯାଇନାହିଁ। ପିଲାମାନଙ୍କ ଶ୍ରେଣୀଗୃହ ପାଠ ଆରମ୍ଭ ହେବା ଆଜକୁ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଉଚ୍ଚଶିକ୍ଷା ବିଭାଗ କି ବିଶ୍ୱବିଦ୍ୟାଳୟ କାହାରି କଥାରେ ସ୍ୱଷ୍ଟତା ଥିଲା ଭଳି ମନେହେଉନାହିଁ। ଏପରିକି କିଛି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଏ ସଂକ୍ରାନ୍ତରେ ସୂଚନା ମଧ୍ୟ ଦିଆଯାଇନାହିଁ। ଏପରି ସ୍ଥଳେ କିଛି ମହାବିଦ୍ୟାଳୟ ଅନନ୍ୟୋପାୟ ହୋଇ ଚିରାଚରିତ ଢଙ୍ଗରେ ପୁରୁଣା ପାଠ୍ୟକ୍ରମ ଆଧାରରେ ପାଠପଢ଼ା ଜାରି ରଖିଥିବା ବେଳେ କିଛି ନୂତନ ଶିକ୍ଷାନୀତି ଅନୁଯାୟୀ ଶିକ୍ଷାଦାନ ଆରମ୍ଭ କରିଦେଇଛନ୍ତି। ଏହା ବ୍ୟତୀତ ଅନ୍ୟ କିଛି ମହାବିଦ୍ୟାଳୟ ଊର୍ଦ୍ଧ୍ୱମୁଖ ହୋଇ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ଅପେକ୍ଷା କରି ବସିଛନ୍ତି। ଏହାର ଫଳସ୍ୱରୂପ ଉଭୟ ଅଧ୍ୟାପକ ଓ ନୂତନ ଭାବେ ସ୍ନାତକ ଓ ସ୍ନାତକୋତ୍ତରରେ ଯୋଗଦେଇଥିବା ଶିକ୍ଷାର୍ଥୀମାନେ ବିଶେଷ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯାହା ବିଡ଼ମ୍ବନାର ବିଷୟ। ତେବେ ଏପରି ସ୍ଥଳେ ଆହୁରି ଏକ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ହେଉଛି ନୂତନ ଶିକ୍ଷାନୀତି ଆଧାରରେ ପ୍ରସ୍ତୁତ ପାଠ୍ୟକ୍ରମ। ତେବେ ଏପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗ କି ବିଶ୍ୱବିଦ୍ୟାଳୟଦ୍ୱାରା କୌଣସି ପାଠ୍ୟକ୍ରମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନ ଥିଲେ ହେଁ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଏହାର ଏକ ଆଦର୍ଶ ପାଠ୍ୟକ୍ରମ ଆହୁରି ଦ୍ୱନ୍ଦ୍ୱ ବଢ଼ାଉଛି। ଯାହାକୁ ନେଇ ଅଧ୍ୟାପକ ଓ ଶିକ୍ଷାର୍ଥୀ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିବା ସମ୍ଭବ ହୋଇପାରୁ ନାହିଁ। ମୁଁ କହିରଖେ ଯେ, ଏହି ପାଠ୍ୟକ୍ରମ ସମ୍ବନ୍ଧରେ ଆପଣାର କୌଣସି ମତ ଦେବା ଉଚିତ ମନେ ହେଉନାହିଁ।

ତେବେ ମୋର କହିବାର ଉଦ୍ଦେଶ୍ୟ ହେଉଛି; ଯଦି ସରକାର ଚଳିତ ଶିକ୍ଷା ବର୍ଷରେ ଏହାର ପ୍ରଚଳନ ନିମିତ୍ତ ନିଷ୍ପତ୍ତି ଆଗରୁ ନେଇଥିଲେ, ଏ ସମ୍ପର୍କରେ ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଏଥି ନିମନ୍ତେ ଆବଶ୍ୟକୀୟ କ୍ଷେତ୍ର ପ୍ରସ୍ତୁତି କଲେ ନାହିଁ କାହିଁକି? ବିଶ୍ୱବିଦ୍ୟାଳୟମାନେ ମଧ୍ୟ ନିଜର ଅଧୀନରେ ଥିବା ଶିକ୍ଷାନୁଷ୍ଠାନମାନଙ୍କୁ ଏ ସମ୍ପର୍କରେ କୌଣସି ମାର୍ଗଦର୍ଶନ ନ ଦେଇ ନିଦାବ୍ରହ୍ମ ଭଳି ବସି ଯାଇଛନ୍ତି କାହିଁକି? ଆଉ ଆମ ଶିକ୍ଷାବିତ୍ ମାନେ ବିବିଧ ପ୍ରସଙ୍ଗପାଇଁ ତ ଅଣ୍ଟା ଭିଡ଼ି ଲଢ଼େଇ କରିପାରନ୍ତି। ଯେତେବେଳେ ହଜାର ହଜାର ପିଲାଙ୍କ ସ୍ୱାର୍ଥର ପ୍ରସଙ୍ଗ ଆସୁଛି କାହିଁ ତ କୋଉଠି ଠିଆ ହେଇ ଏ ସମ୍ପର୍କରେ ପାଟି ଖୋଲିବା ମୋ ଦୃଷ୍ଟିକୁ ଏଯାଏଁ ଆସିନାହିଁ? - ଏସବୁ କଥା ଗୋଟେ ଗୋଟେ ତୀର ପରି ମୋ ଅନ୍ତଃ ମନକୁ ଆଘାତ କରେ। ବନ୍ଧୁଗଣ ବର୍ତ୍ତମାନ ଆମ ରାଜ୍ୟର ସ୍ନାତକ ଓ ସ୍ନାତକୋତ୍ତର ପ୍ରଥମ ବର୍ଷର ପାଠପଢ଼ା ସଂପୂର୍ଣ୍ଣ ବିପର୍ଯ୍ୟସ୍ଥ। ଏଥି ପାଇଁ ଦାୟୀ କିଏ? ଭୁଲ କାହାର? ଆଉ ଏ ସବୁ ପାଇଁ ଭୋଗୁଛି କିଏ? ମୋର ବିଶ୍ୱାସ ଉତ୍ତର ଖୋଜିବେ। ଶିକ୍ଷା କ୍ଷେତ୍ରରେ ଏପରି ଅବ୍ୟବସ୍ଥା କେତେଦୂର ଗ୍ରହଣୀୟ ମହତେ ବିଚାର କରିବେ। ଆଶା କରୁଛି "ନେଡ଼ି ଗୁଡ଼ କହୁଣିକୁ ଯେମିତି ବୋହି ନ ଯାଉ..."।

ବିବିଧ ସମସ୍ୟା ହେତୁ ଚଳିତ ସଂଖ୍ୟା ପ୍ରକାଶନରେ ବିଳମ୍ବ ହୋଇଛି। ସେହି ହେତୁ କ୍ଷମା ଯାଚନା କରୁଛି। ମୋର ବିଶ୍ୱାସ ଆପଣମାନେ ଆମକୁ କ୍ଷମା ଦେବେ। ଶେଷରେ ଆମର ଅନୁରୋଧ ରକ୍ଷା କରି ବରେଣ୍ୟ ସାରସ୍ୱତସାଧକ ତଥା ସମାଲୋଚକ ଡ. ଦାଶରଥି ଆଚାର୍ଯ୍ୟ ମହୋଦୟ 'ବାଗୀଶ ବରେଣ୍ୟ'ର ସାକ୍ଷାତକାର ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି। ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ଦ୍ୱିତୀୟ ବର୍ଷ ଚତୁର୍ଥ ସଂଖ୍ୟା ଆପଣମାନଙ୍କ ହାତରେ ନିବେଦନ କଲି।

ସଂପାଦକ

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal

ଏଇ ସଂଖ୍ୟାରେ

ପ୍ରଚ୍ଛଦ : ବିକେଶ ସାହୁ

[ପ୍ରଚ୍ଛଦରେ ସ୍ଥାନିତ ପଟ୍ଟଚିତ୍ର ବଲାଙ୍ଗୀର ଜିଲ୍ଲା ରାଣୀପୁର ଝରିଆଲରେ ଅବସ୍ଥିତ ଚଉଷଠି ଯୋଗିନୀ ମନ୍ଦିରରୁ ସଂଗୃହୀତ। ଓଡ଼ିଶାର ପ୍ରାଚୀନ ଶକ୍ତିପୀଠମାନଙ୍କ ମଧ୍ୟରେ ଏହାର ସ୍ୱତନ୍ତ୍ର ମର୍ଯ୍ୟାଦା ଓ ପରିଚୟ ରହିଛି।]

ପ୍ରବନ୍ଧ ଓ ଆଲୋଚନା

୦୮ ।। **'କାଳି-ଦମନ' ନାଟ ଓ 'କାଳୀୟ ଦଳନ' ନାଟକର ତୁଳନାତ୍ମକ ବିଚାର**
: ଡ. ପ୍ରମିଳା ପାତ୍ରୁଳିଆ
୧୩।। **ଓଡ଼ିଆ ଅସ୍ମିତାର ଐତିହାସିକ ଓ ରାଜନୈତିକ ବୈଚିତ୍ର୍ୟ**
: ଡ଼. ବିଶ୍ୱନନ୍ଦନ ଦାଶ
୨୧ ।। **ଓଡ଼ିଆ ଉପନ୍ୟାସରେ ସମକାମିତା ପ୍ରସଙ୍ଗ**
: ବିପୁନ ପୁହାଣ
୩୧ ।। **ଆଭାସଗଳ୍ପର ଶିଳ୍ପକଳା ଓ ଓଡ଼ିଆ ଗଳ୍ପ ସାହିତ୍ୟରେ ତା'ର ପଦଧ୍ୱନୀ**
: ଆଲୋକ ରଞ୍ଜନ ଷଡ଼ଙ୍ଗୀ, ଡ. ସନ୍ତୋଷ ତ୍ରିପାଠୀ
୩୮ ।। **ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପତ୍ରପତ୍ରିକା ଓ 'ଏଷଣା'**
: ଲିକୁ ବେହେରା

ସମାଲୋଚନା : ପୂଜ୍ୟ ପ୍ରଣାମ

୪୫।। **ଗଙ୍ଗାଧରଙ୍କ କାବ୍ୟରେ ମଙ୍ଗଳା ଚରଣ** : ପ୍ରଫେସର ବଭ୍ରୁବାହନ ମହାପାତ୍ର

ସମାଲୋଚନା : ନୂଆ ଫର୍ଦ୍ଦ

୪୯।। **ଫୁକୋଙ୍କ କ୍ଷମତା ସଂରଚନା ପରିପ୍ରେକ୍ଷୀରେ ରମେଶ ପାଣିଗ୍ରାହୀଙ୍କ 'ମହାନାଟକ'** : ଡ. ରବୀନ୍ଦ୍ର କୁମାର ଦାସ

ସମାଲୋଚନା : ପ୍ରସଙ୍ଗ ନାରୀ

୫୪।। **ଅଗ୍ନିସ୍ନାତା : ଆତ୍ମଜାର ଆତ୍ମଲିପି** : ଡ. ବିଜୟଲକ୍ଷ୍ମୀ ଦାଶ

ବାଗୀଶ ବରେଣ୍ୟ

୫୮ ।। **ଡ. ଦାଶରଥି ଆଚାର୍ଯ୍ୟଙ୍କ** ସହ ସ୍ୱତନ୍ତ୍ର ସାକ୍ଷାତ୍କାର

ବହିକଥା

୬୨ ।। ଡ. ଅରବିନ୍ଦ ଦାସଙ୍କ **'ଓଡ଼ିଆ ପତ୍ର-ପତ୍ରିକାର ଇତିହାସ'**

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal
BM2024/04-A001
https://bageesha.in
OPEN ACCESS

'କାଳି-ଦମନ' ନାଟ ଓ 'କାଳୀୟ ଦଳନ' ନାଟକର ତୁଳନାତ୍ମକ ବିଚାର

■ ଡ. ପ୍ରମିଳା ପାଟ୍ଟଲିଆ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,
ଶାନ୍ତିନିକେତନ, ପଶ୍ଚିମବଙ୍ଗ

Article Received : 07.03.2024 | Accepted : 25.08.2024 | Published : 25.09.2024

ସାରାଂଶ

'କାଳି ଦମନ' ନାଟକର ରଚୟିତା ଆସାମର ବୈଷ୍ଣବ ଗୁରୁ ଶଙ୍କରଦେବ (୧୪୪୯ - ୧୫୬୮) ଓ ଏହାର ପ୍ରଥମ ପ୍ରକାଶକାଳ ୧୪୯୦। ସେହିପରି ଓଡ଼ିଶାର ଜାତୀୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ଲେଖକ ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮-୧୯୫୩) 'କାଳୀୟ ଦଳନ' ନାଟକର ରଚୟିତା। ନାଟ୍ୟକାରଙ୍କ ନାଟକ ଗୁଡ଼ିକ ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ। କାଳି ଦମନ ନାଟକରେ ଶ୍ରୀକୃଷ୍ଣ ଏକ ହଜାର ଫଣାଯୁକ୍ତ ଦୁର୍ଦ୍ଦାନ୍ତ କାଳି ସର୍ପକୁ ଦମନ କରିଛନ୍ତି। ମାତ୍ର କାଳୀୟ ଦଳନ ନାଟକରେ ଶ୍ରୀକୃଷ୍ଣ ସାତ ଫଣାଯୁକ୍ତ କାଳି ସର୍ପ ନାଗକୁ ଦଳନ କରିଛନ୍ତି । ଉଭୟ ନାଟ୍ୟକୃତିରେ କୃଷ୍ଣଙ୍କ ପ୍ରେମ ଓ ଭକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ସାମାଜିକ ଜୀବନରେ ଭକ୍ତିଭାବର ପ୍ରଚାର ପ୍ରସାର କରାଯାଇଛି।

ABSTRACT

BM2024/04-A001

ମୂଳଶବ୍ଦ: କାଳି ଦମନ, ନାଟକ, କାଳୀୟ ଦଳନ, କାଳି ଦମନ ଯାତ୍ରା, ପୌରାଣିକ ନାଟକ, ତୁଳନାତ୍ମକ ବିଚାର

ଆସାମର ବୈଷ୍ଣବ ଗୁରୁ ହେଉଛନ୍ତି ଶଙ୍କରଦେବ (୧୪୪୯-୧୫୬୮)। ତାଙ୍କ ରଚିତ 'କାଳି-ଦମନ' ଏକ ପୌରାଣିକ ନାଟକ ଏହାର ପ୍ରଥମ ପ୍ରକାଶକାଳ ୧୪୯୦ ଖ୍ରୀଷ୍ଟାବ୍ଦ ଏବଂ ଏହା 'ଅଙ୍କିୟା ନାଟ'ର ଅନ୍ତର୍ଭୁକ୍ତ। ସେହିପରି ଓଡ଼ିଶାର ଜାତୀୟସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ଲେଖକ ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮-୧୯୫୩) ହେଉଛନ୍ତି 'କାଳୀୟ ଦଳନ' ପୌରାଣିକ ନାଟକର ରଚୟିତା। ଏହାର ପ୍ରଥମ ପ୍ରକାଶକାଳ ୧୯୩୧ଖ୍ରୀଷ୍ଟାବ୍ଦ ଏବଂ ଏହା ଚାରି ଅଙ୍କ ବିଶିଷ୍ଟ ନାଟକ ।

'କାଳି-ଦମନ' ଓ 'କାଳୀୟ ଦଳନ' ନାଟକର ବିଷୟବସ୍ତୁ ପୁରାଣରୁ ଗୃହୀତ। ଉଭୟ ନାଟକର ମୁଖ୍ୟ ଚରିତ୍ର ହେଉଛନ୍ତି ଶ୍ରୀକୃଷ୍ଣ, ଯଶୋଦା ଓ କାଳୀସର୍ପ। 'କାଳି-ଦମନ'ର ସହାୟକ ଚରିତ୍ରମାନେ ହେଲେ ନନ୍ଦ, ଗୋପବାଳକ, ବଳଭଦ୍ର, ନାଗନାରୀ ସବୁ ଓ ଗୋପ-ଗୋପୀ ସବୁ। ମାତ୍ର 'କାଳୀୟ ଦଳନ'ର ସହାୟକ ଚରିତ୍ରମାନେ ହେଲେ ଯଥା- ନନ୍ଦ, ବଳରାମ, ସଖାଗଣ, କଂସ, ମନ୍ତ୍ରୀ, ଡଗର, ଗୁରୁଡ଼, ନାଗସେନାଗଣ, ଗୋପକନ୍ୟାଗଣ, ନୀଳା, ସୁକେଶୀ, ରାଜଲକ୍ଷ୍ମୀ ଓ ନାଗବାଳାଗଣ। କାଳି-ଦମନରେ କାଳିସର୍ପ ହଜାରେ ଫଣାଯୁକ୍ତ ଥିବା ବେଳେ କାଳୀୟ ଦଳନରେ କାଳୀୟ ସାତ ଫଣାଯୁକ୍ତ ନାଗ। 'କାଳି-ଦମନ' ନାଟକଟି ଅଙ୍କିୟା ନାଟର ଗୁଣ ବୈଶିଷ୍ଟ୍ୟ ବହନ କରୁଥିବାରୁ ଏଥିରେ ସୂତ୍ରଧର ଚରିତ୍ରଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉଭୟ ନାଟକ ବର୍ଣ୍ଣନାଧର୍ମୀ ଓ ଗୀତ ପ୍ରୟୋଗରେ ଆଚ୍ଛାଦିତ ।

ବିଷୟବସ୍ତୁ ଦୃଷ୍ଟିରୁ ଉଭୟ ନାଟକରେ ଭକ୍ତି ରସ, କରୁଣ ରସ ଓ ଶାନ୍ତ ରସର ପ୍ରାବଲ୍ୟ ଦେଖାଯାଏ। କାଳି-ଦମନରେ 'କାଳି ଦମନ ଯାତ୍ରା' ଓ 'ବନାଗ୍ନି ପାନ' ଲୀଳାଯାତ୍ରା ବର୍ଣ୍ଣିତ ଥିବା ସ୍ଥଳେ କାଳୀୟ ଦଳନରେ କଂସର ପୂଜା ଆୟୋଜନରେ ଶହେଭାର ସଜପଦ୍ମ ତୋଳିବା ପାଇଁ ଶ୍ରୀକୃଷ୍ଣ କାଳୀୟ ହ୍ରଦରେ ପ୍ରବେଶ କଥା ବର୍ଣ୍ଣିତ। କାଳି-ଦମନରେ ଗୋପବାଳକ ଓ ଗାଈମାନେ କାଳିସର୍ପର ବିଷଜଳ ପିଇ ମୃତ୍ୟୁବରଣ କରିଥିବା ଅବସ୍ଥାରେ ଶ୍ରୀକୃଷ୍ଣଙ୍କର ଈଶ୍ୱରୀୟ କୃପାରୁ ଜୀଇଁଛନ୍ତି। ସେହିପରି 'କାଳୀୟ ଦଳନ'ରେ ଶ୍ରୀକୃଷ୍ଣ ସର୍ପ ଦଂଶନରେ ମୃତ ଅବସ୍ଥାରେ ଅଚେତ ହୋଇ ପଡ଼ିଥିବାର ଦେଖି ବଳରାମ, ଗରୁଡ଼କୁ ସ୍ମରଣ କରିଛନ୍ତି ଓ ଗରୁଡ଼ ଆସି ଶ୍ରୀକୃଷ୍ଣଙ୍କୁ ଅମୃତ ଦାନ କରି ଚେତା ଫେରାଇ ଆଣିଛନ୍ତି ଏବଂ ସରୋବର ଜଳ ମଧ୍ୟ ଗରୁଡ଼ର ଅମୃତ ଦାନରୁ ବିଷମୁକ୍ତ ହୋଇଛି। କାଳି-ଦମନରେ ଶ୍ରୀକୃଷ୍ଣଙ୍କର ଈଶ୍ୱରୀୟ ଲୀଳାକୁ ଦର୍ଶାଇବା ପାଇଁ ଶ୍ରୀକୃଷ୍ଣ ପ୍ରବଳ ପ୍ରତାପୀ, ଅହଂକାରୀ, କାଳିସର୍ପର ଦର୍ପ ଚୂର୍ଣ୍ଣକରିବା ପାଇଁ କାଳୀୟହ୍ରଦରେ ଲୀଳା

କରିଛନ୍ତି ଏବଂ ଲୀଳା ପରେ କାଳିନାଗର ସ୍ତ୍ରୀ ଓ ନାଗକନ୍ୟାର ଅନୁରୋଧ କ୍ରମେ ଶ୍ରୀକୃଷ୍ଣ କାଳିସର୍ପକୁ ଜୀବଦାନ ଦେଇ ରମଣକ ଦ୍ୱୀପକୁ ସପରିବାର ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁକାଳୀୟ ଦଳନରେ ଶ୍ରୀକୃଷ୍ଣଙ୍କର ଐଶ୍ୱରୀୟରୂପକୁ ଦର୍ଶାଇବା ପାଇଁ ଅଜ୍ଞାନ କାଳୀୟ ନାଗ, ତା'ର କନ୍ୟା ନୀଳା ଓ ସ୍ତ୍ରୀ ରାଜଲକ୍ଷ୍ମୀ ମାଧ୍ୟମରେ ଈଶ୍ୱର ଭକ୍ତି ପ୍ରତି ସଚେତନ ହେବା ସହିତ କାଳୀୟନାଗ ଶହେଭାର ପଦ୍ମ ଆଣି ଶ୍ରୀକୃଷ୍ଣଙ୍କୁ ଦେଇଛି ଏବଂ କୃଷ୍ଣ କାଳୀୟ ମସ୍ତକରେ ଛିଡ଼ାହୋଇ ତାକୁ ମୁକ୍ତି ଦେଇଛନ୍ତି ।

ଶଙ୍କରଦେବଙ୍କ ଦ୍ୱାରା ରଚିତ ହୋଇଥିବା ପୌରାଣିକ ନାଟକ ସମୁହକୁ ଅଙ୍କିଆ ନାଟ ବୋଲି କୁହାଯାଏ। ଶଙ୍କରଦେବ କୃଷ୍ଣ ପ୍ରେମ ଭକ୍ତିର ମାହାତ୍ମ୍ୟ ବିଷୟରେ ଅବଗତ ହୋଇ ଜନସାଧାରଣଙ୍କୁ ଧର୍ମମୁଖୀ କରିବା ପାଇଁ ବ୍ରଜବୋଲି ଭାଷାରେ ନାଟକ ରଚନା କରିଥିଲେ। ଏଗୁଡ଼ିକୁ ମଞ୍ଚରେ ପରିବେଷଣ କରି ଜନସାଧାରଣଙ୍କୁ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମରେ ମନୋରଞ୍ଜନ ପ୍ରଦାନ କରିପାରୁଥିଲେ। ଶଙ୍କର ଦେବ ପ୍ରଥମ କରି ନାଟକ ପରିବେଷଣ ସମୟରେ ଗୀତ-ନୃତ୍ୟ-ବାଦ୍ୟର ବ୍ୟବହାର କରିଥିଲେ। ତାଙ୍କ ନାଟକ ସମୂହ ଅଭିନୟ ଦ୍ୱାରା ମଞ୍ଚସ୍ଥ ହେଲେ, 'ଭାଓନା' ନାମରେ ଅବିହିତ ହୁଏ। ତାଙ୍କ ନାଟ ସମୁହର ବିଷୟବସ୍ତୁ ପୁରାଣରୁ ଗୃହୀତ।

ଆଲୋଚ୍ୟ 'କାଳି-ଦମନ' ନାଟକଟିର ପ୍ରକାଶକାଳ ୧୪୯୦ ଖ୍ରୀଷ୍ଟାବ୍ଦ। ନାଟକଟି ଶ୍ଳୋକ, ଗୀତ ଓ ଚରିତ୍ରର ସମାହାର ହୋଇଛି। ନାଟକଟିର ମୁଖ୍ୟ ଚରିତ୍ର ଶ୍ରୀକୃଷ୍ଣ, ଯଶୋଦା ଓ କାଳି ସର୍ପ ଓ ସହାୟକ ଚରିତ୍ର ଗୋପବାଳକ, ବଳଭଦ୍ର ଓ ନାଗନାରୀ ସବୁ, ଗୋପ-ଗୋପୀ ସବୁ। ନାଟକର ସଂଳାପ କମ୍। ସୂତ୍ରଧରର ଭୂମିକା ଏହି ନଟକରେ ଗୁରୁତ୍ୱପୂର୍ଣ୍ଣ। ସୂତ୍ରଧରର ବ୍ୟାଖ୍ୟା ଆଉ ଗୀତ ପଦ ଦର୍ଶକଙ୍କୁ ପରିସ୍ଥିତି ଓ ଚରିତ୍ରର ଅବସ୍ଥା ବିଷୟରେ ସୂଚନା ଦେଇଥାଏ। ପରମ ପୁରୁଷ ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ଐଶ୍ୱରୀୟ ଲୀଳାକୁ ପ୍ରକ୍ଷାପନ କରିବା ପାଇଁ ନାଟକଟିରେ 'କାଳି ଦମନ ଯାତ୍ରା' ଓ 'ବନାଗ୍ନୀ ପାନ' ଲୀଳାଯାତ୍ରା ବର୍ଣ୍ଣିତ। ଏଥିରେ ଶ୍ରୀକୃଷ୍ଣଙ୍କର 'ଈଶ୍ୱର ଚେଷ୍ଟା'(ଐଶ୍ୱରୀୟ ରୂପ) ଆଉ 'ମନୁଷ୍ୟ-ଚେଷ୍ଟା' (ମାନବୀୟ ରୂପ)ର ସମୁଜ୍ଜଳ ହୋଇଉଠିଛି। ନାଟକରେ ବର୍ଣ୍ଣିତ ଅଛି - ଦିନେ ଶ୍ରୀକୃଷ୍ଣ, ଗୋପ ବାଳକଙ୍କ ସହିତ ଜମୁନାତୀରରେ ଥିବା ଜଙ୍ଗଲରେ ଗୋରୁ ଚରାଉଥିବା ସମୟରେ ତୃଷ୍ଣା ଲାଗିବାରୁ ଗୋପବାଳକ ଏବଂ ଗୋରୁମାନେ କାଳି ହ୍ରଦରେ ପାଣି ପିଇଲେ। କିନ୍ତୁ ପାଣିରେ କାଳିନାଗର ବିଷ ମିଶିଥିବାରୁ ସେହି ପାଣି ପିଇ ସମସ୍ତଙ୍କର ମୃତ୍ୟୁ ହେଲା। ଶ୍ରୀକୃଷ୍ଣ ତାଙ୍କର ସମସ୍ତ ବନ୍ଧୁଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ପାଇଲେ ଓ ସମସ୍ତଙ୍କୁ ତାଙ୍କର ଐଶ୍ୱରୀୟ ଗୁଣ ଫଳରେ ଜୀବନ ଦାନ ଦେଲେ। ଜୀବନ ଦାନ ପାଇ ବାଳକ ସବୁ କହିଲେ ଯଥା- "ଆହେ ସ୍ୱାମୀ!ସେହି ବିଷ ପାଣି ପିଇ ପ୍ରାଣ ଗଲା, ଆମେ ତୁମର ପ୍ରସାଦରୁ ପୁନର୍ବାର ଜୀଇଁଲୁ। ତୋହରି ଚରଣ ସେବାକୁ ମହିମା କି କହିବ ସ୍ୱାମୀ।"(୧)

ଦୁର୍ଦ୍ଦନ୍ତ ବିଷ ବୀର୍ଯ୍ୟ ପ୍ରତାପ ପ୍ରଚଣ୍ଡ କାଳି ସର୍ପକୁ ଦମନକରି ତଡ଼ିବା ପାଇଁ ପୀତବସ୍ତ୍ର କଟିତ ଶ୍ରୀକୃଷ୍ଣ କଦମ୍ବ ବୃକ୍ଷରେ ଚଢ଼ି ବିଷମୟ କାଳିହ୍ରଦକୁ ଡେଇଁ ପଡ଼ିଲେ। ସେହି ଅନନ୍ତ-ବୀର୍ଯ୍ୟ ପ୍ରଚଣ୍ଡ ପ୍ରତାପକୁ ଶ୍ରୀକୃଷ୍ଣ ମାରିବା ପାଇଁ ହ୍ରଦକୁ ଊର୍ମି ଉଥାଳି ଆନ୍ଦୋଳିତ କରି ତା ସହିତ ମିଳିତ ହେଲେ। ଶ୍ରୀକୃଷ୍ଣ କୌତୁକରେ ଜଳ ମଝିରେ ଯାଇ କେଳି କଲେ, "ଆହେ ଦେଖହ, ଶୁଣହ, ନିରନ୍ତର ହରି ବୋଲ ହରି। ହ୍ରଦରେ କାଳିନାଗ କୃଷ୍ଣଙ୍କୁ ଚୋଟମାରି ଲାଞ୍ଜରେ ଗୁଡ଼ାଇ ଧରିଲା। ଶ୍ରୀକୃଷ୍ଣଙ୍କ ସର୍ପ ଦଂଶନରେ ମୃତ୍ୟୁ ହୋଇଛି ବୋଲି ଭାବି ଗୋପାଳ ସବୁ କନ୍ଦା-କଟା କରୁଥାନ୍ତି। ଏହି ସମୟରେ ନନ୍ଦ-ଯଶୋଦା କୃଷ୍ଣର ବିପଦ ଆଶଙ୍କା କରି ବଳରାମ ଆଉ ଗୋକୁଳବାସୀ ସକଳ ମିଶି କୃଷ୍ଣ ବିଚରା ପାଇଁ ଧାଇଁ ଆସିଲେ। କାଳି ହ୍ରଦର ପାଣିରେ ସାପର ବନ୍ଧନରେ କିଛିକ୍ଷଣ ପଡ଼ିଥିବା କୃଷ୍ଣଙ୍କୁ ଦେଖି ସେମାନେ ମୃତ୍ୟୁ ହୋଇଛି ବୋଲି କାନ୍ଦ ବୋବାଳି କଲେ। ପୁତ୍ରଶୋକରେ ମ୍ରିୟମାଣ ହୋଇଥିବା ଯଶୋଦାର କରୁଣ ଭାବାବେଗକୁ ପ୍ରକାଶ କରୁଛି। ଯଥା-

"ଓୟେ କ୍ରୁର ପାଣି ସର୍ପ, ପୁତ୍ରକ ପ୍ରାଣ ଲେଲି ।
ତାହାର ସଙ୍ଗେ ଆମକୁ ଦଂଶିମାର୍ ।"(୨)

ତା ପରେ ଯଶୋଦା କହେ କୃଷ୍ଣ ଶୋକରେ ପ୍ରାଣ ଧରି ପାରିବିନି ବୋଲି ଗୋପ-ଗୋପୀ ସହିତ ନନ୍ଦ-ଯଶୋଦା "ହା କୃଷ୍ଣ, ହା କୃଷ୍ଣ"- ବୋଲି ହ୍ରଦରେ ଡେଇଁବାକୁ ଯାଆନ୍ତି। ସେଠକୁ ଆସି ବଳରାମ ମା'କୁ ବାଧା ଦେଇ କହିଛି- "ଆହେ ପିତୃ-ମାତୃ, ଗୋପ-ଗୋପୀ ସବୁ! କି କରିବାକୁ ହେବ! ରୁହ ରୁହ କିଛୁ ଚିନ୍ତାନାହିଁ। ତୁମେ ସବୁ କିଛି ଜାଣ ନାହିଁ। ସେହି ଦୁଷ୍ଟ ସର୍ପକୁ ଦଣ୍ଡ ଦେବାକୁ ଏହି ପରା ଗଡ଼ା ଶ୍ରୀକୃଷ୍ଣ ଏହିକ୍ଷଣି ଆସିବ। ସବୁ ଲୀଳା କୌତୁକ ଦେଖିବ, ବଞ୍ଚିରୁହ ।"(୩) (ମନୁଷ୍ୟ-ଚେଷ୍ଟା) କୃଷ୍ଣର ମାନବୀୟ ଲୀଳାକୁ ଦର୍ଶାଇବାକୁ ଯାଇ ଗୋପାଳ ଶ୍ରୀକୃଷ୍ଣ କିଛି କ୍ଷଣ ସର୍ପର ବନ୍ଧନରେ ରହି ବାହାରକୁ ଆସିଲା। ସେହି ସମୟରେ ଗୋପ-ଗୋପୀଙ୍କର ପରମ ବିଷାଦ ଦୁଃଖ ଦେଖି ଶ୍ରୀକୃଷ୍ଣ ଆଘାତ କରି କାଳି ସର୍ପର ହଜାରେ ଫଣା ଉପରେ ଉଠି ନୃତ୍ୟ କରିବାରେ ଲାଗିଲା। ଫଳରେ କାଳି ସର୍ପର ଫଣା ଉପରେ ପାଦ ରଖି ଦମନ ସମୟରେ ନାକ-ମୁଖରୁ ତେଜ ଓହ୍ଲାଇଲା, ଆଉ ଅଚେତନ ହୋଇ ପଡ଼ିଲା। ଏଥିରୁ କାଳି ନାଗର ଶାନ୍ତ ଅବସ୍ଥାକୁ ଲକ୍ଷ୍ୟ କରାଗଲା। କାଳି ନାଗର ମୃତ ପ୍ରାୟ ଅବସ୍ଥା ଦେଖି ନାଗପତ୍ନୀ ସମସ୍ତେ କୃଷ୍ଣ ସମ୍ମୁଖକୁ ଆସି ସ୍ୱାମୀର ଜୀବନ ଦାନ ପାଇଁ ପ୍ରାର୍ଥନା କଲେ ଏବଂ ଜୀବନ ଦାନ ପାଇଁ ସେହି ହ୍ରଦ ତ୍ୟାଗ କରି ରମଣକ ଦ୍ୱୀପକୁ ଯିବା ପାଇଁ ଶ୍ରୀକୃଷ୍ଣ ଆଦେଶ ଦେଲେ ।ଏହିପରି ଭାବରେ କାଳି ନାଗର ଦର୍ପ ଚୂର୍ଣ୍ଣ କରି କୃଷ୍ଣ ହ୍ରଦରୁ ଉପରକୁ ଉଠିଆସିଲେ ଓ କୃଷ୍ଣର ସଶରୀର ଦେଖି ସକଳେ ଆନନ୍ଦିତ ହେଲେ ।

ସେହିଦିନ ଅରଣ୍ୟରେ ବ୍ରଜବାସୀ ରାତି ହୋଇଯିବାରୁ ବୃନ୍ଦାବନରେ ରହିଗଲେ ଏବଂ ଶ୍ରୀକୃଷ୍ଣଙ୍କର କଥାମତେ ସକଳେ କ୍ଳାନ୍ତ ହୋଇ ନିଦ୍ରାରେ ଥିବା ସମୟରେ ମଝି ରାତ୍ରିରେ ବନାଗ୍ନୀ ଘେରିଗଲା। ତାହାର ପ୍ରଚଣ୍ଡ ଶବ୍ଦ ଶୁଣି ସମସ୍ତଙ୍କର ନିଦ୍ରାଭଙ୍ଗ ହେଲା, ଏହି ବିଷମୟ ହେବା ଅଗ୍ନିର ପ୍ରଚଣ୍ଡ ବହ୍ନି ମାଡ଼ିଗଲା। ଭୟପାଇ 'ତ୍ରାହି ତ୍ରାହି କୃଷ୍ଣ' କହି କୋଳାହଳ

କରିବାକୁ ଲାଗିଲେ। ଶେଷରେ ଶ୍ରୀକୃଷ୍ଣ ପ୍ରଚଣ୍ଡ ବନାଗ୍ନି ମୁଖରେ ପାନକରି ଭକ୍ତ ସକଳଙ୍କୁ ରକ୍ଷା କଲେ ।

ସେହିପରି ଜାତୀୟସଂଗୀତ 'ବନ୍ଦେ ଉତ୍କଳ ଜନନୀ'ର ଲେଖକ ଲକ୍ଷ୍ମୀକାନ୍ତ ମହାପାତ୍ର ୧୮୮୮-୧୯୫୩। ଜଣେ ପୌରାଣିକ ନାଟ୍ୟକାର ଭାବେ ସେ 'କର୍ଣ୍ଣ', 'ବଜ୍ର ବର୍ଜନ' ଓ 'କାଳୀୟ ଦଳନ' ନାଟକର ସ୍ରଷ୍ଟା। ବିଶେଷକରି 'କାଳୀୟ ଦଳନ' ନାଟକର ପ୍ରକାଶକାଳ ୧୯୩୧ ଖ୍ରୀଷ୍ଟାବ୍ଦରେ। ଏହା ଚାରି ଅଙ୍କ ବିଶିଷ୍ଟ। ଏହାର ମୁଖ୍ୟ ଚରିତ୍ର କୃଷ୍ଣ ଯଶୋଦା ଓ କାଳୀୟ ସର୍ପ ଏବଂ ସହାୟକ ଚରିତ୍ର ନନ୍ଦ, ବଳରାମ ସଖାଗଣ କଂସ, ମନ୍ତ୍ରୀ, ଡଗର, ଗୁରୁଡ଼, ନାଗସେନାଗଣ, ଗୋପକନ୍ୟାଗଣ, ନୀଳା, ସୁକେଶୀ, ରାଜଲକ୍ଷ୍ମୀ ଓ ନାଗବାଳାଗଣ। ନାଟ୍ୟକାର ମୁଖ୍ୟତଃ ଏହି ନାଟକ ମାଧ୍ୟମରେ କୃଷ୍ଣ ପ୍ରେମଭକ୍ତି ରସର ପ୍ରଚାର ପ୍ରସାର କରିଛନ୍ତି। ନାଟକର ମୁଖ୍ୟ ବିଷୟବସ୍ତୁ ପୂର୍ବରୁ ନାଟକରେ ବାଳକ କୃଷ୍ଣଠାରେ ଈଶ୍ୱରୀୟ ସତ୍ତାକୁ ଦର୍ଶାଇବାକୁ ଯାଇ ପୁତନା କଥା, ଗୋବର୍ଦ୍ଧନ ପର୍ବତକୁ ଟେକିବା, ପାଟି ମେଲାକରି ଚଉଦ ଭୁବନ ଦେଖାଇବା ଇତ୍ୟାଦି।

'କାଳୀୟ ଦଳନ' ନାଟକରେ ଶ୍ରୀକୃଷ୍ଣଙ୍କ ଈଶ୍ୱରୀୟ ଲୀଳାକୁ ଜୀବନ୍ତ ଭାବରେ ଦର୍ଶାଯାଇଛି। ଏଥିରେ କାଳୀୟ ସର୍ପ ସାତଫଣା ଯୁକ୍ତ। ତା'ର ସ୍ତ୍ରୀ ରାଜଲକ୍ଷ୍ମୀ ଓ ଝିଅ ନୀଳା। ମଥୁରା ରାଜା କଂସର ପୂଜା ଆୟୋଜନ ସକାଶେ ଶହେ ଭାର ସଜ ପଦ୍ମଫୁଲ କାଳୀୟ ହ୍ରଦରୁ ତୋଳିଆଣି ଛାମୁଙ୍କୁ ଦେବା ପାଇଁ ଗୋପ ପତି ନନ୍ଦରାଜା ପାଖକୁ ଦୂତ ଓ ଡଗର ମାଧ୍ୟମରେ ଖବର ଆସିଛି। ଯଦି କାଲି ପ୍ରଭାତରେ ଫୁଲତୋଳି ଦିଆନଯାଏ ତେବେ ରାଜଦଣ୍ଡ ସ୍ୱରୂପ ସର୍ବଂଶ ବିନାଶ କରାଯିବାର ଧମକ ଦିଆଯାଇଛି। ଏକଥା ଶୁଣି କୃଷ୍ଣ କାଳୀୟ ହ୍ରଦକୁ ପଶି ପଦ୍ମ ଆଣିବାକୁ ଦୃଢ଼ ମନସ୍ଥ କରିଛି।

ବାଳକ କୃଷ୍ଣଙ୍କ ପାଖରେ ଈଶ୍ୱରୀୟ ସତ୍ତା ଥିଲେ ମଧ୍ୟ ଯଶୋଦାଙ୍କ ଦୃଷ୍ଟିରେ କହ୍ନେଇ ଗୋଠରେ ଗାଈ ଜଗେ, ଶିକାରେ ଚଢ଼ି ଠେକି ମାଠିଆ ଭାଙ୍ଗେ, ଏହାଛଡ଼ା ମୁଁ ଆଉ କିଛି ଜାଣେ ନାହିଁ। ଆଉ ଏତିକି ଜାଣେ ଯେ ତାକୁ ଦଣ୍ଡେ ନଦେଖିଲେ ମୋତେ ସଂସାରଟାଯାକ ଅନ୍ଧ ଦିଶେ। ଏଠାରେ ଯଶୋଦାଙ୍କର କହ୍ନେଇ ମାନବୀୟ ରୂପରେ ପ୍ରତିଭାତ। ମୃତ୍ୟୁଦଣ୍ଡ କଥା ଚିନ୍ତା କରୁ କରୁ ପୁତ୍ର ସ୍ନେହରେ ଅନ୍ଧ ଗୋପାଳ ଦମ୍ପତିଙ୍କୁ ଆଶ୍ୱାସନା ଦେଇ କୃଷ୍ଣ କହିଛନ୍ତି –

"ବନ୍ଧୁ ପ୍ରୟୋଜନ କାଳେ ବନ୍ଧୁର ସାହଯ୍ୟ / ଗୃହସ୍ଥର କର୍ତ୍ତବ୍ୟ ନିଶ୍ଚୟ:/ ନ ହୁଅ କାତର ପିତ, ନକର ଭାବନା,

ସାମାନ୍ୟ ଏକଥା ଲାଗି ।/ ନିତି ନିତି ସଖାମେଳେ ଚରାଉ ଗୋଧନ/ ବୃନ୍ଦାବନେ ଯମୁନା ପୁଲିନେ;/ ନିତି ନିତ ପଦ୍ମ ପୁଷ୍ପ ତୋଳି ଭାର ଭାର/ ସଜାଉଁ ଗୋଧନଗଣ, ଖେଳୁଁ କେତେ ଖେଳ ।/ କର ଅନୁମତି ମୋତେ,/ ଶତ ଭାର ଶତଦଳ ତୋଳି ଅବହେଳେ/ ଆଣିବି ନିଶ୍ଚୟ/ ପିତଃ ଚିନ୍ତାକର ଦୂର ।"(୪)

ନନ୍ଦ ଯଶୋଦାଙ୍କର ବହୁ ବାରଣ ସତ୍ତ୍ୱେ କୃଷ୍ଣ ନିଜର ଐଶ୍ୱରୀୟ ଲୀଳାକୁ ପ୍ରଦର୍ଶନ କରିବା ପାଇଁ ଯାଇ କହିଛନ୍ତି – "ପୁତ୍ର ସ୍ନେହ ମୋହେ ଅନ୍ଧ ଗୋପାଳ ଦମ୍ପତି/ ମଣୁଛି, ରଖିଛ ବାନ୍ଧି ସ୍ନେହମାୟା ଡ଼ୋରେ/ ସାରା ବିଶ୍ୱ ଆବୃତ୍ତ ଯା ମାୟାର ପ୍ରଭାବେ!/ ଲୀଳାହିଁ ଉଦ୍ଦେଶ୍ୟ ମୋର, ଲୀଳା ମାତ୍ର ସାର/ ଏକା ଲୀଳା ହେତୁ ମୋର ମର୍ତ୍ତ୍ୟେ ଆଗମନ;/ ଦେଖ ଦେଖ ବାରେ ମାତ୍ର ଜ୍ଞାନ ଚକ୍ଷୁ ଫେଇ/ ଅନନ୍ତ କୌଶଳ ମୋର, ଅଭେଦ୍ୟ ରହସ୍ୟ;/ ପୁତ୍ରଧର ରୂପେ ମୁହିଁ ଚଳାଏ ଜଗତ।"(୫)

ଯଶୋଦା ପୁତ୍ର ବାତ୍ସଲ୍ୟ ବିମୁଗ୍ଧା ନାରୀ ହୋଇଥିବାରୁ କୃଷ୍ଣ ପଛେ ପଛେ ଯାଇ କାଳିନ୍ଦୀ ହ୍ରଦକୁ ନଯାଇ ଫେରିଆସିବାକୁ ଅନୁରୋଧ କରିଛନ୍ତି। କିନ୍ତୁ ଶେଷରେ ନିରୂପାୟ ହୋଇ ଯଶୋଦା ଅଧା ରାସ୍ତାରୁ ଫେରିଆସିଛନ୍ତି। ବୃନ୍ଦାବନର ଗହଳ ବନରେ ସୁଦାମାର ବଉଳୀଗାଈ ହଜିଯିବାରୁ, ସୁଦାମା କାନ୍ଦୁଥିବା ଅବସ୍ଥାରେ ସୁବଳ, କୃଷ୍ଣ, ବଳରାମ, ଅର୍ଜୁନ ଉପସ୍ଥିତ ହେଲେ। ସମସ୍ତେ ବହୁ ଖୋଜାଖୋଜି କରି ବଉଳୀ ନମିଳିବାରୁ କୃଷ୍ଣର ସନ୍ଦେହ ବଢ଼ିଯାଇ କହିଛି - "କାହିଁକି ଏତେ କଷ୍ଟ କରିବ ମ? ମୁଁ କହୁଛି ଇଏ ସେହି ବର୍ବର ନାଗଙ୍କ କାମ। ଏ ବଣରେ ନାଗଙ୍କ ପ୍ରତାପ ବଡ଼ ବେଶି। ଯେତେ ଗାଈ ବାଛୁରୀ ହଜୁଛନ୍ତି, ସବୁ ସେହି ଚୋରିକରି ନେଉଛନ୍ତି ।"

ଏହି କାମ ସବୁ କାଳୀୟ ସର୍ପର। ସେହି କାଳୀୟ ନାଗର ସାତଟି ମୁଣ୍ଡ! ସେହି ଦୁଷ୍ଟ ପରା ନାଗଙ୍କ ରଜା। ଆଜି ଶହେ ଭାର ପଦ୍ମ ତୋଳି ନଦେଲେ କଂସ ସବଂଶ ନାଶ କରିବ, ତେଣୁ କୃଷ୍ଣ ସହିତ ଅନ୍ୟ ସାଙ୍ଗମାନେ କାଳୀ ହ୍ରଦରେ ପଶି ପଦ୍ମବନ ଭାଙ୍ଗିଲେ। ଏହି ସମୟରେ ସକଳେ ମିଶି ଖୁସିରେ ଗୀତ ଗାଇଛନ୍ତି – "ତୋଳିବା କମଳ ଆଜି ରାଶି ରାଶି।/ ସରସେ, ହରଶେ ଫୁଲ ଦଳ ପରଶେ,/ ଢେଉ ସନେ ଖେଳିଯିବା ନୀଳ ଜଳେ ଭାସି ଭାସି।/ କାଳୀ ସରୋବରେ ଖେଳେ କେତେ ଚାରୁ ଲହରୀ,/ ସଖା ସନେ ସୁଖ ମନେ ପହଁରି ପହଁରି,/ ରଙ୍ଗେ ରଙ୍ଗେ, ଫୁଲ ତୋଳି ଆଣିବା,/ ଜଗୁଆଳି ନାଗଗଣେ ଗୋଟି ଗୋଟି ନାଶି ନାଶି।"(୬)

ଏହି ସମୟରେ ନାଗସେନାମାନେ ଯଥା– ୧ମ, ୨ୟ, ୩ୟ, ୪ୟ ପ୍ରବିଷ୍ଟ ହୋଇ ହୁସିଆର ଭାଇ ଜଙ୍ଗିଜବାନ୍, ଖବରଦାର କହି ନିଜେ ନିଜେ ତରବାରୀ ଓ ବିଷ ଭୟ ଦେଖାଉଛନ୍ତି। କାଳୀୟ ନାଗ ଆସି ନାଗଗଣକୁ ସାବଧାନ କରାଇ କହିଛନ୍ତି – "ନାଗ ସେନାଗଣ,/ ସାବଧାନେ କର ରକ୍ଷା କମଳ କାନନ;/ ଅରାତି ଅଭେଦ୍ୟ ଏହି କାଳୀୟ ସାଗର,/ ଅବିଚ୍ଛିନ୍ନ ଆଧିପତ୍ୟ ଆମ୍ଭର ଏଥିରେ,/ ନଦେବ କାହାକୁ ଯେହ୍ନେ ତ୍ରିସୀମା ପରଶି।/ ପ୍ରାଣ ପଣେ ଜଗିଥିବ ଜାତିର ଗୌରବ।"(୭)

ନାଗଗଣଙ୍କ ମଧ୍ୟରୁ ପ୍ରଥମ ନାଗ ଓ ଦ୍ୱିତୀୟ ନାଗ ନଗେନ୍ଦ୍ର ମହାରାଜଙ୍କୁ (କାଳୀୟ) ଗୋପବାସୀଙ୍କ ଗୋ-ପାଳକ ଶିଶୁଗଣ ନିତ୍ୟ ନିତ୍ୟ ଅସୀମ ସାହାସରେ ପବିତ୍ର ଏ ନାଗ ସରୋବରରେ ପଶୁଛନ୍ତି ବୋଲି ଜଣାଇଛନ୍ତି। ତାଙ୍କ ମଧ୍ୟରୁ କଳା ବାଳକଟି ଏକାକୀ ସ୍ୱଚ୍ଛ ନୀରକୁ ଆବିଳ କରୁଛି ଏବଂ କମଳବନ ମନ୍ଥି ପକାଉଛି। କାଳୀୟ ନାଗ ବାଳକ ଉପରେ ରାଗିଯାଇ କହିଛି – "ତୁମେ ସବୁ ସ୍ଥିର ହୁଅ ସ୍ଥିର ହୁଅ-/ ଶୃଗାଳ କରଇ ନୃତ୍ୟ ସିଂହ ଅନ୍ତପୁରେ,/ ଉଠ ଉଠ, ଜାଗ ଜାଗ ନାଗ ପୁତ୍ରଗଣ।/ ଅବିଳମ୍ବେ ଶତ୍ରୁକୁଳ ବିନାଶି ନିର୍ମୂଳେ,/ ଅରାତି ହୃଦୟ ରକ୍ତେ ମେଣ୍ଟାଅ ପିପାସା,/ କର ପ୍ରାଣପଣ।"(୮)

ନାଗଗଣ ଗୋପ ବାଳକ, କୃଷ୍ଣ ଓ ଗାଈମାନଙ୍କର ବିପଦ କଥା ଚିନ୍ତା କରୁଥିବା ସମୟରେ କାଳୀୟର କନ୍ୟା ନୀଳା ଓ ସଖୀ ସୁକେଶୀର ଆଗମନ। ସୁକେଶୀ ନୀଳାକୁ କୃଷ୍ଣର ପରିଚୟ ଦେବାକୁ ଯାଇ କହିଛନ୍ତି - "ନନ୍ଦ ତନୁଜ କାଳିଆ, ବାଙ୍କ ଚାହାଣୀ ଚାହିଁ, ବଇଁଶି ବଜାଇ ନବ ଯୁବତୀମାନଙ୍କୁ ବସ କରେ। ଏହି ମୋହନ ମୂରତି ନୀଳାର ଚିତ୍ତରେ ପ୍ରୀତି ଜାଗରିତ କରିଛି।"

ମଣିଷ ନହେଲେ ମଧ୍ୟ ମଣିଷ ପରି ବଂଶୀ ବାଦକ କୃଷ୍ଣ ପ୍ରୀତିକୁ ଭୁଲି ପାରୁନାହିଁ ନୀଳା। ସେ ବିପଦ ଶଙ୍କୁଳ କାଳୀୟ ହ୍ରଦକୁ ଯାଇଛି। କାଳୀୟନାଗର ବିଷ ଜ୍ୱାଳାରେ ପଦ୍ମବନ ଜଳିଗଲା, ଜଳେ ସ୍ଥଳେ ଆକାଶେ ଚାରିଆଡ଼େ ଅଗ୍ନିରେ ବିଚ୍ଛୁରିତ ହୋଇଗଲା। ଏହି ସମୟରେ ନନ୍ଦ-ଯଶୋଦା ପୁତ୍ରର ବିପଦ କଥା ଆଶଙ୍କା କରିଛନ୍ତି ଏବଂ କଂସ ପ୍ରତି ଯଶୋଦା ଉତକ୍ଷିପ୍ତ ହୋଇ ପୁତ୍ର ସହିତ ଗୋପପୁର ଛାଡ଼ି ବନ ଭିତରକୁ ଚାଲିଯିବା ପାଇଁ ଯୋଜନା କରିଛନ୍ତି। ଏପଟେ ସଖୀ ସୁକେଶୀ ନୀଳାକୁ ଖୋଜି ଖୋଜି ନପାଇ ପୀରତିଧର୍ମୀ ଗୀତ ଗାଇଛି। ଯଥା –"କାହିଁ ସେ ପୀରତି ଯହୁଁ ସୁଧା ଝରେ ନିରତେ।/ ଯେଉଁ ପ୍ରୀତି ଲାଗି ରବି, ଚନ୍ଦ୍ର, ତାରା,/ ଭ୍ରମୁଛନ୍ତି ଦିବା ନିଶି ମତୁଆରା,/ ଯେଉଁ ପ୍ରୀତି ଲାଗି ଉଚ୍ଛୁଳେ ସାଗର,/ ଝରିପଡ଼େ ଘନ ମରତେ।"(୯)

ହଠାତ୍ ନୀଳା ଦେଖିଛି 'ସେହି ସରୋବର ମଝିରେ ନୀଳକମଳଟିଏ ଭାସୁଛି, ବିଷଜ୍ୱାଳାରେ ମଉଳି ପଡ଼ିଛି! ଆହା ସେ କେତେ ସୁନ୍ଦର ସୁକେଶୀ ।'(ପୃଷ୍ଠା-୩୭) ଦୁଇଜଣ ମିଶି ବିଳମ୍ବ ନକରି ତାଙ୍କୁ ଜମୁନା ତୀରରେ ରଖି ସେବାକଲେ। ୧ମ ନାଗ ମାଧ୍ୟମରେ ନୀଳା ଗୋପପୁରକୁ ସମ୍ବାଦ ଦେଲେ ଯେ ନନ୍ଦରାଜାଙ୍କର ପୁଅକୁ କାଳି ଦଂଶିଛି ଏବଂ ନିଜକୁ ଅଭାଗିନୀ, ପାପିଷ୍ଠ ଓ ଚରଣ ସେବାରେ ଅଯୋଗ୍ୟ ମଣିଛି। କାରଣ କଳାମାଣିକ ଆଖିଖୋଲି ତାଙ୍କ ଆଡ଼କୁ ଚାହିଁନାହାନ୍ତି। କାଳୀୟ ନାଗ, ନୀଳାର ଏସବୁ କୌଶଳ ଜାଣିପାରି କଳଙ୍କିନୀ ବୋଲି ଆଖ୍ୟା ଦେଇଛି। ନୀଳା ନିଜର ନାରୀଧର୍ମକୁ ପ୍ରତିଷ୍ଠା କରିବା ପାଇଁ ଶତ୍ରୁ ମିତ୍ର ନମଣି ଜନନୀ ଓ ଭଗ୍ନୀ ରୂପରେ କୃଷ୍ଣର ସେବା କରିଛି। ଏଥିରେ ଉତକ୍ଷିପ୍ତ ହୋଇ ପିତା ନୀଳାକୁ କ୍ଷମା ନଦେଇ ବିଶ୍ୱାସ ଘାତିକା ନାରୀ ରୂପରେ ଦେଖିଛି। ଶେଷରେ ନୀଳା କାତର ହୋଇ ସୁକେଶୀକୁ କହିଛି- "ହେ ଅନ୍ତର୍ଯ୍ୟାମୀ ମୋର ମୁଗ୍ଧ ପିତାଙ୍କ ସୁମତି ପ୍ରଦାନ କର - ଦର୍ପାନ୍ଧ ନାଗ ରାଜାର ଜ୍ଞାନଚକ୍ଷୁ ଉନ୍ମିଳିତ କର। ହେ କୃପାନିଧି ଏ ଦାସୀର କାତର ପ୍ରାର୍ଥନା କି ଶୁଣିବ ନାହିଁ ନାଥ?" ହଠାତ୍ ଏହି ସମୟରେ ନନ୍ଦ-ଯଶୋଦା କାଳୀୟ ହ୍ରଦରେ ପହଁଞ୍ଚି ମୃତ ପ୍ରାୟ ପୁତ୍ରକୁ ଦେଖି କାହିଁ, କାହିଁ ମୋ ଦୁଃଖୀଧନ କାହିଁ? ଦୁଃଖରେ ଅଧର୍ଯ୍ୟ ହୋଇ ଯଶୋଦା ଭାଙ୍ଗି ପଡ଼ିଛନ୍ତି ଏ ଅବସ୍ଥାରେ। ସଖାମାନେ ଓ ଗୋପୀକନ୍ୟାମାନେ ଆସି କୃଷ୍ଣଙ୍କୁ ଉଠାଇବା ପାଇଁ ବହୁତ ଚେଷ୍ଟା କରି ବିଫଳ ହୋଇଛନ୍ତି। ଶେଷରେ ପୁତ୍ରକଥା ଭାବି ଭାବି ଯଶୋଦା ମୁର୍ଚ୍ଛିତ ହୋଇଛନ୍ତି। ଏ ଅବସ୍ଥାରେ ବଳରାମ ଆସି କାଳୀୟ ହ୍ରଦରେ ପହଞ୍ଚିଛନ୍ତି ଓ କୃଷ୍ଣକୁ ଦେଖି କହିଛନ୍ତି – "କୃଷ୍ଣର କୋମଳ ଅଙ୍ଗେ କେ କଲା ଆଘାତ,/ କହ ତାତ, କାହିଁଗଲା ଦୃଷ୍ଟ ନାଗରାଜ!/ ଆରେ ଆରେ ଦୁର୍ବୃତ୍ତ ପଶାଚ,/ ସବଂଶେ ପେଶିବି ତୋତେ ସମନ ସଦନେ,/ ମୂଷଳର ପ୍ରଚଣ୍ଡ ପ୍ରହାରେ;/ ଉପାଡ଼ି ଲଙ୍ଗଳ ମୁନେ ତୋର ବାସସ୍ଥଳୀ/ ଭସାଇବି ଯମୁନା ତରଙ୍ଗେ ।/ କେକରିବ ରକ୍ଷା ଏବେ କିଏ ଅଛି ତୋର,/ ରାମ କୋପେ ନାହିଁଟି ନିସ୍ତାର ।"(୧୦)

ଏହି ସମୟରେ ବଳରାମଙ୍କୁ ଶୂନ୍ୟବାଣୀ ହେଲା ଗରୁଡ଼ଙ୍କୁ ସ୍ମରଣ କରିବାକୁ। ଗରୁଡ଼ ଆସି କାଳୀୟ ନାଗର ଦଂଶନରେ ମୁର୍ଚ୍ଛାଗତ କୃଷ୍ଣଙ୍କ ମୁଖରେ ଅମୃତ ଦେଇ ସଂଜ୍ଞାଲାଭ କରାଇଲା। ବଳରାମ ପକ୍ଷୀରାଜଙ୍କୁ ଧନ୍ୟବାଦ ଜଣାଇ କାଳୀୟର କୌଣସି ଅନିଷ୍ଟ ନକରି ଏଠାରୁ ସ୍ୱ-ସ୍ଥାନକୁ ଯିବାକୁ ଆଦେଶ ଦେଇଛନ୍ତି। ଆଉ ଗୋଟିଏ କଥା ଏହି କାଳି ହ୍ରଦର ଜଳ ବିଷାକ୍ତ ହୋଇଥିବାରୁ ଅମୃତ ସଂଯୋଗ କରି ବିଷ ହରଣ କର ଏବଂ ଆଜିଠାରୁ ଏହା ପବିତ୍ର ତୀର୍ଥରୂପେ ପରିଣତ ହେବ। ଏହି ଆଜ୍ଞା ପାଳନ କଲେ ଗରୁଡ଼ ।

ନାଗକନ୍ୟା ସହ ସନ୍ତରଣ କରୁଥିବା ସମୟରେ କାଳୀୟ ନାଗ ଆସି ନୀଳାର ହସ୍ତ ଧରି କହିଲେ ନୀଳା, ରାକ୍ଷାସୀ, ତୋହରି ଲାଗି ଆଜି ନାଗପୁର ଏ ଲାଞ୍ଛନା। ତୋହରି ମନ୍ତ୍ରଣାରେ ଗରୁଡ଼ ଆସି ମୃତ ଶତ୍ରୁଙ୍କୁ ପ୍ରାଣଦାନ କରିଛି। ନାଗବଂଶ ଧ୍ୱଂସ କରିବାକୁ ତୁ ବସିଛୁ,ଅନେକ ସହ୍ୟ କଲିଣି, ଆଉ ଧର୍ଯ୍ୟର ସୀମା ଅଛି! ମୁଁ ପିତା ନୁହେଁ- ପିସାଚ। ତୁ ଆଜି ପିତୃସ୍ନେହରେ ଜଳାଞ୍ଜଳି ଦେଇ ସେହି ପ୍ରୀତି ମସ୍ତକରେ ପାଦ ଦେଇଥିବାରୁ ଏହି ଅବମାନନାର ପ୍ରତିଶୋଧ ନେବି। ଏପରି କହୁଥିବା ସମୟରେ ସ୍ତ୍ରୀ ରାଜଲକ୍ଷ୍ମୀ ପହଁଚି ସ୍ୱାମୀ କାଳୀୟନାଗକୁ କହିଲେ – "ଆରେ ଆରେ ମଦାନ୍ଧ ବର୍ବର, ଏହିକି ତୋ ରାଜଧର୍ମ! ଏଥିପାଇଁ କରୁ ଏତେ ଆତ୍ମଅହଂକାର। ରେ ଅଧମ, ନାଗକୁଳ ରାଜଲକ୍ଷ୍ମୀ ମୁହିଁ, ଆସିଅଛି ତୋହଠାରେ ଦେଖି ଅମଙ୍ଗଳ, ରେ ରେ ଦୃପ୍ତନାଗ ଘେନ ଘେନ ମୋର ଉପଦେଶ, ଦୃଷ୍ଟ ବୁଦ୍ଧି ବସେ, ଆପଣାର ସର୍ବନାଶ ନକର ବରଣ। କାଳୀୟ ବହୁ ଉପଦେଶ ପାଇବା ପରେ ସେହି ନନ୍ଦନନ୍ଦନ ଜନାର୍ଦ୍ଦନକୁ ବୁଝିବାକୁ ଚେଷ୍ଟା କରିଛି। ତା ବିଷୟରେ କନ୍ୟା ନୀଳା ପାଖରୁ ସବୁ ଶୁଣିଛି ଯେ, ପକ୍ଷୀରାଜ ଗରୁଡ଼ ହେଉଛି ତାଙ୍କର ବାହାନ। ଆମ୍ଭେମାନେ ଜୀବ ସେହି ଏକା ପରମାତ୍ମା। ଜୀବର ଅଚିନ୍ତ୍ୟ, ଅଭେଦ ସମ୍ବନ୍ଧ। ଜୀବ ଦାସ ସେ ହିଁ ପ୍ରଭୁ। ଜୀବ ପ୍ରକୃତି ସେ ହିଁ ପୁରୁଷ। ସେ ଯେ ଜଗତର ସ୍ୱାମୀ, ପିତା। ନୀଳା କହିଛି ପିତା ତୁମେ କାତର ନହୋଇ ଶତଭାର ପଦ୍ମ ତୋଳି ତାଙ୍କରି ଶ୍ରୀଚରଣ ତଳେ ଅର୍ପଣ କରି କ୍ଷମାଭିକ୍ଷା କର ।"

ନାଟକର ଚତୁର୍ଥ ଅଙ୍କର ତୃତୀୟ ଦୃଶ୍ୟରେ କଳାମାଣିକ ଉଠି ବସିଥିବା ପ୍ରଥମେ ଯଶୋଦା ଦେଖିଛନ୍ତି। କାଳୀୟ ହ୍ରଦରେ ଘଟିଥିବା ସମସ୍ତ କଥା ପିତାମାତାଙ୍କୁ ଅବଗତ କରାଇଛନ୍ତି ଓ ବଳରାମ ପାଖରୁ ଶୁଣିଛନ୍ତି ତାଙ୍କୁ ଗରୁଡ଼ ଆସି ଅମୃତ ଦେଇ ମୂର୍ଚ୍ଛା ଭାଙ୍ଗିଛନ୍ତି। କୃଷ୍ଣ ଏତେ କଥା ଶୁଣିବା ପରେ ସେଇ ଅଖଣ୍ଡ ପ୍ରତାପର ଗର୍ବ ଚୂର୍ଣ୍ଣ କରିବା ପାଇଁ ବାହାରିଲେ ଓ ନିଜର ସୁଦର୍ଶନ ପେଶି ନିସ୍କେଷିତ କରିବା କଥା କହିଲେ। ଏହି ସମୟରେ କାଳୀୟ ତା' କନ୍ୟା ନୀଳାର

ହାତଧରି ପ୍ରଭୁଙ୍କ ସମ୍ମୁଖରେ ଉପସ୍ଥିତ ହେଲେ। କର ଯୋଡ଼ି କହିଲେ- "ଚକ୍ରଧର,/ କ୍ରୋଧାନଳ ସଂହର, ସଂହର/ ଇଚ୍ଛା ମାତ୍ରେ ଯାର,/ କୋଟି ବିଶ୍ୱ ହୋଇପାରେ କ୍ଷଣେ ଭସ୍ମୀଭୂତ,/ ତୋହ ପଦ ପୂଜା ପାଇଁ ଏହି ପୁଷ୍ପବନ ।/ ଶତଭାର ସଜ ପୁଷ୍ପ ଆଣିଅଛି ଦାସ,/ ଭେଟିବାକୁ ତୋହ ଶନିଧାନେ ।/ କମଳା ସେବିତ ସେହି କୋମଳ ଚରଣେ,/ କରିଛି ଅଜ୍ଞାନେ ଦୋଷ; ହୃଷୀକେଶ,/ କାଳୀନାଗ ଶତ ଅପରାଧୀ,/ କୃପାନିଧି - କୃପାକର ବାରେ।"(୧୧)

କୃଷ୍ଣ ନିଜ ଭକ୍ତର କାତର ପ୍ରାର୍ଥନା ରକ୍ଷା କରିବାକୁ ଯାଇ କାଳୀୟର ଗର୍ବଗଞ୍ଜନ କରିଛି କାଳୀୟ ମସ୍ତକରେ ଛିଡ଼ାହୋଇ। ଶେଷରେ କାଳୀୟ ଅନୁରୋଧ କରିଛି ତା'ର କନ୍ୟାକୁ ଚରଣ କିଙ୍କର ରୂପେ ଶ୍ରୀକୃଷ୍ଣ ଗ୍ରହଣ କଲେ ପୁର୍ଣ୍ଣହେବ ମୋର ତପସ୍ୟା।

ଏହିପରି ଭାବରେ ଉଭୟ ନାଟ୍ୟକାରମାନଙ୍କର ନାଟ୍ୟକୃତିଗୁଡ଼ିକରେ କୃଷ୍ଣ ପ୍ରେମଭକ୍ତି ଉପରେ ଗୁରୁତ୍ୱ ଦିଆଯାଇ ସାମାଜିକ ଜୀବନରେ ଭକ୍ତି ଭାବର ପ୍ରଚାର ପ୍ରସାର କରାଯାଇଛି ।

ପ୍ରାନ୍ତଟୀକା :

୧. ମଜୁମଦାର, ତିଳକ ଚନ୍ଦ୍ର (ସଂ)। କାଳି-ଦମନ ନାଟ (ସଂ)। ମୁଛନ୍ଦା ପ୍ରେଛ, ନଗାଁଓ। ପୃଷ୍ଠା-୦୮ ।
୨. ତତ୍ରୈବ । ପୃଷ୍ଠା-୧୪।
୩. ତତ୍ରୈବ । ପୃଷ୍ଠା-୧୫।
୪. ମହାପାତ୍ର ଲକ୍ଷ୍ମୀକାନ୍ତ । କାଳୀୟ ଦଳନ । ପ୍ରଥମ ସଂସ୍କରଣ ଗୋପୀନାଥ ପ୍ରେସ୍, ଭଦ୍ରକ । ୧୯୩୧ । ପୃଷ୍ଠା-୧୧।
୫. ତତ୍ରୈବ । ପୃଷ୍ଠା- ୧୧-୧୨।
୬. ତତ୍ରୈବ । ପୃଷ୍ଠା-୧୬।
୭. ତତ୍ରୈବ । ପୃଷ୍ଠା-୧୮।
୮. ତତ୍ରୈବ । ପୃଷ୍ଠା-୧୯-୨୦।
୯. ତତ୍ରୈବ । ପୃଷ୍ଠା-୩୫।
୧୦. ତତ୍ରୈବ । ପୃଷ୍ଠା-୪୫-୪୬।
୧୧. ତତ୍ରୈବ । ପୃଷ୍ଠା-୫୩-୫୪।

Funding

No funding was received for conducting this study.

Does this article screened for similarity?

Yes

Conflict of interest

The Author has no conflicts of interest to declare that they are relevant to the content of this article.

About the Licenses

© Dr. Pramila Patulia 2024. The text of this article is open access and licensed under a Creative Commons Attribution 4.0 International License

Cite this Article :

Dr. Pramila Patulia, 'Kali-damana' nata o 'kaliya dalana' natakara tulanaatmaka bichara, Bageesha, Vol. No. 02, Issue No. 04, July - August 2024, Article No: BM2024/04-A001, Page- 8-12

●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal
BM2024/04-A002
https://bageesha.in
OPEN ACCESS

ଓଡ଼ିଆ ଅସ୍ମିତାର ଐତିହାସିକ ଓ ରାଜନୈତିକ ବୈଚିତ୍ର୍ୟ

■ ଡ଼. ବିଶ୍ୱନନ୍ଦନ ଦାଶ

ସହଯୋଗୀ ପ୍ରାଧ୍ୟାପକ(ଅତିଥି), ଭାଷାବିଜ୍ଞାନ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

Article Received : 02.08.2024 | Accepted : 25.08.2024 | Published : 25.09.2024

ସାରାଂଶ

ABSTRACT

‘ଅସ୍ମିତା’! ତାହା ପୁଣି ‘ଓଡ଼ିଆ ଅସ୍ମିତା’! ଯାହା ଏକ ମାନସିକତାର ଆଭିମୁଖ୍ୟ ବା ପରିଚୟର ଧାରଣା। ଏହି ଆଚରଣର ଧାରଣା ପ୍ରାୟତଃ ଅନୁମେୟ, କିନ୍ତୁ କାହାର ଭାବପ୍ରବଣତାର ସମ୍ପର୍କରେ ନୁହେଁ। କୌଣସି ମନୋଭାବକୁ ଆକଳନ କରିବା ପ୍ରାୟତଃ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଜଣଙ୍କ ଭାଷା ଓ ଜାତି ପାଇଁ ଭାବପ୍ରବଣତା ଓ ବୈଶିଷ୍ଟ୍ୟ ପ୍ରାୟତଃ ଏକ ସାମାଜିକ ବ୍ୟବସ୍ଥା ଦ୍ୱାରା ବ୍ୟବସ୍ଥିତ। ‘ଅସ୍ମିତା’ ବିଷୟରେ ବିବେଚନା କଲେ ତାହା ଜ୍ଞାନାତ୍ମକ, ଭାବପ୍ରବଣ ଏବଂ ଆଚରଣଗତ ଉପାଦାନ ଦ୍ୱାରା ଅନ୍ତର୍ଭୁକ୍ତ, ଯେପରି - ନିଜର ବିଶ୍ୱାସ ଏବଂ କାର୍ଯ୍ୟ କରିବାର ଶୈଳୀ ନିର୍ଭରଶୀଳ। ବିଗତ କିଛିଦିନ ଧରି ଓଡ଼ିଶାରେ ସାମାଜିକ ଓ ରାଜନୈତିକ ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଗଣମାଧ୍ୟମରେ ଓ ସଭାସମିତିରେ ‘ଅସ୍ମିତା’ ଶବ୍ଦର ବ୍ୟାପକ ପ୍ରୟୋଗ ହେଉଛି। ଅସ୍ତମିତ ଓଡ଼ିଆ ଅସ୍ମିତାର ପୁନଃ ଉନ୍ମେଷ ହୋଇଛି, ଏକ ରାଜନୈତିକ ବୈଚିତ୍ର ରୂପରେ। କିନ୍ତୁ ପ୍ରଚଳିତ ସମୟରେ ‘ଅସ୍ମିତା’ ଶବ୍ଦଟିର ପ୍ରକୃତ ତର୍ଜମା ହେଉନାହିଁ। ଏଣୁ ଏହି ପ୍ରସଙ୍ଗରେ ଅଧିକ ସ୍ପଷ୍ଟ ଅନୁସନ୍ଧାନ ଆବଶ୍ୟକ। ସାମ୍ପ୍ରତିକ ପ୍ରବନ୍ଧରେ ଏହି ଅଭାବ ଦୂର ପାଇଁ, ଓଡ଼ିଆ ଅସ୍ମିତାର ବାସ୍ତବିକ ବୁଝାମଣା, ଐତିହାସିକ ପୃଷ୍ଠଭୂମି, ସ୍ୱରୂପ, ସଂଜ୍ଞା, ଏବଂ ଦୃଷ୍ଟିକୋଣ ବିଷୟରେ ବିଶେଷ ପ୍ରୟୋଗାତ୍ମକ ସମୀକ୍ଷା କରାଯାଇଛି। ଏଣୁ ଏକାନ୍ତ ବିଶ୍ୱାସରେ କୁହାଯାଇପାରେ ଯେ, ଜଣେ ପାଠକ ଯେତେବେଳେ ଏହାକୁ ଆମୂଳଚୂଳ ପଢ଼ିବେ, ସିଏ ହିଁ ଉପଲବ୍ଧି କରିପାରିବ ଓଡ଼ିଆ ଅସ୍ମିତାର ପରିଧି ଓ ପରିସର। ପାଠାନ୍ତରେ, ଏହି ପ୍ରୟାସକୁ ଆତ୍ମିକ ଅନୁଭବ କରିବା ସହିତ ବିଭିନ୍ନ ନୂତନ ସୀମା ଉଦ୍ଭାବନ ପାଇଁ ଅନ୍ଧାର ରାସ୍ତାରେ ଆଲୋକ ପାଇବା ସାଦୃଶ୍ୟ ହେବ।

BM2024/04-A002

ମୂଳଶବ୍ଦ: ଅସ୍ମିତା, ଓଡ଼ିଆ ଅସ୍ମିତା, ଐତିହାସିକ ଓ ରାଜନୈତିକ ବୈଚିତ୍ର୍ୟ, ପ୍ରୟୋଗାତ୍ମକ ସମୀକ୍ଷା

ଉପକ୍ରମ: ଗତ ୨୦୨୪ ଭାରତ ବର୍ଷର ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ‘ଅସ୍ମିତା’ ଶବ୍ଦଟି ଏତେ ପ୍ରବଳ ଭାବରେ ଓଡ଼ିଶାରେ ବ୍ୟବହାର କରାହେଲା ଯେ ଦୀର୍ଘ ଚବିଶ ବର୍ଷର ଏକ ପରାକ୍ରମୀ ଦଳର ଶାସନ ତନ୍ତ୍ରକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଲା। ସେହି ପ୍ରଭାବରେ ଦଳର ଲୋକସଭାରେ ସଭ୍ୟ ସଂଖ୍ୟା ଶୂନ ହୋଇଗଲା ଓ ବିଧାନସଭାରେ ସେମାନଙ୍କ ସଭ୍ୟ ସଂଖ୍ୟା ୫୧ ହୋଇଗଲା, ଯେଉଁ ଦଳ ଏକଦା ୨୦୧୯ ନିର୍ବାଚନରେ ୧୪୭ ଆସନ ବିଶିଷ୍ଟ ବିଧାନସଭାରେ ୧୧୩ ଆସନ ପାଇ ସରକାର ଗଢ଼ିଥିଲା । ଏବେ ଯଦି ଅସ୍ମିତାର ସ୍ୱରୂପ ଓ ଏହାର ପ୍ରୟୋଗ ସମ୍ପର୍କରେ କାହାକୁ ପ୍ରଶ୍ନ କରାଯାଏ, ତେବେ ଏହାର ସଠିକ ଉତ୍ତର ଦେବା ପାଇଁ କିଛି ଅସମର୍ଥ ହେବେ ନିଶ୍ଚିତ। କିଛିଦିନ ଧରି ରାଜନୈତିକ ବ୍ୟକ୍ତିଙ୍କ ଠାରୁ ସାମାଜିକ ଗଣମାଧ୍ୟମରେ ଓ ସଭାସମିତିରେ, ଏହି ଶବ୍ଦର ବ୍ୟାପକ ପ୍ରୟୋଗ ଚାଲିଛି ଏବଂ କଥା କଥାକେ ସେଇ ‘ଅସ୍ମିତା’ ର ଦ୍ୱାହି ଦେବାର ଦେଖାଯାଉଛି। କିନ୍ତୁ ପ୍ରଚଳିତ ସମୟରେ ‘ଅସ୍ମିତା’ ଶବ୍ଦଟିର ପ୍ରକୃତ ଅର୍ଥ କ’ଣ ତା’ର ତର୍ଜମା ହେଉନାହିଁ।

ଏହା ସତ୍ୟ ଯେ ଅତୀତରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଆମେ ଆମ ରାଜ୍ୟର ଅନେକ ଆଲୋଚିତ ଓ ଅନାଲୋଚିତ ତଥ୍ୟକୁ ଯଦି ତର୍ଜମା କରିବା, ତେବେ ଏହା ନିଶ୍ଚିତ ହେବ ଯେ ଆମର କଳୁଷିତ ଲୋକ ଚରିତ୍ର ଆମ ଅସ୍ମିତା ଠାରୁ ଆମକୁ ଦୂରେଇ ଦେଇଥିଲା କିମ୍ବା ଅସ୍ମିତା ଆମ ପାଇଁ ଅସ୍ତମିତ ହୋଇସାରିଥିଲା। ହଠାତ୍, ସେଇ ଅସ୍ତମିତ ଐତିହାସିକ ଅସ୍ମିତାର ଏବେ ହୋଇଛି ପୁନଃ ଉଦୟ, ଏକ ନୂତନ ରାଜନୈତିକ ଉନ୍ମେଷରେ। ମୃତ ଅସ୍ମିତାର ଜାତୀୟତା ଭାବ ହୋଇଛି ପୂର୍ବଜନ୍ମ। ଆମ ପାଇଁ କାୟ, ମନ, ବାକ୍ୟ ଓ ବିବେକର ପୁନଃ ଜାଗରଣ ସୃଷ୍ଟି କରିଛି ‘ଅସ୍ମିତା’ – ଏକ ଭିନ୍ନ ରାଜନୈତିକ ପ୍ରଭାବରେ। ସାମ୍ପ୍ରତିକ ପ୍ରବନ୍ଧ ମାଧ୍ୟମରେ ‘ଅସ୍ମିତା’ର ଐତିହାସିକ ପୃଷ୍ଠଭୂମି, ସ୍ୱରୂପ, ଓ ସଂଜ୍ଞା ବିଷୟରେ ପୂର୍ବାପର ସଙ୍ଗତି ଦର୍ଶାଯାଇଛି। ତଥା ପ୍ରଚଳିତ ସମୟରେ ଏହାର ରାଜନୈତିକ ପୁନଃ ଜାଗରଣ କିପରି ଓଡ଼ିଶାରେ ସମ୍ଭବ

ହେଲା, ତାହାର ଏକ ପ୍ରୟୋଗାତ୍ମକ ଅନୁଶୀଳନ କରାଯାଇଛି।

ଓଡ଼ିଶାରେ ଅସ୍ମିତାର ଐତିହାସିକ ସ୍ୱରୂପ: ପୁରାତନ କାଳରୁ କ୍ରମାଗତ ଭାବରେ ଓଡ଼ିଆ ଜାତି କେତେବେଳେ ଅଣ-ଓଡ଼ିଆ ଶାସନକୁ ସହ୍ୟ କରିପାରେ ନାହିଁ, ଏପରିକି ଦୈନ୍ୟ ଭାବକୁ ବି ବରଦାସ୍ତ କରିପାରେନା। ହଁ, ତା'ର ସମୃଦ୍ଧ ଭାଷା, ଧର୍ମ, ଐତିହ୍ୟ ଓ ସଂସ୍କୃତି ପ୍ରତି ଯଦି ବିପଦର ଆଶଙ୍କା ଥାଏ ଅଥବା ଥିଲେ, ସେ ସେତେବେଳେ ବ୍ୟତିବ୍ୟସ୍ତ ହୋଇଉଠେ। କାରଣ, ଜଣେ ନିଜ ପାଇଁ ହେଉ ବା ବୃହତ୍ତର ସ୍ୱାର୍ଥ ପାଇଁ କିମ୍ବା ନିଜ ଜାତି ବା ସମାଜ ପାଇଁ ହେଉ, ତା'ର ଉପସ୍ଥିତି ଜାହିର୍ କରିବା ଓ ଜାତି ଗଠନରେ ନିଜ ସେବା ଉତ୍ସର୍ଗିତ କରେ। ଏହା ନିଶ୍ଚିତ ଭାବରେ ଏକ ସକାରାତ୍ମକ ଜାତୀୟ ଚେତନା ବା ଜାତୀୟତା। ଏଥିରେ ଜଡ଼ିତ ଅଛି ଆମ ହୃଦୟର ଆବେଗ, ସ୍ୱାଭିମାନ, ଓ ରକ୍ତୀୟ ସମ୍ବନ୍ଧ। ଏଣୁ ସେମିତି ଗୁରୁଗମ୍ଭୀର ପ୍ରସଙ୍ଗ ନଥିଲେ କୌଣସି ବ୍ୟକ୍ତି ଅବା ଗୋଷ୍ଠୀ ଏହି ଶବ୍ଦ ପ୍ରୟୋଗ କରିବା ଅନୁଚିତ।

ଓଡ଼ିଶାର ଇତିହାସ ପୃଷ୍ଠାଗୁଡ଼ିକ ପରଖିଲେ ଦେଖାଯାଏ ଯେ, ଓଡ଼ିଆ ଭାଷାକୁ ବାରମ୍ବାର ସହିବାକୁ ପଡ଼ିଛି ଅନ୍ୟ ଭାଷାବାସୀଙ୍କ ପ୍ରଭୁତ୍ୱ ଓ ଅତ୍ୟାଚାର। ବଙ୍ଗାଳୀମାନଙ୍କ ଦ୍ୱାରା "ଓଡ଼ିଆ ଗୋଟେ ଭାଷା ନୁହେଁ" ଉଦ୍‌ଘୋଷଣା ପରେ, ଏହାର ସୁରକ୍ଷା ପାଇଁ ଓଡ଼ିଆ ଜାତିର ମହାଜାଗତିକ ଆନ୍ଦୋଳନ ସୃଷ୍ଟି ହୋଇଥିଲା। ସେତେବେଳେ ବର୍ତ୍ତମାନ ପରି ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା। ଦୀର୍ଘ ତିନି ଶହ ବର୍ଷର ରାଜନୈତିକ ଅସ୍ଥିରତାର କରାଳ ଚକ୍ରବ୍ୟୁହରେ ଅପରିବର୍ତ୍ତିତ ରହିଥିଲା ଓଡ଼ିଶାର ବର୍ତ୍ତମାନ ଭୂଗୋଳ ! ୧୯୦୩ ମସିହାରୁ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ପ୍ରଦେଶଟିଏ ପାଇଁ ସଂଘର୍ଷ। ଶେଷରେ ରାଜା କପିଳେନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବଙ୍କ ଅମଳରେ ଓଡ଼ିଶାର ଭୂଗୋଳ ଖୋଜାର ଭିତ୍ତି ନେଲା – ଓଡ଼ିଆ ଭାଷା। ମଧୁବାବୁଙ୍କ ଆହ୍ୱାନରେ ଏକତ୍ରିତ ହେଲେ ରାଜା ମହାରାଜାଙ୍କଠୁଁ ଆରମ୍ଭ କରି ସାଧାରଣ ଜନତା। ପରିଶେଷରେ ଭାରତ ଦେଶ ସ୍ୱାଧୀନ ହେବାର ତିନି ଦଶନ୍ଧି ପୂର୍ବରୁ ସର୍ବପ୍ରଥମେ ଓଡ଼ିଶା ଭାଷା ଭିତ୍ତିକ ରାଜ୍ୟ ଭାବେ ଏକ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଲା ୧୯୩୬ ମସିହାରେ। ଏହା ଯେ କେବଳ ଭାରତବର୍ଷର ସର୍ବ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବେ ନୁହେଁ, ବରଂ ଏହା ସମଗ୍ର ପୃଥିବୀର ସର୍ବପ୍ରଥମେ ଭୂଖଣ୍ଡ ଯାହାର ଯଥେଷ୍ଟ ପରବର୍ତ୍ତୀ ସମୟରେ ବଙ୍ଗଳାଦେଶ ଭଳି ଏକ ଭାଷା ଭିତ୍ତିକ ରାଷ୍ଟ୍ର ଗଠନ ହେବାର ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ, ରାଜନୈତିକ ଚାପ ଠାରୁ ଭାଷାର ବନ୍ଧନ ଯେ କେତେ ସୁଦୃଢ଼, ତାହା ଏହି ସ୍ୱତନ୍ତ୍ର ଉଦାହରଣରୁ ଓଡ଼ିଆ ଭାଷା ଛଡ଼ା ଆଉ କ'ଣ ବା ହୋଇପାରେ !

ମାତ୍ର ବିଡ଼ମ୍ବନା ଏହିକି ଯେ, ସ୍ୱତନ୍ତ୍ର ପ୍ରଦେଶ ଭାବରେ ୧୯୩୬ ମସିହାରେ ଓଡ଼ିଶା ଗଠନ ହେବା ପରେ ଏବଂ ଭାରତବର୍ଷ ୧୯୪୮ ମସିହାରେ ସ୍ୱାଧୀନତା ପାଇବା ପରେ, ଓଡ଼ିଆ ଭାଷାରେ ସମସ୍ତ ସରକାରୀ କାର୍ଯ୍ୟ ଚାଲିବା ପାଇଁ ବିଧାନସଭାରେ ବରଗଡ଼ର ପ୍ରାକ୍ତନ ବିଧାୟକ ଶ୍ରୀ ଲକ୍ଷ୍ମୀ ନାରାୟଣ ମିଶ୍ର ଭାଷା ଆଇନ ଆଣିବା ପାଇଁ ପ୍ରସ୍ତାବ ରଖିଲେ କିନ୍ତୁ ବିରୋଧାଭାସ ଯୋଗୁଁ ସେହି ବିଧେୟକଟିକୁ ଅପସାରଣ କରିବାକୁ ପଡ଼ିଥିଲା। ଶ୍ରୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ହେବା ପରେ ୧୯୫୪ ମସିହାରେ ଭାଷା ଆଇନ ପ୍ରଣୟନ କରିଥିଲେ କିନ୍ତୁ ଆଇନରେ ପରିଣତ ହେବା ପାଇଁ କୌଣସି ନିୟମାବଳୀ ପ୍ରଣୟନ ହୋଇପାରିନଥିବାରୁ, ତାହା ସରକାରୀ କାର୍ଯ୍ୟକରଣ ହୋଇପାରିଲା ନାହିଁ।

ସେହିପରି, ୧୯୬୩ ମସିହାରେ ପୁନଃ ଭାଷା ଆଇନ ସଂଶୋଧନ ବିଧେୟକ ହୋଇ ବିଧାନସଭାରେ ଓଡ଼ିଆ ସହ ଇଂରାଜୀରେ ବ୍ୟବସ୍ଥା ରହିବା ପାଇଁ ଯେଉଁ ସଂଶୋଧନ ହେଲା ତାହା ଭାଷା ଆଇନକୁ ପଛକୁ ଠେଲିଦେଲା। ଏପ୍ରିଲ ପହିଲା ୧୯୮୫ ଠାରୁ ହିଁ ଓଡ଼ିଆ ଭାଷା ସରକାରୀ ଭାଷାର ମର୍ଯ୍ୟାଦା ପାଇ ଓଡ଼ିଶା ସଚିବାଳୟଠୁ ବ୍ଲକ୍ ପର୍ଯ୍ୟନ୍ତ ଯେପରି ସବୁ ସ୍ତରରେ ଓଡ଼ିଆ ଭାଷାର ଉଚିତ୍ ବ୍ୟବହାର ହୋଇପାରିବ, ସେଥି ପ୍ରତି ଦୃଷ୍ଟିଦେବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ, ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ଅମଲାମାନଙ୍କୁ ନିର୍ଦ୍ଦେଶ ଦେଲେ। ତେବେ ପ୍ରାୟ ୩ ଥର ଆଇନ ସଂଶୋଧନ ହୋଇ ୧୩ ଅଗଷ୍ଟ ୨୦୧୯ରେ ନିୟମାବଳୀ ବିଜ୍ଞପ୍ତି ପ୍ରକାଶ ପାଇଲା, ଯାହାକି ରାଜପତ୍ରରେ ପ୍ରକାଶନ ୧୭ ଅଗଷ୍ଟ ୨୦୧୯ ଦିନଠାରୁ ଲାଗୁ ହେଲା। ମାତୃଭୂମିର ସେବା କରିବା ପାଇଁ ଓଡ଼ିଆ ଭାଷାକୁ ବହୁଳ ବ୍ୟବହାର ସମସ୍ତ ସରକାରୀ କର୍ମଚାରୀ ଆଗେଇ ଆସିବାକୁ ଆହ୍ୱାନ ଦିଆଗଲା। ସେବେଠୁ ୨୫ ବର୍ଷରୁ ଉର୍ଦ୍ଧ୍ୱ ବିତିଗଲାଣି, ହେଲେ ପରିଣତି ସମସ୍ତଙ୍କର ସାମ୍ନାରେ। ଅବସ୍ଥା ଏପରି ହୋଇଛି ଯେ, ବିଗତ ମୁଖ୍ୟମନ୍ତ୍ରୀ, ସ୍ୱୟଂ ନବୀନ ପଟନାୟକ ଓଡ଼ିଆ କହିବାକୁ ଅଦ୍ୟାବଧି ଅକ୍ଷମ ଓ ଅସମର୍ଥ !

ଅସ୍ମିତାର ଉଦ୍ଭବ, ବିକାଶ, ପରିଧି ଓ ପରିସର: ଐତିହାସିକ ଦୃଷ୍ଟିରେ, 'ଅସ୍ମିତା' ଶବ୍ଦଟି ବହୁ ଆଗରୁ ବ୍ୟବହାର କରିବାର ଉଦାହରଣ ଭାରତ ଓ ଓଡ଼ିଶାରେ ରହିଛି। ତା'ର କିଛି ଦୃଷ୍ଟାନ୍ତ ଏଠାରେ ଉଦାହରଣ ସ୍ୱରୂପ ଦେଖାଯାଇପାରେ। ଯଦିଓ ଅସ୍ମିତାର ପରିଚୟ ଦେବା ଏକ ଜଟିଳ ପ୍ରକ୍ରିୟା।

ଓଡ଼ିଆ ଭାଷାବିଜ୍ଞାନ ପ୍ରାଧ୍ୟାପକ ଗଗନେନ୍ଦ୍ର ନାଥ ଦାଶଙ୍କର (୨୦୧୪) 'ଓଡ଼ିଆ-ଅସ୍ମିତା ଚର୍ଚ୍ଚା" — ଏକ ଗବେଷଣାତ୍ମକ ପ୍ରବନ୍ଧରେ ଓଡ଼ିଆ-ଅସ୍ମିତାର ସଂରଚନା ଓ ବିକାଶ ସଂପର୍କରେ ଅନୁଧ୍ୟାନ କରିଛନ୍ତି। ପ୍ରାଧ୍ୟାପକ ଦାଶଙ୍କ ଅନୁଯାୟୀ, ଯଦିଓ ଆଗରୁ ଏହି ବିଷୟରେ କୌଣସି ନିଷ୍ଠାପରତା ତଥା ଧାରାବାହିକତା ବା ଗଭୀରତା, ତଥା ବୈଜ୍ଞାନିକ ଦର୍ଶନ ମୁଁ (ସେ) ଦେଖି ନାହିଁ (ତାଙ୍କ ଅନୁଶୀଳନରେ), ଗତ ଶତକର ଅଷ୍ଟମ ଦଶକରେ ହିଁ ସେହି ସଂପର୍କୀୟ ଅନୁଧ୍ୟାନ ବା ଚର୍ଚ୍ଚା ବିଧିବଦ୍ଧ ଭାବରେ ଆରମ୍ଭ ହେବାର ଦେଖୁଛନ୍ତି। ଉକ୍ତ ପ୍ରବନ୍ଧ ପ୍ରକାଶନ ପୂର୍ବରୁ ୧୯୭୮ ମସିହାରେ ତାଙ୍କର ଆଉ ଏକ ଇଂରାଜି ପ୍ରକାଶିତ ପ୍ରବନ୍ଧ 'Jagannatha and Oriya Nationalism' ରେ ଅସ୍ମିତାର ସଂରଚନା, ବିବିଧତା, ବିକାଶ, ଓ ବୈଚିତ୍ର ସଂପର୍କୀୟ ଅନେକ ନୂତନ ଦିଗନ୍ତ ତଥା ଚିନ୍ତା-ଉଦ୍ରେକକାରୀ ଆଲୋଚନା କରିଛନ୍ତି। ତଥାପି ସେ ଅନୁଭବ କରନ୍ତି, ଯଦିଓ ଏହି ବିଷୟ ଚର୍ଚ୍ଚାରେ ଅନେକ

ଭାବପ୍ରବଣତା ଦେଖାଯାଉଛି ତଥାପି ସେଥିରେ ସମ ଭାବରେ ଅନେକ ଶୂନ୍ୟ ସ୍ଥାନ ଦେଖିବାକୁ ପାଉଛନ୍ତି। ସେହି ସଂପର୍କୀୟ କେତେକ ପ୍ରଶ୍ନର ସମାଧାନ ଯେତିକି ସଚେତନତା, ଆଗ୍ରହ ଓ ନିଷ୍ଠା ପ୍ରକାଶ ପାଇବା କଥା ତା ହେଉ ନାହିଁ ବୋଲି ପ୍ରାଧ୍ୟାପକ ଦାଶ କ୍ଷୋଭ ପ୍ରକାଶ କରିଛନ୍ତି (ଗଗନେନ୍ଦ୍ର ନାଥ ଦାଶ, ୨୦୧୪ : ୨୩୮-୨୪୦)।

ସେହିପରି ମାକ୍ସ ୱେବରଙ୍କ (୧୯୩୦ [୧୯୯୧]) ଅନୁଯାୟୀ, "ଆଧୁନିକତା ହେଉଛି ବ୍ୟକ୍ତିଗତ ତଥା ସମାଜର ଅନନ୍ତ ବିଦ୍ୟମାନ ରୂପକୁ ସ୍ପଷ୍ଟ ଗ୍ରହଣ କରି ନେବାର ଏକ ମାନସିକତା। ଆଧୁନିକ ଅସ୍ମିତାର ପରିଚୟ ଅତୀତରେ ଗଠନ କରାଯାଇଥିବା ଅସ୍ମିତା ପରିଚୟର ଅବିରାମତା ନୁହେଁ, କିନ୍ତୁ ଏହା ଗଠନରେ କାରଣଗୁଡ଼ିକ ଉଦ୍ଭାବନ କରିବାରେ ଏକ ସ୍ୱାଭିମାନ ଯୁକ୍ତ ପ୍ରକ୍ରିୟା ଅଟେ"।

ଚାର୍ଲ୍ସ ଟେଲରଙ୍କ (୧୯୮୯) ମତରେ, ମୋ ଅସ୍ମିତାର ପରିଚୟ ମୋର ସଙ୍ଗଠନ ଦ୍ୱାରା ପରିଚାଳିତ ହୋଇଥାଏ। ଯେପରି ରୂପରେଖା ମୁଁ ଅନୁଭବ କରେ, ସେହିପରି ମୁଁ ଭଲମନ୍ଦ ଏବଂ କାର୍ଯ୍ୟକ୍ରମ ସ୍ଥିର କରିବାକୁ ସକ୍ଷମ ହୁଏ। ଏହା ବାହ୍ୟ ରେଖା ଉପାୟରେ ସୀମା ନିର୍ଧାରଣ ହୁଏ, ଯେଉଁଥିରେ ମୁଁ ମୋର ମନୋଭାବକୁ ନିର୍ଣ୍ଣୟ କରେ। ତେଣୁ ଏଠାରେ, ଏକ ପ୍ରଶ୍ନ ଉଠାଯାଇପାରେ ଯେ, ଆଧୁନିକତାର ପାରମ୍ପରିକ ଭାବ ଦିଆଯାଇଥିବା ଅସ୍ମିତାର ପରିଚୟ ବା ସ୍ୱାଧୀନ ସ୍ୱାଭିମାନର ପରିଚୟ ଗଠନ ସପକ୍ଷରେ ରହେ କି? ଯାହା ସାଂସ୍କୃତିକ ବିରୋଧୀ ଭୂମିକା ହେବା ଅନୁଚିତ (ଚାର୍ଲ୍ସ ଟେଲର, ୧୯୮୯ [୧୯୯୨])।

ଏହି ଅନୁଶୀଳନରେ ଗୋଟିଏ ସମସ୍ୟା ହେଉଛି ଆପାତତଃ, ଓଡ଼ିଆ ଅସ୍ମିତାର ପରିଭାଷା ବିଷୟକ ବା ନିଜ ସ୍ୱାଭିମାନ ଚିନ୍ତାଧାରା ପରିଧିସ୍ଥ। କାରଣ, ଏହା ପରିବର୍ତ୍ତନ ବା ପ୍ରତ୍ୟାବର୍ତ୍ତନ ଯୋଗ୍ୟ। ନିତ୍ୟ ବଦଳୁଥିବା ଐତିହାସିକ ଓ ସାମାଜିକ ପରିବେଶ ଅନୁଯାୟୀ ଏହାର ପରିଚୟ ବଦଳୁଥାଏ। ତେଣୁ ଅଧ୍ୟୟନର ସୁବିଧା ଅନୁଯାୟୀ ଅସ୍ମିତାକୁ ତିନି ପ୍ରକାରରେ ବିଭକ୍ତ କରାଯାଇପାରେ, ଯାହା ଜନ୍ମଗତ, ବଂଶାନୁକ୍ରମିକ ଏବଂ ଅର୍ଜନଗତ ଅନ୍ତର୍ଗତ। କେତେକ ଏହାକୁ ଜନ୍ମଗତ ଅନ୍ତର୍ନିହିତ ଏବଂ ବଂଶାନୁକ୍ରମିକ ବୋଲି ମଧ୍ୟ କିଛି ମନେକରିଥାନ୍ତି (ଆଲୋକ ଟଣ୍ଡନ, ୨୦୧୮ : ୧୩-୨୬)।

ଊନବିଂଶ ଶତାବ୍ଦୀର ୧୮୯୧ ମସିହା ପର୍ଯ୍ୟନ୍ତ, ଓଡ଼ିଆ ଭାଷା ଓ ସାହିତ୍ୟରେ ଏଭଳି 'ଅସ୍ମିତା' ଶବ୍ଦର ବ୍ୟବହାର ନଥିଲା। ସାଂପ୍ରତିକ କାଳରେ ଯେଉଁ ଅର୍ଥରେ Odia Identity ବା ତା'ର ପ୍ରତିଶବ୍ଦ ରୂପେ 'ଓଡ଼ିଆ ଅସ୍ମିତା' ବା 'ଓଡ଼ିଆ ଆତ୍ମ ପରିଚିତି' ପରିଭାଷା ପ୍ରୟୋଗ ହେଉଛି। ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ, ପ୍ରାୟ ସେଇ ଅର୍ଥରେ 'ଓଡ଼ିଆ ଜାତୀୟତାବାଦ' (Odia Nationalism) ଅଭିବ୍ୟକ୍ତି କରାଯାଉଥିଲା। କାରଣ ସେତେବେଳେ ଓଡ଼ିଆ ଭାଷାକୁ କେନ୍ଦ୍ରୀଭୂତ ହୋଇ ପରିକଳ୍ପିତ ଓଡ଼ିଆ ଗୋଷ୍ଠୀଟିକୁ ଚିହ୍ନିତ ପାଇଁ ଓଡ଼ିଆ ଭାଷାରେ କୌଣସି ଅଭିଧାନରେ ଶବ୍ଦ ନଥିଲା। ଇଂରାଜୀକୁ ଆଧାର କରି (Odia) Nation ବୋଲି ବା ତା'ର ଓଡ଼ିଆ ପ୍ରତିଶବ୍ଦ (ଓଡ଼ିଆ) 'ଜାତି' ଭାବରେ ଅଭିହିତ କରାଯାଉଥିଲା। ଏପରି ଅଭିହିତ ହେଲା ପରେ, ଧାରାବାହିକ ଭାବରେ ପ୍ରାୟ ସେଇ ଭାଷା କୈନ୍ଦ୍ରିକ ଗୋଷ୍ଠୀକୁ ଆଖିରେ ରଖି, ଠିକ୍ ସେଇ ଅର୍ଥରେ ଓଡ଼ିଆ ଭାଷାରେ ଜାତି ଓ ତନ୍ମଧ୍ୟରୁ ବ୍ୟୁତପନ୍ନ ଜାତୀୟ, ଜାତୀୟତା, ଜାତୀୟତାବାଦ, ଓ ସ୍ୱାଭିମାନ ପରି ଅଭିବ୍ୟକ୍ତିର ପ୍ରୟୋଗ ଆରମ୍ଭ ହୋଇଗଲା ଓ ଏପର୍ଯ୍ୟନ୍ତ ସେହିଭଳି ଅର୍ଥରେ ବହୁଳ ବ୍ୟବହାର ଚାଲୁ ରହିଛି (ଡ୍ର. ଗଗନେନ୍ଦ୍ର ନାଥ ଦାଶ, ୨୦୧୪ : ୨୩୯)।

କବିବର ରାଧାନାଥ ରାୟ ହିଁ 'ଅସ୍ମିତା' ଶବ୍ଦର ପ୍ରଥମ କାବ୍ୟିକ ବିନ୍ୟାସ କରିଥିଲେ, 'ଚିଲିକା' ଖଣ୍ଡକାବ୍ୟରେ (ରାୟ, ୧୮୯୧ : ୧୪୮)। ରାଧାନାଥଙ୍କ ଦେହାନ୍ତେ, ସେହି କାବ୍ୟଟି "ଉତ୍କଳ ପ୍ରଭା" ରେ ତାଙ୍କ ସୁପୁତ୍ର, ଶ୍ରୀ ଶଶିଭୂଷଣ ରାୟଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା ଯାହା ମୟୂରଭଞ୍ଜର ସ୍ୱର୍ଗତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ପ୍ରଥମ ଓଡ଼ିଆ ମାସିକ ପତ୍ରିକା ରୂପେ "ଉତ୍କଳ ପ୍ରଭା" ମାତ୍ର ଚାରିବର୍ଷ ପାଇଁ ପ୍ରକାଶ ପାଇଥିଲା। ଏଥିରେ ସାହିତ୍ୟ ସହିତ ବିଜ୍ଞାନ, ଦର୍ଶନ, ଏବଂ ନୀତି ସମ୍ବନ୍ଧୀୟ ପ୍ରବନ୍ଧ ପ୍ରକାଶିତ ହେଉଥିଲା। ଅଳ୍ପ ବର୍ଷ ପାଇଁ ଏହା ପ୍ରକାଶିତ ହୋଇଥିଲେ ମଧ୍ୟ ଏହାର ପ୍ରଭାବ ବେଶ୍ କାଳଜୟୀ ବୋଲି କୁହାଯାଇପାରେ। "ଉତ୍କଳ ପ୍ରଭା" ରେ ନିଜର ଅମ୍ଳାନ କୃତି ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟକୁ ଓ ଓଡ଼ିଶାର ପ୍ରକୃତିକୁ ଋଦ୍ଧିମନ୍ତ କରିଥିବା ସେହି ଯୁଗସ୍ରଷ୍ଟା କବିବର ରାଧାନାଥଙ୍କୁ ସର୍ବଦା ସ୍ମରଣୀୟ କରି ରଖିଥିବା କବିବର ରାଧାନାଥଙ୍କ ସେହି ପଦଟି ୧୨୧-୧୨୨ ଧାଡ଼ିରେ ଲେଖିଛନ୍ତି :"ଖର ସୌରକରେ ତାରକା ଯେସନ,/ ଅସ୍ମିତା ବିସ୍ମୟେ ହେଲା ନିମଗନ ।"

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଉକ୍ତ ୧୪୮ ପୃଷ୍ଠାର ପାଦ ଟୀକାରେ କବିବର ସ୍ୱୟଂ 'ଅସ୍ମିତା' ଶବ୍ଦର ଅର୍ଥ 'ମୁଁ ଅଛି - ଏହି ଜ୍ଞାନ' (Consciousness) ବୋଲି ଉଲ୍ଲେଖ କରିଛନ୍ତି।

ଐତିହାସିକ ଭାଷାବିଜ୍ଞାନ ଦୃଷ୍ଟି କୋଣରୁ ପ୍ରତ୍ୟେକ ଭାଷାର ଗୁଣ ଓ ଲକ୍ଷଣ ହେଉଛି ଯେ ଏହା ଏକ ପ୍ରବାହ ମାନ ପରମ୍ପରା। ସେଥିରେ କ୍ରମାନ୍ୱୟରେ କିଛି ନା କିଛି ନୂଆ-ନୂଆ ଶବ୍ଦ ଯୋଡ଼ି ହେଉଥାଏ ଏବଂ ଅନେକ ଶବ୍ଦର ବିଲୟ ମଧ୍ୟ ଘଟୁଥାଏ। ପୁଣି କେତେକ ଶବ୍ଦ ତାହାର ପୁରାତନ ଅର୍ଥ ପରିବର୍ତ୍ତେ ନୂଆ ଅର୍ଥ ଗ୍ରହଣ କରୁଥାଏ। ତେଣୁ, ଯେଉଁ ଭାଷା ଯେତେ ଉଦାର, ସେ ଭାଷା ସେତେ ସମୃଦ୍ଧ। କିନ୍ତୁ ଏବେ ଅନ୍ୟ ଭାଷାର ଶବ୍ଦକୁ ରୂପାନ୍ତର ନ କରି, ସେଇ ଶବ୍ଦକୁ ନିଜ ଭାଷାରେ ସିଧା ବ୍ୟବହାର ଚାଲିଛି। ସେଥିରେ ମଧ୍ୟ କିଛି ଅସୁବିଧା ନାହିଁ, ବରଂ ଭାଷା ସମୃଦ୍ଧ ହେଉଛି ବୋଲି, ବିଶ୍ୱର ଭାଷାବିତମାନେ କୁହନ୍ତି।

ରାଧାନାଥ ରାୟ ତାଙ୍କ 'ଚିଲିକା'ରେ 'ଅସ୍ମିତା' ଶବ୍ଦକୁ 'ମୁଁ ଅଛି' ଜ୍ଞାନରେ ଉପଯୋଗ କରିବା ପରେ, ଏହି ଶବ୍ଦ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ (୧୯୧୬) 'ଶବ୍ଦତତ୍ତ୍ୱବୋଧ" ଅଭିଧାନରେ ଦେଖାଯାଏ। ପରବର୍ତ୍ତୀ କାଳରେ, ଏହି ଶବ୍ଦ ସ୍ଥାନ ପାଇଛି ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ (୧୯୩୧-

୧୯୪୦) 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ପୁସ୍ତକରେ। ଏଥିରେ ସେ 'ଅସ୍ମିତା' ଶବ୍ଦର ଅର୍ଥ 'ଅହଙ୍କାର'/ 'ଅହଂ ଜ୍ଞାନ'/ 'ମୁଁ ଅଛି' ଆଦି ଦର୍ଶାଇଛନ୍ତି (ଦ୍ର. ପୃଷ୍ଠା ୬୬୭)। ଯାହାକୁ ଇଂରାଜୀରେ 'self-conceit'/ 'egotism' ବୋଲି ଉଲ୍ଲେଖ କରାଯାଏ।

ସମ୍ଭବତଃ ସଂସ୍କୃତର ମହାବାକ୍ୟ 'ଅହଂ ବ୍ରହ୍ମ ସ୍ମି" ରୁ ଉଦ୍ଧୃତ ହୋଇଥାଇପାରେ 'ଅସ୍ମିତା' ଶବ୍ଦ। ଏହି 'ଅହଂ ବ୍ରହ୍ମ ସ୍ମି" ହେଉଛି ଉପନିଷଦର ଚାରୋଟି ମହାବାକ୍ୟ ମଧ୍ୟରୁ ଗୋଟିଏ। ଏହି ମହା ବାକ୍ୟର ଓଡ଼ିଆ ଅର୍ଥ ହେଉଛି 'ମୁଁ ବ୍ରହ୍ମ' କିମ୍ବା 'ମୁଁ ଅନନ୍ତ ସତ୍ୟ'। ସେହିପରି, ସଂସ୍କୃତ ଭାଷାରେ ଅସ୍ମିତା, 'ଅହଂକାର'କୁ [Egotism] ବୁଝାଏ। ଯଦିଓ ଏହା ନିରପେକ୍ଷ ଅହଂକାରର ଧାରଣା (ଅର୍ଥାତ୍ 'ଅହଂ ଭାବ")। ତଥାପି ପ୍ରଥମ ଶହସ୍ରାବ୍ଦୀର ଶେଷ ଆଡ଼କୁ ବିକଶିତ ହୋଇଥିବା ଅନେକ ତାନ୍ତ୍ରିକ ପରମ୍ପରା ଦ୍ୱାରା ଅହଂକାରକୁ ପୁନଃ ମୂଲ୍ୟାୟନ କରାହୁଏ — ଯାହା ସକାରାତ୍ମକ ଗୁଣ ଧାରଣକୁ ଦର୍ଶାଏ। ଏପରି ସିଦ୍ଧାନ୍ତ, ପରମ୍ପରା, ଓ ସଂଜ୍ଞା ଭାରତର ବୌଦ୍ଧିକ ଗୋଷ୍ଠୀ ଛଡ଼ା ଅନ୍ୟତ୍ର କେଉଁଠି ଦେଖିବାକୁ ମିଳେନାହିଁ। ସାଧାରଣତଃ ଭାରତୀୟ ବୌଦ୍ଧିକ ଗୋଷ୍ଠୀର ଦୃଷ୍ଟିକୋଣ, ଦର୍ଶନ, ଶୃଙ୍ଖଳା, ବିଶ୍ୱାସ, ସାମାଜିକ ବ୍ୟବସ୍ଥା, ଅର୍ଥନୀତି, ସାଂସ୍କୃତିକ, ଓ ବୈଜ୍ଞାନିକ ଗତିବିଧି ଦ୍ୱାରା ପର୍ଯ୍ୟବେଶିତ। ସବୁଠାରୁ ସ୍ପଷ୍ଟ ଉଦାହରଣ ହେଉଛି ପତଞ୍ଜଳିଙ୍କ "ଯୋଗସୂତ୍ର"ରେ ବ୍ୟବହୃତ ଅହଂକାର (ଅସ୍ମି-ତା)। ତାଙ୍କ ସଂଜ୍ଞାରେ, ଏକାଗ୍ରତା ହିଁ ସବୁଠାରୁ ତୀବ୍ର ଏବଂ ଉନ୍ନତ ରୂପ (ଅସ୍ମିତାଧି) ଭାବରେ ବିବେଚନା କରାଯାଏ। ଏହା ସିଧାସଳଖ ବ୍ୟକ୍ତିର ଶୁଦ୍ଧ ଚେତନାର ପ୍ରକୃତିକୁ (ପୁରୁଷାର୍ଥ) ଅନୁଭବ କରାଏ। ତେଣୁ ପ୍ରକୃତିର ବନ୍ଧନରୁ ବିଚ୍ଛିନ୍ନତା, ଯାହା ମୂଳତଃ ବାସ୍ତବିକତାର ପରିସର ଅଟେ। ଏପରି ବିବେଚନା ମହାନ କବି ମାଘଙ୍କ "ଶିଶୁପାଳ ବଧମ୍" କାବ୍ୟ (୪ : ୫୫) ଅନ୍ୱେଷଣରେ ଦେଖାଯାଇପାରେ। "ଅହଂ ଅସ୍ମି" ର ସଂସ୍କୃତ ବୟାକରଣିକ ବିଶ୍ଳେଷଣ :

ଅହଂ – ଅହା (ବିଶେଷ୍ୟ)

ଅସ୍ମଦ (ସର୍ବନାମ - କେହି ନୁହେଁ)

ଅସ୍ମି (କ୍ରିୟା ଶ୍ରେଣୀ) [ସାମ୍ପ୍ରତିକ କାଳରେ ସକ୍ରିୟ ଅଛି]

ଇଂରାଜୀ ଭାଷାରେ ଏହାର ଅନୁବାଦ "I am here"। କିନ୍ତୁ ଅନେକେ ଜାଣିନଥିବେ ଯେ ସଂସ୍କୃତ 'ଅସ୍ମି' ଶବ୍ଦ ସହିତ ଇଂରାଜୀ "am" ଶବ୍ଦର ଗୋତ୍ରୀୟ ସମ୍ପର୍କ ଅଛି ! ଯେପରି, ଅସ୍ମି ଶବ୍ଦର ପ୍ରାକ୍ ଇଣ୍ଡିକ୍ ରୂପ *Hásmi, ପ୍ରାକ୍ ଭାରୋ-ଇରାନୀୟ ରୂପ *Hásmi ଓ ପ୍ରାକ୍ ଭାରୋପୀୟ ରୂପ ***$h_1$ésmi** ("I am here /I exist") ଥିଲା। ମୂଳ ପ୍ରାକ୍ ଭାରୋପୀୟ ଶବ୍ଦ ରୂପ ***$h_1$ésmi** ରୁ ସଂସ୍କୃତ ଭାଷାରେ 'ଅସ୍ମି' ହେଲା, ପ୍ରାଚୀନ ଗ୍ରୀକ୍ ଭାଷାରେ **εἰμί (**eimí), ଲାଟିନ ଭାଷାରେ sum ଆଉ ପ୍ରାଚୀନ ଇଂରାଜୀ ଭାଷାରେ eom ଶବ୍ଦ ସୃଷ୍ଟି ହୋଇଥିଲା । ଅସ୍ମି ଶବ୍ଦର ଗୋତ୍ରୀୟ ସମ୍ପର୍କ, ଏହି ପ୍ରାଚୀନ ଇଂରାଜୀ eom ଶବ୍ଦ ପରିବର୍ତ୍ତିତ ହୋଇ "am" ରୂପେ ଚଳୁଛି। ତାହେଲେ, "I am"ରେ ଥିବା "I" ମୁଁ କୁଆଡୁ ଆସିଲା? ଯଦି ଇଂରାଜୀ ଭାଷାର ଏହି "I" ସର୍ବନାମ ସଗୋତ୍ରୀୟ ସମ୍ପର୍କ ସଂସ୍କୃତ "ଅହମ୍" ସର୍ବନାମ ସହିତ ଅଛି, ଯାହା ଅନେକେ ଏହାକୁ ଅବିଶ୍ୱାସ କରିବେ ନାହିଁ। ତେବେ ପ୍ରକୃତରେ ସଂସ୍କୃତ 'ଅହମ୍' ଶବ୍ଦର ପ୍ରାକ୍ ଇଣ୍ଡିକ୍ ରୂପ ***aź^{h}ám** ଥିଲା, ଯାହା ପ୍ରାକ୍ ଭାରୋ-ଇରାନୀୟ ରୂପ ***aj́^{h}ám** ହୋଇଥିଲା। ସେହିପରି, ପ୍ରାଚୀନ ଗ୍ରୀକ୍ ଭାଷାରେ **ἐγώ (egṓ)**, ଲାଟିନ ଭାଷାରେ 'ego' ବ୍ୟବହୃତ।

ଭାରତବର୍ଷର ପଶ୍ଚିମ ଭାଗରେ ପ୍ରାୟ ପାଞ୍ଚ ହଜାର କିଲୋମିଟର ଦୂରରେ ବ୍ୟବହାର ହେଉଥିବା ଇଂରାଜୀ ଭାଷା ସହିତ ସଂସ୍କୃତ ଭାଷାର ଓ ଓଡ଼ିଆ ଭାଷା ମଧ୍ୟରେ କିଛି ନା କିଛି ପାରିବାରିକ ସମ୍ପର୍କ ରହୁଛି। ତଥାପି କେତେକ ବିଦ୍ୱାନ କୁହନ୍ତି, ଆମେ ଭାରୋପୀୟ ଭାଷା ପରିବାର କିଛି ବୁଝୁନୁ, ଏସବୁ ବିଦେଶୀଙ୍କ ଚକ୍ରାନ୍ତ। ଯଦି ବିଦେଶୀଙ୍କ ଚକ୍ରାନ୍ତ, ତାହେଲେ ଭାରୋପୀୟ ଭାଷା ପରିବାର ମଧ୍ୟରେ ଏତେ ସମ-ସାମ୍ୟ ରହିବା କଥା ଆସୁଛି କିପରି ! ତେବେ ସେହି ଭାଷାଗୁଡ଼ିକ ମଧ୍ୟରେ ବିଶେଷତଃ ଅବ୍ୟୟ, ପ୍ରତ୍ୟୟ, ଓ ସର୍ବନାମ ମଧ୍ୟରେ ତ ଆଦୌ ସାମ୍ୟ ରହିବା ଅସମ୍ଭବ !

କିଛି ବିଦ୍ୱାନ ଓ ସମାଲୋଚକ ଏହି 'ଅସ୍ମିତା' ଶବ୍ଦର ନକରାତ୍ମକ ଅର୍ଥ 'ଅହଂକାର'କୁ ଅଧିକ ପ୍ରାଧାନ୍ୟ ଦିଅନ୍ତି। ଆଜିଠୁ ଶହେ ବର୍ଷରୁ ଅଧିକ କାଳ ପରେ ହିଁ ଏହି ଶବ୍ଦ ଏବେ ଓଡ଼ିଶାରେ ଅଧିକ ଚର୍ଚ୍ଚିତ ହେଉଛି। 'ଅସ୍ମିତା' ର ଅର୍ଥ 'ଅହଂକାର' ଓ 'ମୋହ'। କିନ୍ତୁ ରାଧାନାଥ 'ଅସ୍ମିତା' ଅର୍ଥକୁ ନକାରାତ୍ମକ 'ଅହଙ୍କାର' ବା 'ଅହଂ ଜ୍ଞାନ' ଅର୍ଥରେ ନନେଇ ସକାରାତ୍ମକ ଅର୍ଥରେ 'ମୁଁ ଅଛି' ବା 'ନିଜସ୍ୱ ଭାବ ପ୍ରତିଷ୍ଠା' କରିଥିବାର ଜଣାପଡ଼େ। 'ଭାଷାକୋଷ' ରେ ମଧ୍ୟ ଉଲ୍ଲେଖ ରହିଛି ଯେ : 'ଅହଂକାର' — 'ଅହଂ' ଅର୍ଥାତ୍ 'ମୁଁ', କରିବା ଅର୍ଥରେ **√କୃ** ଧାତୁ ମିଶି, କର୍ତ୍ତୃ ବାଚୀ ଶବ୍ଦର ସୃଷ୍ଟି। ଏହାର ଅର୍ଥ — ମୋ ଠାରୁ ବଳି କେହି ନାହିଁ ଭାବରେ ବିଚାରିବା ଦର୍ଶାଏ। ଗର୍ବ ବା ଅହମିକାକୁ ଆତ୍ମାଭିମାନ, ଅବିଦ୍ୟା, ଓ ଅଜ୍ଞାନ ଅର୍ଥରେ ନୁହେଁ। ଏ ସଂପର୍କରେ ଆହୁରି ମଧ୍ୟ କୁହାଯାଇଛି : ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ବିଷୟରେ ଅବଧାରଣା ।

ଆଉ ଏକ କୌତୁହଳ ଦିଗ ଉପରେ 'ଅସ୍ମିତା'ର ଅର୍ଥକୁ ବିବେଚନା କରାଯାଇ ପାରେ। ଯଦିଓ କିଛି କଠୋରବାଦି ଅଭାଧାନଜ୍ଞ ପାଇଁ ଏହା ଗ୍ରହଣଯୋଗ୍ୟ ନହୋଇପାରେ। ସେ ଦିଗଟି ହେଲା — ସାଧାରଣତଃ ଆମ ଦେଶରେ ଦେଖାଯାଏ ଯେ ଅନେକ କନ୍ୟା ଓ ମହିଳାମାନଙ୍କ ନାମକରଣ 'ଅସ୍ମିତା' ଏବଂ 'ସ୍ମିତା' ରଖାଯାଇଥାଏ। ଏହି ଶବ୍ଦଗୁଡ଼ିକ ସାଧାରଣତଃ ଭାରତୀୟ ଭାଷାରେ ସ୍ତ୍ରୀ-ଲିଙ୍ଗ-ବାଚୀ ଶବ୍ଦ। 'ସ୍ମିତା' ଶବ୍ଦର ଅର୍ଥ: 'ସ୍ମିତ ହାସ୍ୟ' ବା 'ସାମାନ୍ୟ ହସୁଥିବା', ବା 'କମ ହସମୁଖୀ'। ସେହିପରି, 'ଅସ୍ମିତା' ଶବ୍ଦର ଅର୍ଥ 'ସ୍ମିତା' ଶବ୍ଦର ବିପରୀତ ବୋଧକ, ଯାହା 'ହସୁ ନଥିବା ଝିଅ' (ଭୁର୍କୁଣ୍ଡି ମୁହାଁ) କହିଲେ ଅତ୍ୟୁକ୍ତି ହେବନାହିଁ।

ସାମାଜିକ ଅସ୍ମିତାର ଅନୁଶୀଳନ: ଏଠାରେ ସ୍ପଷ୍ଟ ସୂଚାଏ ଦିଆଯାଇପାରେ ଯେ, 'ଅହଂକାର' ହେଉଛି ଏକ 'ସ୍ୱତନ୍ତ୍ର ଅସ୍ତିତ୍ୱ' ବା 'ଆବେଗ' ସୂଚକ ଭାବାବେଗ। ଏହି ଅସ୍ତିତ୍ୱ ସୂଚକ ଭାବାବେଗ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ଓ ଅନନ୍ୟ।

ସେହିପରି, 'ଓଡ଼ିଆ ଅସ୍ମିତା' ହେଉଛି ଓଡ଼ିଶାର ବା ଓଡ଼ିଆଙ୍କର 'ସ୍ୱତନ୍ତ୍ର ଅସ୍ତିତ୍ୱ' ବା 'ସ୍ୱତନ୍ତ୍ର ପରିଚୟ' ବା ସ୍ୱାଭିମାନ ସୂଚକ, ଯାହା ଓଡ଼ିଶାର ଭାଷା, ସାହିତ୍ୟ, ଖାଦ୍ୟପେୟ, ରୀତିନୀତି, ଓ ଚଳଣି ଆଦିରେ ସ୍ୱତନ୍ତ୍ରତାର ପରିଚୟ। ଏଣୁ 'ଅସ୍ମିତା' ଶବ୍ଦ କେବଳ ନକାରାତ୍ମକ ଅର୍ଥରେ ନୁହେଁ, ସକାରାତ୍ମକ ଅର୍ଥରେ ନେବା ପ୍ରୟୋଜନ, ଯାହାକି 'ଓଡ଼ିଆ ଜାତୀୟତା' (Odia Nationalism) ଅଥବା 'ଓଡ଼ିଆ ଏକତ୍ୱବାଦ' (Odia Identity) ବୋଧକୁ ବୁଝାଇବ।

ଓଡ଼ିଶାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଅସ୍ମିତାର ପରମ ଆରାଧ୍ୟ ଦେବତା। ସମଗ୍ର ବିଶ୍ୱରେ ଦେବତା କେବଳ ଶ୍ରୀଜଗନ୍ନାଥ। ସେ ହିଁ ତାଙ୍କର ତୁଳନା। ସେହି ହିଁ ତାଙ୍କର ସ୍ୱତନ୍ତ୍ର ଅସ୍ମିତ୍ୱ ଏବଂ ଏକ ଅସ୍ତିତ୍ୱର ପ୍ରତିଭୂ, ଯେଉଁଠି ଅନ୍ୟ ସବୁ ଅସ୍ମିତାର ନିମଗନ ବା ବିଲୋପନ ଘଟେ। ଏହାର ଅନେକ ଦୃଷ୍ଟାନ୍ତ ଶ୍ରୀଜଗନ୍ନାଥଙ୍କ ମହାଗାଥାରେ ରହିଛି। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କଠାରୁ ପୂର୍ବ ସୂଚିତ 'ସ୍କନ୍ଦ ପୁରାଣ' ରେ ବିଶଦ ଭାବରେ ବର୍ଣ୍ଣିତ। ଇନ୍ଦ୍ରଦ୍ୟୁମ୍ନ ଥିଲେ ମାଳବ ଦେଶ (ଆଜିର ମଧ୍ୟପ୍ରଦେଶ)ର ରାଜା। ଉତ୍କଳ ପ୍ରଦେଶରେ ଶ୍ରୀଜଗନ୍ନାଥଙ୍କର ସନ୍ଧାନ ପାଇବା ପରେ, ସେ ନିଜ ରାଜ୍ୟ ଛାଡ଼ିଦେଲେ। ପାତ୍ର ମନ୍ତ୍ରୀ ଓ ପରିବାର ଏବଂ ଆଗ୍ରହୀ ପ୍ରଜା ଓ କୁଳ ଦେବତା, ସମସ୍ତଙ୍କୁ ସାଙ୍ଗରେ ନେଇ ସେ ଚାଲି ଆସିଲେ ଏହି ଉତ୍କଳ ଦେଶକୁ। ଏହିଠାରେ ହେଲା ତାଙ୍କର ଅବସ୍ଥାନ। ଶ୍ରୀଜଗନ୍ନାଥଙ୍କୁ ପାଇବାପାଇଁ ସେ ସହସ୍ର ଅଶ୍ୱମେଧ ଯଜ୍ଞ କଲେ। ସେହି ଯଜ୍ଞର ଫଳ ସ୍ୱରୂପ ମହୋଦଧିରେ ଆବିର୍ଭୂତ ହେଲେ ଦିବ୍ୟ ଦାରୁ। ସେହି ଦିବ୍ୟ ଦାରୁରେ ନିର୍ମିତ ହେଲେ ଶ୍ରୀଜଗନ୍ନାଥ ଆଦି ଚତୁର୍ଦ୍ଧା ମୂର୍ତ୍ତି। ସେଠାରେ ଏକ ପ୍ରାସାଦ (ମନ୍ଦିର) ମଧ୍ୟ ନିର୍ମାଣ କଲେ। ସେହି ପ୍ରାସାଦରେ ପ୍ରତିଷ୍ଠା ହେଲେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ। ତାଙ୍କର ଭକ୍ତିରେ ପ୍ରସନ୍ନ ହୋଇ ଶ୍ରୀଜଗନ୍ନାଥ ଯେତେବେଳେ ତାଙ୍କୁ ବର ଯାଚିଲେ। ସେ କହିଲେ — "ହେ ପ୍ରଭୁ! ଯଦି ମୋତେ ବର ଦେବାକୁ ଚାହୁଁଛ, ତେବେ ଏପରି ବର ଦିଅ ଯେ ଜନ୍ମେ ଜନ୍ମେ ତୁମଠାରେ ମୋର ଅଚଳ ଭକ୍ତି ରହୁ"। ଆହୁରି ମଧ୍ୟ ସେ କହିଲେ, "ଯଦି ମୋତେ ବର ଦେଉଛନ୍ତି, ତେବେ ଏପରି ବର ଦିଅନ୍ତୁ, ଯେଉଁଥିରେ ମୋର କେହି ବଂଶ, ବା ପରିବାର ନରହନ୍ତୁ। କାରଣ, ସେପରି କେହି ରହିଲେ, କାଳେ କିଏ କେବେ ଶ୍ରେୟ ନେବ, ଏ ଦେଉଳ ତାଙ୍କର। ଏପରି ଦୃଷ୍ଟାନ୍ତ ସମଗ୍ର ବିଶ୍ୱରେ ଅନ୍ୟତ୍ର କେଉଁଠି ନଥିବ। ଜଣେ ଚକ୍ରବର୍ତ୍ତୀ ରାଜା, ଶ୍ରୀଜଗନ୍ନାଥଙ୍କ ପାଇଁ ପ୍ରଥମେ ନିଜର ରାଜପଦ ଓ ନିଜ ଦେଶ ଏବଂ ପରେ ନିଜର ବଂଶ ଓ ପରିବାର ତ୍ୟାଗ କରିବା। ଏହା ତାଙ୍କର ଅସ୍ମିତା ବିଲୋପନକୁ ହିଁ ସୂଚାଏ। ଏଇଥିପାଇଁ ଶ୍ରୀଜଗନ୍ନାଥ ଅସ୍ମିତାର ପରମ ପ୍ରତିଭୂ, ଯେଉଁଠାରେ ଅନ୍ୟ ସବୁ ଅସ୍ମିତାର ନିମଗନ ବା ବିଲୋପନ ହୁଏ। ଏଣୁ ଏପରି ଏକ ମହାଜାତି ଭାବରେ, ଓଡ଼ିଆଙ୍କର ଯେଉଁ ସ୍ୱତନ୍ତ୍ରତା ରହିଛି, ତାହା ହିଁ 'ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ'। ଏବଂ ସେହି ଓଡ଼ିଆ ଅସ୍ମିତାର ସର୍ବମୟ ପ୍ରତିରୂପ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଏହା ଓଡ଼ିଶାର ବା ଓଡ଼ିଆଙ୍କର ଅହଂକାର ନୁହେଁ; ଅହଂବୋଧ ବା ଅହଂଜ୍ଞାନ — ଏକ ସ୍ୱତନ୍ତ୍ର ଅସ୍ତିତ୍ୱର ପରିଚୟ।

ଏଣୁ ସରଳ ଭାଷାରେ ବୁଝାଇବାକୁ ଗଲେ, ଏହା ନିଃସନ୍ଦେହ ଯେ ଅସ୍ମିତାର ଅର୍ଥ ହେଉଛି ଗର୍ବ, ଆତ୍ମସମ୍ମାନ, ଆତ୍ମବୋଧ, ଓ ପ୍ରକୃତିଗତ ସ୍ୱାଭିମାନର ପରିଚୟକୁ ବୁଝାଇବା ଠିକ ହେବ। ଯାହାକି ଏକ ସମ୍ପ୍ରଦାୟ କିମ୍ବା ଜଣେ ବ୍ୟକ୍ତି, ଯାହାର ଭାଷା, ସଂସ୍କୃତି, ଆରାଧ୍ୟ ଦେବୀ ଦେବତା, ଇତିହାସ, ଓ ଭୌଗୋଳିକ ସମ୍ବଳ ପ୍ରତି ଅହେତୁକ ସମ୍ବେଦନଶୀଳତା।

ଅସ୍ମିତାର ରାଜନୈତିକ ନୂତନ ପୁନଃ ପୃଷ୍ଠପୋଷକତା: ଚଳିତ ନିର୍ବାଚନ ପୂର୍ବରୁ ଓଡ଼ିଆଙ୍କ ମନରେ ସ୍ୱତଃ ସ୍ଫୁର୍ତ୍ତ ଭାବେ ଏହି 'ଅସ୍ମିତା ସଙ୍କଟ'ର ଆଶଙ୍କା ଜାତ ହୋଇଥିଲା। ଏହି ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ଥିଲା ଓଡ଼ିଶାର ସ୍ୱାଭିମାନ ବା ଓଡ଼ିଆ ଅସ୍ମିତା। ଏହା ସଂପୂର୍ଣ୍ଣ ଓଡ଼ିଆମାନଙ୍କର ଅସ୍ମିତାର ଲଢ଼େଇ ନଥିଲା। ଥିଲା କେବଳ ରାଜନୀତିକ ଅସ୍ମିତା ସୁରକ୍ଷାର ଲଢ଼େଇ। ସାଢ଼େ ଚାରି କୋଟି ଓଡ଼ିଆଙ୍କର ମୁଖ୍ୟମନ୍ତ୍ରୀ ଜଣେ ଓଡ଼ିଆ ହେବ, ବାହାର ରାଜ୍ୟର କୌଣସି ନେତା କି ବାବୁ ଏହି ପଦରେ ବସିପାରିବ ନାହିଁ — ଏହି ବିଚାରରେ ହିଁ ଭୋଟ୍ ହୋଇଥିଲା ନିର୍ବାଚନରେ। ବିଜେଡ଼ି ରାଜନୀତିରେ ଆଦର୍ଶଗତ ଅସ୍ପଷ୍ଟତା, ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଦଳ ପାଇଁ ଅନେକ ଅବ୍ୟବସ୍ଥିତ ସମସ୍ୟା ଓ ନିଜ ବ୍ୟକ୍ତିଗତ କାରଣ, ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଉପରେ ଅତ୍ୟଧିକ ନିର୍ଭରଶୀଳତା ନିର୍ବାଚନରେ ପରାଜୟ କାରଣ ହେଲା। 'ଓଡ଼ିଆ ଅସ୍ମିତା' (ଓଡ଼ିଆଙ୍କ ଗର୍ବ) ଉପରେ ଆଧାର କରି ଏକ ସଫଳ ଅଭିଯାନରେ ବିଜେପି ଦଳ ନିର୍ବାଚନ ବିଜୟକୁ ପ୍ରାୟ ଅନୁଭବ କଲେ। ଯେଉଁ ଦଳ ଏହାକୁ ମୁଖ୍ୟ ପ୍ରସଙ୍ଗ କରିଥିଲା ସେ ହିଁ ସଫଳ ହେଲା। କାରଣ ଅନେକେ ବିଶ୍ୱାସ କରନ୍ତି ଯେ ଓଡ଼ିଶାରେ ନୂଆ ସରକାର କ୍ଷମତାକୁ ଆସିବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଓଡ଼ିଆ ଅସ୍ମିତାର ପରିଚୟକୁ ପୁନର୍ଜନ୍ମ ଦେବାର ପ୍ରତିବଦ୍ଧତା।

ନିର୍ବାଚନ ଲଢ଼େଇର ସଫଳତା ପରେ, ପ୍ରଥମ ଥର ଭାରତୀୟ ଜନତା ଦଳ (ବିଜେପି) ଦ୍ୱାରା ଗଠିତ ହେଲା ଓଡ଼ିଶା ସରକାର। ଓଡ଼ିଆ ଅସ୍ମିତା ତଥା ସୁଶକ୍ତ ମାଟି ମନସ୍ଥତାର ପରିଚୟ ଦେବାକୁ ଓଡ଼ିଶାର ସମସ୍ତ ମାନ୍ୟବର ସାଂସଦ ଓ ବିଧାୟକମାନଙ୍କ ପାଇଁ ହେଲା ଏକ ମହାର୍ଘ ଅବସର। ଭାଷା ଏବଂ ସଂସ୍କୃତି ଏକ ସମ୍ପ୍ରଦାୟର ପରିଚୟ। ତେଣୁ, ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଆୟୁଧ କରି ସ୍ୱାଭାବିକ ଭାବରେ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କ ସରକାର ପ୍ରାଥମିକତା ଦେବା ଆରମ୍ଭ କଲେ। ତାଙ୍କ ସରକାର ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ପାଇଁ କିଛି ପଦକ୍ଷେପ ଘୋଷଣା କଲେ। ରାଜ୍ୟ ମନ୍ତ୍ରିମଣ୍ଡଳର ପ୍ରଥମ କ୍ୟାବିନେଟ ବୈଠକରେ (ତା ୧୦ ଜୁଲାଇ ୨୦୨୪ ରିଖ) 'ଓଡ଼ିଆ ଅସ୍ମିତା' ପାଇଁ କର୍ପସ ଫଣ୍ଡ ବାବଦରେ ଦୁଇ ଶହ କୋଟି ଟଙ୍କାର ବ୍ୟୟବରାଦର ବ୍ୟବସ୍ଥା କଲେ। ସେଥିରେ ଭାଷା ଓ ସାହିତ୍ୟ ବାବଦରେ ପ୍ରମୁଖ ନିଷ୍ପତିଗୁଡ଼ିକ ହେଲା — (୧) ଓଡ଼ିଆ ଅନୁବାଦ ସାହିତ୍ୟ ଏକାଡ଼େମୀ ପ୍ରତିଷ୍ଠା, (୨) ଓଡ଼ିଆ ଅସ୍ମିତା ଭବନ ନିର୍ମାଣ, (୩) ତାଳପତ୍ର ପୋଥି ସଂଗ୍ରହାଳୟ ପ୍ରତିଷ୍ଠା, (୪) ଓଡ଼ିଶୀ ନୃତ୍ୟ ସଙ୍ଗୀତ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା, (୫) ଜାତୀୟ-ଆର୍ନ୍ତଜାତୀୟ

ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ଚେୟାର ପ୍ରତିଷ୍ଠା କରିବା, ଅନ୍ୟତମ ଅଟେ।

ଅର୍ଥାତ, ଓଡ଼ିଆ ଜାତିର ଅସ୍ମିତା ରକ୍ଷାପାଇଁ ସରକାରୀ ସ୍ତରରେ ଏହି ପଞ୍ଚ ପ୍ରତିଷ୍ଠାନ ଦାୟିତ୍ୱ ନେବ, ଯାହା ଓଡ଼ିଆ ଭାଷା ଓ ସଂସ୍କୃତି ପାଇଁ ଶୁଭ ଲକ୍ଷଣ। ତେଣୁ ଏହି ପ୍ରୟାସରେ ବର୍ତ୍ତମାନର ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ନୂତନ ବିଜେପି ସରକାରଙ୍କ ପ୍ରତିବଦ୍ଧତା ହୃଦୟସ୍ପର୍ଶୀ। ଯଦି ସଠିକ ଭାବରେ ଏହା କାର୍ଯ୍ୟକାରୀ ହୁଏ ତେବେ ଫଳାଫଳ ମଧ ନିଶ୍ଚିତ ଭାବରେ ପ୍ରଶଂସନୀୟ ହେବ।

ଓଡ଼ିଆ ଭାଷାର ସଂରକ୍ଷଣ ତଥା ପ୍ରଚାର ପାଇଁ 'ଅସ୍ମିତା' ରାଜନୀତିରେ ପୂର୍ବ ବିଜୁ ଜନତା ଦଳ (ବିଜେଡ଼ି) ସରକାରଙ୍କର ୨୪ ବର୍ଷ ଶାସନ ମଧରେ ପ୍ରାୟ ସମାନ ଯୋଜନା ଥିଲା। କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ ନବୀନ ପଟ୍ଟନାୟକଙ୍କ ସରକାର। ଯଥା ଓଡ଼ିଆ ପାଇଁ ଶାସ୍ତ୍ରୀୟ ଭାଷା ମାନ୍ୟତା ଆଣିବା, ଜେଏନୟୁରେ ସାରଳା ଚେୟାର ପ୍ରତିଷ୍ଠା, କେନ୍ଦ୍ରୀୟ ଶାସ୍ତ୍ରୀୟ ଭାଷା ଉତ୍କର୍ଷ ସ୍ଥାପନ କରିବା ପାଇଁ କେନ୍ଦ୍ର ସହ ସହଯୋଗ କରିବା, ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା, ଓଡ଼ିଆ ଭାଷା ବିଧେୟକ ସଂଶୋଧନ କରି ଦଣ୍ଡ ବିଧାନ ବ୍ୟବସ୍ଥା ଉଲ୍ଲେଖ କରିବା ଏବଂ ମହା ଆଡ଼ମ୍ବରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିବା ଇତ୍ୟାଦି ପ୍ରଣିଧାନ ଯୋଗ୍ୟ।

ଭାଷା କିପରି ଅସ୍ମିତାର ସ୍ୱରୂପ : ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ - ଭାଷା ଗୋଟିଏ ଜାତିର ପ୍ରତ୍ୟକ୍ଷ ପରିଚିତି ଓ. ଅଭିବ୍ୟକ୍ତି। ଭାଷା ହେଉଛି ପରମ୍ପରାର ବାହକ ଓ ସଂସ୍କୃତିର. ଅବିଚ୍ଛେଦ୍ୟ ଅଙ୍ଗ। ଭାଷାକୁ ସଂସ୍କୃତିର ରାଜା କୁହାଯାଏ, ସେହିପରି ସାହିତ୍ୟକୁ ସଂସ୍କୃତିର ରାଣୀ କୁହାଯାଏ। ସଂସ୍କୃତିର ଅନ୍ୟ ସବୁ ଉପାଦାନ ପଛକୁ ପଛ ରହିବ, ଯଥା ନୃତ୍ୟ, ଗୀତ, କାରୁ କଳା, ଏବଂ ଚାରୁକଳା ଇତ୍ୟାଦି। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦ୍ୱାରା ଓଡ଼ିଆ ଭାଷାର ପ୍ରାଚୀନତମ ଓ ସମୃଦ୍ଧି ସମ୍ପର୍କିତ ବହୁ ନୂତନ ତଥ୍ୟ ଉଦ୍‌ଘାଟନ ହେଲା। ପୂର୍ବରୁ ଓଡ଼ିଆ ଏକ ମୌଳିକ ଭାଷା ତଥା ସଂସ୍କୃତରୁ ସୃଷ୍ଟି ନୁହେଁ ବୋଲି ବିଶିଷ୍ଟ ଭାଷାବିତ୍ ଗୋପୀନାଥ ନନ୍ଦଶର୍ମା, ପଣ୍ଡିତ ନୀଳକଣ୍ଠ ଦାସ, ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଓ ଡକ୍ଟର ସୁବ୍ରତ କୁମାର ପୃଷ୍ଟି ଆଦି ଅନ୍ୟ କେତେକ ପ୍ରମୁଖ ଗବେଷକ ଯେଉଁ ଯୁକ୍ତି ଉପସ୍ଥାପନ କରିଥିଲେ, ତାହା ଜାତୀୟ ସ୍ତରରେ ଗୃହୀତ ହୋଇଥିଲା। ସେମାନଙ୍କ ଉକ୍ତିରେ ହାତୀ ଗୁମ୍ଫା ଶିଳାଲେଖ ହେଉଛି ଭାରତର ପ୍ରଥମ ସାହିତ୍ୟ ବୋଲି ଡକ୍ଟର ମାୟାଧର ମାନସିଂହଙ୍କ ତଥ୍ୟକୁ ଉପସ୍ଥାପିତ କରିବାକୁ ଦେଶ ଗ୍ରହଣ କଲା। ଏପରିକି ଭାରତୀୟ ଲିପିର ଜନ୍ମସ୍ଥାନ ଭାବରେ ନୂଆପଡ଼ାର ଯୋଗୀ ମଠ। ଏହାର ଚିତ୍ରଲିପି ତଥା ଏଥିରେ ଥିବା '୦' ଲିପି ବ୍ରାହ୍ମୀଠାରୁ ସମସ୍ତ ଭାରତୀୟ ପବର୍ଣ୍ଣମାଳାରେ ଅବିକୃତ ଭାବରେ ବ୍ୟବହାର ହେଉଥିବାରୁ ଓଡ଼ିଆ ଲିପି ସର୍ବ ପ୍ରାଚୀନ ଏବଂ କେବଳ ଓଡ଼ିଶାରେ ପ୍ରାକ ବ୍ରାହ୍ମୀ ଲିପି ଦେବାକୁ ମିଳେ ବୋଲି ଉପସ୍ଥାପିତ ଯୁକ୍ତି ମଧ ସ୍ୱୀକୃତି ଲାଭ କଲା (ଡ୍ର. ସୁବ୍ରତ କୁମାର ପୃଷ୍ଟି, ଓ ବିଶ୍ୱନନ୍ଦନ ଦାଶ, ୨୦୧୮)। ସେହିପରି ସର୍ବଧର୍ମ ସମନ୍ୱୟରେ ପ୍ରତୀକ ଭାବରେ ଶ୍ରୀଜଗନ୍ନାଥ ସଂସ୍କୃତି, ଦକ୍ଷିଣ ଭାରତର ବୀର ଶୈବ, କାଶ୍ମୀରର ପ୍ରତିଭିଜ୍ଞା ଏବଂ ଗୁଜୁରାଟର ପାଶୁପତ ଭଳି ଓଡ଼ିଶାରେ ଶୈବଧର୍ମର ମୁଖ୍ୟ ତତ୍ତ୍ୱ ହରିହର ଉପାସନା, ବୈଷ୍ଣବୀୟ ବ୍ୟଭିଚାର ବଦଳରେ ଜ୍ଞାନମିଶ୍ରା ଭକ୍ତି ବା ବୌଦ୍ଧ-ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଭିତ୍ତିକ ସ୍ୱତନ୍ତ୍ର ଉତ୍କଳୀୟ ବୈଷ୍ଣବ ଧର୍ମର ଉତ୍‌ଥାପନ, ବୌଦ୍ଧ ମତବାଦକୁ ଶୁଦ୍ଧ କରି ସମ୍ବଲପୁର ମାଟିର ତିନି ଯୁଗଜନ୍ମା ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କର ଓ ପଦ୍ମସମ୍ଭବଙ୍କ ଦ୍ୱାରା ବଜ୍ରଯାନ ଓ ସହଜ ଯାନ ମତବାଦ ସୃଷ୍ଟି ହେବା ସହିତ ତିବ୍ବତର ପ୍ରଥମ ଲାମା ହେବାର ଗୌରବ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଦିଗକୁ ଉନ୍ମୋଚନ କରିଥିଲା (ଡ୍ର. ଦେବୀପ୍ରସନ୍ନ ପଟ୍ଟନାୟକ ଓ ସୁବ୍ରତ କୁମାର ପୃଷ୍ଟି, ୨୦୧୩ : ପ୍ରଥମ ଅନୁଚ୍ଛେଦ)। କେବଳ ସେତିକି ନୁହେଁ, ଗଦ୍ୟାତ୍ମକ, ଗାନଧର୍ମୀ, ଅକ୍ଷର ବୃତ୍ତ ଉତ୍କଳିକା ଭାରତୀୟ ସଙ୍ଗୀତ ପରମ୍ପରାରେ ଓଡ଼ିଶୀ ସଂଗୀତର ସ୍ୱତନ୍ତ୍ରତା ପ୍ରତିପାଦିତ କରିବା ଆଦି ବହୁ ଅନାଲୋଚିତ ତଥ୍ୟ ଏହି ଶାସ୍ତ୍ରୀୟ ମାନ୍ୟତା ଦ୍ୱାରା ସର୍ବଭାରତୀୟ ସ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ରତାକୁ ପ୍ରତିଷ୍ଠା କରିଥିଲା। ଶାସ୍ତ୍ରୀୟତା ନିୟମାନୁସାରେ ଭାରତ ସରକାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏ ପର୍ଯ୍ୟନ୍ତ କୌଣସି ଶାସ୍ତ୍ରୀୟ ଓଡ଼ିଆ ଗବେଷଣା ଚେୟାର ସ୍ଥାପନ କରିପାରିନାହିଁ। ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ରତାକୁ ପ୍ରମାଣ କରିବା ପାଇଁ ନୂତନ ଗବେଷଣାକୁ ପ୍ରୋତ୍ସାହନ ଦେବାପାଇଁ କେନ୍ଦ୍ରୀୟ ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ ସଂସ୍ଥାନ ସ୍ଥାପିତ ହେଲା। ମାତ୍ର ଗତ ୪ ବର୍ଷ ମଧରେ ଛଅଟି ବହି ପ୍ରକାଶନକୁ ନିଜର ବଡ଼ ସଫଳତା ବୋଲି ଏହି ସଂସ୍ଥା ପ୍ରଚାର କରୁଥିବାବେଳେ ଏସବୁ ବହି ପରୋକ୍ଷ ଭାବରେ ପୂର୍ବରୁ ପ୍ରକାଶିତ, ତଥା ମୌଳିକ ଗବେଷଣା ଅନୁରୂପ କୌଣସି ନୂତନତ୍ୱ ନଥିବାରୁ ଏହି ସଂସ୍ଥାନ ଉପରୁ ଓଡ଼ିଶାବାସୀଙ୍କ ଆସ୍ଥା କମିଯାଉଛି । ସେହିପରି ବହୁ ଭାଷାବିତ୍ ଓଡ଼ିଆ ଭାଷାର ମୌଳିକତା ସମ୍ପର୍କିତ ଭିତ୍ତି ପତ୍ର ତଥ୍ୟକୁ ବଦଳାଇ ଓଡ଼ିଆ ପ୍ରଥମ ଆର୍ଯ୍ୟ ଭାଷା, ଷଷ୍ଠ ଶାସ୍ତ୍ରୀୟ ଭାଷା କହି ବିଭିନ୍ନ ସଭାସମିତିରେ ନିଜର ମିଥ୍ୟା ବାଗ୍ମିତା ପ୍ରଦର୍ଶନ କରୁଛନ୍ତି। ଆର୍ଯ୍ୟ ଭାଷା ମତବାଦ ମାତ୍ର ୨୦୦ ବର୍ଷ ତଳେ ଇଂରେଜମାନଙ୍କ ଦ୍ୱାରା ଭାଗିକର ଓ ଶାସନକାଳ ପଦ୍ଧତିର ଏକ ଅଂଶ ବିଶେଷ, ତାହାକୁ ଏମାନେ ଅସ୍ୱୀକାର କରି ଓଡ଼ିଆ ଭାଷା ସହିତ ମୂଳ ଅଷ୍ଟ୍ରିକ ଭାଷାର ସମ୍ବନ୍ଧକୁ ଧ୍ୱଂସ କରି ଦେଉଛନ୍ତି (ଡ୍ର. ଦେବୀପ୍ରସନ୍ନ ପଟ୍ଟନାୟକ ଓ ସୁବ୍ରତ କୁମାର ପୃଷ୍ଟି, ୨୦୧୩ : ପ୍ରଥମ ଅନୁଚ୍ଛେଦ)।

ଯେହେତୁ ଓଡ଼ିଆ ଭାଷା ଏବଂ ସଂସ୍କୃତି ବିଭାଗର ପ୍ରୋତ୍ସାହନର ଏକ ଅନୁବାଦ ଏକାଡ଼େମୀ ପ୍ରତିଷ୍ଠା ହେବ। ଅନୁବାଦ ହିଁ ସାହିତ୍ୟର ଜଗତୀକରଣର ସର୍ବୋତ୍କୃଷ୍ଟ ମାଧ୍ୟମ। ସକାରାତ୍ମକ ଭାବେ ଆଶା କରାଯାଏ ଯେ, ଏହି ଅନୁଷ୍ଠାନଟି ଓଡ଼ିଆ ଭାଷାରେ ଇଂରାଜୀରୁ, ସମାନ ଭାବରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭାରତୀୟ ଭାଷାରେ ଅନୁବାଦ ହେବ। ଯାହା କେବଳ 'କଳ୍ପନା ସାହିତ୍ୟ' ରେ ସୀମିତ ହୋଇରହିବନାହିଁ। 'ଜ୍ଞାନ

(ଆଧାରିତ) ସାହିତ୍ୟ' ମଧ୍ୟ ଅନୁବାଦ ହେବା ଜରୁରୀ। ପ୍ରାୟତଃ ଅନୁମାନ କରାଯାଏ ଯେ, ଜ୍ଞାନ ସାହିତ୍ୟର ସୃଜନଶୀଳ ନୁହେଁ। ବ୍ୟାଖ୍ୟା କରାଯାଇଥିବା ସୂଚନା — ସୂଚନା ସହିତ ସମାନ ନୁହେଁ। ସେହିଭଳି, ବଳରାମ ଦାସଙ୍କର ଲୋକପ୍ରିୟ ଓଡ଼ିଆ ପୁରାଣ ଲକ୍ଷ୍ମୀ ପୁରାଣ, ଯାହା ସାଧାରଣତଃ କଳ୍ପିତ ସାହିତ୍ୟ ଭାବରେ ବର୍ଗୀ କୃତ। ଏକ ନିର୍ଦ୍ଦିଷ୍ଟ ସମୟର କେତେକ ସାମାଜିକ ସମସ୍ୟା ବିଷୟ ସୂଚନାଯୋଗ୍ୟ ନୁହେଁ। କେବଳ 'କଳ୍ପନାକାରୀ' ଏବଂ 'ଜ୍ଞାନ-ଆଧାରିତ' ସାହିତ୍ୟ ନିଶ୍ଚିତ ଭାବରେ ରେଫେରେନ୍ସ ପାଇଁ ଉପଯୋଗୀ। ଖବରକାଗଜ ଉତ୍କଳ ଦିପିକା ଏବଂ ସମ୍ବଲପୁର ହିତେଶିଣୀ ବିଷୟରେ ଚିନ୍ତନୀୟ। ଉତ୍କଳ ଦିପିକା (୧୮୬୬) ହେଉଛି ଓଡ଼ିଆରେ ପ୍ରଥମ ମୁଦ୍ରିତ ଖବରକାଗଜ। ଏହି ଖବରକାଗଜରେ ଓଡ଼ିଆ ସାମ୍ବାଦିକତା ଉତ୍ପତ୍ତି ହୋଇଥିଲା ଓ ଏହା ସେତେବେଳ ସମାଜକୁ ଦୈନନ୍ଦିନ ସୂଚନା ପ୍ରଦାନ କରୁଥିଲେ। ଯାହା ଏକ ସୂଚନା ସମାଜ ସୃଷ୍ଟି କରୁଥିଲା। ଏଥିରେ ରହିଥିବା ସମ୍ବାଦ, କାହାଣୀ ଏବଂ ପ୍ରବନ୍ଧଗୁଡ଼ିକର ଚୟନ କରି ଭାରତୀୟ ଭାଷା ଏବଂ ଇଂରାଜୀରେ ଅନୁବାଦ ହେବା ଜରୁରୀ। ପ୍ରକାଶନ ପାଇଁ ଏକ ବୃହତ୍ ପାଠକ, ଉଭୟ ଅଣ-ଓଡ଼ିଆ ଏବଂ ଓଡ଼ିଆକୁ ସମୃଦ୍ଧ ସାଂସ୍କୃତିକ ତଥା ସାହିତ୍ୟିକ ସମାଜର ଆଧୁନିକୀକରଣର କରିବା ସହ ଓଡ଼ିଆଙ୍କ ପରିଚୟ କିମ୍ବା ଅସ୍ମିତା ନିର୍ମାଣ ପାଇଁ ଆଲୋକ ଦେଖାଏ। ରାଜ୍ୟରେ ଅନେକ ଚିର ସ୍ମରଣୀୟ ଲେଖକଙ୍କର ଲେଖନୀ ନିଃସୃତ ଚମ୍ପୂ, ଛାନ୍ଦ ଓ ରାଗ ରାଗିଣୀରେ ଭରପୂର କାଳଜୟୀ କବିତା ଏବେ ଅବ ଲୁପ୍ତ। ତା'ର ସ୍ଥାନ ନେଇଛି ରସ ଓ ଗନ୍ଧହୀନ ଗୀତିକବିତା ଏବଂ ଲେଖକଙ୍କ ଧନ ବା କ୍ଷମତାବଳ ଆଧାରରେ ତା'ର ମାନଦଣ୍ଡ ଉନ୍ନତ କରାଯାଉଛି। ଏଠାରେ ଆମେ ଅସ୍ମିତା କାହାକୁ କହିବା? ଓଡ଼ିଆରେ ଲେଖିବାରେ ସାମାଜିକ ଚିନ୍ତାଧାରାର ଏକ ପରିବର୍ତ୍ତନ ଆସେ ଏବଂ ଏକ ପାରମ୍ପାରିକ ସାମାଜିକ ସମସ୍ୟାର ମୁକାବିଲା କରେ। ଶାସ୍ତ୍ରୀୟ କାହାଣୀର ସୃଜନଶୀଳ ସ୍ଥାନୀୟକରଣ (ଲୋକାଲାଇଜେସନ୍) — କାହାଣୀରୁ ଉତ୍ପନ୍ନ କାହାଣୀ। ସାରଳା ମହାଭାରତରେ କାହାଣୀଗୁଡ଼ିକ ସରଳ ଏବଂ ସେହି ସମୟରେ, ଅନ୍ୟ ସ୍ଥାନରେ ଘଟିଥିବା ଘଟଣାଗୁଡ଼ିକୁ ଚିତ୍ରଣ କରୁଥିବା ମହାନ କାହାଣୀ ସହିତ ସମ୍ପର୍କ କରିବା ପ୍ରୟାସ ଜରୁରୀ। ଅନେକ ସ୍ଥାନୀୟ କାହାଣୀରେ ସମସ୍ତେ ଅନୁଭବି ନୁହଁନ୍ତି। ସମଗ୍ର ଓଡ଼ିଶାରେ ଭରି ରହିଥିବା ଅନେକ ଶବ୍ଦର ଲୋକକଥା ଲୋକଙ୍କୁ ଅଜଣା। ଏଗୁଡ଼ିକ ସଂଗ୍ରହ ଏବଂ ଏହାର ବ୍ୟାପକ ଓ ବିସ୍ତାର କରିବା ଆବଶ୍ୟକ। ଏହା ମଧ୍ୟ ଅନୁବାଦ ଉଦ୍ଦେଶ୍ୟରେ ଅଣ ଦେଖା କରାଯାଇନପାରେ। ଓଡ଼ିଆ ଏବଂ ଅନ୍ୟାନ୍ୟ ଭାଷାର ଉଭୟ ବକ୍ତାଙ୍କୁ ନେଇ ଅଧିକ ବ୍ୟାପକ ପାଠକ ପାଇବାକୁ ଅଯୋଗ୍ୟ। ସେହିଭଳି, ଆମର ଲୋକ-ସାହିତ୍ୟ, ଅଣ-ସାହିତ୍ୟିକ ଦୃଷ୍ଟିକୋଣରୁ, ବହୁ ପୂର୍ବରୁ ବଞ୍ଚିଥିବା ଜୀବନ ବିଷୟରେ ଅବଗତ ହୋଇପାରୁନାହାଁ। ସେମାନଙ୍କର ସାମାଜିକ ସଂଗଠନ ଏବଂ ଅନ୍ୟମାନଙ୍କ ମଧ୍ୟରେ ସେମାନେ ରହୁଥିବା ବିଶ୍ୱାସ ବିଷୟରେ ଆଲୋଚନା ହେବା ଦରକାର। ଯାହାକିଛି ସାଧାରଣତଃ ଆଧୁନିକ ଶିକ୍ଷିତମାନେ କମ ସମ୍ମାନ ଦିଅନ୍ତି ବା ଦେଖାନ୍ତି। ଜ୍ଞାନର ଏହି ଭଣ୍ଡାରର ଚୟନକୁ ଅନୁବାଦ କରାଯାଉ ଏବଂ ଆମର ଓଡ଼ିଆ ଭାଷାଶାସ୍ତ୍ରଜ୍ଞ ଏବଂ ଭାଷାବିଜ୍ଞାନୀମାନଙ୍କୁ ନେଇ ଏକ ବ୍ୟାପକ ସ୍ତରରେ ଗୋଷ୍ଠୀ ଗଠନ କରାଯାଉ।

ଉପସଂହାର: ଓଡ଼ିଶା ଏକ ବହୁଭାଷୀକ ରାଜ୍ୟ। ଏବେ ସମୟ ଆସିଛି, ଅତୀତରେ ଭାଷା ପାଇଁ ସମସ୍ତ ଅବହେଳାର ଅନ୍ତତଃ ପୂର୍ଣ୍ଣଚ୍ଛେଦ ପଡ଼ିବା ଦରକାର। ଓଡ଼ିଆ ଭାଷା ଆଇନରେ ବାରମ୍ବାର ସଂଶୋଧନ ଆଣିଲେ ଯେ ଭାଷା ଆଇନ କାର୍ଯ୍ୟକ୍ଷମ ହେବ, ଏପରି ବ୍ୟବସ୍ଥା କରିବା ଏକ ଭୁଲ। ବରଂ ସେଥିପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଗ୍ରହଣ ଓ କୌଶଳ ପ୍ରସ୍ତୁତି କରିବା ଆବଶ୍ୟକ। ଏକ ବହୁଭାଷୀକ ରାଜ୍ୟ ପାଇଁ ଓଡ଼ିଆ ଭାଷା ବାଧ୍ୟତାମୂଳକ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ବର୍ତ୍ତମାନର ସବୁଠାରୁ ବଡ଼ ଆହ୍ୱାନ। ଓଡ଼ିଆ ଭାଷାର ବିକାଶ ପାଇଁ କୌଶଳର ପ୍ରଥମ ସ୍ତମ୍ଭ ହେଉ ଓଡ଼ିଆ ଭାଷାର ପ୍ରଚୁର ବ୍ୟବହାର। କାରଣ, କେବଳ ବ୍ୟବହାର ଦ୍ୱାରା ହିଁ ଭାଷାଟିଏ ବଞ୍ଚି ରହିପାରିବ। ଓଡ଼ିଆ ଭାଷା କେବଳ ସାହିତ୍ୟ ଓ ଶାସ୍ତ୍ରରେ ସୀମିତ ନରହି ଜ୍ଞାନ, ବିଜ୍ଞାନ ଏବଂ ପ୍ରଦ୍ୟୋଗିକୀ ଆଦି ସମସ୍ତ ସ୍ତରରେ ପ୍ରୟୋଗ କରାଯିବାକୁ ସଚେତନତା ସୃଷ୍ଟିହେଉ। ରାଜ୍ୟରେ ଭାଷା ମାଧ୍ୟମରେ ପ୍ରାଥମିକ ଶିକ୍ଷାରେ ହେଉଥିବାରୁ, ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, ଓଡ଼ିଆରେ ପ୍ରଯୁଜ୍ୟ ଲେଖା — ସ୍ୱଚ୍ଛତା, ପରିବେଶ ଏବଂ ସାଂସ୍କୃତିକ ଆଦି ଅନ୍ୟ ଜନଜାତି ଭାଷାରେ ଅନୁବାଦ ହେବା ଜରୁରୀ। ସେହିଭଳି, ସେହି ଭାଷାଗୁଡ଼ିକର କାହାଣୀ ଏବଂ ସୂଚନା ପୂର୍ଣ୍ଣ ଲେଖା ଓଡ଼ିଆରେ ଅନୁବାଦ ହେବା ପ୍ରୟୋଜନ। ଏହା ରାଜ୍ୟର ମିଶ୍ରିତ ସଂସ୍କୃତିର ଏକ ଉତ୍ତମ ବୁଝାମଣାରେ ସହାୟକ ହେବ ଏବଂ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଅନ୍ୟ ଜନଜାତି ଓ ଆଦିବାସୀ ପିଲାଙ୍କ ପାଇଁ ମାତୃଭାଷାଠାରୁ ଓଡ଼ିଆକୁ ସ୍ଥାନାନ୍ତର କରିବାରେ ଗୁରୁତ୍ୱପୂର୍ଣ୍ଣ ମାର୍ଗ ହେବ।

ସାମ୍ପ୍ରତିକ ସମୟରେ ଓଡ଼ିଆ ଜାତି ଏକ ଦାରୁଣ ଅତିକ୍ରମଣରେ ପୀଡ଼ିତ। ଯଦି ଓଡ଼ିଆ ଜାତିକୁ ବିନଷ୍ଟ କରିବାର ଇଚ୍ଛା, ତେବେ ଏପରି ପଦ୍ଧତି ଖଞ୍ଜିଦିଅ ଯେମିତି କି ସେ ତା'ର ଶକ୍ତି ସାମର୍ଥ୍ୟ ସବୁ ଭୁଲିଯିବ ଏବଂ ସ୍ୱାଭିମାନ ଶୂନ୍ୟ ହୋଇ ସତ୍ୟାନାଶକୁ ଅନାଇ ରହିଥିବ। ତେଣୁ ସମୁଚିତ ଉପାୟ କରି ରାଜ୍ୟର ପୃଷ୍ଠପୋଷକମାନେ ସମସ୍ତ ପ୍ରକାର ନିଯୁକ୍ତି ଓ ଚୟନ ପ୍ରକ୍ରିୟାରେ ପାର୍ଥୀଙ୍କ ଲବ୍ଧ ଜ୍ଞାନ ଓଡ଼ିଆ ବାଧ୍ୟତାମୂଳକ ନିଶ୍ଚିତ କରାଯାଉ। ଓଡ଼ିଶାବାସୀ ଓ ଓଡ଼ିଆଙ୍କ ବ୍ୟତିରେକେ ଅନ୍ୟ ପାର୍ଥୀଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ ସୁଯୋଗ ଓ ପ୍ରୋତ୍ସାହିତ କରା ନଯାଉ। ଏପରି ବ୍ୟବସ୍ଥା ନହେଲେ ଓଡ଼ିଆଙ୍କ ଭାଗ୍ୟାକାଶ ପ୍ରତି ଏକପ୍ରକାର ଅତ୍ୟାଚାର, ଅବିଚାର, ଏବଂ ଅପରାଧ ଅନ୍ତର୍ଗତ ହେବ। ଆମ ଶିକ୍ଷାବିତ୍ ଓ ଭାଷା ପ୍ରେମୀ ନିଜର ପଦ ପଦବୀ ତଥା ଚଉକି ମୋହ ତ୍ୟାଗ କରି ଶାସ୍ତ୍ରୀୟତା ଭିତ୍ତି ପତ୍ର ଆଧାରିତ ଓଡ଼ିଶାର ବହୁ ଭାଷା, ସାହିତ୍ୟ, ସଂସ୍କୃତି, ଅର୍ଥନୀତି ଓ ଇତିହାସର ମୌଳିକ ଗବେଷଣା ମାଧ୍ୟମରେ ଉନ୍ମୋଚନ ହେଉ। ଯାହା ବର୍ତ୍ତମାନ ଦେଖାଯାଉଥିବା ହୀନ ଭାବ ଆଗାମୀ ବଂଶଙ୍କୁ ଦୂରେଇ ରଖିବା ପାଇଁ ତଥା ଭୂମି, ଭାଷା,

ସାହିତ୍ୟ, ସଂସ୍କୃତି, ସ୍ୱାତନ୍ତ୍ର୍ୟ ଓ ସାର୍ବଭୌମତ୍ୱ ନୈତିକତାର ନବ ଦିଗନ୍ତ ଉନ୍ମୋଚିତ ହୋଇ ସମଗ୍ର ବିଶ୍ୱ ପାଇଁ ଏକ ପ୍ରେରଣାର ଉତ୍ସ ହୋଇପାରିବ। ଏହାହିଁ ହେବ ପ୍ରକୃତ ଓଡ଼ିଆ ଅସ୍ମିତାର ନବ ଉନ୍ମେଷ।

ସହାୟକ ଗ୍ରନ୍ଥସୂଚୀ:

୧) ଟଣ୍ଡନ, ଆଲୋକ । ୨୦୧୮। ଅସ୍ମିତା ଔର ଅନ୍ୟତା (ହିନ୍ଦୀ ସଂସ୍କରଣ)। ନୂଆ ଦିଲ୍ଲୀ: ବାଣୀ ପ୍ରକାଶନ।

୨) ଟେଲର, ଚାର୍ଲ୍ସ । ୧୯୮୯ [୧୯୯୨] । ସୋର୍ଶେଷ ଅଫ୍ ସେଲ୍ଫ : ଦି ମାର୍କିଙ୍ଗ ଅଫ୍ ଦି ମଡ଼ର୍ଣ୍ଣଂ ଆଇଡ଼ିନ୍ଟି । (ଇଂରାଜୀ ସଂସ୍କରଣ)। କେମ୍ବ୍ରିଜ : ହାର୍ବାଡ୍ ବିଶ୍ୱବିଦ୍ୟାଳୟ ପ୍ରେସ।

୩) ଦାଶ, ଗଗନେନ୍ଦ୍ର ନାଥ । ୨୦୧୪ । "ଓଡ଼ିଆ-ଅସ୍ମିତା ଚର୍ଚ୍ଚା", (ପୃଷ୍ଠା ୨୩୮-୨୫୪)। ପୁନଶ୍ଚ ଜନଶ୍ରୁତି କାଞ୍ଚିକାବେରୀ। ଭୁବନେଶ୍ୱର : ସତ୍ୟମ ପବ୍ଲିକେଶନ।

୪) ନନ୍ଦଶର୍ମା, ଗୋପୀନାଥ । ୧୯୨୭ [୧୯୯୫]। ଓଡ଼ିଆ ଭାଷାତତ୍ତ୍ୱ । କଟକ : ନିୟୁ ଷ୍ଟୁଡ଼େଣ୍ଟସ ଷ୍ଟୋର।

୫) ପ୍ରହରାଜ, ଗୋପାଳଚନ୍ଦ୍ର । ୧୯୧୩-୧୯୪୦। ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷା କୋଷ (୭ ଖଣ୍ଡ)। କଟକ : ଦି ଉତ୍କଳ ସାହିତ୍ୟ ପ୍ରେସ।

୬) ପୃଷ୍ଟି, ସୁବ୍ରତ କୁମାର. ଓ ଦାଶ, ବିଶ୍ୱନନ୍ଦନ.। ୨୦୧୮। ଅରିଜିନ ଆଣ୍ଡ ଡେଭେଲୋପମେଣ୍ଟ ଅଫ ଇଣ୍ଡିଆନ ସ୍କ୍ରିପ୍ଟ : ଏ ପୋଜିସନାଲ୍ ଷ୍ଟଡ଼ିଜ୍ । ଇଣ୍ଟରନ୍ୟାସନାଲ କନଫରେନ୍ସ ଅଫ୍ ସାଉଥ୍ ଏସିୟାନ ଲାଙ୍ଗୁଏଜେସ୍ ଆଣ୍ଡ ଲିଟରେଚର (ICOSAL-13) ଇଂରାଜୀରେ ଉପସ୍ଥାପିତ। ସେଣ୍ଟ୍ରାଲ ଇନସ୍ଟ୍ୟୁଟ ଅଫ୍ ଇଣ୍ଡିଆନ ଲାଙ୍ଗୁଏଜେସ୍ । ମଇସୂରୁ। [ଉପଲବ୍ଧ, https://www.academia.edu/36339675]

୭) ପଟ୍ଟନାୟକ, ଦେବୀପ୍ରସନ୍ନ. ଓ ପୃଷ୍ଟି, ସୁବ୍ରତ କୁମାର.। ୨୦୧୩। କ୍ଲାସିକାଲ ଓଡ଼ିଆ (ପ୍ରଥମ ଅନୁଚ୍ଛେଦ)। ଭୁବନେଶ୍ୱର : କିସ୍ ଫାଉଣ୍ଡଏସନ। [ଇଂରାଜୀ ସଂସ୍କରଣ - ISBN 9788192561639]

୮) ରାୟ, ରାଧାନାଥ। ୧୮୯୧। ଚିଲିକା। ଉତ୍କଳ ପ୍ରଭା, ୧ : ୬, ପୃଷ୍ଠା ୧୪୪-୧୬୯। ('ଓଡ଼ିଆ ବିଭବ' ପ୍ରକଳ୍ପରେ ଡିଜିଟାଲ୍ ରୂପରେ ଉପଲବ୍ଧ)।

୯) ୱେବର, ମାକ୍ସ। ୧୯୩୦। ଦି ପ୍ରୋଟେଷ୍ଟାଣ୍ଟ୍ ଏଥିକ ଆଣ୍ଡ ଦି ସ୍ପିରିଟ୍ ଅଫ କ୍ୟାପିଟାଲିଜିମ । ([ଇଂରାଜୀ ସଂସ୍କରଣ] ପ୍ରଥମ ଜର୍ମାନୀ ସଂସ୍କରଣ, ୧୯୧୯)। ଲଣ୍ଡନ : ଜର୍ଜ ଆଲେନ ଆଣ୍ଡ ଅନୱିନ ଲିମିଟେଡ଼।

Funding

No funding was received for conducting this study.

Does this article screened for similarity?

Yes

Conflict of interest

The Author has no conflicts of interest to declare that they are relevant to the content of this article.

About the Licenses

© Dr. Biswanandana Dash 2024. The text of this article is open access and licensed under a Creative Commons Attribution 4.0 International License

Cite this Article :

Dr. Biswanandana Dash, Odia asmitaara aitihasika o rajanaitika baichitraya, Bageesha, Vol. No. 02, Issue No. 04, July-August 2024, Article No: BM2024/04-A002, Page- 13-20

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal
BM2024/04-A003
https://bageesha.in
OPEN ACCESS

ଓଡ଼ିଆ ଉପନ୍ୟାସରେ ସମକାମିତା ପ୍ରସଙ୍ଗ

■ ଦିପୁନ ପୁହାଣ

ଗବେଷକ, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

Article Received : 31.07.2024 | Accepted : 25.08.2024 | Published : 25.09.2024

ସାରାଂଶ

ABSTRACT

ସମକାମିତା ପ୍ରସଙ୍ଗ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ନୂଆ ନୁହେଁ। ସ୍ୱାଧୀନତା ପ୍ରାପ୍ତିର ଯଥେଷ୍ଟ ପୂର୍ବରୁ ୧୯୩୭ ମସିହାରୁ ସମକାମିତାକୁ ଆଧାର କରି ଓଡ଼ିଆ ଉପନ୍ୟାସ ସୃଷ୍ଟି କରିବାର ପ୍ରୟାସ କରାଯାଇଛି। ମାତ୍ର ପରିବାରର ପରିଧିରୁ ଦେଶର ନ୍ୟାୟିକ ସୁରକ୍ଷା ପର୍ଯ୍ୟନ୍ତ, ଧାର୍ମିକ ଦୃଷ୍ଟିଭଙ୍ଗୀରୁ ସାମାଜିକ ବିଧି ବ୍ୟବସ୍ଥା ପର୍ଯ୍ୟନ୍ତ ସବୁଠି, ସବୁ କ୍ଷେତ୍ରରେ ଏହିଭଳି ଏକ ପରଂପରାହୀନ ପ୍ରେମ ସମ୍ପର୍କକୁ ସ୍ୱୀକାର କରିବାର ଦ୍ୱନ୍ଦ୍ୱ ଯେଉଁଠି ଆଜିବି ବଳବତ୍ତର, ସେଇଠି ଆମ ସାହିତ୍ୟ ସମାଲୋଚକମାନେ ବିମୁଖତା ପ୍ରଦର୍ଶନ କରିବା ସ୍ୱାଭାବିକ। ତେଣୁ ଏହି ସମ୍ବେଦନଶୀଳ ପ୍ରସଙ୍ଗଟି ଆଜିବି ଓଡ଼ିଆ ସାହିତ୍ୟରେ ଅନାଲୋଚିତ ପ୍ରାୟ। ଯଦିଓ ଅଧୁନା ଭାରତରେ ସମଲୈଙ୍ଗିକତାକୁ ସାମ୍ବିଧାନିକ ସ୍ୱୀକୃତି ମିଳିଛି। ଇଂରେଜ ଅମଳରୁ ଚଳିଆସୁଥିବା ଔପନିବେଶୀୟ ନ୍ୟାୟ ବ୍ୟବସ୍ଥାରେ ସୁଧାର ଆଣିଛି। ଧାରା ୩୭୭ର ଉଚ୍ଛେଦ ଘଟିଛି। ତଥାପି ଭାରତୀୟ ସମାଜ ବ୍ୟବସ୍ଥା ଓ ଜନଗଣର ମାନସିକତାରେ ସମକାମିତା କେତେ ଗ୍ରହଣୀୟ ହୋଇପାରିଛି ଏହା ଚିନ୍ତାର ବିଷୟ। ତେଣୁ ଏହି ଅନାଲୋଚିତ ପ୍ରାୟ ଓଡ଼ିଆ ଉପନ୍ୟାସରେ ସମକାମୀ ପ୍ରେମ ପ୍ରସଙ୍ଗର ଇତିହାସ ଓ ସାମାଜିକ ଅଧିକାରର ସଂଗ୍ରାମ ଯେତିକି ମାର୍ମିକ, ଯେତିକି ବିଡମ୍ବିତ, ଯେତିକି ଉପହାସିତ, ସେତିକି ସମ୍ବେଦନଶୀଳ ଓ ସେତିକି ଚେତନା ସଂଘାତି ମଧ୍ୟ। ସମକାମିତା ଆମକୁ ଭାବିବାକୁ ବାଧ୍ୟ କରେ ଯେ- ସତରେ କେତେ ପ୍ରଗତିଶୀଳ ଆମେ? କେତେ ମୁକ୍ତ ଆମର ଚିନ୍ତନ? ମଣିଷର ବୈଚିତ୍ର୍ୟକୁ ବୁଝିବାରେ ଓ ହୃଦୟର ଆକର୍ଷଣକୁ ସ୍ୱୀକାର କରିନେବାରେ କେତେ ସମର୍ଥ ଆମର ମାନସିକତା? ଏହିପରି ବିବିଧ ପ୍ରଶ୍ନମୟତାର ସାମ୍ନାରେ ସମକାମୀ ପ୍ରସଙ୍ଗ ଆଧାରିତ ଉପନ୍ୟାସ ସବୁର ଗ୍ରନ୍ଥି ଉନ୍ମୋଚନ କରିଦେବା ହିଁ ଏହି ପ୍ରବନ୍ଧର ହେତୁ।

ମୂଳଶବ୍ଦ: ସମକାମିତା, ଉପନ୍ୟାସ ସାହିତ୍ୟ, ସମଲୈଙ୍ଗିକତା, ସମକାମୀ ପ୍ରେମ ପ୍ରସଙ୍ଗ, ଓଡ଼ିଆ ଉପନ୍ୟାସ

ପ୍ରେମର ଆକର୍ଷଣ ଦୁର୍ବାର। ଦୈହିକ ହେଉକି ମାନସିକ, ହେଉବି ଆଧ୍ୟାତ୍ମିକ, ସକଳ ଆକର୍ଷଣର ମୂଳରେ ଥାଏ ହୃଦୟସତ୍ତାର ସ୍ୱୀକାରୋକ୍ତି। ଏଇ ହୃଦୟରୁ ହୃଦୟକୁ ସଞ୍ଚରିଯିବାର ଯାତ୍ରାରେ ଜାତି, ବର୍ଗ, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ଆଦି ସବୁକିଛିର ବନ୍ଧନ ହେଇଯାଏ ମୂଲ୍ୟହୀନ। ପ୍ରେମ ନିୟମ ଭାଙ୍ଗେ। ଯୁଗଯୁଗରୁ କଳଙ୍କି ଲଗା ସାମାଜିକ ବିଧାନ ବିରୁଦ୍ଧରେ ପ୍ରତିଷ୍ଠା ଦିଏ ହୃଦୟାବେଗର। ପରମ୍ପାରିକ ମାନସିକତା, ବଂଶ ଆଭିଜାତ୍ୟ ଓ ରଢ଼ିବାଦୀ କୌଳୀନ୍ୟତା ବିରୁଦ୍ଧରେ ପ୍ରେମର ଯୁଦ୍ଧ ଘୋଷାଣା ଆଜି ନୁହେଁ, କୋଉ ଅନାଦିକାଳରୁ। ତେବେ ପ୍ରେମର ଆକର୍ଷଣ ଯେତେବେଳେ ନାରୀ-ପୁରୁଷର ବୈପରୀତ୍ୟ ଆକର୍ଷଣରୁ ଆଉ ପାଦେ ଆଗକୁ ଯାଇ, ପୁରୁଷଟିଏ ପୁରୁଷପ୍ରତି ଓ ନାରୀଟିଏ ନାରୀପ୍ରତି ଆକର୍ଷିତ ହୁଏ ତାହାକୁ ସମକାମିତା ବୋଲି କୁହାଯାଏ, ଏହି ସମକାମିତା ପ୍ରେମକୁ ନେଇ ସମାଜରେ ଦେଖାଦେଇଛି ଗ୍ରହଣଶୀଳତାର ଦ୍ୱନ୍ଦ୍ୱ। କେଉଁଠି ପ୍ରେମ ହୋଇଉଠିଛି ଏକାବେଳକେ ଅବୈଧ ତ କେଉଁଠି ଅସାମାଜିକ। କିନ୍ତୁ ସମକାମିତା ଅପରାଧ ନୁହେଁ। ଅସ୍ୱାଭାବିକ ନୁହେଁ। କୌଣସି ମାନସିକ ରୋଗ ମଧ୍ୟ ନୁହେଁ। କେବଳ ଏକ ବହୁପ୍ରଚଳିତ ନାରୀ-ପୁରୁଷ ପ୍ରେମ ପରମ୍ପରାରୁ ଟିକିଏ ଭିନ୍ନ ଏହାର ଆବେଦନ ଓ ଟିକିଏ ଆକର୍ଷଣୀୟ ଏହାର ପ୍ରେମଗଳ୍ପ। ପୁଣି ସମକାମିତା ପ୍ରସଙ୍ଗକୁ ଜାଣିବାର ଓ ବୁଝିବାର ଆଗ୍ରହ ଓ କୌତୁହଳ ମଧ୍ୟ ଅନେକ। ତେଣୁ ସମାଜ, ପାରିପାର୍ଶ୍ୱିକ ପରିସ୍ଥିତି ଓ ସମକାମୀଙ୍କର ମାନସିକ ସ୍ଥିତାବସ୍ଥାକୁ ଅନୁଧ୍ୟାନ କରିବାର ଓ ପ୍ରେମର ସୀମାହୀନତାକୁ ସାହିତ୍ୟିକ ନ୍ୟାୟ ଦେବାର କର୍ତ୍ତବ୍ୟବୋଧ ପ୍ରତିଫଳିତ ହୋଇଛି ସାହିତ୍ୟରେ।

ଓଡ଼ିଆ ଭାଷାରେ ସମକାମିତାକୁ ଆଧାର କରି କିଛି କିଛି କବିତା, ଗଳ୍ପ ଓ ଉପନ୍ୟାସ ଲେଖା ହୋଇଥିବାର ଦେଖିବାକୁ ମିଳେ। ପରିମାଣରେ ସ୍ୱଳ୍ପ ହେଲେହେଁ ସାମୟିକ ଆବେଦନ ଓ ଗୁଣାତ୍ମକତା ଦୃଷ୍ଟିରୁ ଏସବୁର ଆଲୋଚନା କରାଯିବା ଉଚିତ୍ !

ବିଶେଷ କରି ଉପନ୍ୟାସର ବିସ୍ତୃତ କାନଭାସ୍‌ରେ ସମକାମିତାର ଚିତ୍ରାୟନ କିଭଳି ଘଟିଛି ଲକ୍ଷ୍ୟ କରିବାର କଥା! କାରଣ ଆମେ ଜାଣୁ ସାହିତ୍ୟର ଅନ୍ୟ ବିଭାଗ ଅପେକ୍ଷା ଉପନ୍ୟାସରେ ଲେଖକକୁ ମିଳିଥାଏ ଯଥେଷ୍ଟ ସ୍ୱାଧୀନତା। ଉପନ୍ୟାସରେ ଥାଏ ଏକ ଦୀର୍ଘ କାଳପରିଧିର କାହାଣୀକୁ ଧରି ରଖିବାର ସାମର୍ଥ୍ୟ। ତେଣୁ ଏକକାଳୀନ ଅନେକ ଘଟଣା, ଚରିତ୍ର ଓ ସ୍ଥାନ,କାଳର ସମନ୍ୱୟ ଘଟେ ଉପନ୍ୟାସରେ। ଏ ସବୁକିଛିକୁ ଗୋଟିଏ ଅନ୍ତଃପ୍ରବାହରେ ଭସେଇ ନେଇ ବିଷୟକୁ ପରିଣତାଭିମୁଖୀ କରାଏ ଉପନ୍ୟାସ। ତେଣୁ ଅନ୍ୟ ବିଭାଗ ଅପେକ୍ଷା ଉପନ୍ୟାସରେ ବିଷୟ ବିନ୍ୟାସ ବହୁ ପାର୍ଶ୍ୱିକ, ବହୁ ସମସ୍ୟା କେନ୍ଦ୍ରିତ ଓ ବିଶେଷ ବିସ୍ତୃତ ହୋଇପାରିବାର ସମ୍ଭାବନା ଅଧିକ। ଓଡ଼ିଆ ଉପନ୍ୟାସରେ ସମକାମିତା ପ୍ରସଙ୍ଗକୁ ଅବଲୋକନ କଲେ ଯେଉଁ ହାତଗଣତି କେତୋଟି ଉପନ୍ୟାସ ପାଠକୀୟ ଦୃଷ୍ଟି ଆକର୍ଷଣ କରେ ସେଗୁଡ଼ିକ ହେଲା - ଚନ୍ଦ୍ରମଣି ଦାସଙ୍କର 'ହାଇଫେନ୍'(୧୯୩୬), ମହାପାତ୍ର ଯତୀନ୍ଦ୍ର କୁମାରଙ୍କର 'ଅଭିନୟ ନୁହେଁ'(୧୯୭୨), ଦିନନାଥ ପାଠୀଙ୍କର 'ରୂପ ରଙ୍ଗ ଅନଙ୍ଗ'(୨୦୧୦), ଅକ୍ଷୟ ମହାନ୍ତିଙ୍କର 'ଅଫେରା ନଈ'(୨୦୧୧), ସରୋଜିନୀ ସାହୁଙ୍କର 'ଅସାମାଜିକ'(୨୦୧୧), ସହଦେବ ସାହୁଙ୍କର 'ଅଦୃଶ୍ୟ ଅସ୍ତିତ୍ୱ'(୨୦୧୬), ଶୁଭ୍ରାଂଶୁ ପଣ୍ଡାଙ୍କ 'ଇତର'(୨୦୨୧), ତାପସ ରାଉତଙ୍କ 'ବିଦାୟ ବେଳାର ସୂର୍ଯ୍ୟ'(୨୦୨୨) ଓ ନର୍ମଦା ସାହୁଙ୍କର 'ଦୀପିୟା'(୨୦୨୨) ଉପନ୍ୟାସ।

<u>ହାଇଫେନ୍ (୧୯୩୭):</u> ଓଡ଼ିଆ ସାହିତ୍ୟରେ 'ନରବଳୀ' ପରି ଗୋଇନ୍ଦା ଉପନ୍ୟାସର ଲେଖକ ଭାବରେ ଏକଦା ବହୁ ଚର୍ଚ୍ଚିତ ପ୍ରତିଭା ହେଲେ ଚନ୍ଦ୍ରମଣି ଦାସ। ଓଡ଼ିଆ ଉପନ୍ୟାସ ସାହିତ୍ୟ ଯେତେବେଳେ ଶୈଶବ ଅତିକ୍ରମ କରି କୈଶୋରରେ ପଦାର୍ପଣ କରେ ସେତେବେଳେ ଏହାକୁ ଜନାଭିମୁଖୀ କରିବାରେ ଚନ୍ଦ୍ରମଣିଙ୍କ ପରି ଲେଖକମାନଙ୍କ ଭୂମିକା ସର୍ବାଦୌ ସ୍ମରଣୀୟ। ତାଙ୍କର ବହୁ ଚର୍ଚ୍ଚିତ ବହି ହେଉଛି ସମକାମିତା ଉପରେ ଆଧାରିତ ଏକ ଛୋଟ ଉପନ୍ୟାସ "ହାଇଫେନ୍"। ୧୯୩୭ ମସିହାରେ କଟକର ଶ୍ରୀ ପ୍ରେସ୍‌ରୁ ପ୍ରକାଶ ପାଇଥିଲା। ତତ୍ ସହିତ ସେହି ବର୍ଷ 'ପ୍ରଗତି' ପତ୍ରିକାର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା (ଜୁଲାଇ ୧୫, ୧୯୩୭) ରେ ଦୁଇଟି ଚର୍ଚ୍ଚିତ ଉପନ୍ୟାସର ବିଜ୍ଞାପନ ପ୍ରକାଶ ପାଏ। ଗୋଟାଏ ସଚ୍ଚିଦାନନ୍ଦ ରାଉରାୟଙ୍କ 'ଚିତ୍ରଗ୍ରୀବ' ଓ ଅନ୍ୟଟି ଚନ୍ଦ୍ରମଣି ଦାସଙ୍କ 'ହାଇଫେନ' କୁ ନେଇ। କଥାବସ୍ତୁର ନୂତନତ୍ୱ ନେଇ ଏ ଦୁଇଟି ଉପନ୍ୟାସ ଥିଲା ଓଡ଼ିଆ ସାହିତ୍ୟ ପାଇଁ ଯଥାର୍ଥରେ ପ୍ରାଥମିକ ପ୍ରୟାସ। ଗୋଟିଏ ନାରୀ ଚରିତ୍ର ବିହୀନ ପ୍ରଥମ ଉପନ୍ୟାସ ତ ଆରଟି ପୁରୁଷ ସମକାମିତା ଆଧାରିତ ପ୍ରଥମ ଉପନ୍ୟାସ।

ହାଇଫେନକୁ ନେଇ ପ୍ରକାଶିତ ଏହି ବିଜ୍ଞାପନରୁ ହିଁ ହାଇଫେନର କଥାବସ୍ତୁ ପ୍ରତି କିପରି ଇଙ୍ଗିତ ଦିଆଯାଇଥିଲା ଲକ୍ଷ୍ୟ କରିବାର କଥା। ବିଜ୍ଞାପନଟି ଏହିପରି - " ଯୁଗାନ୍ତକାରୀ ଅବଦାନ 'ହାଇଫେନ୍'(ବଡ଼ଗଳ୍ପ)। ମୂଲ୍ୟ-ଚାରିଅଣା, ଲେଖକ-ଚନ୍ଦ୍ରମଣି ଦାସ। ପୁରୁଷର ପ୍ରିୟା କିଏ ନାରୀ ନା ପୁରୁଷ? ଶିକ୍ଷିତ ସମାଜର ସବୁ ଭିତରି କଥା ଧରା ପଡ଼ିଲା।"

ଏହି ବିଜ୍ଞାପନରେ ନିହିତ ଇଙ୍ଗିତଟିକୁ ସ୍ପଷ୍ଟ କରିବାକୁ ଯାଇ ଆଲୋଚକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ କହନ୍ତି - "ଏହି ବିଜ୍ଞାପନର ଆଉ ଏକ ଦିଗକୁ ଆବିଷ୍କାର କରାଯାଇପାରେ। ଶିକ୍ଷିତ ସମାଜର ଏକ ଭିତିରି କଥାକୁ ନେଇ ଏହିପରି ଲେଖାର ପରିକଳ୍ପନା କରିଛନ୍ତି ଲେଖକ। ଶିକ୍ଷିତ ସମାଜରେ ସମକାମିତାକୁ ଲକ୍ଷ୍ୟ କରିଛନ୍ତି ଏବଂ ଏହାକୁ ବିଷୟବସ୍ତୁ କରିବାର ସାହସ କରିଛନ୍ତି ଲେଖକ।" (ଭାରତୀୟ ସାହିତ୍ୟ ସ୍ରଷ୍ଟା ଗ୍ରନ୍ଥମାଳା - ଚନ୍ଦ୍ରମଣି ଦାସ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ - ପୃଷ୍ଠା ୪୨)

ଏହି ଉପନ୍ୟାସ ଲେଖିଲା ବେଳେ ଲେଖକଙ୍କ ବୟସ ମାତ୍ର ୧୯ ବର୍ଷ ଓ ଏହା ତାଙ୍କର ପ୍ରଥମ ଉପନ୍ୟାସ ହୋଇ ସୁଦ୍ଧା ବିଷୟବସ୍ତୁର ଭିନ୍ନତା ଯୋଗୁଁ ଏହା ଚର୍ଚ୍ଚାର ବିଷୟ ପାଲଟେ। ଓଡ଼ିଆ ବୁଦ୍ଧିଜିବୀ ମହଲରେ ଏହାର ଶ୍ଳୀଳତା ଓ ଅଶ୍ଳୀଳତାକୁ ନେଇ ବିତର୍କର ସୂତ୍ରପାତ ଘଟେ ଓ ଦେଖାଦିଏ ଗ୍ରହଣଶୀଳତାର ଦ୍ୱନ୍ଦ। ଫଳସ୍ୱରୂପ ଆଜି ଏହି ବହିଟି ଓଡ଼ିଆ ସାହିତ୍ୟ ପାଇଁ ନିଷିଦ୍ଧ। ଏହାର ବିଷବସ୍ତୁ କଣ ଜାଣିବାର କୌତୁହଳରୁ ଓଡ଼ିଶାର ପାଠକକୁ ବଞ୍ଚିତ କରି, ଏହାକୁ ଅଶ୍ଳୀଳ ସାହିତ୍ୟର ଆଖ୍ୟା ଦିଆଯାଇ ୧୯୩୯ରେ କେଶ୍ କରାଯିବା ସହ ଏହାର ବିକ୍ରୟ ନିଷିଦ୍ଧ କରାଯାଏ। ସରକାରଙ୍କ ତରଫରୁ ଏଥିରେ ସାମିଲ ହୁଅନ୍ତି ଗୋପାଳଚନ୍ଦ୍ର ପ୍ରହରାଜ, ଭିକାରୀ ଚରଣ ପଟ୍ଟନାୟକ, ଆର୍ତ୍ତବଲ୍ଲଭ ମହାନ୍ତି ଆଦି ମହାରଥଗଣ। ଆଉ ମୁଦାଲାଙ୍କ ତରଫରୁ କେଶ୍ ଲଢ଼ନ୍ତି ସୁଖ୍ୟାତ ଆଇନଜୀବୀ ରାଜକିଶୋର ଦାସ ସୁସାହିତ୍ୟିକ ମାଜିଷ୍ଟ୍ରେଟ୍ ଭରତ ଚନ୍ଦ୍ର ନାୟକଙ୍କ ଇଜଲାସରେ ବାଦୀ ପ୍ରତିବାଦୀଙ୍କ ମଧ୍ୟରେ ଶ୍ଳୀଳ ଓ ଅଶ୍ଳୀଳ ପ୍ରସଙ୍ଗକୁ ନେଇ ଭୀଷଣ ଯୁକ୍ତିତର୍କ ହୁଏ। ସମଗ୍ର ଓଡ଼ିଶାରେ ଏହା ଏକ ଚର୍ଚ୍ଚିତ ପ୍ରସଙ୍ଗ ରୂପେ ଉଭା ହୁଏ। ନ୍ୟାୟାଳୟ ଦ୍ୱାରା ନିଷିଦ୍ଧ ଘୋଷିତ ସମଲିଙ୍ଗୀ ସମ୍ପର୍କ ଆଧାରିତ ସର୍ବପ୍ରଥମ ଓଡ଼ିଆ ଉପନ୍ୟାସଏଟି ଆଜି ବଜାରରେ ଉପଲବ୍ଧ ନାହିଁ।

ଏହି ଦୁଷ୍ପ୍ରାପ୍ୟ ପ୍ରାୟ ଉପନ୍ୟାସ 'ହାଇଫେନ୍'ର ବିଷବସ୍ତୁ କଣ ରହିଛି ଓ ଲେଖକ ସମକାମି ସମ୍ପର୍କକୁ କେଉଁ ଦୃଷ୍ଟିକୋଣରୁ ବିଚାର କରି ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ନିଜର ପ୍ରଥମ ଉପନ୍ୟାସ ରଚନା କରିବାର

ସାହାସ ଦେଖାଇଛନ୍ତି ତାହା ଜାଣିବାର ଅବକାଶ ନାହିଁ। ଏ ଉପନ୍ୟାସ ସମ୍ପର୍କରେ ପୁଣି ଆଲୋଚନା ଗୌଣ। ଏପରିକି ଅନେକ ପୁସ୍ତକରେ ଚନ୍ଦ୍ରମଣି ଦାସ ଏପରି ଏକ ଉପନ୍ୟାସ ଲେଖିଥିବାର ସୂଚନା ସୁଦ୍ଧା ନାହିଁ। ଅଧିକାଂଶ ଆଲୋଚକ ୧୯୩୯ ରେ ପ୍ରକାଶିତ ଲେଖକଙ୍କ ଦ୍ୱିତୀୟ ଉପନ୍ୟାସ 'ପଲ୍ଲୀରେଣୁ' କୁ ହିଁ ତାଙ୍କର ପ୍ରଥମ ଉପନ୍ୟାସ ବୋଲି ମାନି ନେଇଛନ୍ତି। ଏପରି ଅବସ୍ଥାରେ ଯତ୍ କିଞ୍ଚିତ ଆଲୋଚନା ମାଧ୍ୟମରେ ଉପନ୍ୟାସଟିର ବିଷୟବସ୍ତୁର ଯେଉଁ ସ୍ୱଳ୍ପ ବିବରଣୀ ରହିଛି ତାହାକୁ ଗ୍ରହଣ କରିନେବାକୁ ହେବ।

୧୯୮୭ ମସିହାରେ 'ଏଷଣା' ପତ୍ରିକାର ଜୁନ୍ ସଂଖ୍ୟାରେ ଡକ୍ଟର କୃଷ୍ଣ ଚରଣ ବେହେରାଙ୍କର 'ସାହିତ୍ୟରେ ନିଷିଦ୍ଧ ଫଳ' ଶୀର୍ଷକରେ ଏକ ଆଲୋଚନା ପ୍ରକାଶ ପାଏ। ଏହି ଆଲୋଚନାରେ ସେ ବିଶ୍ୱର ବିବିଧ ଭାଷାର ସାହିତ୍ୟରେ ବିଭିନ୍ନ କାରଣରୁ କିପରି କେତେକ ସାହିତ୍ୟ କୃତି ନିଷିଦ୍ଧ ଘୋଷଣା ହୋଇଚି ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରସଙ୍ଗ କ୍ରମେ ଓଡ଼ିଆ ସାହିତ୍ୟରେ ନିଷିଦ୍ଧ ଘୋଷିତ ହାଇଫେନ୍ ଉପନ୍ୟାସ ସମ୍ପର୍କରେ ମଧ୍ୟ ଏଥିରେ ଆଲୋଚନା କରାଯାଇଛି। ଏହି ଆଲୋଚନାଟିରେ ଉପନ୍ୟାସଟିର ବିଷୟବସ୍ତୁ ସମ୍ପର୍କରେ ସୂଚନା ମିଳେ - 'ହାଇଫେନ୍' ସେହିପରି ଏକ ସମକାମୀ ତ୍ରିଭୁଜ ପ୍ରେମ-କାହାଣୀ। ସରଳ ନାମଧେୟ ଜଣେ ସୁଦୃଶ୍ୟ ତରୁଣ ସହିତ ଶଶି ଓ ନିର୍ମଳ ନାମଧେୟ ଦୁଇଜଣ ଯୁବକଙ୍କର ଦୈହିକ ଆକର୍ଷଣ ଏବଂ ତଜ୍ଜନିତ ପାରସ୍ପରିକ ଈର୍ଷା, ଦ୍ୱନ୍ଦ୍ୱ ଏଥିରେ ସୁନ୍ଦର ସଂଯତ ଭାବରେ ବର୍ଣ୍ଣିତ ହୋଇଛି। ବର୍ଣ୍ଣନାରେ ନଗ୍ନତା ଓ ଇତରତା କୁତ୍ରାପି ପରିଲକ୍ଷିତ ହୁଏ ନାହିଁ। ବରଂ ସୁନ୍ଦର ସୁଗଠିତ ତରୁଣ-ଦେହର ଆକର୍ଷଣ, ତଜ୍ଜନିତ ଭାବାବେଗ ପାଠକ ଚିତ୍ତକୁ ସ୍ପନ୍ଦନାୟିତ କରିଥାଏ। ସର୍ବୋପରି, ଦୈହିକ ଜାନ୍ତବ କ୍ଷୁଧା ଜାଗରୁକ କରିବା କାହାଣୀଟିର ଉଦ୍ଦେଶ୍ୟ ନୁହେଁ। ଲେଖକଙ୍କ ଭାଷାରେ– "ନିର୍ମଳ ଓ ତା'ର ସଂଗୀମାନେ ଯେ ସରଳର ସର୍ବନାଶ କରୁଛନ୍ତି, ସେକଥା ସରଳ ଆଦୌ ବୁଝି ପାରିଲା ନାହିଁ। କ୍ଷଣିକ ସ୍ନେହ, ଆଦର ଓ ସାମାନ୍ୟ ଜିନିଷର ଉପହାରରେ ଏକାବେଳେକେ ଭୁଲିଗଲା ତା'ର ମାନବ ଜୀବନର ଉଦ୍ଦେଶ୍ୟ।(ଏଷଣା, ଜୁନ୍, ୧୯୮୭, ପୃ. ୩୮)

ଅଭିନୟ ନୁହେଁ (୧୯୭୨): ମହାପାତ୍ର ଯତୀନ୍ଦ୍ର କୁମାରଙ୍କଦ୍ୱାରା ରଚିତ 'ଅଭିନୟ ନୁହେଁ' ଉପନ୍ୟାସଟି ୧୯୭୨ରେ ପୁସ୍ତକରୂପ ଲାଭ କରେ। ଏ ଉପନ୍ୟାସରେ ସମୁଦାୟ ୩ଟି ପରିଚ୍ଛେଦ ଓ ପ୍ରତିଟି ପରିଚ୍ଛେଦକୁ ଅଙ୍କ ବୋଲି ନାମିତି କରାଯାଇଛି। ୩ଟି ଅଙ୍କରେ କଥାଭୂମିର ମଞ୍ଚକୁ ଆସିଛନ୍ତି ୨ଟି ଚରିତ୍ର(ମଞ୍ଜୁ ଓ ସୁମନ୍ତ) ଓ ଯଥାକ୍ରମେ ସେମାନଙ୍କ ଜୀବନାନୁଭୂତିର କାହାଣୀ ଶୁଣାଇଛନ୍ତି ପାଠକକୁ। ଅଭିନେତ୍ରୀ ମଞ୍ଜୁ ଆଉ ସୁମନ୍ତର ପ୍ରେମକାହାଣୀକୁ କେନ୍ଦ୍ର କରି ଉପନ୍ୟାସର ବିଷୟ ବିନ୍ୟାସ। ମାତ୍ର ଏ ପ୍ରେମକାହାଣୀରେ ଅଭିନେତ୍ରୀ ଝରଣାର ମଞ୍ଜୁ ସହିତ ଗଢ଼ିଉଠିଥିବା ଏକ ରାତିର ଯୌନ ସମ୍ପର୍କ ଏକ ନାଟକୀୟ ଦ୍ୱନ୍ଦ୍ୱ ତିଆରି କରିଛି।

ମଞ୍ଜୁ ନୂଆକରି ଏକ ନାଟଦଳରେ ଯୋଗଦେଇଥାଏ, ଯେଉଁ ଦଳର ନାୟିକା ଝରଣା ବହୁ ଚର୍ଚ୍ଚିତା। ରିହେଲସେଲ୍ ସମୟରେ ମଞ୍ଜୁର ସୁମନ୍ତ ସହ ଦେଖାହୁଏ ଓ ହୃଦୟରେ ସୁମନ୍ତ ପ୍ରତି ଦୁର୍ବଳତା ତିଆରିହୁଏ। ମାତ୍ର ରିହେଲସେଲ୍ ସରିଲାପରେ ରାତିରେ ମଞ୍ଜୁ ଓ ଝରଣା ଗୋଟିଏ ରୁମ୍ରେ ରହଣୀ ସମୟରେ ଝରଣାର ସ୍ନାନ ପରେ ଉଲଙ୍ଗ ହୋଇ ମଞ୍ଜୁ ସାମ୍ନାକୁ ଆସିବା, ମଞ୍ଜୁକୁ ଝରଣା ପିଠିରେ ପାଉଡ଼ର ବୋଳିବାକୁ ଆଦେଶ ଦେବା, ଏ ସବୁ ଭିତରେ ମଞ୍ଜୁ ଅନୁଭବ କରିଛି ଏକ ଅଦ୍ଭୁତ ଶିହରଣ। ତେଣୁ ଉପନ୍ୟାସ ପ୍ରଥମ ଅଙ୍କରେ ମଞ୍ଜୁ କହିଛି – "ସେ ଯାହା ଚାହିଁଥିଲା ସେଇଆ ମୋତେ କରିବାକୁ ହେଲା। ଅନିର୍ବାଚନୀୟ ଅଦ୍ଭୁତପୂର୍ବ ସେଇ ଅନୁଭୂତି। ନୂତନ ଏକ ସ୍ୱାଦ, ନୂତନ ଏକ ଉଚ୍ଚାଟନ। ମୁଁ ପ୍ରତିବିମ୍ବକୁ ଚାହୁଁଥିଲି ବାରମ୍ବାର। ମୋ ଲମ୍ବା ଗୋରା ସରୁ ସରୁ ଆଙ୍ଗୁଳିର ନେଲ୍-ପଲିସ୍-କରା ଅଗ୍ନି-ବର୍ଣ୍ଣ ନଖସବୁ ଯେପରିକି ଏକ ପାଶବିକ ଆହ୍ୱାନର ପ୍ରତ୍ୟୁତ୍ତର ଦେବାପାଇଁ ଚଞ୍ଚଳ ହୋଇଉଠିଥିଲେ ।" (ପୃ- ୨୭)

ଝରଣା ଭଲପାଇଛି ମଞ୍ଜୁକୁ। ମଞ୍ଜୁକୁ ନିଜର କରିବାକୁ ପ୍ରକାଶ କରିଛି ନିଜ ଭିତରର ଆତୁରତା। ଅଭିନୟର ଜୀବନରେ କେତେକେତେ ପୁରୁଷଙ୍କ ଛଳନାର ଶିକାର ହେଇ ଶେଷରେ ସେ ଆଶ୍ରୟ ଖୋଜିଛି ନାରୀଟିଏର। ପୁରୁଷ ଆଉ ତା'ର କାମ୍ୟ ନୁହେଁ; କାହାର କୁଳବଧୂ ହୋଇ ଯୌବନରେ 'ସ୍ୱାମୀ' ନାମକ ପୁରୁଷର ଆଉ ବାର୍ଦ୍ଧକ୍ୟରେ 'ସନ୍ତାନ' ନାମଧେୟ ଆଉଜଣେ ପୁରୁଷର ଅଧିନସ୍ଥ ହୋଇ ରହିବାର ପୁରାତନ ସଂସ୍କାରକୁ ଅସ୍ୱୀକାର କରିଛି ଝରଣା। ତେଣୁ ମଞ୍ଜୁ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଝରଣା କହିଛି - "ଜଣେ ଚିର-କୁମାରୀ ରହିବାକୁ ଚାହିଁଲେ ବି, ତା'ର ଦେହ ଅଛି ଆଉ ରହିଚି ଦେହର ଦହନ..."ଏଇଆ କହିବୁ ତ? କିନ୍ତୁ ମଞ୍ଜୁ, ନାରୀ ଦେହର ସେଇ ଦାବୀ ଜଣେ ନାରୀ ମଧ୍ୟ ପୂରଣ କରିପାରେ।'

ଝରଣା ଦେହର ଦାବୀ ପୂରଣ କରିଛି ମଞ୍ଜୁ। ହ୍ୱିସ୍କି ନିଶାରେ ମାତାଲ୍ ହୋଇ ଉଠିଛନ୍ତି ଦୁଇ ନାରୀ। ମାତ୍ର ସକାଳକୁ ମଞ୍ଜୁ ସାମ୍ନାରେ ପୁଣି ଆସି ଛିଡ଼ାହେଇଛି ତା'ର ବାଞ୍ଛିତ ପୁରୁଷ ସୁମନ୍ତ। ନାରୀ-ନାରୀ ପ୍ରେମ ହୋଇଉଠିଛି ଅପ୍ରାକୃତିକ।

ଏଇଠୁ କାହାଣୀ ନେଇଛି ଭିନ୍ନ ମୋଡ଼। ମାତ୍ର ମଞ୍ଜୁ ଚରିତ୍ରଟିର ବିକାଶରେ ଓ କାହାଣୀରେ ନାଟକୀୟତା ଭରିବାରେ ଝରଣା ଓ ଝରଣାସହ ମଞ୍ଜୁର ଯୌନସମ୍ପର୍କ ନିର୍ବାହ କରିଛି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଝରଣା ଚରିତ୍ରଟି ମାଧ୍ୟମରେ ଔପନ୍ୟାସିକ ସମଲିଙ୍ଗୀ ସମ୍ପର୍କକୁ ଯେପରି ଦୃଢ଼ତାର ସହିତ ଉପସ୍ଥାପନ କରିଥିଲେ ମଞ୍ଜୁ ଓ ସୁମନ୍ତର ଆଖିରେ ଏହାକୁ Unnatural କହି ପୁଣି ସେହିପରି ଦୁର୍ବଳ କରିପକେଇଛନ୍ତି ।

ରୂପ ରଙ୍ଗ ଅନଙ୍ଗ (୨୦୧୦): ଓଡ଼ିଶାର ସ୍ୱନାମ ପ୍ରସିଦ୍ଧ ଲେଖକ, ଚିତ୍ରଶିଳ୍ପୀ ତଥା ଚିତ୍ରଶିଳ୍ପ ଗବେଷକ ଦିନନାଥ ପାଠୀଙ୍କର ସପ୍ତମ ଉପନ୍ୟାସ 'ରୂପ ରଙ୍ଗ ଅନଙ୍ଗ'ରେ ଯୌନତା ଓ ଯୌନାଚାରର ମୁକ୍ତ ବିମର୍ଷ ଲକ୍ଷ୍ୟକରାଯାଏ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନ, ପରଂପରା, ସାହିତ୍ୟ, ଚିତ୍ରକଳା, ଇତିହାସ ଓ ସାମାଜିକ ବିଧିବ୍ୟବସ୍ଥାରେ ପରିପାଳିତ ଯୌନତାର ବହୁବିଧ ପ୍ରକାର୍ଯ୍ୟର ଚର୍ଚ୍ଚା ଭିତରଦେଇ ସମଲିଙ୍ଗୀ ପ୍ରେମ ସମ୍ପର୍କ(ଗେ ଓ ଲେସବିଆନ୍)ର କଥା ପ୍ରତିଫଳିତ ହୋଇଛି ଏହି ଉପନ୍ୟାସଟିରେ।

ଉପନ୍ୟାସର କେନ୍ଦ୍ରୀୟ ଚରିତ୍ର 'ରୂପାନନ୍ଦ' ଜଣେ ଚିତ୍ରଶିଳ୍ପୀ ଓ ଗବେଷକ। ସ୍ୱେଜରଲ୍ୟାଣ୍ଡର ଜୁରିକ୍ ହ୍ରଦ ଉପକୂଳରେ ଥିବା କୁନ୍-ଷ୍ଟ ସଂଗ୍ରାହାଳୟରେ ଆୟୋଜିତ ଭାରତୀୟ କାମକ୍ରୀଡ଼ା ଓ ବିଶେଷକରି ଅମରୁଶତକର ତାଳପତ୍ର ପୋଥିଚିତ୍ର ଉପରେ ଆଧାରିତ ପ୍ରଦର୍ଶନୀର ସେ ମୁଖ୍ୟ ବକ୍ତା। ଓଡ଼ିଶାର ଶରଣକୂଳ ଗ୍ରାମର ଚିତ୍ରକର ମାନଙ୍କଦ୍ୱାରା ଆମରୁଶତକର ପୋଥିଗୁଡ଼ିକରେ ଉତ୍କୀର୍ଣ୍ଣ କାମକ୍ରୀଡ଼ାର ଚିତ୍ର ଓ ଏହାର ମହତ୍ତ୍ୱ ସମ୍ପର୍କରେ ସୁଇସ୍-ବାସୀଙ୍କୁ ଅବଗତ କରାଇବାର ଦାୟିତ୍ୱ ନେଇଥିବା ରୂପାନନ୍ଦଙ୍କ ମାଧ୍ୟମରେ ପ୍ରାଚ୍ୟ ଯୌନାଭ୍ୟାସର ପରମ୍ପରା, କାମଶାସ୍ତ୍ର, ରତୀବନ୍ଧ, ଚିତ୍ରପୋଥି, ଗୀତଗୋବିନ୍ଦ, ଅମରୁଶତକ ପରି ଶୃଙ୍ଗାର କାବ୍ୟ ଆଦିର ତାତ୍ତ୍ୱିକ ବ୍ୟାଖ୍ୟାନ ଘଟିଛି ଏହି ଉପନ୍ୟାସରେ। ତତ୍ ସହିତ ଯୌନତା ପ୍ରତି ପାଶ୍ଚାତ୍ୟ ଲୋକଙ୍କର ଭାବଧାରାର ଓ ଭାରତୀୟ ଯୌନାଚାର ସହିତ ପାଶ୍ଚାତ୍ୟ ଯୌନାଚାରର ତର୍କଣା ଆଦିର ଅବତାରଣା ଉପନ୍ୟାସଟିକୁ ଯୌନତତ୍ତ୍ୱ ଓ ଦର୍ଶନରେ ରସାଣିତ କରିଛି। ବୋଧହୁଏ ଯୌନତାର ବହୁବିଧ ତଥ୍ୟ ସମ୍ବନ୍ଧିତ ବିଷୟକୁ ଆଧାରକରି ଓଡ଼ିଆ ଉପନ୍ୟାସ ରଚନା କ୍ଷେତ୍ରରେ ଏହାହିଁ ପ୍ରଥମ ପ୍ରୟାସ।

ତେବେ ପ୍ରସଙ୍ଗକ୍ରମେ ରୂପାନନ୍ଦଙ୍କର ପରିଚୟ ଘଟିଛି ଅନୀତା, ନିକୋଲାସ୍, ଡାଭିଡ୍, ଜନ୍, ଶଶି, ରିହାନ୍ନା, ଏଲିନା, ରାନିଆ ଓ ସାଲିମା ଆଦି ଚରିତ୍ରମାନଙ୍କ ସହିତ। ଏମାନଙ୍କ ମଧ୍ୟରୁ କିଏ ପ୍ରବଳ ଯୌନପିପାସୀ ତ ଆଉ କିଏ ଯୌନବିମୁଖା, କିଏ ପୁରୁଷ ସମକାମୀ ତ କିଏ ନାରୀ ସମକାମୀ। ଏହି ଚରିତ୍ରମାନେ କେବଳ ବିବିଧ ଯୌନତାର ପ୍ରତିନିଧି ନୁହନ୍ତି ବରଂ ଯୌନତା ପ୍ରତି ଥିବା ପାରମ୍ପରିକ ବା ବନ୍ଧନୀଭୁକ୍ତ ଚିନ୍ତାଚେତନାର ପ୍ରତିସ୍ପର୍ଦ୍ଧୀ ମଧ୍ୟ। ଏହି ଚରିତ୍ରମାନଙ୍କ ସହିତ ରୂପାନନ୍ଦଙ୍କର ଭାବର ଆଦାନପ୍ରଦାନ ମାଧ୍ୟମରେ ଯୌନତାର ଏକ ପରେ ଏକ ବୈଚିତ୍ର୍ୟ ଉନ୍ମଚିତ ହୋଇଚାଲିଛି ପାଠକମାନଙ୍କ ସମ୍ମୁଖରେ।

ରୂପାନନ୍ଦ ଜୁରିକ୍-ବାସୀଙ୍କ ସହ ବିତେଇଥିବା ପାଞ୍ଚଟି ସ୍ମରଣୀୟ ସନ୍ଧ୍ୟାର କାଳ-ପରିଧିରେ ଉପନ୍ୟାସର କଥାବସ୍ତୁ ଗତିଶୀଳ। ପ୍ରଥମ ଦୁଇଟି ସନ୍ଧ୍ୟା ଅତିବାହିତ ହୋଇଛି କୁନ୍ଷ୍ଟ୍ ସଂଗ୍ରହାଳୟରେ ଅମରୁଶତକର ପୋଥିଚିତ୍ର ପ୍ରଦର୍ଶନୀ ଓ ତତ୍ସମ୍ପର୍କୀୟ ଚିତ୍ରଭାଷ୍ୟ ଗ୍ରନ୍ଥ 'ଆମରସ୍ ଡିଲାଇଟ୍'ର ଲୋକାର୍ପଣରେ। ପ୍ରାଚୀନ ଭାରତୀୟ ସମାଜ ଓ ସାହିତ୍ୟରେ ଯୌନତାର ମୁକ୍ତ ବିମର୍ଷ ଓ ମହନୀୟତାର ପ୍ରଚାର ଘଟିଛି ଏହି ଦୁଇଟି ସନ୍ଧ୍ୟାରେ। ପରବର୍ତ୍ତୀ ତିନୋଟି ସନ୍ଧ୍ୟାରେ ତିନୋଟି ଭିନ୍ନ ଭିନ୍ନ ସ୍ଥାନରୁ ରୂପାନନ୍ଦଙ୍କୁ ନିମନ୍ତ୍ରଣ ଆସିଛି ଓ ପ୍ରତିଟି ନିମନ୍ତ୍ରଣରେ ରୂପାନନ୍ଦ ଉପଲବ୍ଧ କରିଛନ୍ତି ଯୌନତାର ନୂତନ ପରିଭାଷା; ଯାହା ତାଙ୍କୁ ପ୍ରାଚ୍ୟ ପାରମ୍ପରିକ ଯୌନାଚାର ସହିତ ପାଶ୍ଚାତ୍ୟର ମୁକ୍ତ ଓ ବହୁମୁଖୀ ଯୌନାଚାରର ତର୍କଣା ଓ ବିଶ୍ଳେଷଣ କରିବାର ସୁଯୋଗ ଦେଇଛି। ପ୍ରଥମ ନିମନ୍ତ୍ରଣଟି ଆସିଛି ଅନୀତା ଓ ନିକୋଲାସଙ୍କ ପାଖରୁ। ଅନୀତା ଜଣେ ଭାସ୍କରଶିଳ୍ପୀ ଏବଂ ତାଙ୍କର ବର୍ତ୍ତମାନର ବନ୍ଧୁ ନିକୋଲାସ୍ ଜଣେ ଚିତ୍ରଶିଳ୍ପୀ। ଅନୀତା ନିଜ ପ୍ରଥମ ସ୍ୱାମୀଙ୍କୁ ରତି ବିମୁଖ ଓ ଅପାରଗ କହି ଛାଡ଼ପତ୍ର ଦେଲାପରେ ନିକୋଲାସଙ୍କ ସହ ଦାମ୍ପତ୍ୟର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛନ୍ତି। ନିମନ୍ତ୍ରଣର ଦ୍ୱିତୀୟ ସନ୍ଧ୍ୟାଟି ରୂପାନନ୍ଦଙ୍କର ବିତିଛି ଡାଭିଡ୍ ଓ ଜନଙ୍କ ଘରେ। ଡାଭିଡ୍ ଜଣେ ଫେସନ୍ ଡିଜାଇନର ଓ ଜନ୍ ଜଣେ ଇଣ୍ଟିରିଅର୍ ଡେକୋରେଟର୍। ଏମାନେ ଗେ' ଓ ଦୁଇଜଣଙ୍କ ମଧ୍ୟରେ ରହିଛି ସମଲିଙ୍ଗୀ ପ୍ରେମ ସମ୍ପର୍କ। ସେହିପରି ରୂପାନନ୍ଦ ଶେଷ ସନ୍ଧ୍ୟାର ନିମନ୍ତ୍ରଣ ପାଇଛନ୍ତି ରିହାନ୍ନା ଓ ଏଲିନାଙ୍କ ନିକଟରୁ। ରହିନ୍ନା ଓ ଏଲିନା ମଧ୍ୟ ଲେସବିଆନ୍ ଯୁଗଳ।

ରୂପାନନ୍ଦଙ୍କ ଆତିଥେୟତାର ଏହି ତିନୋଟି ପର୍ଯ୍ୟାୟରେ ଆମେ ଭେଟୁ ତିନୋଟି ଅଣପାରମ୍ପରିକ ବ୍ୟକ୍ତିସତ୍ତାଙ୍କୁ। ପ୍ରଥମଟିରେ ଜଣେ ରମଣ ବିଳାସୀ ନାରୀ, ଯିଏକି ରମଣ ସୁଖ ନମିଳିବାରୁ ନିଜର ପୂର୍ବତନ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଛି; ଦ୍ୱିତୀୟ ଓ ତୃତୀୟରେ ପାରମ୍ପରିକ ବା ବିସମଲିଙ୍ଗୀ(Heterosexual) ଯୌନାଚାରର ଶୃଙ୍ଖଳକୁ ଅସ୍ୱୀକାର କରୁଥିବା ଦୁଇ ସମଲିଙ୍ଗୀ ଯୁଗଳ ।

ଆମେ ପାରମ୍ପାରିକ ଯୌନାଭ୍ୟାସର ଦ୍ୱାହି ଦେଇ ସମଲିଙ୍ଗୀ ଯୌନାଭ୍ୟାସକୁ ଅପ୍ରାକୃତିକ କହିଲାବେଳେ ପ୍ରକୃତରେ ଯୌନାଭ୍ୟାସ ଭିତରେ ଥିବା ମୂଳ ପ୍ରେମାଭ୍ୟାସଟିକୁ କିଭଳି ଗୌଣ କରିଦେଉଛୁ ଏବଂ ଆନନ୍ଦର ମୂଳଉତ୍ସ ଯେ ପ୍ରେମ, ଦେହ ନୁହେଁ ତାହାକୁ ସମ୍ପୂର୍ଣ୍ଣ ରୂପେ ପାସୋରି ଦେଉଛି ଏ ସମ୍ପର୍କରେ ରୂପାନନ୍ଦଙ୍କର ଉପଲବ୍ଧି ତାଙ୍କୁ ଆଉ ଏକ ପ୍ରାପ୍ତବୟସ୍କ ପାରମ୍ପାରିକ/ ବହୁଜନ ପ୍ରଚଳିତ ବିସମକାମୀ ପ୍ରେମ ପରିସରରେ ଆବଦ୍ଧ କରିପାରିନାହିଁ। ଉପନ୍ୟାସର ଶେଷ ପର୍ଯ୍ୟାୟରେ ଉପଗତ ହେଲାବେଳକୁ ରୂପାନନ୍ଦ ପାରଂପରିକରୁ ଔପନିବେଶୀୟ ଓ ଔପନିବେଶୀୟରୁ ଆଧୁନିକତାର ବାଟ ଧରି ଶେଷରେ ବିଶ୍ୱାୟନମୁଖୀ ଭାବଧାରରେ ଉତ୍ତୀର୍ଣ୍ଣ ହୋଇପାରିଛନ୍ତି। ମଣିଷର ବ୍ୟକ୍ତିସତ୍ତାର ଆବେଦନ ପାଖରେ ଯେ ଲୈଙ୍ଗିକ ଓ ସାମାଜିକ ବନ୍ଧନ ତୁଚ୍ଛ ହୋଇଯାଏ ଓ ପ୍ରେମର

ଆସ୍ୱାଦନ ଯେ ଏକ ଆଧିଭୌତିକ ଉପସ୍ଥିତିର କଥା କହେ ଏହି ଅବବୋଧ ରୂପାନନ୍ଦକୁ ଏକ ନୂତନ ଆଲୋକର ସନ୍ଧାନ ଦେଇଛି। ପ୍ରେମର ପରିଭାଷାକୁ ନୂଆକରି ଦେଖିବାର ଅବସର ଯୋଗାଇଛି। ତେଣୁ ରୂପାନନ୍ଦ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଯେ- "ଆନନ୍ଦ ପ୍ରେମଗତ, ଦେହରୁ ଉତ୍ପନ୍ନ ନୁହେଁ। ଦେହ ବନ୍ଧନ ପ୍ରେମବନ୍ଧନ ନୁହେଁ। ବୃତ୍ତିଗତ ଯୌନାଚାରକୁ ପ୍ରେମ ଆଚରଣ କହିବା ପ୍ରମାଦ ହେବ। ଅନଙ୍ଗ ଦେହୋତ୍ତର ପ୍ରେମର ପ୍ରତୀକ। ସ୍ୱାଭାବିକ ଯୌନାଚାର ମାର୍ଗରେ ଗମିଲେ ଆମେ ଦେହୋତ୍ତର ପ୍ରେମରେ ପହଞ୍ଚିପାରିବା। ରମଣଶୀର୍ଷର ଆନନ୍ଦ ଦେହ ଅନୁଭବର ଆନନ୍ଦ ନୁହେଁ, ସେଠି ନା ଥାଏ ଦେହ ସଚେତନତା, ଦେହସଂଭ୍ରମ, ଇନ୍ଦ୍ରିୟାସକ୍ତି, ଲିଙ୍ଗଯୋନିର ଅସ୍ମିତା ବା ଏମିତି ଯେତେ ସବୁ ବାହ୍ୟ ଅନୁଭବ। ରମଣଶୀର୍ଷର ଆନନ୍ଦ ଏକ ଅଲୌକିକ ଅନୁଭବ।" (ପୃ- ୨୩୭)

ଉପନ୍ୟାସଟିର କଥାବସ୍ତୁ ଶେଷ ପର୍ଯ୍ୟାୟରେ ପହଞ୍ଚିଲାବେଳକୁ ରୂପାନନ୍ଦଙ୍କ ଚେତନାଗତ ପରିବର୍ତ୍ତନ ଘଟିଛି। ପ୍ରେମ ଯେ ବନ୍ଧନହୀନ ଓ ଆନନ୍ଦ ପ୍ରାପ୍ତିହିଁ ପ୍ରେମର ଚରମ ଲକ୍ଷ୍ୟ ଏ ଉପଲବ୍ଧିରେ ଅଭିଭୂତ ହୋଇ ଉଠିଛନ୍ତି ରୂପାନନ୍ଦ। ତେଣୁ ସେ ଆହ୍ୱାନ କରିଛନ୍ତି- "ହେ ମୋର ନାରୀ, ତମେ ନାୟିକା ହୁଅ, ସଖୀ ହୁଅ, ସଖା ବି ହୁଅ, ବା ହେ ମୋର ପୁରୁଷ, ତମେ ମୋର ସଖା ହେଇପାର, ସଖୀ ହେଇପାର ବା ଯେ କୌଣସି ଆନନ୍ଦ ପ୍ରଦାୟିନୀ ସତ୍ତା ହେଇପାର, ଆସ ମୋ ଦେହରେ ଲୀନ ହେଇଯାଅ, ଆମେ ଦୁହେଁ ଏକ ଆନନ୍ଦମୟ ସତ୍ତରେ ଉଦ୍ଭାସିତ ହେଇଯାଉ। ଆମ ଦେହ, ମନ, ସ୍ଥିତି ବିଭେଦଶୂନ୍ୟ ହେଇଯାଉ। ମୁଁ ହି ବିସମକାମୀ, ସମକାମୀ, ଲେସବିୟାନ୍, ଗେ'ଙ୍କ ଭିତରେ ମାନବୀୟ ସତ୍ତା, ମଣିଷ। ଏଣୁ ଆନନ୍ଦ ପ୍ରାପ୍ତିପାଇଁ ସବୁକିଛି ତ୍ୟାଗ କରିବାକୁ ତିଆର: ସମାଜ, ପରିବାର, ପ୍ରତିଷ୍ଠା, ଅର୍ଥ, ସୁବର୍ଣ୍ଣର ଲଙ୍କା ଓ ଶେଷରେ ଦେହ ମଧ୍ୟ।" (ପୃ- ୨୩୮) ଆନନ୍ଦଦାୟିନୀ ସତ୍ତାଟିର କୌଣସି ଲିଙ୍ଗ ନଥାଏ, ଏହିପରି ଏକ ସ୍ୱୀକାରୋକ୍ତିରେ ଉପନ୍ୟାସଟିରେ ଯବନିକା ଟାଣିଛନ୍ତି ଔପନ୍ୟାସିକ ।

ଅସାମାଜିକ (୨୦୧୧): କଥାଶିଳ୍ପୀ ସରୋଜିନୀ ସାହୁଙ୍କର 'ଅସାମାଜିକ' ଉପନ୍ୟାସ ଏକ ଲେସବିଆନ୍ ପ୍ରେମ ସମ୍ପର୍କ ଉପରେ ଆଧାରିତ। ଦୁଇ ବାଲ୍ୟ ବାନ୍ଧବୀ ଫୁଲମଣି ଓ ଚିନାମାଳୀ ଭିତରେ ଗଢ଼ିଉଠିଥିବା ସମ୍ପର୍କର ନିବିଡ଼ତା ଓ ତାହାକୁ କେନ୍ଦ୍ରକରି ଉଭୟଙ୍କ ପରିବାରର ତଥା ଗାଁ ଲୋକମାନଙ୍କ ଭିତରେ ସୃଷ୍ଟି ହୋଇଥିବା କ୍ରିୟା ପ୍ରତିକ୍ରିୟକୁ ଭିତ୍ତିକରି ଉପନ୍ୟାସଟିର କଥାବସ୍ତୁ ଗତିଶୀଳ। ସାଧାରଣ ଗ୍ରାମ୍ୟ ପରିବେଶ ଭିତରେ (ଯେଉଁଠାରେ ପ୍ରଥା ଓ ପରମ୍ପରାକୁ ଏଡ଼ିଯାଇ ଜୀବନ ବଞ୍ଚିବାର କଳ୍ପନା ସୁଦ୍ଧା କରାଯାଇନପାରେ), ଶିକ୍ଷା ଓ ସଂସ୍କାରର ସୀମାରେଖା ତଳେ ରହି ସୁଦ୍ଧା ଦୁଇଜଣ ଗ୍ରାମ୍ୟ ତରୁଣୀ ନିଜର ଅସ୍ମିତାର ସୁରକ୍ଷା ପାଇଁ ସମଗ୍ର ସମାଜ ବିପକ୍ଷରେ ଛିଡ଼ାହେବାର ଯେଉଁ ସାହସ ଦେଖାଇଛନ୍ତି, ତାହା ଔପନ୍ୟାସିକାଙ୍କର ସ୍ୱାଧୀନ ଚିନ୍ତନ ଓ ଦୃଢ଼ ପ୍ରତିବାଦୀ ଚେତନାର ପରିଚୟ ଦିଏ।

ଚିନା ଓ ଫୁଲର ବନ୍ଧୁତା ପିଲାଟିଦିନରୁ। ଏହି ବନ୍ଧୁତ୍ୱର ଆକର୍ଷଣ ଏତେ ତୀବ୍ରଯେ କେହି କାହାଠୁ ଅଲଗା ହେବାକୁ ଚାହାନ୍ତିନି। ମାତ୍ର ଘଟଣା କ୍ରମେ ଫୁଲର ପାଖ ଗାଁ କ୍ଷୀର ବ୍ୟବସାୟୀ ଝାରୁ ସହ ବିବାହ ହେଲାପରେ ଫୁଲ ତା ଜୀବନରେ ଚିନାର ଅନୁପସ୍ଥିତିକୁ ଉପଲବ୍ଧି କରିଛି ଓ ପିଲାଟିଦିନରୁ ପରସ୍ପର ଭିତରେ ଗଢ଼ିଉଠିଥିବା ଘନିଷ୍ଠ ସମ୍ପର୍କର ସଂଜ୍ଞା ଯେ ବାନ୍ଧବୀ ଭିନ୍ନ ଅନ୍ୟକିଛି, ଏକଥା ହୃଦୟଙ୍ଗମ କରିଛନ୍ତି ଉଭୟ। ଫୁଲକୁ ନେଇ ଝାରୁ ଓ ଚିନା ଭିତରେ ଦେଖାଦେଇଛି ଦ୍ୱନ୍ଦ୍ୱ, ଫୁଲକୁ ନିଜର କରିବାର ମାନସିକ ପ୍ରତିଯୋଗିତା। ପୁଣି ଘଟଣାକ୍ରମେ ଫୁଲର ବୈବାହିକ ଜୀବନରେ ଘଟିଯାଇଥିବା ଏକ ଅଘଟଣରେ କାହାଣୀର ନାଟକୀୟ ମୋଡ଼ ପରିବର୍ତ୍ତନ ଘଟିଛି। ଏ ଅଘଟଣରେ ଗାଁ ଲୋକ, ପରିବାର, ଏମିତିକି ଝାରୁ ମଧ୍ୟ ଫୁଲର ମନସ୍ଥିତି ବୁଝିବାକୁ ସକ୍ଷମ ହୋଇନଥିବାବେଳେ ଏକମାତ୍ର ଚିନାହିଁ ଫୁଲର ସହାୟ ହୋଇ ଛିଡ଼ା ହୋଇଛି ଓ ଫୁଲକୁ ତା' ଶାଶୁଘରୁ ନିଜ ସହ ନେଇ ଆସିଛି ନିଜଘରକୁ। ଫୁଲର ବାପା ମାଆ କିମ୍ବା ସ୍ୱାମୀ, ଶାଶୁ କେହିବି ତା'ର ଚିନା ସହ ମିଳାମିଶାକୁ ପସନ୍ଦ କରିନାହାନ୍ତି। ସାହିପଡ଼ିଶା ଲୋକ ମଧ୍ୟ ଏମାନଙ୍କର ନିବିଡ଼ତାକୁ ଖରାପ ଆଖିରେ ଦେଖିଛନ୍ତି। ମାତ୍ର ଫୁଲ ଓ ଚିନା ବେଖାତିର୍ କରିଦେଇଛନ୍ତି ସମାଜର ନାଲିଆଖିକୁ। ତେବେ ସେମାନଙ୍କ ଭିତରେ ଥିବା ଏଇ ସମ୍ପର୍କର ପରିଭାଷା କଣ? ସମାଜରେ ଏହି ସଂପର୍କର ସ୍ଥିତି କଣ? "ଫୁଲ ଆଉ ଚିନା ଏତେ କଥା ବୁଝନ୍ତି ନାହିଁ। ବୁଝନ୍ତିନାହିଁ କାହିଁକି ବାଘୁଣୀ ଆଉ କୁକୁର ଭିତରେ ପ୍ରେମ ହୁଏ? ବୁଝନ୍ତି ନାହିଁ ବରଗଛର ପ୍ରେମରେ କାହିଁକି ଲତା ଗଛଟେ ପଡ଼େ? ପ୍ରେମ ନିୟମ ଭାଙ୍ଗେ। ଆଉ ଯିଏ ଯେତେ ନିୟମ ଭାଙ୍ଗେ ସେତେ ପ୍ରେମରେ ପଡ଼ିଯାଏ ତ ।" (ଅସାମାଜିକ, ପୃ- ୬୨)

ଫୁଲ ଓ ଚିନା ମଧ୍ୟ ସେତିକି ଗଭୀର ଭାବରେ ମାତିଯାଇଛନ୍ତି ପରସ୍ପରର ପ୍ରେମରେ। ସକଳ ସାମାଜିକ ପ୍ରତିବନ୍ଧକ ଓ ପ୍ରତିକୂଳତା ସତ୍ତ୍ୱେ ଆଦରି ନେଇଛନ୍ତି ଦୁହେଁ ଦୁହିଁଙ୍କୁ ଓ ସାଜିଛନ୍ତି ଦୁହେଁ ଦୁହିଁଙ୍କର ପରିପୂରକ। ସାଧାରଣ ପ୍ରେମିକ ଦମ୍ପତିଙ୍କ ଭିତରେ ପରସ୍ପର ପ୍ରତି ଯେଉଁ ଦାୟ, ଦାୟିତ୍ୱ, ଶ୍ରଦ୍ଧା, ଅନୁରାଗ ରହିବା କଥା, ଏମାନଙ୍କ ଭିତରେ ବି ଅଛି। ଦୁଃଖରେ ସୁଖରେ, ସୁଦିନରେ ଦୁର୍ଦ୍ଦିନରେ ଦୁହେଁ ଦୁହିଁଙ୍କୁ ଲୋଡ଼ିଛନ୍ତି। ପ୍ରେମର ପରିଭାଷା କହିଲେ ଆମେ ଏହା ହିଁ ତ ବୁଝିଥାଉ! ମାତ୍ର " ହଁ ପ୍ରେମ ଓହ୍ଲେଇ ଆସେ ଦେହକୁ। ସେଇଠି ଆପତ୍ତି। ସେଇଠି ବିରୋଧ। ସେଇଠି ପାପପୁଣ୍ୟର ବିଚାର। ସେଇଠି ଅଶ୍ରଦ୍ଧା। ସେଇଠି ଛି-ଛାକର। ଅସଲରେ ଦେହଟା ଯେ ତୁଚ୍ଛା। କ୍ଷୟଶୀଳ। ତା'ଭିତରେ କୋଉଠି ଥାଏ

ତ ଢଳଢଳ ପ୍ରେମ।" (ଅସାମାଜିକ-୬୨) ଏଇ ଛୋଟିଆ ତତ୍ତ୍ୱକୁ ସେମାନେ ବୁଝେଇ ପାରିନାହାନ୍ତି ଝାରୁକୁ, ଫୁଲର ମାଆକୁ, ଶାଶୁକୁ, ଚିନାର ଦାଦା, ବଡ଼ବାପା ଆଉ ଗାଁଯାକର ଲୋକମାନଙ୍କୁ। ସମସ୍ତେ ଖୋଜିଛନ୍ତି ସମ୍ପର୍କରର ସାମାଜିକ ସଂଜ୍ଞା, ସମାଜ ଅନୁମୋଦିତ ପ୍ରତିଷ୍ଠା। ଯାହା ଅସମ୍ଭବ ବୋଧ ହୋଇଛି ସେମାନଙ୍କୁ। ତେଣୁ ଫୁଲ ଓ ଚିନାର ସମ୍ପର୍କ କ୍ରମେ ଅସହ୍ୟ ହୋଇଉଠିଛି ସମସ୍ତଙ୍କ ଆଖିରେ।

ଫୁଲର ନିଜର ସ୍ୱାମୀକୁ ଛାଡ଼ି ନିଜ ବାପା ମାଆଙ୍କୁ ଛାଡ଼ି ଚିନା ପାଖରେ ରହିବା ଓ ସ୍ୱାମୀ, ଶାଶୁ ଆଦି ବାରବାର ଆସି ଫୁଲକୁ ନିଜସହ ନେଇଯିବାକୁ ଚେଷ୍ଟାକରି ବିଫଳହେବା ଲୋକମାନଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି କରିଛି। ଫୁଲ ଓ ଚୀନାର ସମ୍ପର୍କକୁ ସମସ୍ତେ ସନ୍ଦେହ ଆଖିରେ ଦେଖିଛନ୍ତି। ଟାହିଟାପରା ମଧ୍ୟ କରିଛନ୍ତି। ଶେଷରେ ଚିନା ନିଷ୍ପତ୍ତି ନେଇଛି ସେମାନଙ୍କ ଭିତରେ ଥିବା ସମ୍ପର୍କକୁ ଏକ ସଂଜ୍ଞା ଦେବାକୁ। ତେଣୁ ସେ ଫୁଲକୁ ନେଇ ଗାଁ ମନ୍ଦିରରେ ସିନ୍ଦୂର ପିନ୍ଧେଇଛି। ମାତ୍ର ଏ କଥାର ପ୍ରବଳ ବିରୋଧ କରିଛନ୍ତି ଗାଁ ଲୋକେ। ଫୁଲ ମଧ୍ୟ ଚିନାର ଏମିତି ଏକ ନିଷ୍ପତ୍ତିକୁ ଗ୍ରହଣ କରିପାରିନାହିଁ। -

"କିଏ କହିଥିଲା ତାକୁ ମନ୍ଦିର ଯାଇ ଏତେ ଡ୍ରାମା କରିବାକୁ? ଘରେ କ'ଣ ଠାକୁର ନାହାନ୍ତି? ଘରେ କ'ଣ ଘିଅଦୀପଟେ ଜାଳି ସେ ମୁଣ୍ଡରେ ସିନ୍ଦୂର ପିନ୍ଧେଇ ପାରିନଥାନ୍ତା? ସିନ୍ଦୂର ନପିନ୍ଧେଇଲେବି କ'ଣ ସେମାନେ ଏକାଠି ରହିନଥିଲେ? କ'ଣ ଆବଶ୍ୟକତା ଥିଲା ବାହା ହବାର? ବାହାହେଇପଡ଼ିଲେ ଯେ ସେ ସନ୍ତାନବତୀ ହେବ, ତା' ନୁହେଁ। ତେବେ କି ଆବଶ୍ୟକତା ଥିଲା ବାହା ହେବାର? କି ଦରକାର ଥିଲା ଯାହା ସମାଜ ଅସ୍ୱୀକୃତ ତାକୁ ସାମାଜିକ ସ୍ୱୀକୃତି ଦେବାର?" (ଅସାମାଜିକ, ପୃ-୧୨୫)

ଏ ଦ୍ୱନ୍ଦ୍ୱରୁ ମୁକୁଳି ପାରିନାହିଁ ଫୁଲ। ତାକୁ ଲାଗିଛି ଯେମିତି ଗୋଟିଏ ପରେ ଗୋଟିଏ ନର୍କର ଦ୍ୱାର ଫିଟି ଯାଇଛି ତା'ପାଇଁ। ପାପପୁଣ୍ୟ ଭଲମନ୍ଦର ଦ୍ୱନ୍ଦ୍ୱ ଭିତରେ ଛନ୍ଦି ହେଇଯାଇଛି ଫୁଲ। ଏ ଘଟଣା ନେଇ ଚିନା ଓ ଫୁଲ ବିରୁଦ୍ଧରେ ଗାଁରେ ନିସାପ ବସିଛି। ଚିନାକୁ ହଜାରେ ଟଙ୍କା ଜୋରିମାନ ସହିତ ଫୁଲକୁ ନେଇ ତା ବାପଘରେ ନହେଲେ ଶାଶୁଘରେ ଛାଡ଼ିଆସିବାର ଫଇସାଲା ଶୁଣାଇଛନ୍ତି ଗାଁ ଲୋକେ।

ମାତ୍ର ଚିନା ହାର୍ ମାନିନାହିଁ। ଫୁଲପ୍ରତି ତା'ର ଏ ଭଲପାଇବାକୁ ସେ କୌଣସି ବି ମୁହୂର୍ତ୍ତରେ ହରେଇଦେବାକୁ ରାଜି ନୁହେଁ। ହେଇପାରେ ସେ ନାରୀ, ପୁରୁଷ ନୁହେଁ। ହେଇପାରେ ଏ ସମାଜ ନାରୀ ନାରୀ ଭିତରର ସମ୍ପର୍କକୁ ଦେଇଛି ଅବୈଧତାର ପରିଚିତି। ମାତ୍ର ଚିନା ତା' ଫୁଲକୁ ହରେଇବାକୁ କି ସମାଜର ଶୃଙ୍ଖଳ ନିକଟରେ ପରାଜୟ ବରଣ କରିବାକୁ ଚାହିଁନାହିଁ। – "ଚିନା ଭାବୁଥିଲା ସେ ତ ପୁରୁଷ ନୁହେଁ, ତଥାପି ତା' ଭିତରେ ଏ ବିଚିତ୍ର ଆକର୍ଷଣ କାହିଁକି ଫୁଲପାଇଁ। କାହିଁକି ଜୀବନ ବ୍ୟର୍ଥ ଲାଗେ ଫୁଲ ବିନା। ସେ ବି ତ ଘର ସଂସାର କରି ରହିପାରିଥାନ୍ତା କାହାରି ସାଙ୍ଗରେ। କାହିଁକି ତା' ମନ ବଳିଲା ନାହିଁ ଅନ୍ୟ ପୁରୁଷ ଆଡ଼କୁ? କାହିଁକି ଟିକିଏ କୋମଳତା, ଟିକିଏ ଲଜ୍ଜା, ଟିକିଏ ବିନୟପଣ ଅଧିକାରିଣୀ ହଲାନି ସେ? କାହିଁକି ଫୁଲର ତରଳ ସରଳ ଭାବରୁ ଆଞ୍ଜୁଳେ ଉଧାର ମାଗି ନେଲାନି? ଏବେ ଆଉ ପକ୍ଷୀରାଜ ଘୋଡ଼ାରେ ଚଢ଼ି ହିରୋ ହେବାକୁ ଇଚ୍ଛା ହେଉ ନଥିଲା ତା'ର। କିଂତୁ ପରାଜୟ? ଅସହ୍ୟ। ସେ ଲଢ଼ିବ ଶେଷ ଯାଏଁ।" (ଅସାମାଜିକ-୧୩୫)

ସମାଜରୁ ପଳାୟନ ନୁହେଁ ବରଂ ସମାଜ ଭିତରେ ରହିହିଁ ଅସାମାଜିକର ନିଗଡ଼ରୁ ନିଜକୁ ମୁକୁଳେଇ ଆଣିପାରିବାର ସାହସ ଦେଖାଇବା ଓ ସାମାଜିକ ସ୍ୱୀକୃତି ମପାଇବା ଯାଏଁ ଲଢ଼େଇ ଲଢ଼ିଚାଲିବା ହିଁ 'ଅସାମାଜିକ' ଉପନ୍ୟାସର ଶେଷକଥା।

<u>ଅଫେରା ନଦୀ*:</u> ଏହି ଉପନ୍ୟାସଟିର ଲେଖକ ଅକ୍ଷୟ ମହାନ୍ତି। ଉପନ୍ୟାସର ନାୟିକା ସରସ୍ୱତୀ। ସରସ୍ୱତୀ ତା' ଜୀବନରେ ସାଉଁଟିଥିବା ଭିନ୍ନଭିନ୍ନ ପ୍ରେମାନୁଭୂତିକୁ ଆଧାର କରି ଉପନ୍ୟାସଟିର କଥାବସ୍ତୁ ଗ୍ରଥିତ। ସ୍କୁଲ୍ ଓ କଲେଜ୍ ପଢ଼ାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟରେ ଗବେଷଣା ଓ ଅଧ୍ୟାପିକା ଭାବରେ ବିତେଇଥିବା ଚାକିରୀ ଜୀବନରେ ସରସ୍ୱତୀ ଭେଟିଛି ଭିନ୍ନଭିନ୍ନ ନାରୀ ଚରିତ୍ରମାନଙ୍କୁ। ସେହି ନାରୀଚରିତ୍ର ମାନଙ୍କ ସହ ଗଢ଼ିଉଠିଥିବା ସମକାମୀ ପ୍ରେମ ସମ୍ପର୍କର ଚିତ୍ରଣ ହୋଇଛି ଉପନ୍ୟାସଟିରେ।

ନାରୀମାନଙ୍କ ପ୍ରତି ସରସ୍ୱତୀର ଆକର୍ଷଣ ପିଲାଟି ଦିନରୁ। ଯେତେ ଚେଷ୍ଟାକଲେ ବି ପୁରୁଷମାନଙ୍କୁ ସେ ଭଲପାଇପାରିନି। ତେଣୁ କୋ- ଏଡ଼ କଲେଜରେ ପଢ଼ିବାକୁ ତା' ବାପା ମା' ଉୋଦେଶ ଦେଇଥିଲେ ହେଁ ସେ ଗାର୍ଲସ୍କୁଲରେ ନାମ ଲେଖାଇଛି। ଏଇ ସ୍କୁଲ୍ ଜୀବନରେ ତା'ର ପ୍ରଥମ ସମ୍ପର୍କ ଗଢ଼ି ଉଠିଛି ଜ୍ୟୋତ୍ସ୍ନା ଗୁରୁମାଙ୍କ ସହ। ଜ୍ୟୋତ୍ସ୍ନା ଗୁରୁମାଙ୍କୁ ଲୁଚିଲୁଚି ଦେଖିବା, ତାଙ୍କ ସହ କଥାହେବାକୁ ତାଙ୍କ ପାଖରେ ବସିବାକୁ ଇଚ୍ଛା ପ୍ରକାଶ କରିବା ଏ ସବୁ ଯେ ତା'ର ଜ୍ୟୋତ୍ସ୍ନା ଗୁରୁମାଙ୍କ ପ୍ରତି ଥିବା ପ୍ରେମର ପ୍ରତିଫଳନ ଏହା ଆରମ୍ଭରୁ ବୁଝିପାରିନି ସରସ୍ୱତୀ। - "ତେବେ ଗୋଟିଏ ବଡ଼ କଥା ସରସ୍ୱତୀ ବୁଝିପାରୁନଥିଲା। ସେ ଜାଣିଥିଲା ଯେ ଏ ସମୁଦ୍ର କୂଳରେ ସେ ଓ ଗୁରୁମା ବୁଲୁଛନ୍ତି। ସେଇଟା ହିଁ ସବୁଠାରୁ ବଡ଼ ସତ୍ୟ ଆଉ ଏ ସତ୍ୟଟା ହିଁ ତା' ଲାଗି ପ୍ରେମ। ସେ ଆଉ କାହାକୁ ପ୍ରେମ କରିବାକୁ ଚାହେଁନା। ଗୁରୁମାଙ୍କ ପାଖରେ ଥିବା ପର୍ଯ୍ୟନ୍ତ ସେ ଆଉ କାହା ସହ କଥାବାର୍ତ୍ତା କରିବାକୁ ଚାହେଁନା ।' ଏ ଆକର୍ଷଣ, ଜ୍ୟୋତ୍ସ୍ନା ଗୁରୁମାଙ୍କୁ ଗୋଟାପଣେ ନଜର କରିବାର ଇଚ୍ଛା, ତାଙ୍କ ସହ ଏକାନ୍ତରେ ସମୟ ବିତେଇବାର ସ୍ୱପ୍ନ, ଏ ସବୁଯେ ଧିରେ ଧିରେ ସରସ୍ୱତୀ ମନରେ ନାରୀ ସମକାମୀ

ଆକର୍ଷଣ ତିଆରି କରୁଥିଲେ। ଯାହା ବୟସ ବଢ଼ିବା ସହ ସରସ୍ୱତୀ ବୁଝିପାରିଥିଲା।

କିଶୋର ବୟସରୁ ନାରୀପ୍ରତି ସରସ୍ୱତୀ ମନରେ ଯେମିତି ଆକର୍ଷଣ ତିଆରି ହେଉଥିଲା ସମାନ୍ତରଳ ଭାବେ ପୁରୁଷ ପ୍ରତି ବିକର୍ଷଣ ବି ଜାତ ହେଉଥିଲା। ତେଣୁ ମାଟ୍ରିକ୍ ପାସ୍ କରି କଲେଜ୍ ପଢ଼ିଲାବେଳେ ତା' ପାଇଁ ଟ୍ୟୁସନ୍ ସାର୍ ଠିକ୍ ହୋଇଥିବା କଥା ଜାଣି ତା ମନରେ ପ୍ରତିକ୍ରିୟା ଦେଖାଦେଇଛି- "ଟିଉସନ୍ ସେ କାହା ପାଖରେ ନେବ? ନିଶ୍ଚୟ ଜଣେ ଯୁବକ ଶିକ୍ଷକ ଆସିବ। ସରସ୍ୱତୀ ପଢ଼ାଘରେ ଜଣେ ଯୁବକ ସହିତ ଏକାଏକା ପଢ଼ିବା କଥା ଭାବି କେମିତି ଥରି ଉଠିଲା। ପ୍ଲସଟୁ ଫାଷ୍ଟ୍ ଇୟରଟା କୌଣସି ମତେ ଚାଲିଗଲା। କିନ୍ତୁ ସେକେଣ୍ଡ ଇୟରରେ ଟିଉସନ୍ ନେବାକୁ ପଡ଼ିଲା। ଗୋଟେ ପୁଅ କଲେଜ୍ର ଲେକଚର୍ ଆସନ୍ତି ପଢ଼େଇବାକୁ। ସେ କେବଳ ଦୁଇଟା ସବଜେକ୍ଟ ପଢ଼ାନ୍ତି। ସରସ୍ୱତୀକୁ ଅଡୁଆ ଲାଗେ ତାଙ୍କ ପାଖରେ ବସି ପଢ଼ିବାକୁ। ମାସକ ପରେ ସେ ଅଣନିଃଶ୍ୱାସି ହୋଇ ଉଠିଲା।"

ତେଣୁ ମାଙ୍କୁ କହି ତା'ର ଟ୍ୟୁସନ୍ ସାର୍ ଙ୍କ ବଦଳି କରାଇଥିଲା ସରସ୍ୱତୀ। ଏହିପରି ଘଟଣା କ୍ରମରେ ଜ୍ୟୋତି ସହ ତା'ର ଦେଖା ଓ ଜ୍ୟୋତି ସହ ଘନିଷ୍ଠତା ତାକୁ ପ୍ରେମର ଏମ ନୂଆ ଦୁନିଆ ସହିତ ପରିଚିତ କରାଇଲା। ସରସ୍ୱତୀ ବୁଝିପାରିଲା ତା ଭିତରେ ନାରୀ ପ୍ରତି ଥିବା ଆକର୍ଷଣଟି ପ୍ରକୃତରେ ପ୍ରେମ। ଏହାପରେ ସରସ୍ୱତୀ ଜୀବନରେ ପ୍ରତିଟି ମୋଡ଼ରେ ଆସିଛନ୍ତି ନୂଆ ନୂଆ ନାରୀ, ନୂଆ କରି ସେମାନଙ୍କ ପ୍ରେମରେ ପଡ଼ିଛି ସରସ୍ୱତୀ। ଜ୍ୟୋସ୍ନା ଗୁରୁମା, ଜ୍ୟୋତି, ମିନୁ ମ୍ୟାଡ଼ାମ, ବାଣୀ ମ୍ୟାଡ଼ାମ, ପୂର୍ଣ୍ଣିମା ପରି ଯେତେ ଯେତେ ନାରୀମାନଙ୍କ ସଂସର୍ଗରେ ଆସିଛି, ସେତେସେତେ ପ୍ରେମର ନୂତନ ଦିଗକୁ ଆବିଷ୍କାର କରିଚାଲିଛି ସରସ୍ୱତୀ। ବହେମିଆନ ଚରିତ୍ରଟିଏ ପରି ଜୀବନକୁ ବେପରୁଆ ଭାବେ ବଞ୍ଚିବାରେ ଲାଗିଛି ସେ। ଭଲମନ୍ଦ ପାପପୂଣ୍ୟର ବିଚାର ସେ କରିନି, ଜୀବନର ପ୍ରବାହକୁ ତା ବାଟରେ ବହିଯିବାକୁ ଦେଇଛି ଅଫେରା ନଦୀ ପରି।

ଅଦୃଶ୍ୟ ଅସ୍ତିତ୍ୱ (୨୦୧୬): ଅଦୃଶ୍ୟ ଅସ୍ତିତ୍ୱ'ର ଲେଖକ ସହଦେବ ସାହୁ। 'ସାମ୍ନା' ପତ୍ରିକାର ଉପନ୍ୟାସ ବିଶେଷାଙ୍କରେ ୨୦୧୬ ମସିହାରେ ଏହା ପ୍ରକାଶଲାଭ କରିଥିଲା। ଏହି ଉପନ୍ୟାସଟିରେ ରହିଛି ସୁରେଶର ଜୀବନ ସଂଘର୍ଷ, ବିବିଧ ଯୌନାନୁଭୂତିର ଓ ସୁରେଶରୁ ମୋହିନୀ କିନ୍ନରରେ ରୂପାନ୍ତରଣର କାହାଣୀ।

ପିଲାଟି ଦିନରୁ ସୁରେଶ ମନରେ ଥିବା ପୁରୁଷ ପ୍ରତି ଆକର୍ଷଣ ଭାବ ଓ ନିଜ ଭିତରରେ ଥିବା ନାରୀ ସତ୍ତାଟିର ଅନୁଭବ ତା ଜୀବନକୁ ଭିନ୍ନ ପଥରେ ପରିଚାଳିତ କରିଛି। ତା'ର ପ୍ରଥମ ସମଲିଙ୍ଗୀ ସମ୍ପର୍କ ଗଢ଼ି ଉଠିଛି କିଶୋର ଅବସ୍ଥାରୁ। ପାର୍ବତୀପୁର ଗ୍ରାମର ରାଧାକୃଷ୍ଣ ମନ୍ଦିରର ସେବକ ବଟନନା ତାକୁ ପ୍ରଥମକରି ପରିଚିତ କରାଇଛି ତା ଭିତରେ ଥିବା ନାରୀ ସତ୍ତାଟି ସହିତ। "ବଟନନା ତା' ଛାତିରେ ସୁରେଶକୁ ଚାପି ଧରିଲା, ତା ଚୁଟିକୁ ସାଉଁଳେଇ ଦେଇ ଚିବୁକରେ ଚୁମାଦେଇ କହିଲା, ତୁ ସୁରେଶ ନୁହେଁ, ତୁ ମୋହିନୀ। ତୋ ଦେହ ସୁରେଶର, ଆତ୍ମାଟା ମୋହିନୀର। ତୁ ସୁରେଶ ଦେହରେ ବନ୍ଦିନୀ, ଶ୍ରୀକୃଷ୍ଣଙ୍କର ରାଧା।'

ସମୟକ୍ରମେ ସୁରେଶ ବଡ଼ ହେଇଛି, ପରିବାରର ଦାୟଭାରରେ ଚାକିରୀ ଖୋଜିଛି ଓ ଆସି ପହଞ୍ଚିଛି ତା ବାପାଙ୍କର ପିଲାଦିନର ସହପାଠୀ ପ୍ରଭାକର ଜେନା ନିକଟରେ। ପ୍ରଭାକର ସୁରେଶକୁ ଚାକିରୀ ଦେଇଛି ଓ ନିଜ ଘରେ ନେଇ ରଖେଇଛି। ସୁରେଶ କ୍ରମେ ପ୍ରଭାକରର କଳା ବଜାରୀ ଧନ୍ଦାରେ ଜଡ଼ିତ ହୋଇ ନାନା ଅନୈତିକ କାମରେ ଲିପ୍ତ ରହିଛି। ସୁରେଶ ପ୍ରଭାକରର ଯୌନତାର ଶିକାର ମଧ୍ୟ ହୋଇଛି; ଏପରିକି ପ୍ରଭାକରର ସ୍ତ୍ରୀ ମୌସୁମୀ ସହ ମଧ୍ୟ ଶାରୀରିକ ସଂମ୍ପର୍କ ରଖିବାକୁ ବାଧ୍ୟ ହେଇଛି। ଏ କ୍ରମେ ଛନ୍ଦି ହେଇ ଯାଉଥିବା ବୁଢ଼ିଆଣୀ ଜାଲ ଭିତରୁ ମୁକ୍ତି ଖୋଜିଛି ସୁରେଶ। କିନ୍ନର ସୁସ୍ମିତା ମା' ତା'ର ସହାୟ ହୋଇଛନ୍ତି। ଶେଷରେ ସୁସ୍ମିତା ମାଆଙ୍କ ସହାୟତାରେ ସେ ପ୍ରଭାକର ଜେନାର ମାୟାଜାଲରୁ ବାହାରିବାରେ ସକ୍ଷମ ହୋଇଛି ଓ ସୁସ୍ମିତା ମା ଗଢ଼ିଥିବା 'ସାଥୀ' ସଂଗଠନରେ ଯୋଗଦେଇ କିନ୍ନର ମାନଙ୍କ ପାଇଁ କାମ କରିବାକୁ ଇଚ୍ଛା ପ୍ରକାଶ କରିଛି। ପରିଶେଷରେ ସୁରେଶର ରୂପାନ୍ତରଣ ଘଟିଛି ମୋହିନୀକୁ।

ବାହ୍ୟ ଅସ୍ତିତ୍ୱର ଆଢୁଆଳରେ ପ୍ରତିଟି ମଣିଷ ଭିତରେ ଯେ ଲୁକ୍କାୟିତ ହେଇ ରହିଥାଏ ଏକ ଅଦୃଶ୍ୟ ଅସ୍ତିତ୍ୱ ଓ ଏହି ଅଦୃଶ୍ୟ ଅସ୍ତିତ୍ୱଟିର ବହିଃପ୍ରକାଶରେ ହିଁ ଚେତନାର ସର୍ବାଙ୍ଗୀଣ ବିକାଶ ସମ୍ଭବ , ଏହା ହିଁ ଏହି ଉପନ୍ୟାସର ସାର ନିର୍ଯ୍ୟାସ ।

ଇତର(୨୦୨୧): ନିକଟ ଅତୀତରେ ପ୍ରକାଶିତ ଯୁବ କଥାକାର ଶୁଭ୍ରାଂଶୁ ପଣ୍ଡାଙ୍କର ଉପନ୍ୟାସ 'ଇତର' ଗୋବିନ୍ଦ ନାମୀ ଜଣେ ରୂପାନ୍ତରଲିଂଗୀର ଗୋବିନ୍ଦରୁ କିନ୍ନର ଗୁରୁ କରୀନା ମାଆ ହେବାଯାଏଁ ଦୀର୍ଘ ଜୀବନ ଯାତ୍ରାର କାହାଣୀ ସବଳିତ। ଗୋବିନ୍ଦ ମାଧ୍ୟମରେ ସମାଜ ଆଖିରେ ଅପାଂକ୍ତେୟ ସେହି ଶହ ଶହ କିନ୍ନରଙ୍କର ଜୀବନର ଦୁଃଖ, ପ୍ରେମ, ପ୍ରତାରଣା, ପାରିବାରିକ ପରିସ୍ଥିତି ଠାରୁ ଆରମ୍ଭ କରି କିନ୍ନର ବସ୍ତିର ଜୀବନ ଶୈଳୀ ଓ କିନ୍ନରଙ୍କ ବହୁ ଅନ୍ଧାରୀ ଦୁନିଆର ବହୁ ରହସ୍ୟ ଉନ୍ମୋଚନର ପ୍ରୟାସ କରାଯାଇଛି ଏ ଉପନ୍ୟାସରେ।

ପ୍ରଥମ ପୁରୁଷୀୟ ଶୈଳୀରେ ରଚିତ ଏ ଉପନ୍ୟାସର କେନ୍ଦ୍ରରେ ରହିଛି ଗୋବିନ୍ଦ ଓରଫ୍ ବେବି ଓରଫ୍ ଡିଳ ଓରଫ୍ ଗୋପୀ ଓରଫ୍ ଲୀନା ଓରଫ୍ କରୀନା ଗୁରୁ ମାଆ। ଏହି ସନ୍ଦିଗ୍ଧ ଚରିତ୍ରଟି ନିଜ ଅତୀତ ଜୀବନର ପୃଷ୍ଠା ପରେ ପୃଷ୍ଠା ଖୋଲି ଚାଲିଛି ଜନୈକ ଲେଖକର କୌତୁହଳ ଆଗରେ।

ବର୍ତ୍ତମାନ କିନ୍ନର ସମାଜର ଗୁରୁ ମାଆ ଭାବରେ ପ୍ରତିଷ୍ଠିତ ତଥା ବହୁ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ କରୀନା କିନ୍ନରଙ୍କର ଜୀବନୀ ଲେଖିବାର ଅଭିଳାଷରେ ଲେଖକଟି କିଛି କିଛି ଦିନର ବ୍ୟବଧାନରେ କରୀନା ନିକଟକୁ ଆସୁଛି ଓ କଥା ଛଳରେ ଆଦାୟ କରି ନେଉଛି ତା ଅତୀତ ଜୀବନର ଅନୁଭୂତି ସବୁକୁ। ଏହି ଅନୁଭୂତିରେ ପାଠକଟିଏ ଭେଟେ ଜଣେ ପୁରୁଷ ଶରୀର ନେଇ ଜନ୍ମିଥିବା ଅଥଚ ଅନ୍ତରରୁ ନିଜକୁ ନାରୀ ବୋଲି ଅନୁଭବ କରୁଥିବା ବ୍ୟକ୍ତି ସତ୍ତାର ସଂଘର୍ଷମୟ ଶୈଶବ, ଯୌନ ଶୋଷଣ, ପାରିବାର ଓ ସମାଜର ଉତ୍ପୀଡ଼ନ।

ଗୋବିନ୍ଦ ପିଲାଦିନରୁ ନିଜର ଶରୀର ଓ ମନର ଅସାମଞ୍ଜସ୍ୟକୁ ନେଇ ନାନା ଭାବରେ ବୈଷମ୍ୟର ଶୀକାର ହୋଇଛି। ବାପା, ଦାଦାଙ୍କଠୁ ଆରମ୍ଭ କରି ସ୍କୁଲ, ସାଙ୍ଗ ସାଥି, ଶିକ୍ଷକଙ୍କ ଯାଏଁ ସବୁଠି, ସବୁ ପରିସ୍ଥିତିରେ ସେ ଭୋଗିଛି ମାନସିକ ତଥା ଶାରୀରିକ ନିର୍ଯାତନା। ସମାଜ ଆଖିରେ ସେ ପାଲଟିଛି ଇତର, ଅପାଂକ୍ତେୟ ଓ ଅଭିଶପ୍ତ। ପୁଣି ସମକାମି ଯୌନ ଆକର୍ଷଣ ତା ଜୀବନରେ ଝଡ଼ ଆଣି ଦେଇଛି। ସ୍କୁଲ୍ ରେ ପଢ଼ିବା ବେଳେ ସେ ଭଲ ପାଇଛି ମଧୁ ସାର୍ କୁ। ମାତ୍ର ଏ ପ୍ରେମର ପରିଣାମ ସ୍ୱରୂପ ତାକୁ ବାଛନ୍ଦ ହେବାକୁ ପଡ଼ିଛି ନିଜ ଘରଠୁ, ବାପା ମାଆଙ୍କ ଠୁ, ପରେ ପୁଣି ତା ଜୀବନରେ ଆସିଛି ବିନୋଦ, ପୁଣି ଥରେ ପ୍ରତାରଣା ପୁଣି ଥରେ ସାମାଜିକ ପରିହାସର ଫଳପ୍ରସୂ ସାଜିଛି ତା'ର ପ୍ରେମ। ଶେଷରେ ନାଚ ଦଳରେ ବେବୀ ଭାବରେ ତ ପୁଣି କିନ୍ନର ବସ୍ତିରେ ଗୋପୀ ଭାବରେ, ଗୋପୀରୁ ପୁଣି ଲିନା ଏମିତି ଏମିତି ସମାଜ ଓ ସମୟର ତାଡ଼ନାରେ ବଦଳି ଚାଲିଛି ତା'ର ପରିଚୟ। ଓ ପରିଶେଷରେ ସେ କିନ୍ନର ସଙ୍ଗଠନର ଗୁରୁ ମାଆ କରୀନା ସାଜିଛି। ସମାଜରେ ଏକ ସମ୍ମାନ ଓ ସ୍ୱାଭିମାନର ଜୀବନ ବଞ୍ଚିଛି। ତା ପରି ଶହ ଶହ କିନ୍ନରଙ୍କର ପ୍ରତିନିଧି ସାଜି ସମାଜ ପାଖରେ ନିଜ ଅସ୍ତିତ୍ୱର ଲଢ଼େଇ ଲଢ଼ିଚି।

ଉପନ୍ୟାସରେ କେବଳ କିନ୍ନର ସମାଜର ଅବ୍ୟବସ୍ଥା କଥା କହି କିମ୍ବା ସମକାମିତା ପ୍ରେମର ଅସହାୟତା କଥା କହି ସମବେଦନା ସାଉଁଟିବାକୁ ଚେଷ୍ଟା କରିନାହାନ୍ତି କଥାକାର। ସବୁ ପରେ ବି କିନ୍ନର ଟିଏ ଯେ ସାଧାରଣ ମଣିଷ। ସ୍ୱ ଶରୀର ଓ ଯୌନତା ନେଇ ସେ ସ୍ୱୟଂ ସଂପୂର୍ଣ୍ଣ। ସେ ଅଳିକ ନୁହେଁ, ଇତର ନୁହେଁ ଏ କଥାକୁ ପ୍ରମାଣିତ କରିବାକୁ ଚାହିଁଛନ୍ତି ଲେଖକ କରୀନାର ସ୍ୱରରେ -"ଯେଉଁ ଅପୂର୍ଣ୍ଣତାକୁ ନେଇ ମୁଁ ବହୁଦିନ ଯାଏଁ ଧନ୍ଦି ହେଉଥିଲି, ସେଇ ଅପୂର୍ଣତା ହିଁ ମୋତେ ଏବେ ଶାନ୍ତି ଦେଉଛି। ଦିନେ ଯେଉଁ ଦେହ ଓ ଜୀବନକୁ ନେଇ ମୁଁ ଲଜ୍ଜିତ ଥିଲି ଆଉ ଦୁଃଖ କରୁଥିଲି, ଏବେ ଗର୍ବ କରୁଛି। ମୁଁ ଜାଣେନା ପୁନର୍ଜନ୍ମ ଅଛି କି ନା ! ଯଦି ଥାଏ, ତେବେ ମୋର ଇଚ୍ଛା, ମୁଁ ଏମିତି ଇତରଟିଏ ହୋଇ ଏଇ ଧରାକୁ ଆସୁଥାଏ; ପୃଥିବୀର ପ୍ରତିଟି ମଣିଷ ମୋତେ ଆପଣେଇ ନନେବା ଯାଏଁ ମୁଁ ଜନ୍ମ ନେଉଥାଏ ଇତର ହୋଇ ବାରମ୍ବାର।" (ଇତର, ପୃଷ୍ଠା - ୧୪୦)

ବିଦାୟ ବେଳାର ସୂର୍ଯ୍ୟ (୨୦୨୨): ତାପସ କୁମାର ରାଉତଙ୍କ ଲେଖିତ ଉପନ୍ୟାସ 'ବିଦାୟ ବେଳାର ସୂର୍ଯ୍ୟ' ଏକ ପୁରୁଷ ସମକାମୀ ସମ୍ପର୍କର ଭିତ୍ତି ଉପରେ ପ୍ରତିଷ୍ଠିତ। ଅନୁରାଗ ଓରଫ୍ ସାଥୀ କଲେଜ୍ ଜୀବନରେ ଭେଟିଛି କଲେଜର ସିନିୟର୍ ଚନ୍ଦ୍ରଲୋକ ଚୌଧୁରୀ ବା ଝଲକକୁ। ଝଲକ ସହ କ୍ରମେ ସାଥୀର ବନ୍ଧୁତା ନିବିଡ଼ ହୋଇଛି। ସାଥୀ ହଷ୍ଟେଲ ଛାଡ଼ି ଆସି ଝଲକ ସହ ଗୋଟାଏ ଘରେ ରହିଛି। ପିଲାଟି ଦିନରୁ ପୁରୁଷଙ୍କ ପ୍ରତି ଆକର୍ଷିତ ସାଥୀ ମନରେ ଧିରେ ଧିରେ ଝଲକ ପ୍ରତି ଦୁର୍ବଳତା ତିଆରି ହୋଇଛି।।

ଦିନେ ଝଲକ, ସାଥୀ ଓ ଝଲକର ସାଙ୍ଗମାନେ ମିଶି ଝଲକ ଘରେ ପାର୍ଟିର ଆୟୋଜନ କରିଛନ୍ତି- "ସାଙ୍ଗମାନେ ସବୁ ଫେରିଗଲା ପରେ, ବଳିଥିବା ମଦକୁ ବାଣ୍ଟିକରି ପିଇଛନ୍ତି ଦୁହେଁ। ମଦ ନିଶାରେ ସାଥୀକୁ କୁଣ୍ଢେଇ ଧରି ଶୋଇଛି ଝଲକ। ଚୁମ୍ବନ ଉପରେ ଚୁମ୍ବନ ଦେଇଚାଲିଛି ସାଥୀକୁ। ମତୁଆଲା ହୋଇଉଠିଛି ସାଥୀ। ଆଉ ନିଜକୁ ସମ୍ଭାଳି ପାରିନି। ଝଲକକୁ ଭୋଗିବାର ଇଚ୍ଛାରେ ପାଗଳ ହୋଇ ଉଠିଛି ସେ। ତା'ର ହାତ ସବୁ ଚଞ୍ଚଳ ହୋଇଉଠିଛନ୍ତି ଝଲକକୁ ଉତ୍ତେଜିତ କରିବା ପାଇଁ। କପଡ଼ା ଖୋଲି ଦେଇଛି ତା'ର ଘଟିଯାଇଛି କାଣ୍ଡ। ମଦନିଶାରେ ଝଲକ ଉପଭୋଗ କରିଛି ସାଥୀକୁ। ଦୁହେଁ ମାତି ଯାଇଛନ୍ତି ସୃଷ୍ଟିର ଆଦିମ ଖେଳରେ।"(ବିଦାୟ ବେଳାର ସୂର୍ଯ୍ୟ, ପୃଷ୍ଠା - ୩୨)

ମାତ୍ର ସାଥୀ ମନରେ ଏ ଘଟଣାକୁ କେନ୍ଦ୍ର କରି ନାନା ଭାବାନ୍ତର ତିଆରି ହୋଇଛି। ତା ଭିତରେ ଦେଖା ଦେଇଛି ଗ୍ଲାନିବୋଧ। ଜଣେ ବିଷମକାମୀ ପୁରୁଷ ସହ ଯେତେ ଯୌନ ସମ୍ପର୍କ ରଖିଲେ ବି ସେ କେବେ ସମାକାମୀ ପୁରୁଷର ନିଜର ହୋଇ ପାରେନା। - "ଏହି ଦ୍ୱନ୍ଦ ଭିତରେ କଟିଗଲା ତା'ର ପୂରାଦିନ। ଝଲକର ଦିନସାରା ଦେଖାନାହିଁ। ସାଥୀ ନିଜ ମନକୁ ବୁଝାଇଛି। ଏ କ୍ଷଣିକ ସୁଖ କେବଳ। ସେ ଯେଉଁ ସମାଜରେ ବଞ୍ଚେ ସେଠି ପୁରୁଷଟେ ନିଜ ମନଲାଖି ପୁରୁଷଟେ ପାଇପାରେନା। ସମାଜରେ ଅନେକ ଲୋକ ତା' ଭଳି ଅଛନ୍ତି ଯେଉଁମାନେ ଜୀବନ ସାରା ଲୁଚାଚୋରାରେ କେଉଁଠି କେମିତି ଟିକେ ମିଳିଗଲେ ନିଜ ଶୋଷ ମେଣ୍ଟାନ୍ତି। ହେଲେ ପାଣିର ଭଣ୍ଡାରଟିକୁ ପାଖରେ ରଖିପାରନ୍ତିନି ସମ୍ମାନର ସହ। କିଛି ପାଟିବୁଜି ଦାନ୍ତଚିପି ଲୋକଲଜ୍ୟା ଭୟରେ ନିଜ ଭିତରେ ହିଁ ଶୋଷରେ ମରି ଯାଆନ୍ତି। ସାମ୍ନାରେ ଯମ ହୋଇ ଛିଡ଼ା ହୋଇଥାଏ ସମାଜ। ସମାଜ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାର ସାହସ କେତେଜଣ କରିପାରିଛନ୍ତି!"(ବିଦାୟ ବେଳାର ସୂର୍ଯ୍ୟ, ପୃଷ୍ଠା - ୩୩)

ଝଲକ କ୍ଷେତ୍ରରେ କିନ୍ତୁ ଓଲଟା ଘଟିଛି। ସେଦିନର ସେହି ଘଟଣା ପରେ ଝଲକ ବେଶି ବେଶି ଭଲ ପାଇଛି ସାଥୀକୁ। ସାଥୀ ତା ଜୀବନ ଯାପନର ଏକ ନିତ୍ୟ ଅଭ୍ୟାସରେ ପରିଣତ ହେଇ ଯାଇଚି ଯେମିତି। ଧିରେ ଧିରେ ଝଲକର ସାଙ୍ଗ ସାଥି, କଲେଜ୍, ସହର ସବୁଠି ସାଥୀ ଓ ଝଲକର ସମ୍ପର୍କକୁ ନେଇ ଚର୍ଚ୍ଚା ହୋଇଛି। ଏସବୁକୁ ଖାତିର କରିନି ଝଳକ। କିନ୍ତୁ ଘଟଣା କ୍ରମେ ସାଥୀ ପରିବାର ଓ ସମାଜର ଚାପରେ ଦୂରେଇ ଯାଇଛି ଝଲକ ଠାରୁ, ସବୁ ଯୋଗାଯୋଗ ଛିନ୍ନ କରି। ହଠାତ୍ ଦିନେ ଝଲକ ଶୁଣିଛି ସାଥୀ ବାହା ହୋଇଯିବାର ଖବର। ଝଲକ ହରେଇ ଦେଇଛି ନିଜର ମାନସିକ ସନ୍ତୁଳନ। ଗଭୀର ଅଶାନ୍ତିରେ ଘୁରି ବୁଲିଛି ପାଗଳଙ୍କ ପରି। କାହିଁକି ସାଥୀ ତା ସହ ଏପରି କଲା ପ୍ରଶ୍ନ କରିଛି ନିଜକୁ ବାରବାର ମାତ୍ର ଉତ୍ତର ଶୂନ୍ୟ ହୋଇ ନିରବତା ହିଁ ସାର ହେଇଛି ତା ପାଇଁ -"ତୁ ଗେ ଥିଲୁ, ମୁଁ ନଥିଲି। ତୁ ଅସୁରକ୍ଷିତ ଥିଲୁ, ମୁଁ ନଥିଲି। ତାହା ତୁ ଭଲଭାବରେ ଜାଣୁ। ମୁଁ ବି ଚାହିଁଥିଲେ ତୋ' ପରି ସ୍ତ୍ରୀ ପିଲାର ସୁଖମୟ ସଂସାର କରିପାରିଥାନ୍ତି। କିଛି ଅଭାବ ନ ଥିଲା ମୋ ଶରୀରରେ। ଅଥଚ ସେ ସୁଖ ସବୁ ମୋଠାରୁ ଛଡ଼େଇନେଇ ତୁ ବଞ୍ଚିଲୁ। ମୋତେ ଫୋପାଡ଼ି ଦେଇଗଲୁ ତୋର ଶପଥରଜ୍ଜୁରେ ବାନ୍ଧି। ଶଠପରି ସେସବୁ ଶପଥକୁ ମିଥ୍ୟା ପ୍ରମାଣ କଲୁ। ନିଜେ ସବୁ ସୁଖକୁ ପାଛୋଟିନେଇ ମୋତେ ଫିଙ୍ଗିଦେଲୁ ଅନ୍ଧକାରମୟ ଗର୍ତ ମଧ୍ୟକୁ। ଆଜି ପୁଣି କାହିଁକି ଏ ଅନୁଶୋଚନା? କ'ଣ ପାଇଁ? ତୁ କ'ଣ ସତରେ ଚାହୁଁ ମୋ ପାଖକୁ ଫେରିଆସିବାକୁ? ଚାହିଁଲେ ବି କ'ଣ ଫେରିପାରିବୁ?" (ବିଦାୟ ବେଳାର ସୂର୍ଯ୍ୟ, ପୃଷ୍ଠା - ୫୧)

ଶେଷରେ ସମ୍ପର୍କର ମୋହ ମାୟା ଛାଡ଼ି ଝଲକ ପରିଣତ ହୋଇଯାଇଛି ସନ୍ନ୍ୟାସୀରେ ଓ ଝଲକରୁ ପରିବର୍ତ୍ତିତ ହୋଇ ଯାଇଛି ଭ୍ରାତା ଶାଶ୍ୱତଦେବରେ।

ଦୀପିୟା (୨୦୨୨): ୨୦୨୨ ମସିହା 'ଡଟ୍ ସାହିତ୍ୟ' ନାମରେ ନୂଆକରି ପ୍ରକାଶ ପାଇଥିବା ଏକ ପତ୍ରିକାର ଆକ୍ଟୋବର-ଡିସେମ୍ବର ସଂଖ୍ୟାରେ 'ଦୀପିୟା' ଶୀର୍ଷକରେ ଏକ ଛୋଟ ଉପନ୍ୟାସ ପ୍ରକାଶପାଏ। ଏ ଉପନ୍ୟାସର ଲେଖିକା ନର୍ମଦା ସାହୁ। ଦୀପିକା ଓ ପିୟା ନାମକୁ ଦୁଇଜଣ ସହପାଠୀଙ୍କ ମଧ୍ୟରେ ଗଢ଼ି ଉଠିଥିବା ପ୍ରେମ କାହାଣୀକୁ କେନ୍ଦ୍ରକରି ଉପନ୍ୟାସର କଥାବସ୍ତୁ ଗତିଶୀଳ। ଉପନ୍ୟାସଟିର କଳେବର କ୍ଷୁଦ୍ର ଓ କଥାବସ୍ତୁରେ ମଧ୍ୟ ବ୍ୟାପକତା ପରିଲକ୍ଷିତ ନହେଲେହେଁ, ସମକାମି ପ୍ରସଙ୍ଗ ଆଧାରିତ ଉପନ୍ୟାସର ତାଲିକାରେ ଏହା ନିଜକୁ ସାମିଲ୍ କରିପାରିଛି ।

ଦୀପିକା ଓ ପିୟା ଦୁଇ ବାନ୍ଧବୀ। ପରସ୍ପରର ସ୍ୱଭାବ କିନ୍ତୁ ପୂରା ବିପରୀତ। ଦୀପିକା ଯେତିକି ନମ୍ର ଓ ଲଜ୍ଜାଶୀଳା, ପ୍ରିୟା ସେତିକି ରୁକ୍ଷ ଓ ପୁରୁଷ ସୁଲଭ। ଦୁହିଁଙ୍କ ମଧ୍ୟରେ ଘନିଷ୍ଠତା କ୍ରମେ ପ୍ରେମର ରୂପ ନେଇଛି। ଦୀପିକା ମନେମନେ ଭଲପାଇଛି ପିୟାକୁ। ମାତ୍ର ପିୟା ନିକଟରେ ନିଜର ମନକଥା ଖୋଲି କହିବାର ସାହସ ପାଇନି। କିନ୍ତୁ ଦୀପିକାର ପରିବାର ଲୋକ ତା'ର ଏପ୍ରକାର ନାରୀପ୍ରତି ଦୁର୍ବଳତା ବିଷୟରେ ଜାଣିପାରିଛନ୍ତି। ତେଣୁ ତାକୁ ଜୋର୍ କରି ବାହା କରାଇଦେଇଛନ୍ତି। ପୁରୁଷଙ୍କ ପ୍ରତି କୌଣସି ଆକର୍ଷଣ ନଥିଲେ ହେଁ ଦୀପିକା ବାଧ୍ୟ ହେଇଛି ତା ସ୍ୱାମୀ ସହ ରାତି ବିତେଇବାକୁ। ସ୍ୱାମୀର ନିର୍ଯାତନା ସହ୍ୟ କରିବାକୁ।

ଏ ସବୁକିଛି ଘଟି ଯାଇଛି ପିୟାର ଅଜାଣତରେ। ପିୟା ଯେତେବେଳେ ଦୀପିକାର ସନ୍ଧାନ ନେବାକୁ ତା' ଘରକୁ ଆସିଛି ସେତେବେଳେ ଦୀପିକାର ମାଆଙ୍କ ନିକଟରୁ ସବୁ କଥା ଜାଣିପାରିଛି। ଦୀପିକାର ଡାଏରୀ କାଢ଼ି ପଢ଼ିଛି। ବୁଝିପାରିଛି ଦୀପିକାର ତା' ପ୍ରତି ଥିବା ଭଲପାଇବାକୁ। ଶେଷରେ କାହାଣୀରେ ନାଟକୀୟ ପରିବର୍ତ୍ତନ ଘଟିଛି। ଦୀପିକା ନିଜ ସ୍ୱାମୀ କବଳରୁ ଖସି ଆସିଛି ଓ ପିୟା ବହୁ ବାଧାବିଘ୍ନ କଟାଇ ଦୀପିକା ପାଖରେ ପହଞ୍ଚିପାରିଛି। ଉଭୟଙ୍କର ମିଳନ ଘଟାଇ, ଏକ ସୁଖାନ୍ତାକ ବିନ୍ଦୁରେ କାହାଣୀଟିରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ଲେଖିକା। ପରିଶେଷରେ ସମାଜ ଓ ପରିବାର ବିରୁଦ୍ଧରେ ଯାଇ ଦୁଇଜଣ ନାରୀଙ୍କ ସଂଘର୍ଷ ଓ ପ୍ରେମର ବିଜୟ ଉପନ୍ୟାସରେ ସମକାମିତାର ଧାରାକୁ ଏକ ନୂଆ ଦିଗ ଦେଇଛି ନିଶ୍ଚୟ ।

ଏହି ପ୍ରମୁଖ ଉପନ୍ୟାସ କେତୋଟିକୁ ଛାଡ଼ିଦେଲେ ଆଉ କିଛି ଉପନ୍ୟାସରେ ମଧ୍ୟ ଆଂଶିକ ଭାବରେ ସମକାମିତାର ଚିତ୍ର ଦେଖିବାକୁ ମିଳିଥାଏ। କମଳାକାନ୍ତ ମହାପାତ୍ରଙ୍କର 'ଫଟୋ'(୧୯୯୦), ଅରବିନ୍ଦ ରାୟଙ୍କର 'ବସ୍ତି'(୨୦୧୭), ହିରଣ୍ମୟୀ ମିଶ୍ରଙ୍କର 'ମେଘପକ୍ଷୀର ଗୀତ'(୨୦୧୮), ମମତାମୟୀ ଚୌଧୁରୀଙ୍କର 'ମରୁଦ୍ରୋହ'(୨୦୨୨) ଆଦିରେ କଥାଭାଗର ଆଭିମୁଖ୍ୟ ଭିନ୍ନ ହେଲେହେଁ ସମକାମିତାର ଆଭାସ ବା ଆଂଶିକ ଚିତ୍ର ମଧ୍ୟ ପ୍ରତିଫଳିତ ହୋଇପାରିଛି।

ପରିଶେଷରେ ଏତିକି କୁହାଯାଇପାରେ ଯେ ୧୯୩୬ରୁ ୨୦୨୨ ମସିହା ଯାଏଁ ଉପନ୍ୟାସରେ ସମକାମିତାର ଧାରା ପ୍ରବାହ ବିରୋଧିତାରୁ କ୍ରମଃ ଗ୍ରହଣଶୀଳତା ଆଡ଼କୁ ଗତି କରିବାରେ ଲାଗିଛି। ସମକାମିତା ପ୍ରସଙ୍ଗ ଆଧାରିତ ପ୍ରଥମ ଉପନ୍ୟାସ(ହାଇଫେନ୍)ଟି ଓଡ଼ିଶାର ସାମାଜିକ ଓ ମାନସିକ ପ୍ରତିକୂଳତାରେ ନିଷିଦ୍ଧ ଘୋଷିତ ହେବାଠାରୁ ୨୦୨୨ରେ ରଚିତ ଉପନ୍ୟାସ(ଦୀପିୟା)ରେ ଦୁଇ ନାରୀଙ୍କର ସମାଜ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାର ନିଷ୍ପତ୍ତି ପର୍ଯ୍ୟନ୍ତ, ଏ ଦୀର୍ଘ ୮ ଦଶନ୍ଧିରୁ ଊର୍ଦ୍ଧ୍ୱ ଯାତ୍ରାରେ ଓଡ଼ିଆ ସାହିତ୍ୟ ଓ ସମାଜର ବାତାବରଣରେ ସକାରତ୍ମକତାର ବିକାଶ ସ୍ୱତଃ ଅନୁଭୂତ ହୁଏ। ଏକଦା ଯେଉଁ ପ୍ରସଙ୍ଗ ସପକ୍ଷରେ ସ୍ୱର ଉଠାଇବାର ପୁରସ୍କାର ସ୍ୱରୂପ ଓଡ଼ିଆ ବୁଦ୍ଧିଜୀବୀମହଲ ଲେଖକକୁ ନେଇ ଠିଆ କରାଇଥିଲା କାଠଗଡ଼ାରେ, ଆଜି ସେହି ପ୍ରସଙ୍ଗସବୁ ଆମମାନଙ୍କ ପାଇଁ କେତେ ସାଧାରଣ ହୋଇ ଉଠିଛି ସତରେ?

ଆଉ ଆଗପରି ଅସଙ୍ଗତିର ଭାବନା ନାହିଁ। ସାମାଜିକ ଭ୍ରୂକୁଞ୍ଚନ ବି ନାହିଁ। ବରଂ ପାଠକ ବେଶି ବେଶି ଆଗ୍ରହୀ ହୋଇଛି। ଲେଖକ ବେଶି ବେଶି ସ୍ୱାଧିନ ହେଇପାରିଛି। ମଣିଷ ମଣିଷ ଭିତରେ ଥିବା ବୈଚିତ୍ର୍ୟାନୁସନ୍ଧାନ ହୋଇଉଠିଛି ଆହୁରି ଆହୁରି ବ୍ୟାପକ ଓ ଗଭୀର ଅନ୍ତର୍ଦୃଷ୍ଟି ସମ୍ପନ୍ନ। ଯୌନତାର ବିବିଧ ରୂପ ଓ ବିବିଧ ଅଭ୍ୟାସରୁ ଔପନ୍ୟାସିକ ଗ୍ରନ୍ଥି ଉନ୍ମୋଚନ କରିଛି। ପ୍ରେମର ଆକର୍ଷଣ ପାଖରେ ଦେହର ଶୃଙ୍ଖଳ ଯେ ଅଳିକ ଏ ମହତ୍ତର ସତ୍ୟର ଆନ୍ତଃ ଶୃଙ୍ଖଳରେ ଏ ଉପନ୍ୟାସସବୁ ହୋଇଛି ଗ୍ରଥିତ। ସତ କହିଲେ, ଏ ଉପନ୍ୟାସଗୁଡ଼ିକ ଆମ ଚାରିପାଖରେ ପ୍ରତିନିୟତ ଘଟିଚାଲିଥିବା ସାଧାରଣ କିନ୍ତୁ ଅବ୍ୟକ୍ତ ଘଟଣାର କେବଳ ସ୍ୱାକ୍ଷର ମାତ୍ର ।

(*ଅଫେରା ନଦୀ ଉପନ୍ୟାସଟି ବହୁ ପୂର୍ବରୁ ପ୍ରକାଶିତ ହୋଇଥିଲେ ହେଁ ଏହାର ପ୍ରକାଶ କାଳ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ମିଳିପାରୁ ନାହିଁ, ମାତ୍ର ୨୦୧୧ରେ ପ୍ରକାଶିତ ଅକ୍ଷୟ ଉତ୍ସବ ପତ୍ରିକାରେ ପୁନଃ ପ୍ରକାଶିତ ହୋଇଥିଲା।)

ସହାୟକ ଗ୍ରନ୍ଥସୂଚୀ:

୧) ଚାନ୍ଦ, ଗୋବିନ୍ଦ ଚନ୍ଦ୍ର। ଚନ୍ଦ୍ରମଣି ଦାସ। ୨୦୨୧। ପ୍ରଥମ ପ୍ରକାଶ । ସାହିତ୍ୟ ଅକାଦେମି, ନୂଆ ଦିଲ୍ଲୀ।

୨) ପାଠୀ, ଦିନନାଥ। ରୂପ ରଙ୍ଗ ଅନଙ୍ଗ। ୨୦୧୦। ପ୍ରଥମ ପ୍ରକାଶ। ଏଥେନା ବୁକ୍ସ, ଭୁବନେଶ୍ୱର।

୩) ପଣ୍ଡା, ଶୁଭ୍ରାଂଶୁ। ଇତର। ୨୦୨୧। ପ୍ରଥମ ପ୍ରକାଶ। ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର।

୪) ମହାପାତ୍ର, ଯତୀନ୍ଦ୍ର କୁମାର। ଅଭିନୟ ନୁହେଁ। ୧୯୭୨। ପ୍ରଥମ ପ୍ରକାଶ। ଜେ ମହାପାତ୍ର ଏଣ୍ଡ କୋ, ଗ୍ରନ୍ଥ ସାଥୀ ଅଫିସ୍, କଟକ।

୫) ରାଉତ, ତାପସ। ବିଦାୟ ବେଳାର ସୂର୍ଯ୍ୟ। ୨୦୨୨। ପ୍ରଥମ ପ୍ରକାଶ। ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର।

୬) ସାହୁ, ସରୋଜିନୀ। ଅସାମାଜିକ। ୨୦୧୧। ପ୍ରଥମ ପ୍ରକାଶ। ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ,

୭) ସାହୁ, ସହଦେବ। ଅଦୃଶ୍ୟ ମଣିଷ। ୨୦୨୩। ପ୍ରଥମ ପ୍ରକାଶ। ଆଦିତ୍ୟ ଭାରତ, କଟକ।

ପତ୍ରିକା:

୧) ଅକ୍ଷୟ ଉତ୍ସବ ୨୦୧୧।

୨) ଡ଼ଟ୍ ସାହିତ୍ୟ, ଅକ୍ଟୋବର) ଡିସେମ୍ବର, ୨୦୨୨।

୩) ପ୍ରଗତି, ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା, ଜୁଲାଇ) ୧୯୩୭।

Funding

No funding was received for conducting this study.

Does this article screened for similarity?

Yes

Conflict of interest

The Author has no conflicts of interest to declare that they are relevant to the content of this article.

About the Licenses

© Dipun Puhan 2024. The text of this article is open access and licensed under a Creative Commons Attribution 4.0 International License

Cite this Article :

Dipun Puhan, Odia upanyasare samakamita prasang, Bageesha, Vol. No. 02, Issue No. 04, July - August 2024, Article No: BM2024/04-A003, Page- 20-30

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal
BM2024/04-A004
https://bageesha.in
OPEN ACCESS

ଆଭାସଗଳ୍ପର ଶିଳ୍ପକଳା ଓ ଓଡ଼ିଆ ଗଳ୍ପ ସାହିତ୍ୟରେ ତା'ର ପଦଧ୍ୱନୀ

■ ଆଲୋକ ରଞ୍ଜନ ଷଡ଼ଙ୍ଗୀ[୧], ଡ. ସନ୍ତୋଷ ତ୍ରିପାଠୀ[୨]

ଓଡ଼ିଆ ଅଧ୍ୟାପକ, ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ, ଭୁବନ, ଢେଙ୍କାନାଳ[୧]

ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର[୨]

Article Received : 30.07.2024 | Accepted : 25.08.2024 | Published : 25.09.2024

ସାରାଂଶ

ABSTRACT

ଆଭାସଗଳ୍ପ ହେଉଛି ଯେ କୌଣସି କ୍ଷଣିକ ଅନୁଭୂତି, ଆବେଗର ଗାଢ଼ତାପନ୍ନ ବା ଘନବଦ୍ଧ ପରିପ୍ରକାଶ। ଶୈଳୀ ଏହାର ଅତ୍ୟନ୍ତ ବ୍ୟଞ୍ଜନାତ୍ମକ। ଏହା ମନନଶୀଳ ସର୍ଜନ ବ୍ୟାପାର। କୌଣସି ଏକ ଘଟଣାକୁ ସିଧାସଳଖ ବନେଇ ଚୁନେଇ ନଲେଖି ଅସଲ କଥାର କେନ୍ଦ୍ରକୁ ଛୁଇଁବା ହେଉଛି ଆଭାସଗଳ୍ପର ଧର୍ମ। ବ୍ରହ୍ମାନନ୍ଦ ପଣ୍ଡାଙ୍କଠୁ ଆରମ୍ଭ ହୋଇଥିବା ଆଭାସଗଳ୍ପ ଏକ ସ୍ୱତନ୍ତ୍ର ଶୈଳୀ ସୂତ୍ର ଭାବରେ ଷାଠିଏ ପରବର୍ତ୍ତୀ କାଳର ଗଳ୍ପଧାରାରେ ସମୃଦ୍ଧ ଲାଭ କରିଛି । ଉତ୍ତରଷାଠିଏ କାଳରେ ଗାଳ୍ପିକମାନେ ନିହାତି ଗୋଟେ ଅନୁଭବ ମଣ୍ଡଳରେ ପାଠକକୁ କିଛି ସମୟ ବାନ୍ଧି ରଖିବା ପାଇଁ ବିଭିନ୍ନ ପରୀକ୍ଷା ନିରୀକ୍ଷା ଚଲାଇଥିଲେ। ପୁରୁଣା କାହାଣୀର ଗଳ୍ପ ପ୍ରସ୍ଥକୁ ଛୋଟଛୋଟ ବିମ୍ବରେ ଦେଖିବାର ମାନସିକତାରୁ ଆଭାସଗଳ୍ପର ସୃଷ୍ଟି ହେଲା । ବ୍ରହ୍ମାନନ୍ଦ ପଣ୍ଡା, ରବି ପଟ୍ଟନାୟକ, ଶାନ୍ତନୁ ଆଚାର୍ଯ୍ୟ, ନିମାଇଁ ଚରଣ ପଟ୍ଟନାୟକ, ପ୍ରଫୁଲ୍ଲ ତ୍ରିପାଠୀ, ରତ୍ନାକର ଚଇନି, ସଦାଶିବ ଦାସ, ପ୍ରସନ୍ନ ପାଟଶାଣୀ, ରବିସ୍ୱାଇଁ, ସତ୍ୟମିଶ୍ର, କହ୍ନେଇଲାଲ ଦାସ, ଅଶୋକ ଚନ୍ଦନ, ଅଧ୍ୟାପକ ବିଶ୍ୱରଞ୍ଜନ, ଗିରିଦଣ୍ଡ ସେନା, ରଣଦୀର ଦାସ, ପୂର୍ଣ୍ଣାନନ୍ଦ ଦାନୀ, ଜଗଦୀଶ ମହାନ୍ତି ଇତ୍ୟାଦି ଗାଳ୍ପିକ ଓଡ଼ିଆ ଆଭାସଗଳ୍ପ ପରମ୍ପରାରେ ଲିଖନୀ ଚାଳନା କରି ସମୃଦ୍ଧ କରିପାରିଛନ୍ତି । ଏହି ଆଲୋଚନାରେ ଆଭାସଗଳ୍ପର ସଂଜ୍ଞା, ସ୍ୱରୂପ ସହିତ ଓଡ଼ିଆ ଗଳ୍ପରେ ତା'ର ପ୍ରୟୋଗ ସମ୍ପର୍କରେ ଆଲୋଚନା କରାଯାଇଛି ।

ମୂଳଶବ୍ଦ: ଆଭାସଗଳ୍ପ, ଓଡ଼ିଆ ଗଳ୍ପ ସାହିତ୍ୟ, ଶିଳ୍ପକଳା, ପରୀକ୍ଷା ନିରୀକ୍ଷା, ପଦଧ୍ୱନୀ, ଉତ୍ତରଷାଠିଏ

BM2024/04-A004

ସ୍ୱାଧିନତା ପରବର୍ତ୍ତୀ ଗଳ୍ପରରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟର ଗୁରୁତ୍ୱ ଫଳରେ ଅନୁଭୁତି ପ୍ରତି ସତ୍ୟଶୀଳ ହେବାକୁ ଯାଇ ଓଡ଼ିଆ ଗଳ୍ପ କଥାନକ ବିହୀନ ହେବାରେ ଲାଗିଲା। ଏହି ସମୟର କ୍ଷୁଦ୍ରଗଳ୍ପ ପାଠକର ଚେତନାକୁ ଆହ୍ୱାନ କଲା ଭିତରକୁ, ମଣିଷର ଅନ୍ତଃସ୍ଥଳକୁ। ସ୍ଥୁଳଦୃଷ୍ଟିରେ ମଣିଷର ଯେଉଁ ଚାରିତ୍ରିକ ମହତ୍ତ୍ୱ ଦିଶୁଥାଏ ତାକୁ ବାଦ୍ ଦେଇ ସଭିଙ୍କ ଅଲକ୍ଷ୍ୟରେ ଘଟୁଥିବା ତା'ର ଆନ୍ତରୀଣ ସଂଘାତ, ସଂଘର୍ଷ ଓ ଜ୍ୱଳନର କଥା ଗଳ୍ପରେ ସ୍ଥାନ ପାଇଲା। ଫଳରେ ଗଳ୍ପ ଗତାନୁଗତିକ ଫର୍ମକୁ ପରିହାର କରି ନୂତନ ରୂପକୁ ସ୍ୱୀକାର କଲା। ଆଭାସ ଗଳ୍ପ ସେହି ନୂତନ ପ୍ରବିଧା ମଧ୍ୟରେ ଏକ ସ୍ୱତନ୍ତ୍ର ଶିଳ୍ପକର୍ମ । ଏହା ଯେ କେବଳ ଆଙ୍ଗିକ ହ୍ରସ୍ୱତାକୁ ଗୁରୁତ୍ୱ ଦେଲା ତାହା ନୁହଁ ବରଂ ଗଳ୍ପର ଭାବସାନ୍ଦ୍ରତାକୁ ମଧ୍ୟ ଗୁରୁତ୍ୱ ଦେଲା। ଆଭାସ ଗଳ୍ପ ସ୍ୱୟଂ ଏକ ଗପ ପରି ମନେ ନହେଲେ ବି ସବୁବେଳେ ଏକ ବିରାଟ ଗଳ୍ପ ଆଡ଼କୁ ସୂଚିତ କରେ। ଏହି ଧରଣର ଲେଖକମାନଙ୍କ ଯୁକ୍ତିରେ କୌଣସି କଳା ଜୀବନର ପୂର୍ଣ୍ଣତାକୁ ଅଙ୍କନ କରିପାରେ ନାହିଁ। କଳା ଚିରକାଳ ଜୀବନର ପୂର୍ଣ୍ଣତାର ସାଙ୍କେତିକ ଆଭାସ ଚିତ୍ର ପ୍ରଦାନ କରିଥାଏ। "ଏଇ କେତେ ଦଶନ୍ଧିର ଗଳ୍ପ ତେଣୁ ସାନ ହେଉ ବା ବଡ଼ ହେଉ ବର୍ଣ୍ଣନାଧର୍ମୀ ନହୋଇ ଆଭାସଧର୍ମୀ ହୋଇଛି। ଆଧୁନିକ ଗଳ୍ପର ଏହି ଆଭାସଧର୍ମ ତା'ର ଆବେଦନକୁ ଅଧିକ ସଂଚରଣଶୀଳ କରିଛି। ଗଳ୍ପ ସବୁ ସତ୍ତ୍ୱେ ଏକ କଳା। ଆଭାସ ହେଉଛି ପ୍ରକୃତରେ କଳାର ଧର୍ମ। କଳା କୌଣସି କାଳରେ ଜୀବନର ଅବିକଳ ଆଲେଖ୍ୟ ନୁହେଁ। ଆଜିର ଗଳ୍ପ ଯେତେ ବାସ୍ତବବାଦୀ ହେଲେ ମଧ୍ୟ ତାହା ଜୀବନର ଅବିକଳ ଚିତ୍ର ନହୋଇ ହୋଇଛି ଆଭାସ ଚିତ୍ର। କଥାଶିଳ୍ପୀ ଜେ.ପି. ଡନଲେଭି ତେଣୁ କହିଛନ୍ତି – କଳା ହେଉଛି ଜୀବନର ଛାୟାଚିତ୍ର। ଜୀବନର ଛାୟାଚ୍ଛନ୍ନ ପରିମଣ୍ଡଳର ଚିତ୍ର ଅଙ୍କନ କରେ କଳା – 'ନଟ ଏକଜାକ୍ଟଲି ଲାଇଫ୍' ବଟ୍ ଦି ସେଡୋଜ୍ ଅଫ୍ ଲାଇଫ୍।' ଛାୟାଚ୍ଛନ୍ନ ପରିମଣ୍ଡଳରେ ଜୀବନ ଭାରି ସିକ୍ତ ଓ ଗତିଶୀଳ ଲାଗେ। ସେହି ଅସ୍ୱଷ୍ଟତା ଭିତରେ ଜୀବନକୁ ଭାରି ବୁଝିହୁଏ। ଜୀବନକୁ ବୁଝି ନ ହେବା ହିଁ ଜୀବନ ସଂପର୍କରେ ସବୁଠାରୁ ସତ ଅନୁଭବ। ଜୀବନ ବିଚିତ୍ର ନ ଲାଗିଲେ, ରହସ୍ୟବିଜଡ଼ିତ ମନେ ନହେଲେ ଜୀବନ କାହାକୁ ସୁନ୍ଦର ଲାଗେନି।" (୧)

ଆଭାସଗଳ୍ପର ଆକାର ହ୍ରସ୍ୱ ଗୁଣ ଯୋଗୁ ଅନେକେ ଏହାକୁ ଗଳ୍ପର ସଂକ୍ଷିପ୍ତ ରୂପ ବୋଲି ମନେ କରନ୍ତି ଏବଂ ଅନେକ ପ୍ରକାର ଅବାନ୍ତର ଯୁକ୍ତି ଦେଇଥାନ୍ତି। ସେହି ଯୁକ୍ତି ମଧ୍ୟରୁ ବହୁପ୍ରଚଳିତ ଯୁକ୍ତିଟି ହେଉଛି ଆଧୁନିକ ମଣିଷର ଜଞ୍ଜାଳମୟ, ବ୍ୟସ୍ତବହୁଳ ସଂସାରରେ ସମୟର ଘୋର ଅଭାବକୁ ଦୃଷ୍ଟିରେ ରଖି ଆଭାସଗଳ୍ପର ସୃଷ୍ଟି। ଏହି ଯୁକ୍ତି ଗଳ୍ପ, ଏକାଙ୍କିକା, ଉପନ୍ୟାସିକା, କବିତା ଇତ୍ୟାଦି ସାହିତ୍ୟିକ ବିଭାଗ ପାଇଁ ମଧ୍ୟ ଦେଖିବାକୁ ମିଳିଥାଏ। କିନ୍ତୁ ଏହା ଗ୍ରହଯୋଗ୍ୟ ନୁହେଁ। କାରଣ ଆଭାସ ଗଳ୍ପ ଏକ ସ୍ୱତନ୍ତ୍ର ଶିଳ୍ପକର୍ମ। ଏହା କ୍ଷୁଦ୍ରଗଳ୍ପର ସଂକ୍ଷିପ୍ତୀକରଣ ନୁହେଁ। ମଣିଷର ମନ ଭିତରେ ଉଦ୍ଭାସିତ ହେଉଥିବା ବିଭିନ୍ନ ମୁହୂର୍ତ୍ତର ବିଭିନ୍ନ ଭାବାବେଗ ଓ ଆବେଗ ସମୂହକୁ ଏକ ସୀମିତ ପରିସୀମାରେ, କେତେକ ରୂପକ ଓ ଚିତ୍ରକଳ୍ପ ମାଧ୍ୟମରେ, ଏପରିକି କାବ୍ୟିକ ଆବେଗ ଦ୍ୱାରା ରୂପାୟିତ କରିବା ଆଭାସଗଳ୍ପର ଧର୍ମ। ଆଭାସଗଳ୍ପରେ ଗୋଟିଏ ଗୋଟିଏ ଅନୁଭୂତି ଯେମିତି ଜୀବନର ସବୁ ସତ୍ୟକୁ ଆମ ଆଗରେ ନିଜ ଆଲୋକରେ ଆଲୋକିତ କରି ଟୋକିଧରିଲା ପରି ଲାଗେ। ଏହି ଗଳ୍ପ ଶୈଳୀ ସଂବେଦନାକୁ ନିୟନ୍ତ୍ରିତ ଭାବରେ ପ୍ରକାଶ କରିବାର କୌଶଳ ଶିଖାଇଲା। ଆଭାସଗଳ୍ପରେ କ୍ଷଣିକ ଆବେଗର ଚମକକୁ ଶବ୍ଦରୂପରେ ପରିପ୍ରକାଶ କରିବାକୁ ପଡ଼େ ତେଣୁ ଲେଖକ ଶାଣିତ ଓ ସଂଯତ ଭାଷା ବ୍ୟବହାର କରେ । ଆଭାସ ଗଳ୍ପର ସୃଷ୍ଟି ମୂଳରେ ଚିତ୍ରକଳାର ଘନବାଦ ବା କ୍ୟୁବିଜିମ୍ (Cuibism) ଏବଂ ରେଖାଚିତ୍ର ବା ଗ୍ରାଫିକ୍ ଆର୍ଟ (Graphic art) ରହିଥିବା କଥା ଆଲୋଚକମାନେ ମତ ଦେଇଥାନ୍ତି। ସମାଲୋଚକ ବୈଷ୍ଣବଚରଣ ସାମଲ ଏ ସଂପର୍କରେ କୁହନ୍ତି - "ରେଖାଚିତ୍ର ବା ଆଭାସ ଚିତ୍ର ସୃଷ୍ଟିର ପ୍ରେରଣା ସ୍ୱରୂପ ଆଧୁନିକ ଚିତ୍ରକଳାକୁ ନିଆଯାଇପାରେ। ଆଧୁନିକ ଚିତ୍ରକଳାର ଘନବାଦ(Cubism) ଏ ଦିଗରେ ପଥ ଉନ୍ମୁକ୍ତ କରିଛି ବୋଲି କେତେକ ସମାଲୋଚକ ମତବ୍ୟକ୍ତ କରିଛନ୍ତି। ପିକାଶୋଙ୍କ କ୍ୟୁବିଜିମ୍ ରୁ ସାହିତ୍ୟିକମାନେ କାହାଣୀ ବିଳୀନ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନା କରିବାର ପ୍ରେରଣା ସାଧାରଣତଃ ବିଚାର କରାଯାଇଥାଏ। ଆଭାସଚିତ୍ର ଏହି ବିଚାରଧାରାର ଅର୍ବାଚୀନ ସୃଷ୍ଟି ।ଏ ଦିଗରେ ଆଧୁନିକ ରେଖାଚିତ୍ରର (Graphic Art) ପ୍ରେରଣାକୁ ଉପେକ୍ଷା କରାଯାଇ ନପାରେ।"(୨)

ଘନବାଦ ବିଂଶ ଶତକର ଚିତ୍ରକଳା ଆନ୍ଦୋଳନ ରୂପରେ ସୃଷ୍ଟି ହୋଇଥିଲା। ଏହି ଆନ୍ଦୋଳନ ଚିତ୍ରକଳାକୁ ବହୁ ଦୃଷ୍ଟିକୋଣରୁ ଓ ଜ୍ୟାମିତିକ ଗଠନ ଦିଗରୁ ଧ୍ୟାନ କେନ୍ଦ୍ରିତ କରିବା ଶିଖାଇଲା ।ପିକାଶୋ, ବ୍ରାକ୍, ଜୁଆନଗ୍ରୀସ୍ ଏବଂ ଲେଜେର୍ ପ୍ରଭୃତି ଶିଳ୍ପୀଙ୍କ ଦ୍ୱାରା କ୍ୟୁବିଜିମ୍ ବା ଘନବାଦ (୧୯୦୭-୧୯୧୪) ଲୋକପ୍ରିୟତା ହାସଲ କରିଥିଲା। କ୍ୟୁବିଜିମ୍ ମୁଖ୍ୟତଃ ତିନି ପର୍ଯ୍ୟାୟରେ ବିଭକ୍ତ କରାଯାଏ ପ୍ରଥମଟି ସେଗାଁ ପର୍ଯ୍ୟାୟ (୧୯୦୭-୧୯୦୯), ଦ୍ୱିତୀୟଟି ବିଶ୍ଳେଷଣ ପର୍ଯ୍ୟାୟ (୧୯୧୦-୧୯୧୨) ଏବଂ ତୃତୀୟଟି ସଂଶ୍ଳେଷଣ ପର୍ଯ୍ୟାୟ (୧୯୧୩-୧୯୧୪) । ଏହି ଚିତ୍ରକଳା ବସ୍ତୁକୁ ତଥା ଆକୃତିକୁ ବିଭିନ୍ନ ସ୍ତରରେ ବିଭକ୍ତ କରି ଅମୂର୍ତ୍ତ ରୂପରେ ପୁନଃ ସଂଯୋଜିତ କରିଥାଏ। ପରବର୍ତ୍ତୀ ସମୟରେ ଏହି ଚିତ୍ରକଳାର ବିଶିଷ୍ଟ ଗୁଣାବଳୀକୁ ଲେଖକମାନେ ସାହିତ୍ୟରେ ବ୍ୟବହାର କରିଛନ୍ତି। ଜ୍ୟାମିତିକ ପ୍ରକ୍ରିୟାରେ ଭାବକୁ ଖଣ୍ଡଖଣ୍ଡ କରି, ବିଭିନ୍ନ ପରିତଳରେ ବିଭକ୍ତ କରି ଭାବର କେନ୍ଦ୍ରସ୍ଥଳୀକୁ ପହଞ୍ଚିବାର ପ୍ରୟାସରୁ ଆଭାସଧର୍ମୀ ଗଳ୍ପ ସୃଷ୍ଟିଲାଭ କରିଥିଲା। କଥାକୁ ଚିତ୍ରରୂପ ଦେବା ଏହାର ମୁଖ୍ୟ ଆଭିମୁଖ୍ୟ। ଚିତ୍ରଭାଷାରେ କବିଭାଷାରେ ବିଶ୍ୱଭାବନା ବିନ୍ଦୁଟିଏ ହେଇ ପ୍ରତିଭାତ ହୁଏ। ଆଉ ସମଗ୍ର ଦୃଶ୍ୟ ବିଭାବ ଶବ୍ଦଭିତରେ ଲୁଚି ରହିଯାଏ। ଦର୍ଶନ ହେଉ ବା ପାଠ ହେଉ ଭାଷାରୁ ଭାବ, ଦୃଶ୍ୟର ଅବବୋଧର ବିସ୍ତାରିତ ସଂସାର ଉନ୍ମୋଚନ କରିବାକୁ ହୁଏ। ଏଣୁ କବିତା ପାଠ ଓ ଚିତ୍ର ଦର୍ଶନରେ ଏକାଭଳି ଏକାଗ୍ରତା ଅବବୋଧ, ରସନିଷ୍ପତ୍ତିର ଆବଶ୍ୟକତା ଲୋଡ଼ା ହୁଏ ।(୩)

ଚିତ୍ରଶିଳ୍ପୀ ଚିତ୍ର ମାଧ୍ୟମରେ ଇମେଜ (ରୂପ, ପ୍ରତିମା) ଗଢ଼େ ଓ କବିଟିଏ ଭାଷା ମାଧ୍ୟମରେ ମଧ୍ୟ ଇମେଜ (ରୂପ, ରୂପକଳ୍ପ) ଗଢ଼େ। ଏଣୁ କବି ଓ ଶିଳ୍ପୀ ଉଭୟେ, ଜଣେ ଭାଷା ମାଧ୍ୟମରେ ଆଉ ଜଣେ ଚିତ୍ରଭାଷା ମାଧ୍ୟମରେ ଇମେଜ ହିଁ ଗଢ଼ନ୍ତି ଓ ସେମାନଙ୍କ ନିଜନିଜ ସୃଷ୍ଟି ମାଧ୍ୟମରେ ସେମାନେ ନିଃଶବ୍ଦତା ଖୋଜନ୍ତି। ଏଣୁ ଆଭାସ ଗଳ୍ପରେ ଖଣ୍ଡିତ ଭାବଗୁଡ଼ିକ ଦୃଶ୍ୟଶୀଳ ହୁଅନ୍ତି। "ଦୃଶ୍ୟଶୀଳ କରାଅ, କିଛି କୁହ ନାହିଁ" ଏହା ହିଁ ଆଭାସଗଳ୍ପର ସ୍ଲୋଗାନ୍। ଏହି ଗୁଣାବଳୀ ସାଧାରଣ ଗଳ୍ପଠୁ ଆଭାସଗଳ୍ପକୁ ସ୍ୱତନ୍ତ୍ର କରାଏ। ଆଭାସ ଗଳ୍ପର ବିଶେଷତ୍ୱ ଓ ଗଠନ କୌଶଳ ଆଲୋଚନା ପୂର୍ବରୁ ଏହା ସଂପର୍କରେ ଲେଖକ ଓ ସମାଲୋଚକଙ୍କ କେତୋଟି ମନ୍ତବ୍ୟକୁ ଉଦ୍ଧାର କରାଯାଇପାରେ।

- ବ୍ରହ୍ମାନନ୍ଦ ପଣ୍ଡା : 'ବିନ୍ଦୁ ଭିତରେ ସିନ୍ଧୁ'ର ସ୍ୱାଦ ଆସ୍ୱାଦନ କରିବାର ଇଚ୍ଛା ଯୋଗୁ ଗଳ୍ପ ମଝିରେ ଆଭାସ ଗଳ୍ପ ଲେଖିବାର ଆଗ୍ରହ ମୋ ଭିତରେ ସୃଷ୍ଟି ହୋଇଥିଲା। ***ମୋର ଧାରଣା ଏହିଭଳି ଗଳ୍ପ ରଚନା ପାଇଁ ଲେଖକର ଏକାଗ୍ରତା ଯେମିତି ଖୁବ୍ ଜରୁରୀ, ପାଠକର participation ମଧ୍ୟ ସେହିପରି ଆବଶ୍ୟକ। କାରଣ ଆଭାସ ଗଳ୍ପରେ ଲେଖକ ସବୁକଥା ବର୍ଣ୍ଣନା କରିପାରେନା; ସେ ଉହ୍ୟ ଅଂଶକୁ ପାଠକ ନିଜର ବୋଧଶକ୍ତି ଦ୍ୱାରା ବୁଝି ନଗଲେ ଆଭାସ ଗଳ୍ପର ରସ ଆସ୍ୱାଦନ କରିବା ସମ୍ଭବ ନୁହେଁ। (୪)
- ବୈଷ୍ଣବଚରଣ ସାମଲ : ଆଧୁନିକ ଜୀବନର ମୁହୂର୍ତ୍ତସର୍ବସ୍ୱ ଅଭିଜ୍ଞତାକୁ ନେଇ ଯେଉଁ ଆଭାସଗଳ୍ପ ସୃଷ୍ଟି କରାଯାଇଛି, ସାହିତ୍ୟରେ ତା'ର ଯେ ଏକ ସ୍ୱତନ୍ତ୍ର ଭୂମିକା ରହିଛି ଏଥିରେ ସନ୍ଦେହ ନାହିଁ। ଆଜିର ଜୀବନ ହେଉଛି ମୁହୂର୍ତ୍ତର ଜୀବନ। ପ୍ରତ୍ୟେକ ମୁହୂର୍ତ୍ତ ମଣିଷ ପକ୍ଷରେ ମୂଲ୍ୟବାନ୍। ସେହି ମୁହୂର୍ତ୍ତଗୁଡ଼ିକ ମହାସମୁଦ୍ରରେ ଦେଖାଦେଉଥିବା ତରଙ୍ଗ ଭଳି କ୍ଷଣିକ ହେଲେହେଁ ତରଙ୍ଗର କ୍ଷଣିକ ମାଧୁର୍ଯ୍ୟ ଭଳି ଏଗୁଡ଼ିକ ବୈଚିତ୍ର୍ୟ ବିମଣ୍ଡିତ। ଏଗୁଡ଼ିକ ସ୍ମୃତିର ସାଗରରେ ନିମଜ୍ଜିତ ହୋଇଯାଉଥିଲେହେଁ ବେଳେବେଳେ ମାନସ-ରାଜ୍ୟକୁ ଚକିତ ଉଦ୍‌ଭାସ କରେ। ଏହି ମୁହୂର୍ତ୍ତର ଅନୁଭୂତି କ୍ଷଣିକ

ମାତ୍ର ଏହାର ପ୍ରଭାବ ଗଭୀର ଭାବବ୍ୟଞ୍ଜକ। ଏ ଅନୁଭୂତି ବସ୍ତୁତଃ ଏକକ। ଏକାନ୍ତ ବ୍ୟକ୍ତିଗତ ଆତ୍ମାର ନିଭୃତ ଅନୁଚିନ୍ତା ହିଁ ସାଧାରଣତଃ ଆଭାସଗଳ୍ପରେ ପ୍ରତିଫଳିତ। ସେହି ଆତ୍ମିକ ସଂଳାପର ଅନ୍ତର୍ନିହିତ ଭାବାବେଗକୁ କେତେକ ଚିତ୍ରକଳ୍ପ ଓ ପ୍ରତୀକ ମାଧ୍ୟମରେ ତଥା କବ୍ୟିକ ଆବେଗ ସାହାଯ୍ୟରେ ରୂପାୟିତ କରାଯାଇଥାଏ। ଏହାକୁ ହିଁ କୁହାଯାଏ ଆଭାସ—ଗଳ୍ପ ବା ଆଭାସ- ଚିତ୍ର ।(୫)

• ଦୀନବନ୍ଧୁ ମିଶ୍ର: ଆଭାସର ଅର୍ଥ ସୂଚନା ବା ସଂକ୍ଷିପ୍ତ ବିବରଣୀ। ଯେଉଁ ଗଳ୍ପରେ ଅଧିକ କିଛି କୁହାନଯାଇ କେବଳ ମାତ୍ର ସୂଚନା ଦିଆଯାଇଥାଏ, ଅର୍ଥାତ୍ ଯାହା ଏକ ସୂଚନା ହିଁ ପ୍ରକାଶ କରିଥାଏ, ତାହା ଆଭାସ ଗଳ୍ପ। ଏହାକୁ କେହି କେହି ଆଭାସଚିତ୍ର ବା ରେଖାଚିତ୍ର ବୋଲି ମଧ୍ୟ କହିଥାନ୍ତି।*** ଓଡ଼ିଆ ଗଳ୍ପର ଏକ ସାଂପ୍ରତିକ ରୂପଭାବରେ ଆଭାସ ଗଳ୍ପକୁ ଗ୍ରହଣ କରାଯାଏ। ଏହା ବର୍ଣ୍ଣନାଧର୍ମୀ ନୁହେଁ, ଆଭାସ, ଇଙ୍ଗିତ ବା ସୂଚନାଧର୍ମୀ ହୋଇଥିବାରୁ କ୍ଷୁଦ୍ରାତିକ୍ଷୁଦ୍ର। ଗଳ୍ପର ଉଦ୍ଦେଶ୍ୟ ମଧ୍ୟ ମୂଳତଃ ଆଭାସଦାନକାରୀ। ଏହା ଜୀବନର ଅବିକଳ ଚିତ୍ର ନୁହେଁ। ଜୀବନ ସଂପର୍କରେ, ଘଟଣା ସଂପର୍କରେ କେବଳ ସୂଚେଇ ଦେବା ହେଲା ଏହାର କାର୍ଯ୍ୟ। ସଂକ୍ଷିପ୍ତ ସାର ହିଁ ଏହାର ପ୍ରକୃତ ପରିଚୟ।(୬)

• ପ୍ରକାଶ ପରିଡ଼ା : ନାମକରଣରୁ ଏହା ସ୍ପଷ୍ଟ ପ୍ରତୀତ ହୁଏ ଯେ 'ଆଭାସ ଗଳ୍ପ' ଗଳ୍ପ ମାତ୍ର ନୁହେଁ ଏହା 'ଗଳ୍ପ'ର ଆଭାସ ଦେଉଥିବା ଏକ ସ୍ୱୟଂ ସମ୍ପୂର୍ଣ୍ଣ ଲିଖନ କଳା। ଏଥିରେ ଲେଖକର ଏକାନ୍ତ ବ୍ୟକ୍ତିଗତ ଚିନ୍ତାନୁଭୂତି ସ୍ଥାନୀତ ହୁଏ। ଏହା କାବ୍ୟିକ ଏଣୁ ସୂଚନାଧର୍ମୀ। ଶବ୍ଦ ସଞ୍ଜମ ବା ପରିମିତ ରଚନା ଏହାର ସ୍ୱଧର୍ମ। ଅଧିକାଂଶରେ ଏହା ଆତ୍ମସଂଳାପଧର୍ମୀ ଓ ଲେଖକର ଆବେଗ ପ୍ରତି ବିଶ୍ୱସ୍ତ। ପ୍ରକାଶଭଙ୍ଗୀରେ କାବ୍ୟିକ ବ୍ୟଞ୍ଜନା ସହ ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗ ପାଇଁ ଏଥିରେ କ୍ଷେତ୍ର ପ୍ରଶସ୍ତ ।"(୭)

• ସନ୍ତୋଷ ତ୍ରିପାଠୀ : ସମାଜ,ଜୀବନ ଓ ମଣିଷକୁ ନେଇ ଗଳ୍ପ ସାହିତ୍ୟ ଏକ ଶାଣିତ କଳାବୋଧକ ଅର୍ବାଚୀନ ସୃଷ୍ଟି। ଯେଉଁ ଗଳ୍ପରେ ସମାଜ, ଜୀବନ, ମଣିଷ, ପ୍ରକୃତି ଓ ଆଦର୍ଶକୁ ବିଭିନ୍ନ ଚିତ୍ରକଳ୍ପ ଓ ଇଙ୍ଗିତାତ୍ମକ ଗଳ୍ପକଳା ମଧ୍ୟରେ ପ୍ରକାଶ କରାଯାଏ, ସେତେବେଳେ ସେହି ଗଳ୍ପ ଆଭାସଗଳ୍ପର ପରିଚୟ ନେଇଥାଏ। ଆଭାସଗଳ୍ପର ଆବେଦନାତ୍ମକ ରମଣୀୟତା ଥାଏ, ତାହାର ଉପସ୍ଥାପନାର ତୀର୍ଯ୍ୟକ ରୂପକଧର୍ମରେ ଓ ପରିଣାମ ସଂଘଟନାରେ। ଶବ୍ଦଗୁଡ଼ିକ ସାହିତ୍ୟିକ ସହାୟକବୋଧର ଅଭିଧାଲକ୍ଷଣରେ ଅର୍ଥ ଉପୁଜାଇନଥାନ୍ତି। ଶବ୍ଦ ଭିତରେ ଅର୍ଥ ଭାବର ପରୋକ୍ଷ ବକ୍ରୋକ୍ତି ସୂଚକ ପ୍ରତୀକାତ୍ମକ ନିଷ୍ପତ୍ତି ଅନୁସାରେ ବୁଝାଯାଏ। ଅର୍ଥର ନିଷ୍ପତ୍ତି ଘଟିଯାଇଥାଏ। ଶବ୍ଦର ଅର୍ଥ ଭିତରେ ଅର୍ଥ ଓ ଅନେକ ଶବ୍ଦର ମେଳକ ଭିତରେ ଲେଖକୀୟ ପ୍ରତିପାଦ୍ୟ ଗୂଢ଼ ବକ୍ତବ୍ୟର ତାତ୍ପର୍ଯ୍ୟଟି ରୂପକାତ୍ମକ ଲକ୍ଷଣାର ରହିଥାଏ।(୮)

• ଦିଲ୍ଲୀପ ସ୍ୱାଇଁ: ଏହାକୁ ଗଳ୍ପ ନ କହି ଗଳ୍ପାଭାସ କହିଲେ ଠିକ୍‌ହେବ। ଏଥିରେ ପରୋକ୍ଷ ଭାବରେ ଗୋଟିଏ କାହାଣୀର ସୂଚନା ଦିଆଯାଇଥାଏ। ଏହା ମାତ୍ର ଦଶ ବାର ଧାଡ଼ି ମଧ୍ୟରେ ଆରମ୍ଭ ହୋଇ ଶେଷ ହୋଇଥାଏ। ଏହାର ଭାଷା ଅତି ମାତ୍ରାରେ କାବ୍ୟିକ। ଗୋଟିଏ ଶବ୍ଦ ଏଥିରେ ଅଧିକ ଅର୍ଥ ପ୍ରକାଶ କରିବାରେ ସକ୍ଷମ। ଆଭାସଗଳ୍ପର ପାଠକ ସୀମିତ।(୯)

ବିଜୁଳି ଆଲୁଅ କ୍ଷଣକ ଭିତରେ ଅନ୍ଧକାର ଭେଦି ଉଜ୍ଜ୍ୱଳତା ପ୍ରକାଶକରି ପୁନଃ ଅପସାରିତ ହୋଇଗଲା ପରି ମଣିଷର ଅସଂଖ୍ୟ ଭାବାବେଗ ମୁହୂର୍ତ୍ତକ ପାଇଁ ସୃଷ୍ଟି ହୋଇ, ମୁହୂର୍ତ୍ତକ ଭିତରେ ବିଳୟ ଘଟେ। ତେଣୁ ମୁହୂର୍ତ୍ତର ଭାବାବେଗକୁ ପରିପ୍ରକାଶ ପାଇଁ ଆବଶ୍ୟକ ହୁଏ ସଂଯତ କଥନ କୌଶଳ, ସନ୍ତୁଳିତ ବ୍ୟଞ୍ଜନା ଓ ପରିମିତ ଚିତ୍ରଭାଷା। ଆଭାସଗଳ୍ପ ଲେଖକର ସମର୍ଥ ଭାଷା ପ୍ରୟୋଗରେ ଜୀବନ୍ୟାସ ପାଇଥାଏ। ଏଥିରେ କାହାଣୀ ଅପେକ୍ଷା କାହାଣୀର କେନ୍ଦ୍ରକୁ ପହଞ୍ଚି ଉପସ୍ଥାପନା କରିବାର କୌଶଳ ବଡ଼କଥା। ଆଭାସଗଳ୍ପ ଆକାର ଦିଗରୁ ହ୍ରସ୍ୱ ହେଲେ ମଧ୍ୟ ରଚନା କରିବା କଷ୍ଟକର। କଥା ବଖାଣି ଜାଣିଥିବା କଥାକାର ଅପେକ୍ଷା କଥାକୁ ଶବ୍ଦଚିତ୍ର କରି ଦୃଶ୍ୟଶୀଳ କରିପାରୁଥିବା ଚିତ୍ରକର ହିଁ ସଫଳ ଆଭାସଗଳ୍ପର ସ୍ରଷ୍ଟା। ତେଣୁ ଆଭାସଗଳ୍ପ ସଂକ୍ଷିପ୍ତ କିନ୍ତୁ ସହଜ ନୁହଁ। ପୁଣି ଏହା ଗଳ୍ପର ବନସାଇ କରଣ ମଧ୍ୟ ନୁହଁ। ଏହାର ସ୍ୱତନ୍ତ୍ର ଶୈଳୀ, ମୌଳିକ ଢାଞ୍ଚା ଏବଂ ପ୍ରକାଶଭଙ୍ଗୀ ରହିଛି। ଆଭାସ ଗଳ୍ପର ମୂଳକଥା ହେଲା ଆକସ୍ମିକ ଚିନ୍ତନ ବା ଅନୁଭୂତିକୁ ରୂପଦେବା। ଏହାର ମୌଳିକ ଗୁଣ ହେଉଛି ଆତ୍ମାନୁଶୀଳନ, ଭାବସାନ୍ଦ୍ରତା ଓ ପ୍ରକାଶଭଙ୍ଗୀର ସ୍ୱଚ୍ଛତା। ଏହା ହୃଦୟବୃତ୍ତିରୁ ପ୍ରସାରିତ ହୋଇ ମାନସିକ ସ୍ତରକୁ ଉଜ୍ଜୀବିତ କରେ। ପାଠକର ବୌଦ୍ଧିକ ଚେତନାରେ ଆଲୋଡ଼ନ ସୃଷ୍ଟିକରେ। କାବ୍ୟିକ ଭାଷାରେ ଲେଖାଗଲେ ଏହାର ମହତ୍ତ୍ୱ ଫୁଟିଉଠେ। ଏହା ଏକ ନୂତନ କୌଶଳପୂର୍ଣ୍ଣ ପରିପ୍ରକାଶ, ଯାହା ଗଳ୍ପର ଅଧିକାଂଶ ଧର୍ମ ବା ଗୁଣକୁ ବହନ କରି ମଧ୍ୟ ପୃଥକ। ତେବେ ଆଭାସ ଗଳ୍ପର ଗଠନରୀତି ସଂପର୍କରେ ଆଲୋକପାତ କରାଯାଏ ପାରେ ।

କ) ଆଭାସ ଗଳ୍ପରେ ମୂର୍ତ୍ତ ଘଟଣା ବଦଳରେ ଅମୂର୍ତ୍ତ ଭାବନା ଉପରେ ଜୋର୍ ଦିଆଯାଏ। ଏଥିରେ ଗାଳ୍ପିକ କଥ୍ୟ(ଥିମ୍)କୁ କଥାନକ(ପ୍ଲଟ୍)ର ଜାମା ନପିନ୍ଧାଇ ଉପସ୍ଥାପନ କରେ। ଫଳରେ ପାଠକ ଲେଖକର ଅକ୍ଷତ କୁଆଁରୀ ଭାବନାର ସଂସ୍ପର୍ଶରେ ଆସେ। ତେଣୁ ଏଥିରେ ଘଟଣାର ବର୍ଣ୍ଣନା ନରହି ,ଘଟଣାର ନିର୍ଯ୍ୟାସକୁ ସୂଚିତ କଲାପରି ବ୍ୟଞ୍ଜିତ ଅନୁଭୂତିକୁ ଲେଖକ ପରିପ୍ରକାଶକରେ। ଏଥିରେ ପ୍ରତିଟି ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ। ଚରିତ୍ର ଚିତ୍ରଣ ଓ ପରିବେଶ ସଂଯୋଜନର ବ୍ୟାପକ ସୁବିଧା ନଥାଏ। ପୂର୍ବକଥା(Backstory) ପାଇଁ ସୁଯୋଗ ନଥାଏ। ଆଭାସ ଗଳ୍ପର ଲେଖକଙ୍କୁ ପାର୍ଶ୍ୱକଥା ଓ ପାର୍ଶ୍ୱସଂଘର୍ଷ ବିନା ଗଳ୍ପ ରଚନା କରିବାକୁ ପଡ଼ିଥାଏ। ସାଧାରଣ ଶିଳ୍ପଧର୍ମ ମୁତାବକ ଗଳ୍ପ ମୁଖ୍ୟତଃ କେତୋଟି ବିନ୍ଦୁ ଦେଇ ଗତିଶୀଳ ହୋଇଥାଏ। ଯଥା-ଆରମ୍ଭ, ପ୍ରବାହ, ଶୀର୍ଷବିନ୍ଦୁ, ଗ୍ରନ୍ଥିମୋଚନ ଓ ପରିସମାପ୍ତି। ମାତ୍ର ଆଭାସଗଳ୍ପ ଏହି ସୁଗଠିତ ଗଳ୍ପକଳାକୁ ଅସ୍ୱୀକାର କରିଥାଏ ।

ଖ) ଆଭାସଗଳ୍ପର ନାମକରଣ ସମୟରେ ଗାଳ୍ପିକଙ୍କୁ ବିଶେଷ କସରତ୍ କରିବାକୁ ପଡ଼ିଥାଏ। ଏହା ସିଧାସଳଖ କୌଣସି ଚରିତ୍ରର ନାମ କିମ୍ବା ଘଟଣାକୁ ପରିପ୍ରକାଶ ନକରି ଗଳ୍ପର ଥିମ୍/କଥ୍ୟାକୁ ସୂଚିତ କରେ। ଆଭାସଗଳ୍ପରେ ଏହି ନାମକରଣ ହେଉଛି ଲେଖକର ବଡ଼ ଅସ୍ତ୍ର। ଗାଳ୍ପିକ ଗଳ୍ପର ଭାବକୁ ପ୍ରତିକାତ୍ମକ ଭାବରେ ଶୀର୍ଷକ ରୂପରେ ଚୟନ କରିଥାଏ। ଅନେକ ସମୟରେ ଆଭାସଗଳ୍ପର ନାମକରଣ ମାଧ୍ୟମରେ ଲେଖକ ପାଠକର ମାର୍ଗଦର୍ଶନ କରିଥାନ୍ତି।

ଗ) ଆଭାସଗଳ୍ପର ପ୍ରଥମ ଧାଡ଼ିରେ ରୋମାଞ୍ଚ ସୃଷ୍ଟିକାରୀ ଶକ୍ତି ରହିଥିବା ଆବଶ୍ୟକ। ପ୍ରଥମ ଧାଡ଼ିଟି ପାଠକର ବୌଦ୍ଧିକତାକୁ ଚହଲାଇ ମନ ଭିତରେ ଉତ୍କଣ୍ଠା ତିଆରି କରେ। ହୃଦୟସ୍ପର୍ଶୀ ଆରମ୍ଭ ଦ୍ୱାରା ପାଠକର ମନରେ ଗଳ୍ପ ପ୍ରତି ଆଗ୍ରହ ତିଆରି କରାଯାଇ ପାରିବ। ତେଣୁ ଆଭାସଗଳ୍ପର ଲେଖକମାନେ ପ୍ରଥମ ଧାଡ଼ିକୁ ପ୍ରତିକାତ୍ମକ ତଥା କବିତାସୁଲଭ କୋମଳ ଗୁଣସମ୍ପନ୍ନ କରିଥାନ୍ତି।

ଘ) କବିତାରେ ଚିତ୍ରକଳ୍ପ ପରି ଆଭାସଗଳ୍ପରେ ଗାଳ୍ପିକ ଭାବ ଗୁଡ଼ିକୁ ଇନ୍ଦ୍ରିୟଗ୍ରାହ୍ୟ ଯୋଗ୍ୟ କରିଥାନ୍ତି। ଦୃଶ୍ୟକୁ ଦୃଶ୍ୟାତ୍ମକ କରିବା ପାଇଁ ବିଭିନ୍ନ ରଙ୍ଗ ଓ ଆକୃତିର ପ୍ରୟୋଗ କରନ୍ତି। ବିଭିନ୍ନ ପ୍ରକାର ଶବ୍ଦ ,ବିଭିନ୍ନ ପ୍ରକାର ବାସ୍ନାକୁ ଅନୁଭବ କରାଇ ହେଲାପରି ବିମ୍ବ ପ୍ରଦାନ କରାଯାଇଥାଏ। "ଦୃଶ୍ୟଶୀଳ କରାଅ କିଛି କୁହନାହିଁ"-ଏହା ହିଁ ଆଭାସଗଳ୍ପର ମୂଳମନ୍ତ୍ର। ଗଳ୍ପ ସବୁବେଳେ କୁହାଯାଏ ନାହିଁ ବରଂ କିଛି ଗପ ପାଠକ ପ୍ରାଣରେ ବିମ୍ବ ଆକାରରେ ସଜେଇ ଦିଆଯାଏ। ବିମ୍ବ ବା ଚିତ୍ରକଳ୍ପ ଆଭାସଗଳ୍ପର ମୁଖ୍ୟ ଆଧେୟ। ଶକ୍ତିଶାଳୀ କ୍ରିୟାର ପ୍ରୟୋଗ କରିବା ଓ ପଞ୍ଚେନ୍ଦ୍ରିୟଗ୍ରାହ୍ୟ ଯୋଗ୍ୟ କରି ଭାବକୁ କହିବା ଏ ଗଳ୍ପର ଅନ୍ୟତମ ବିଶେଷତ୍ୱ।

ଙ) ଆଭାସଗଳ୍ପ କ୍ଷୁଦ୍ରତାକୁ ଗୁରୁତ୍ୱ ଦିଏ। ବିନ୍ଦୁରେ ସିନ୍ଧୁ ଦର୍ଶନ କରାଇବା ଏହାର ଉଦ୍ଦେଶ୍ୟ। ଘଟଣା ଓ ଚରିତ୍ରର ବର୍ଣ୍ଣନା ନକରି ଭାବସାନ୍ଦ୍ରତାକୁ ଗୁରୁତ୍ୱ ଦିଆଯାଏ। କ୍ଷୁଦ୍ରତା କଥା ଉଠିଲେ ଆମେ ପ୍ରାୟତଃ ଗଳ୍ପର ଆକାର ପ୍ରକାରକୁ ବୁଝିଯାଉ। ତାହା କିନ୍ତୁ ଠିକ୍ ନୁହଁ। ଆଭାସଗଳ୍ପର କ୍ଷୁଦ୍ରତା ତା'ର ପୃଷ୍ଠାଜନିତ ସଂକ୍ଷିପ୍ତତାକୁ ନବୁଝାଇ ବୁଝାଏ ଜୀବନର ଆଂଶିକ ଅନୁଭବକୁ। ଏ ସଂପର୍କରେ ସୌରେନ୍ଦ୍ରି ବାରିକ କୁହନ୍ତି - "ଜୀବନର ପୂର୍ଣ୍ଣତାକୁ ପୂର୍ଣ୍ଣଭାବରେ ଉପସ୍ଥାପନ କରନ୍ତି ନାହିଁ। ଲେଖକ କେବଳ ଆଂଶିକ ଜରିଆରେ ପୂର୍ଣ୍ଣର ସୂଚନା ଦେଇଥାନ୍ତି। ଫଳରେ ଆଂଶିକ ଆଉ ପରଶ୍ରୟୀ ଆଂଶିକ ହୋଇ ରହେ ନାହିଁ । ଏହା ସ୍ୱୟଂ ସମ୍ପୂର୍ଣ୍ଣ ହୋଇଯାଏ। ଏହି ସୂଚନାଧର୍ମିତା ହିଁ କ୍ଷୁଦ୍ରଗଳ୍ପର କ୍ଷୁଦ୍ରତା। ଏ କ୍ଷୁଦ୍ରତା ଦୈର୍ଘ୍ୟରେ ନାହିଁ, ଏହା ବର୍ଣ୍ଣନାରେ ନାହିଁ। ଏହା ଅଛି ଜୀବନକୁ ଦେଖିବାର ଭଙ୍ଗୀଟିରେ। ଅନୁଭବର ନିର୍ଯ୍ୟାସରେ ।"(୧୦) ତେଣୁ ଆଭାସଗାଳ୍ପିକ ଅନୁଭବର ନିର୍ଯ୍ୟାସକୁ କେମିତି ସାନ୍ଦ୍ରପଣରେ ପରିବେଷଣ କରିପାରିବେ ସେ ପ୍ରତି ବିଶେଷ ଧ୍ୟାନ ଦେଇଥାନ୍ତି।

ଚ) ଆଭାସଗଳ୍ପର ସଫଳତା ପାଇଁ ଲେଖକର ପରିଶ୍ରମ ଯେତିକି ଲୋଡ଼ା ତା ଅପେକ୍ଷା ପାଠକର ବୌଦ୍ଧିକ ଗ୍ରହଣଶୀଳତା ବେଶୀ ଆବଶ୍ୟକ। ଏହି ଧାରାର ଲେଖକମାନେ ଆପଣା ପାଠକକୁ ବୋକା ବା ଅଳ୍ପଜ୍ଞାନସମ୍ପର୍ଣ୍ଣ ମନେ କରନ୍ତି ନାହିଁ। "ମୋର ଧାରଣା ଏହିଭଳି ଗଳ୍ପ ରଚନା ପାଇଁ ଲେଖକର ଏକାଗ୍ରତା ଯେମିତି ଖୁବ୍ ଜରୁରୀ, ପାଠକର participation ମଧ୍ୟ ସେହିପରି ଆବଶ୍ୟକ। କାରଣ ଆଭାସ ଗଳ୍ପରେ ଲେଖକ ସବୁକଥା ବର୍ଣ୍ଣନା କରିପାରେନା; ସେ ଉହ୍ୟ ଅଂଶକୁ ପାଠକ ନିଜର ବୋଧଶକ୍ତି ଦ୍ୱାରା ବୁଝି ନଗଲେ ଆଭାସ ଗଳ୍ପର ରସ ଆସ୍ୱାଦନ କରିବା ସମ୍ଭବ ନୁହେଁ।(୧୧) ସ୍ୱାଧିନୋତ୍ତର ଓଡ଼ିଆ ସାହିତ୍ୟର ନବରୂପାନ୍ତର ଦିଗରେ ଲେଖକମାନଙ୍କର ଏହି ପାଠକବିଶ୍ୱାସୀ ମାନସିକତା ବିଶେଷ ଭୂମିକା ନିର୍ବାହ କରିଥାଏ। ପାଠକ ବା ଦର୍ଶକ ସାଧାରଣ ମଣିଷ ନୁହଁ ଯେ ଲେଖକ ସବୁକଥା ତାକୁ ବୁଝେଇଦେବ। ସାହିତ୍ୟର ସଫଳତାରେ ପାଠକ ପ୍ରାଣର ସହଭାଗିତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହିପରି ସିଦ୍ଧାନ୍ତ ଉପରେ ଠିଆ ହୋଇଥିବାରୁ ଆଭାସଗଳ୍ପ ବୌଦ୍ଧିକତା ଉପରେ ବେଶୀ ଗୁରୁତ୍ୱ ଦିଏ। ଲେଖକର ପୂର୍ଣ୍ଣ ବିଶ୍ୱାସ ଯେ ପାଠକ ସେହି ବୌଦ୍ଧିକତାର ଜଟିଳତା ଭିତରୁ ପ୍ରକୃତ ସତ୍ୟ ଖୋଜି ନେଇ ଆନନ୍ଦ ପାଇଯିବ।

ସୁତରାଂ, ଆଭାସଗଳ୍ପ ହେଉଛି ଯେ କୌଣସି କ୍ଷଣିକ ଅନୁଭୂତି, ଆବେଗର ଗାଢ଼ତାପନ୍ନ ବା ଘନବଦ୍ଧ ପରିପ୍ରକାଶ। ଶୈଳୀ ଏହାର ଅତ୍ୟନ୍ତ ବ୍ୟଞ୍ଜନାତ୍ମକ। ଏହା ମନନଶୀଳ ସର୍ଜନ ବ୍ୟାପାର। କୌଣସି ଏକ ଘଟଣାକୁ ସିଧାସଳଖ ବନେଇ ଚୁନେଇ ନଲେଖି ଅସଲ କଥାର କେନ୍ଦ୍ରକୁ ଛୁଇଁବା ହେଉଛି ଆଭାସଗଳ୍ପର ଧର୍ମ। ଭାବସାନ୍ଦ୍ରତା ସହ ପ୍ରକାଶ ଭଙ୍ଗୀର ସ୍ୱଚ୍ଛନ୍ଦ ସାବଲୀଳତା ଗୁଣ ଘେନି ଏହା ସମୃଦ୍ଧ। କାବ୍ୟିକ ଭାଷା ଓ ଶବ୍ଦସ୍ଫୀତି ଆଭାସଗଳ୍ପ ଲେଖକର ମୁଖ୍ୟ ଅସ୍ତ୍ର। ପ୍ରତୀକଧର୍ମୀ ଉପସ୍ଥାପନ ଓ ଚିତ୍ରଧର୍ମୀ କଥନ ସାହାଯ୍ୟରେ ବକ୍ତବ୍ୟର ଏକ ନକ୍ସା ବା ରେଖାଚିତ୍ର ପ୍ରଦାନ କରୁଥିବାରୁ ଆଭାସଗଳ୍ପ ପାଠକର ଚେତନାକୁ ଚହଲାଇ ଦେବାରେ ସମର୍ଥ ହୋଇଥାଏ।

ଓଡ଼ିଆ ଆଭାସଗଳ୍ପ ପରମ୍ପରା : ସ୍ୱାଧିନୋତ୍ତର ପର୍ଯ୍ୟାୟରେ ଘନବାଦୀ ଓଡ଼ିଆ ଗଳ୍ପଧାରା ବିକାଶଲାଭ କରିଥିଲା। ଭଲଗପର ପରିଭାଷା ସମୟରେ ମନେରହିବା ଗୁଣକୁ ବିଶେଷ ଗୁରୁତ୍ୱ ଦିଆଯାଉଥିଲା। ଆଭାସଗାଳ୍ପିକଙ୍କ ଦୃଷ୍ଟିରେ ସଫଳ ଗଳ୍ପର ଧର୍ମ ହେଉଛି ପାଠକର ପରିଚିତ ଅନୁଭୂତିକୁ ତୀବ୍ର ଭାବରେ ଉଖାରି ପାରିବା ଓ ସେହି ଭାବରେ ପାଠକର ସମଗ୍ର ମନ ଓ ଚେତନାକୁ ଆବିଷ୍ଟ କରିଦେବା। ଉତ୍ତରଷାଠିଏ କାଳରେ ଗାଳ୍ପିକମାନେ ନିହାତି ଗୋଟେ ଅନୁଭବ ମଣ୍ଡଳରେ ପାଠକକୁ କିଛି ସମୟ ବାନ୍ଧି ରଖିବା ପାଇଁ ବିଭିନ୍ନ ପରୀକ୍ଷା ନିରୀକ୍ଷା ଚଳାଇଥିଲେ। ପୁରୁଣା କାହାଣୀର ଗଳ୍ପ ପ୍ରସ୍ଥକୁ ଛୋଟଛୋଟ ବିମ୍ବରେ ଦେଖିବାର ମାନସିକତାରୁ ଆଭାସଗଳ୍ପର ସୃଷ୍ଟି ହେଲା। "ଅବୈକ୍ତିକ ବିଶ୍ଳେଷଣରୁ ଓଡ଼ିଆ କ୍ଷୁଦ୍ରଗଳ୍ପ ନିହାତି ବ୍ୟକ୍ତିଗତ ହୋଇ 'ଆଭାସ ଚିତ୍ର'ର ଜନ୍ମଦେଲା। ଆଭାସ ଚିତ୍ର ଏକ ମୁହୂର୍ତ୍ତର ନିହାତି ବ୍ୟକ୍ତିଗତ ଉଚ୍ଛ୍ୱାସ। ଏହି ଦୃଷ୍ଟିରୁ ଏହା ଗୀତିଧର୍ମୀ ଏବଂ ଶୈଳୀହୀନତା ହିଁ ଏହାର ଏକମାତ୍ର ଶୈଳୀ ।"(୧୨)

ଓଡ଼ିଆ ଗଳ୍ପ ସାହିତ୍ୟ ପରମ୍ପରାରେ ଆଭାସଗଳ୍ପ ପରିମାଣ ଦୃଷ୍ଟିରୁ ପ୍ରଚୁର ନହେଲେ ବି ଗୁଣାତ୍ମକ ଦୃଷ୍ଟିରୁ ବେଶ୍ ସମୃଦ୍ଧ ।

ବିଂଶ ଶତକର ଷାଠିଏ ,ସତୁରୀ ଦଶକରେ ସାହିତ୍ୟକୁ ପ୍ରବେଶ କରିଥିବା ତରୁଣ ଗୋଷ୍ଠୀ ଏହି ଧରଣର ଗଳ୍ପଲେଖାକୁ ଗୁରୁତ୍ୱ ଦେଇଥିଲେ। କ୍ଷୁଦ୍ର ଭିତରେ ବିଶାଳତାର ଅନୁଭବ, କଥା ଭିତରେ କବିତାର ସ୍ପର୍ଶ ପାଠକମାନଙ୍କୁ ଉଚ୍ଛ୍ୱାସ ଦେଇଥିଲା। ବ୍ରହ୍ମାନନ୍ଦ ପଣ୍ଡା, ରବି ପଟ୍ଟନାୟକ, ଶାନ୍ତନୁ ଆଚାର୍ଯ୍ୟ, ନିମାଇଁ ଚରଣ ପଟ୍ଟନାୟକ, ପ୍ରଫୁଲ୍ଲ ତ୍ରିପାଠୀ, ରତ୍ନାକର ଚଇନି, ସଦାଶିବ ଦାସ, ପ୍ରସନ୍ନ ପାଟଶାଣୀ, ରବିସ୍ୱାଇଁ, ସତ୍ୟମିଶ୍ର, କହ୍ନେଇଲାଲ ଦାସ, ଅଶୋକ ଚନ୍ଦନ, ଅଧ୍ୟାପକ ବିଶ୍ୱରଞ୍ଜନ, ଗିରିଦଣ୍ଡ ସେନା, ରଣଦୀର ଦାସ, ପୂର୍ଣ୍ଣାନନ୍ଦ ଦାନୀ, ଜଗଦୀଶ ମହାନ୍ତି ଇତ୍ୟାଦି ଗାଳ୍ପିକ ଓଡ଼ିଆ ଆଭାସଗଳ୍ପ ପରମ୍ପରାରେ ଲିଖନୀ ଚାଳନା କରି ସମୃଦ୍ଧ କରିପାରିଛନ୍ତି।

ଗାଳ୍ପିକ ବ୍ରହ୍ମାନନ୍ଦ ପଣ୍ଡା ଓଡ଼ିଆ ସାହିତ୍ୟରେ ପ୍ରଥମ ଆଭାସଗଳ୍ପ ରଚୟିତା ଭାବରେ ପରିଚିତ। ସମାଲୋଚକ ବୈଷ୍ଣବଚରଣ ସାମଲଙ୍କ ମତରେ - "ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡାଙ୍କୁ ଓଡ଼ିଆ ଆଭାସଗଳ୍ପର ଜନକ କହିଲେ ଭୁଲ ହେବ ନାହିଁ। ସେ ବୋଧହୁଏ ପ୍ରଥମ ଗାଳ୍ପିକ ଯେ କି ଓଡ଼ିଆ ସାହିତ୍ୟରେ ଆଭାସ ଗଳ୍ପର ପ୍ରଥମ ପରୀକ୍ଷା କରି ସିଦ୍ଧିଲାଭ କରିଛନ୍ତି। ଏ ପର୍ଯ୍ୟନ୍ତ ସେ କେତେକ ଆଭାସ ଗଳ୍ପ ରଚନା କରି ମୁହୂର୍ତ୍ତସର୍ବସ୍ୱ ମଣିଷ ଜୀବନର ଯଥାର୍ଥ ପରିଚୟ ଦେବା ସଙ୍ଗେ ସଙ୍ଗେ ନିଜର ପ୍ରତିଭାର ପରିଚୟ ପ୍ରଦାନ କରିଅଛନ୍ତି। ତାଙ୍କ ରଚିତ 'କଳା ଓ କଳ୍ପନା' ଗଳ୍ପ ସଂକଳନ (୧୯୫୯)ର 'ଆକାଂକ୍ଷାର ସଂସ୍କାର' ଓ 'ଅପରୂପର ରୂପ' ଗଳ୍ପଦ୍ୱୟ ଆଭାସ ଗଳ୍ପକ୍ଷେତ୍ରରେ ପ୍ରଥମ ଉଦ୍ୟମ।"(୧୩) ଆଲୋଚକ ବୃନ୍ଦାବନ ଆଚାର୍ଯ୍ୟଙ୍କ ମତରେ -"ସମ୍ପୂର୍ଣ୍ଣ ନୂତନ ଶୈଳୀର ଗଳ୍ପଲେଖକରୂପେ ବ୍ରହ୍ମାନନ୍ଦ ପଣ୍ଡା ଅତ୍ୟାଧୁନିକ କାଳରେ ସୁଖ୍ୟାତି ଅର୍ଜନ କରିଅଛନ୍ତି। ଓଡ଼ିଆ ଗଳ୍ପକ୍ଷେତ୍ରରେ ସେ ସର୍ବପ୍ରଥମେ ବହୁ ଆଭାସଧର୍ମୀ କ୍ଷୁଦ୍ରଗଳ୍ପ ଲେଖି ଯଶସ୍ୱୀ ହୋଇଅଛନ୍ତି। ତାଙ୍କ ଗଳ୍ପର ଚରିତ୍ରଗୁଡ଼ିକ ପରିବେଶ ସହ ଜୀବନ୍ତ ଭାବରେ ବାସ୍ତବରୂପେ ପ୍ରତିଭାତ ହୁଅନ୍ତି। ନୂତନ ଦୃଷ୍ଟିଭଙ୍ଗୀ ଓ ଅପାରମ୍ପରିକତା ତାଙ୍କ ଗଳ୍ପକଳାର ବିଶେଷତ୍ୱ। ତାଙ୍କର ଅଧିକାଂଶ ଗଳ୍ପରୁ ପ୍ରୟୋଗବାଦୀ ଶୈଳୀର ପରିଚୟ ମିଳିଥାଏ ।"(୧୪)

ଗଳ୍ପର ବ୍ୟାପ୍ତି ଅପେକ୍ଷା ଦୀପ୍ତିକୁ ଗୁରୁତ୍ୱ ଦେଉଥିବା ଗାଳ୍ପିକ ହେଉଛନ୍ତି ଗାଳ୍ପିକ ବ୍ରହ୍ମାନନ୍ଦ ପଣ୍ଡା। 'ସାଧାରଣ ସତ୍ୟ' (୧୯୫୧-୫୨), 'ମହକ' (୧୯୫୩), 'ଆତ୍ମ ପରିଚୟ' (୧୯୫୪-୫୫), 'କଳା ଓ କଳ୍ପନା' (୧୯୫୯), 'ଫଲଗୁର ତରଙ୍ଗ' (୧୯୬୩), 'ପ୍ରାନ୍ତଯମକ' (୧୯୭୬) ଇତ୍ୟାଦି ଗଳ୍ପଗ୍ରନ୍ଥର ସେ ହେଉଛନ୍ତି ସ୍ରଷ୍ଟା। ତାଙ୍କର ଆଭାସଗଳ୍ପ ଗୁଡ଼ିକ ମଧ୍ୟରେ -ବଂଶୀ ଓ ବନଶୀ, ଅଂଧାରୀ, ସୋରେଇ, କାକା ସାରିଗାମା କୁଉ, ମୃତ ଆତ୍ମା, ନୀଳାବେଶ, ଅରୂପର ରୂପ ଇତ୍ୟାଦି । ବିଭୂତି ପଟ୍ଟନାୟକଙ୍କ ସାକ୍ଷାତକାର ଗ୍ରନ୍ଥ ମୁହାଁମୁହିଁ କଥାବାର୍ତ୍ତା ପୁସ୍ତକରେ ବ୍ରହ୍ମାନନ୍ଦ ପଣ୍ଡା ଆଭାସଗଳ୍ପର କଳା ଓ ବିଷୟ ବିନ୍ୟାସ ନିଜର ଆଭାସଗଳ୍ପ ରଚନାର ପଶ୍ଚାତପଟରେ ରହିଥିବା ପ୍ରେରଣା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। "'ବିନ୍ଦୁ' ଭିତରେ ସିନ୍ଧୁ'ର ସ୍ୱାଦ ଆସ୍ୱାଦନ କରିବାର ଇଚ୍ଛା ଯୋଗୁ ଗଳ୍ପ ମଝିରେ ଆଭାସ ଗଳ୍ପ ଲେଖିବାର ଆଗ୍ରହ ମୋ ଭିତରେ ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷ ପ୍ରେରଣା ଏଥିପାଇଁ ମତେ ମିଳିଥିଲା ପ୍ରଖ୍ୟାତ ଭାସ୍କର ରାମକିଙ୍କରଙ୍କ 'ଗାନ୍ଧି'' ଛବି ଯୋଗୁ। ଓଦା କାଠରେ ରାମକିଙ୍କର ଗୋଟିଏ ଧାରୁଆ ପଦାର୍ଥରେ ଇତସ୍ତତଃ ଆଘାତ କରୁକରୁ ପଦଯାତ୍ରୀ ମହାତ୍ମା ଗାନ୍ଧିଙ୍କ ଛବିର ଅବିକଳ ଆଭାସ କାଠରେ ଅଙ୍କିତ ହୋଇଥିଲା। ତାଙ୍କର ଏହି ଛବି ଆଙ୍କିବାର ପଦ୍ଧତି ମତେ ଆଭାସ ଗଳ୍ପ ଲେଖିବା ପାଇଁ ବାଟ ଦେଖାଇଥିଲା। ମୁଁ ପ୍ରଥମେ ଏଭଳି ଗଳ୍ପ ଲେଖି ତାକୁ 'ସାଙ୍କେତିକ ନକ୍ସା' ନାମରେ ଆଖ୍ୟାୟିତ କରିବାକୁ ଚାହିଁଥିଲି। କିନ୍ତୁ 'ଦିଗନ୍ତ'ର ସମ୍ପାଦକ ମନୋଜ ଦାସ ଏଭଳି ଗଳ୍ପ ଛାପିଲା ବେଳେ ତାକୁ 'ଆଭାସ ଚିତ୍ର' ବୋଲି ଉଲ୍ଲେଖ କଲେ। ୧୯୫୮ ମସିହା 'ଝଙ୍କାର' ବିଷୁବ ସଂଖ୍ୟାରେ ମୋର ପ୍ରଥମ ଆଭାସ ଗଳ୍ପ 'ଆକାଂକ୍ଷାର ସଂସ୍କାର'' ପ୍ରକାଶିତ ହୋଇଥିଲା। ତାପରେ 'ବଂଶୀ ଓ ବନ୍‌ଶୀ' ଓ 'କାକା ସାରିଗାମା କୁଉ' ପ୍ରଭୃତି ଅନେକଗୁଡ଼ିଏ ଆଭାସ ଗଳ୍ପ ଲେଖିଛି ।"(୧୫)

ଆଭାସଗଳ୍ପ ରଚନା କ୍ଷେତ୍ରରେ ଗାଳ୍ପିକ ପଟ୍ଟନାୟକ ଜଣେ ସାର୍ଥକ ଶିଳ୍ପୀ। ତାଙ୍କର ଆଦ୍ୟ ଗାଳ୍ପିକ ଜୀବନରେ ସେ ଅନେକ ଆଭାସଗଳ୍ପ ରଚନା କରିଛନ୍ତି। ଅବଶ୍ୟ ପରିବର୍ତ୍ତୀ ସମୟରେ ଗଳ୍ପର କାହାଣୀଧର୍ମୀତାକୁ ଗୁରୁତ୍ୱ ଦେଇଛନ୍ତି। ଅସାମାଜିକର ଡାଏରୀ ସଂକଳନରେ ଅନେକ ଆଭାସଗଳ୍ପ ରହିଛି। 'ଦିଆସିଲିକାଠି', 'ଝୁନୁ ଓ ଗୋଲାପ', 'କେମେଲିଅନ୍', 'କୁନି', 'ଡିମିରିଫୁଲ', 'ଜହ୍ନ', 'ଇପ୍‌ସା', 'ଚକାଭଉଁରୀ', 'ଦୃଷ୍ଟିକୋଣ', 'ଜୀବନ', 'ଅପରାଜେୟ', 'ଚାରୋଟି ମୁହୂର୍ତ୍ତର କାହାଣୀ', 'ବ୍ରଣ' ଇତ୍ୟାଦି ଆଭାସ ଗଳ୍ପ ଓଡ଼ିଆ ଗଳ୍ପ ସାହିତ୍ୟର ଏକ ଏକ ଉଲ୍ଲେଖନୀୟ କୃତି। "'ଅସାମାଜିକର ଡାଏରୀ' ଓଡ଼ିଆ କ୍ଷୁଦ୍ରଗଳ୍ପରେ ଏକ ନୂଆ ସୂଚନା। ଗଳ୍ପ ଗୁଡ଼ିକରେ ସଂକ୍ଷିପ୍ତତା ତାକୁ ସଂଗୀତର abstract ଗୁଣରେ ଭୂଷିତ କରେ। ଏହି ସଂକଳନରେ ଗାଳ୍ପିକଙ୍କ କାବ୍ୟିକ ମନ ସହ ଆଉ ଗୋଟିଏ ମନର ମଧ୍ୟ ସନ୍ଧାନ ମିଳିଥାଏ। "ସେହି ମନ ହେଉଛି ବୁଦ୍ଧିଦୀପ୍ତ ବିଶ୍ଳେଷଣାତ୍ମକ ଆଧୁନିକ ଚେତନାର ମନ। ଏହି ମନଟି ନିଜର ଆବେଗକୁ ଗୋଟିଏ ମୁଡ୍ ବା ମନଃସ୍ଥିତିକୁ ସୂଚନାତ୍ମକ ଭାଷାରେ ପ୍ରକାଶ କରେନି। ଏହା ନିଜର ଅନୁଭୂତିକୁ ଖିନ୍‌ଭିନ୍ କରି ବିଶ୍ଳେଷଣ କରିଥାଏ, ନିଜ ଚିନ୍ତାଦ୍ୱାରା ତଉଲିଥାଏ।"(୧୬) ମୁହୂର୍ତ୍ତର ଭାବନାକୁ ଶବ୍ଦଚିତ୍ର କରିବାର କୌଶଳ 'ଜହ୍ନ' ଆଭାସଗଳ୍ପରୁ ଜାଣିହେବ – ''ଜହ୍ନଟା ମୁଚୁ ମୁଚୁ ହସୁଚି।

ସେଇ ସଞ୍ଜପହରରୁ ହସି ଚାଲିଛି ଯେ ତା'ର ବିରାମ ଆଉ ନାହିଁ। ଏତେ ହସ ସେ କେଉଁଠି ସାଇତି ରଖିଥିଲା କେଜାଣି। କୁଟୁ କୁଟୁ ହସ ନୁହେଁ। ସୁନ୍ଦର ଆଉ ପ୍ରାଣ ମତାଣିଆ ମୁଚୁକି ହସ। ଭିତରର ଆନନ୍ଦରେ ଏମିତି ଫାଟିପଡୁଛି ଯେ, ଅଥଚ ଧଳା ମଖମଲ ବା ବାଦଲର କାନିପଣତରେ ଚାପିରଖିଛି ତାକୁ। ତଥାପି ହିଡ଼ମାଟି ଦେଇ ବନ୍ଧା ହୋଇଥିବା ପ୍ରଥମ ଶରତର ଶ୍ୟାମଳ କ୍ଷେତର ଛଳ ଛଳ ଜଳରାଶି ଯେମିତି ହିଡ଼ ଭିତର ଦେଇ ଝରି ଝରି ପଡ଼େ ଠିକ୍ ସେମିତି ଚପା ହସ ଝରି ଝରି ପଡୁଚି। ତୋଫା ହସ ମଧୁର, ରସାଳ, ଆଉ....

ସୁକାନ୍ତ ଆଜି ଆସୁଛି ।

ଜହ୍ନଟା ଅତି ଉଦାସ। ସାରାରାତି ଶୂନ୍ୟ ବିଛଣାରେ କାନ୍ଦି ସକାଳ ପହରକୁ ଘୁମେଇ ପଡ଼ିଥିବା ସଦ୍ୟବିଧବାର ଫୁଲା ଫୁଲା ମୁହଁ ପରି ଅତି କରୁଣ। ମୁହଁସାରା କଳା କଳା ଛାପା ରହି ରହି କଳାବାଦଲର ପଣତରେ ଆଖିର ଲୁହ ପୋଛୁଚି। ମାନମୟୀ ସରମା ରାଜକନ୍ୟା ମଉନାବତୀ ଯେମିତି ବର ଖୋଜି ଶାନ୍ତହୋଇ ଇ ରହିଯାଇଛି। ଆଖିରେ ତା'ର ଆଶା ନାହିଁ, ମନରେ ଆଉ ଭରସା ନାହିଁ। ଶାନ୍ତ-ନିରବ-ଉଦାସ-ଗମ୍ଭୀର ଲୁହ ଉଛୁଳା ଆଖିପତା ପରି ଢଳ ଢଳ ।

ସୁକାନ୍ତ କାହିଁକି ଆସିଲାନି?"(୧୭)

କଳେବର ଦୃଷ୍ଟିରୁ କ୍ଷୁଦ୍ର ହେଲେ ମଧ୍ୟ ଏହି ଆଭାସଗଳ୍ପରେ ଭାବର ଗଭୀରତା ଅନୁମେୟ। 'ସୁକାନ୍ତ ଆସୁଛି'ର ଆଶା 'ସୁକାନ୍ତ ଆଜି ଆସିଲାନି'ର ନିରାଶା ମଧ୍ୟରେ ଯେଉଁ ସୂକ୍ଷ୍ମ ମନସ୍ଥିତି ଜାଗ୍ରତ ହୋଇଛି ତା'ର ଶବ୍ଦଚିତ୍ର ହେଉଛି 'ଜହ୍ନ' ଗଳ୍ପ। ଆପଣାର ମଣିଷ ଆସିବାର ଆନନ୍ଦ ଓ ନଆସିବାର ନିରାନନ୍ଦ ପରି ଦୁଇଟି ଅବସ୍ଥାକୁ ସୂଚିତ କଲାପରି ପରିବେଶ ନିର୍ମାଣ କରିଛନ୍ତି। କବିତାଧର୍ମୀ ଭାଷାର ପ୍ରୟୋଗରେ ଅର୍ଥର ବିଭାବନା ଦେଖନ୍ତୁ। "ହିଡ଼ମାଟି ଦେଇ ବନ୍ଧା ହୋଇଥିବା ପ୍ରଥମ ଶରତର ଶ୍ୟାମଳ କ୍ଷେତର ଛଳ ଛଳ ଜଳରାଶି ଯେମିତି ହିଡ଼ ଭିତର ଦେଇ ଝରି ଝରି ପଡ଼େ ଠିକ୍ ସେମିତି ଚପା ହସ ଝରି ଝରି ପଡ଼ୁଚି।"-ଗୋଟିଏ ବାକ୍ୟରେ ସୁକାନ୍ତ ଆସିବାର ସୁଖରେ ଜହ୍ନ ମୁହଁର ଚମକ ପରିପ୍ରକାଶ ଲାଭ କରିଛି। ପୁଣି,- "ସାରାରାତି ଶୂନ୍ୟ ବିଛଣାରେ କାନ୍ଦି ସକାଳ ପହରକୁ ଘୁମେଇ ପଡ଼ିଥିବା ସଦ୍ୟବିଧବାର ଫୁଲା ଫୁଲା ମୁହଁ ପରି ଅତି କରୁଣ ।" ଧାଡ଼ିରେ ସୁକାନ୍ତ ନଆସିବାର ବେଦନା ସୁସ୍ପଷ୍ଟ। ଶବ୍ଦଶକ୍ତିର ଯଥୋଚିତ ପ୍ରୟୋଗରେ ସଂକ୍ଷିପ୍ତ ପରିସରରେ ମାନବୀୟ ଭାବର ବ୍ୟାପକତାକୁ ସମାହିତ କରିବାରେ ଗାଳ୍ପିକ ସଫଳ ହୋଇଛନ୍ତି ।

ଓଡ଼ିଆ ଆଭାସଗଳ୍ପ ପରମ୍ପରାରେ ବିଶିଷ୍ଟ ଲେଖକ ଶାନ୍ତନୁ ଆଚାର୍ଯ୍ୟଙ୍କ 'ଶେଷ ସମ୍ବାଦ', ନିମାଇଁ ଚରଣ ପଟ୍ଟନାୟକଙ୍କ 'ଲାଜକୁଳୀ ଲତା', 'ପଦ୍ମତୋଳା', 'ନିରାମୀ' ,'ସୃଷ୍ଟି ଓ ସ୍ରଷ୍ଟା', ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ 'ତରଙ୍ଗ ,ଗଙ୍ଗା,ହୁଗୁଳି ଓ ମହାନଦୀ', 'ଗୋଟିଏ ଅସଲ କଥା', 'ଦୁଇଟି ଅଙ୍କନ', 'ସବୁ ଗଲାପରେ', 'ଯାତ୍ରା', ରଣଧୀର ଦାସଙ୍କ 'ପଲାଶ,ଦୂର' 'ପର୍ବତ' ,'ଆଖି', 'କଇଁଛ', ପୂର୍ଣ୍ଣାନନ୍ଦ ଦାନୀଙ୍କ 'ଅସରନ୍ତି', 'ଜଞ୍ଜିର', ଜଗଦୀଶ ମହାନ୍ତିଙ୍କ 'ରୋମାନସ', 'କଳଙ୍କ', ସତ୍ୟମିଶ୍ରଙ୍କ 'ଜଣେ ରାଜାଙ୍କ ମୃଗୟା','ମୁହୂର୍ତ୍ତ' ,'ଆଗନ୍ତୁକ' , ଅଶୋକଚନ୍ଦନଙ୍କ 'ଆବର୍ତ୍ତନ', 'ଆକାଶ', 'ପ୍ରଜାପତି', କହ୍ନେଇଲାଲ ଦାସଙ୍କ 'ଗୋଟିଏ ଘରପୋଡ଼ିର ଦୃଶ୍ୟ', 'ସର୍ବଂସହା', 'ବିବର୍ତ୍ତନବାଦ', ଇତ୍ୟାଦି ଏକ ଏକ ଚମତ୍କାର ନିଦର୍ଶନ। ଆଭାସଗଳ୍ପର ଅନ୍ୟତମ ବିଶେଷତ୍ୱ କାବ୍ୟିକତାକୁ ସତ୍ୟମିଶ୍ରଙ୍କ 'ପ୍ରେମ ଓ ପ୍ରତ୍ୟୟ'ରେ ଅନୁଭବ କରନ୍ତୁ -

"କ୍ଲାରା, ମୁଁ ସପ୍ନ ଦେଖିଲି/ ତୁମ ସୌନ୍ଦର୍ଯ୍ୟଠାରୁ ଆହୁରି ଦୂରନ୍ତ ଏକ ମରୁଭୂମିର ଠିଆହୋଇ ମୁଁ ହାତରେ ଆଂଜୁଳାଏ ପାଣିଧରି/ ତମକୁ ଦେଖାଉଚି।/ ଏ ପାଣି ତମ ଆଖିଠାରୁ ଅଧିକ ନୀଳ ଓ ସ୍ୱଚ୍ଛ/ ଏବଂ ଏଥିରେ ଆକାଶ ଓ ଜହ୍ନର ପ୍ରତିବିମ୍ବ/ ସପ୍ନ ଭଳି। ପ୍ରଣୟ ଭଳି। ଆବେଗ ଭଳି ।" (୧୮)

ଭାବସାନ୍ଦ୍ରତା ସହ ପ୍ରକାଶଭଙ୍ଗୀର ସାବଲୀଳତାକୁ ପ୍ରୟୋଗ କରି ଓଡ଼ିଆ ଗାଳ୍ପିକମାନେ ସଫଳ ଆଭାସଗଳ୍ପ ରଚନା କରିପାରିଥିଲେ। କିନ୍ତୁ ଗଳ୍ପରେ ହୋଇଥିବା ଏହି ନୂତନ ପରୀକ୍ଷା ସୀମିତ ସମୟ ମଧ୍ୟରେ ସୃଷ୍ଟି ଓ ବିଳୟକୁ ସାମ୍ନା କରିଥିଲା। ଅନେକ ସମୟରେ ସାହିତ୍ୟରେ ବୌଦ୍ଧିକତା ଦୁର୍ବୋଧତାରେ ରୂପାନ୍ତରିତ ହେଲାପରି ଆଭାସଗଳ୍ପ କ୍ଷେତ୍ରରେ ମଧ୍ୟ ତାହା ହୋଇଛି। ପାଠକର ସହଭାଗିତାକୁ ଗୁରୁତ୍ୱ ଦେଉଥିବା ଏହି ନୂତନ ପ୍ରବିଧୀ ସାଧାରଣ ପାଠକର ଚେତନାକୁ ଛୁଇଁ ପାରିଲା ନାହିଁ। ଆଭାସଗଳ୍ପର ଅସଫଳତା ସଂପର୍କରେ ନିତ୍ୟାନନ୍ଦ ଶତପଥିଙ୍କ ମତ ହେଉଛି -ସାଂପ୍ରତିକ ଓଡ଼ିଆ ଗଳ୍ପ ସାହିତ୍ୟରେ ସଂପୂର୍ଣ୍ଣ କବିତା-ଧର୍ମୀ ମିନି-ଗଳ୍ପ ଓ ରୈଖିକ ଗଳ୍ପ (Sketch) ର ପ୍ରବର୍ତ୍ତନ କ୍ରମେ ଦ୍ରୁତତର ହେଉଥିବା ଲକ୍ଷ୍ୟ କରାଯାଉଛି। ଏପରିକି ଅନେକ ମିନି-ଗଳ୍ପ କବିତା ପରି ଦୁର୍ବୋଧ ଭାବଧାରା ଓ ଆଙ୍ଗିକ ରୀତିରେ ଆତ୍ମପ୍ରକାଶ କରୁଛନ୍ତି। ଏହା ଗଳ୍ପ ପରି ସମୃଦ୍ଧ ଓ ଗଣତାନ୍ତ୍ରିକ କଳା ପ୍ରତି ଅବମାନନା ଓ ଏକ ଯଥେଚ୍ଛାଚାର କୁହାଯାଇପାରେ। ଆଧୁନିକ କବିତା ଅବୋଧ ଓ କବିର ମାନସିକ ରୋମନ୍ଥନ ତଥା ଖଣ୍ଡିତ ଚିନ୍ତାର ଇତସ୍ତତଃ ପ୍ରକାଶ ବୋଲି କ୍ରମାଗତ ଅଭିଯୋଗ ହେଉଥିଲାବେଳେ ମିନିଗଳ୍ପରେ ସେଇ ଅବୋଧତା ଓ ଅସ୍ୱଚ୍ଛତା ପାଠକ ପ୍ରତି ଏକ ଉପେକ୍ଷା ଓ ପ୍ରତାରଣା କୁହାଯାଇପାରେ।"(୧୯) ସୁତରାଂ, ଆଭାସଗଳ୍ପ ଓଡ଼ିଆ ଗଳ୍ପଧାରାରେ ଏକ ସ୍ୱତନ୍ତ୍ର ପର୍ଯ୍ୟାୟର ଶିଳ୍ପ। ଲେଖକର ସଂଯମତା,ସତର୍କତା ଓ ପାଠକର ସହଭାଗିତାର ମିଶ୍ରଣରେ ଆଭାସଗଳ୍ପ ଯେଉଁ ନାନ୍ଦନିକ ସତ୍ୟକୁ ପରିପ୍ରକାଶ କରିବାର ସାମର୍ଥ୍ୟ ରଖେ ତା'ର ପଟାନ୍ତର ନାହିଁ। ମାପିଚୁପି ଶବ୍ଦକୁ ବ୍ୟବହାର ନକଲେ ଏହା ଅବୋଧ ହେବା ସ୍ୱାଭାବିକ। ଆଭାସଗଳ୍ପ ଉଣରଷାଠିଏ କାଳର ଏକ ପ୍ରଭାବଶାଳୀ ଶିଳ୍ପଧର୍ମ, ଏଥିରେ ମତଦ୍ୱୈଧର ଅବକାଶ ନାହିଁ।

ପ୍ରାନ୍ତଟୀକା:

୧. ସାହୁ, ଆଦିକନ୍ଦ। ଓଡ଼ିଶା ଗଳ୍ପ ଉପନ୍ୟାସର ନବଦିଗନ୍ତ। ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨। ପୃଷ୍ଠା-୩୩

୨. ସାମଲ, ବୈଷ୍ଣବଚରଣ। ଓଡ଼ିଆ କ୍ଷୁଦ୍ରଗଳ୍ପର ଗତି ଓ ପ୍ରକୃତି। ସାଥି ମହଲ, ବିନୋଦବିହାରୀ କଟକ-୨। ପୃଷ୍ଠା-୫୭

୩. ପାଠୀ, ଦୀନନାଥ। ଚିତ୍ରମାନସ। ଦିବ୍ୟ ମୁଦ୍ରଣୀ, ଭୁବନେଶ୍ୱର। ପୃଷ୍ଠା-୩୬

୪. ପଟ୍ଟନାୟକ,ବିଭୂତି। ମୁହାମୁହିଁ କଥାବାର୍ତ୍ତ(ସଂ)।ପୃଷ୍ଠା-୮୯

୫. ସାମଲ, ବୈଷ୍ଣବ ଚରଣ। ଓଡ଼ିଆ ଗଳ୍ପ : ଉନ୍ମେଷ ଓ ଉତ୍ତରଣ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ କଟକ-୨। ପୃଷ୍ଠା-୭୩

୬. ମିଶ୍ର, ଦୀନବନ୍ଧୁ। ସାହିତ୍ୟର ସ୍ୱରୂପ ସର୍ବେକ୍ଷଣ। ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨। ପୃଷ୍ଠା-୧୫୦

୭. ପରିଡ଼ା, ପ୍ରକାଶ କୁମାର। ନବଚେତନାର ଗଳ୍ପ, ବୁକ୍ସ୍ ଏଣ୍ଡ ବୁକ୍ସ। ପୃଷ୍ଠା-୧୪୪

୮. ତ୍ରିପାଠୀ, ସନ୍ତୋଷ। ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ। ପୃଷ୍ଠା-୨୨୯

୯. ସ୍ୱାଇଁ ,ଦିଲୀପ କୁମାର। ସାହିତ୍ୟ ସ୍ରୋତ ନୂତନ ପ୍ରସ୍ଥ। ସାଇ ଯମୁନା ପବ୍ଲିକେଶନ୍ସ, ଝାଞ୍ଜିରୀ ମଙ୍ଗଳା, କଟକ। ପୃଷ୍ଠା-୧୯୯

୧୦. ବାରିକ, ସୌରେନ୍ଦ୍ରୀ। ବାମନର ପାଦ। ଅଗ୍ରଦୂତ, ବାଙ୍କାବଜାର କଟକ-୨। ପୃଷ୍ଠା-୭୪

୧୧. ପଟ୍ଟନାୟକ,ବିଭୂତି। ମୁହାମୁହିଁ କଥାବାର୍ତ୍ତ(ସଂ), ପୃଷ୍ଠା।୮୯

୧୨. ବାରିକ, ସୌରେନ୍ଦ୍ରୀ। ବାମନର ପାଦ। ଅଗ୍ରଦୂତ, ବାଙ୍କାବଜାର, କଟକ-୨। ପୃଷ୍ଠା-୬୮

୧୩. ସାମଲ, ବୈଷ୍ଣବ ଚରଣ। ଓଡ଼ିଆ ଗଳ୍ପ : ଉନ୍ମେଷ ଓ ଉତ୍ତରଣ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ କଟକ-୨। ପୃଷ୍ଠା-୭୮

୧୪. ଆଚାର୍ଯ୍ୟ, ବୃନ୍ଦାବନ। ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ। ଗ୍ରନ୍ଥମନ୍ଦିର, ବିନୋଦବିହାରୀ କଟକ-୨। ପୃଷ୍ଠା୨୩୯

୧୫.ପଟ୍ଟନାୟକ,ବିଭୂତି।ମୁହାମୁହିଁକଥାବାର୍ତ୍ତା(ସଂ)।ପୃଷ୍ଠା-୮୯

୧୬. ସାମଲ, ବୈଷ୍ଣବ ଚରଣ। ରବି ପଟ୍ଟନାୟକଙ୍କ କ୍ଷୁଦ୍ରଗଳ୍ପ: ଏକ ମନ୍ମୟ ଦୃଷ୍ଟିପାତ। ରବି ପଟ୍ଟନାୟକ ଗଳ୍ପ ମାନସ-୨୫

୧୭. ରବି, ପଟ୍ଟନାୟକ। ଗଳ୍ପ ସମଗ୍ର। ପଶ୍ଚିମା ପବ୍ଲିକେସନ୍, ନୟାପଲ୍ଲୀ, ଭୁବନେଶ୍ୱର। ପୃଷ୍ଠା-୨୧

୧୮. ମିଶ୍ର, ସତ୍ୟ। ବହୁବଚନ। ପଶ୍ଚିମା ପବ୍ଲିକେସନ୍, ନୟାପଲ୍ଲୀ, ଭୁବନେଶ୍ୱର। ପୃଷ୍ଠା-୧୦୪

୧୯. ଶତପଥି, ଡ଼.ନିତ୍ୟାନନ୍ଦ। ଗଳ୍ପ ଓ ଗାଳ୍ପିକ। ଓଡ଼ିଶା ବୁକ୍ ଷ୍ଟୋର୍, ବିନୋଦ ବିହାରୀ, କଟକ। ପୃଷ୍ଠା-୧୦

Funding

No funding was received for conducting this study.

Does this article screened for similarity?

Yes

Conflict of interest

The Author has no conflicts of interest to declare that they are relevant to the content of this article.

About the Licenses

© Aloka Ranjana Sadangi, Dr. Santosh Tripathy 2024. The text of this article is open access and licensed under a Creative Commons Attribution 4.0 International License

Cite this Article :

Aloka Ranjana Sadangi, Dr. Santosh Tripathy, Abhasagalpara silpakala o odia galpa sahityare ta'ra padadhwani, Bageesha, Vol. No. 02, Issue No. 04, July - August 2024, Article No: BM2024/04-A004, Page- 31-37

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal
BM2024/04-A005
https://bageesha.in
OPEN ACCESS

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପତ୍ରପତ୍ରିକା ଓ 'ଏଷଣା'

■ ଲିକୁ ବେହେରା
ଗବେଷକ, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

Article Received : 31.07.2024 | Accepted : 25.08.2024 | Published : 25.09.2024

ସାରାଂଶ

ABSTRACT

ପତ୍ରପତ୍ରିକା ଲେଖକୀୟ ଭାବ ପ୍ରକାଶର ପ୍ରକୃଷ୍ଟ ମାଧ୍ୟମ। ଆଲୋଚ୍ୟ 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପତ୍ରପତ୍ରିକା ଓ ଏଷଣା' ପ୍ରବନ୍ଧର ପ୍ରାରମ୍ଭରେ ଓଡ଼ିଆ ପତ୍ରପତ୍ରିକାର ଜନ୍ମକାଳ ଓ ତା'ର ବିକାଶ ସଂପର୍କରେ ସ୍ୱଳ୍ପ ଆଲୋଚନା କରାଯାଇଛି। ଏଥି ସହିତ ସ୍ୱାଧୀନତା ପରକାଳରେ ପ୍ରକାଶ ପାଇଥିବା ଓଡ଼ିଆ ପତ୍ରପତ୍ରିକା ଗୁଡ଼ିକର ବହୁବିଧ ରୂପ ଓ ବୈଚିତ୍ର୍ୟ ସମ୍ବନ୍ଧରେ ଆଲୋଚନା କରାଯାଇ ବିଂଶ ଶତାବ୍ଦୀର ଅଶି ଦଶକ ବେଳକୁ 'ଓଡ଼ିଆ ଗବେଷଣା ପରିଷଦ'ର ମୁଖପତ୍ର ଭାବେ ଜନ୍ମଲାଭ କରିଥିବା 'ଏଷଣା' ପତ୍ରିକା ସମ୍ବନ୍ଧରେ ଆଲୋଚନା କରାଯାଇଛି। ସ୍ୱାଧୀନତା ପରକାଳରେ ଓଡ଼ିଆ ପତ୍ରପତ୍ରିକା କେବଳ ସାହିତ୍ୟ ଭିତ୍ତିକ ଲେଖା ମଧ୍ୟରେ ସୀମିତ ନ ରହି ଚଳଚ୍ଚିତ୍ର, ବିଜ୍ଞାନ, ଶିଳ୍ପ, ଖେଳ ଖବର, ଜ୍ୟୋତିଷ ଶାସ୍ତ୍ର, ଆଧ୍ୟାତ୍ମିକ ଭାବନା ଏବଂ ସରକାରଙ୍କ ସୂଚନା ଓ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଏସବୁ କିଭଳି ଭାବରେ ପତ୍ରପତ୍ରିକାରେ ପ୍ରସାରିତ ହୋଇଛି ତାହା ଆଲୋଚିତ ହୋଇଛି। ଏଷଣା ପତ୍ରିକାର ଜନ୍ମଜାତକ, ଏଥିରେ ପ୍ରକାଶ ପାଉଥିବା ଲେଖାର ସ୍ୱରୂପ ଏବଂ ସାହିତ୍ୟର ଅନାଲୋଚିତ ଦିଗକୁ ଏଷଣା କିପରି ଆଲୋଚନାର ମାର୍ଗ ଦେଖାଇଥିଲା ତାହା ଏହି ପ୍ରବନ୍ଧରେ ଆଲୋଚନା କରାଯାଇଛି।

ମୂଳଶବ୍ଦ: ପତ୍ରପତ୍ରିକା, ଓଡ଼ିଆ ପତ୍ରପତ୍ରିକା, ଏଷଣା, ଓଡ଼ିଆ ଗବେଷଣା ପରିଷଦ, ସ୍ୱାଧୀନତା ପରବର୍ତ୍ତୀ

ପୂର୍ବେ ଜନସାଧାରଣ ଦେଶ ବିଦେଶର ବିଭିନ୍ନ ସମ୍ବାଦ ଜାଣିବା ପାଇଁ ପତ୍ରପତ୍ରିକାକୁ ମୁଖ୍ୟ ମାଧ୍ୟମ ରୂପେ ବ୍ୟବହାର କରୁଥିଲେ। ସେତେବେଳେ ସମଗ୍ର ବିଶ୍ୱରେ ରେଡ଼ିଓ, ଟିଭି ପରି ବୈଦ୍ୟୁତିକ ଗଣମାଧ୍ୟମର ଜନ୍ମ ଘଟିଥିଲେ ମଧ୍ୟ ତାହା ବିକଶିତ ଅବସ୍ଥାକୁ ଆସିପାରିନଥିଲା। ପୁନଶ୍ଚ ଏହିସବୁ ମାଧ୍ୟମ ଏକ ନିର୍ଦ୍ଦିଷ୍ଟ ସମୟରେ ଖବର ପ୍ରସାର କରୁଥିଲେ, ଯେଉଁଥି ପାଇଁ ଲୋକ ମାନଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ମାତ୍ର ପରବର୍ତ୍ତୀ କାଳରେ ଜ୍ଞାନ ବିଜ୍ଞାନର ଅଗ୍ରଗତି ହେତୁ ବୈଦ୍ୟୁତିକ, ମୁଦ୍ରିତ ପ୍ରଭୃତି ଗଣମାଧ୍ୟମର ବିକାଶ ସାଧିତ ହୋଇଥିଲା। ପତ୍ରପତ୍ରିକା ସାଧାରଣତଃ ମୁଦ୍ରିତ ଗଣମାଧ୍ୟମର ଏକ ଅଂଶ। ପତ୍ରପତ୍ରିକା ଲେଖକୀୟ ଭାବ ପ୍ରକାଶର ପ୍ରକୃଷ୍ଟ ମାଧ୍ୟମ। ଏହା ଲେଖକର ଭାବ, ଚିନ୍ତା ଓ ଚେତନାକୁ ସିଧାସଳଖ ପାଠକଙ୍କ ନିକଟରେ ପହଞ୍ଚାଇବାରେ ସମର୍ଥ ହୋଇଥାଏ। ଯେଉଁ ଭାଷାରେ ପତ୍ରପତ୍ରିକା ଯେତିକି ବ୍ୟାପକ ଓ ବିକାଶଶୀଳ, ସେହିଭାଷାର ସାହିତ୍ୟ ସେତିକି ବ୍ୟାପକ, ବଳିଷ୍ଠ ଓ ବିକାଶଶୀଳ। ଖଣ୍ଡିଏ ପୁସ୍ତକ ଅପେକ୍ଷା ଖଣ୍ଡିଏ ପତ୍ରିକା ବେଶୀ ପ୍ରଭାବଶାଳୀ ହୋଇଥାଏ। ଏହି ପତ୍ରିକା ପାଠକ ଚିନ୍ତନର ଗୁଳି ସଦୃଶ। ଯାହା ପାଠକର ଚିନ୍ତାରାଜ୍ୟକୁ ବିଶେଷ ପ୍ରଭାବିତ କରିଥାଏ। ସୀମିତ ସମୟ ମଧ୍ୟରେ ପାଠକଟିଏ ପତ୍ରିକାକୁ ପଢ଼ି ସେଥିରେ ସ୍ଥାନିତ ପ୍ରବନ୍ଧ ସମୂହରୁ ନାନା ବିଷୟ ସମ୍ବନ୍ଧରେ ଜ୍ଞାନ ଆହରଣ କରିଥାଏ। ପତ୍ରପତ୍ରିକା ଲେଖକଙ୍କ ନିମନ୍ତେ ସାହିତ୍ୟିକ ବାତାବରଣ ତିଆରି କରେ ପୁଣି ସେମାନଙ୍କ ସାରସ୍ୱତ ସୃଷ୍ଟିକୁ ପାଠକ ମହଲରେ ପ୍ରସାରିତ କରି ସେମାନଙ୍କୁ ଏକ ନୂତନ ପରିଚୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଊନବିଂଶ ଶତାବ୍ଦୀ ଥିଲା ଓଡ଼ିଶା ପାଇଁ ଏକ ଅବିସ୍ମରଣୀୟ କାଳ। ଏହି ସମୟରେ ଓଡ଼ିଶାରେ ଶିକ୍ଷାର ବିକାଶ ଠାରୁ ଆରମ୍ଭ କରି ଶିକ୍ଷିତଗୋଷ୍ଠୀଙ୍କ ଆବିର୍ଭାବ ପର୍ଯ୍ୟନ୍ତ ପ୍ରାୟ ସମସ୍ତ କ୍ଷେତ୍ରରେ ଉନ୍ନତି ସାଧିତ ହୋଇଥିଲା। ଏହି ଶତାବ୍ଦୀରେ ଧର୍ମପ୍ରଚାର ଉଦ୍ଦେଶ୍ୟରେ ବିଦେଶାଗତ ପାଦ୍ରୀମାନେ ଆମ ଦେଶକୁ ଆସି ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା କରି ପ୍ରଥମେ ପତ୍ରିକା ପ୍ରକାଶ କରିଥିଲେ। ମାତ୍ର ମିଶନାରୀ ପତ୍ରିକା ପ୍ରକାଶ ହେବା ପୂର୍ବରୁ କଟକସ୍ଥିତ କୁଜୀବର ମଠର ମହନ୍ତ ସୁନ୍ଦର ଦାସଙ୍କ ସମ୍ପାଦନାରେ ଏକ ହାତଲେଖା ପତ୍ରିକା 'କୁଜୀବର ପତ୍ର'(୧୮୨୬) ପ୍ରକାଶ ପାଇଥିଲା। ଏହା ଥିଲା ଓଡ଼ିଆ ପତ୍ରିକାର ଆଦ୍ୟ ଗୌରବ। ପରେ ପରେ 'ଜ୍ଞାନାରୁଣ', 'ପ୍ରବୋଧ ଚନ୍ଦ୍ରିକା' ପରି କେତେକ ମିଶନାରୀ ପତ୍ରିକା ଆତ୍ମପ୍ରକାଶ କରିଥିଲା। ୧୮୬୬ ମସିହା

କରାଳମୟୀ ନ'ଅଙ୍କ ଦୁର୍ଭିକ୍ଷ ପରି ଏକ ଜାତୀୟ ଦୁର୍ଦ୍ଦିନର ଘଡ଼ିସନ୍ଧି କାଳରେ ଓଡ଼ିଆ ଭାଷାର ସର୍ବପ୍ରଥମ ସମ୍ବାଦପତ୍ର 'ଉତ୍କଳ ଦୀପିକା' ଜନ୍ମ ନେଇଥିଲା। ସମ୍ବାଦ ପରିବେଷଣ ସହିତ ଊନବିଂଶ ଶତାବ୍ଦୀର ସମାଜ ସଂସ୍କାର ଓ ସାଂସ୍କୃତିକ ଜୀବନ ଚଳଣିର ବାର୍ତ୍ତାବହ ଥିଲା ଉତ୍କଳ ଦୀପିକା। ଦୁର୍ଭିକ୍ଷ ଜନିତ କରୁଣ ଖବର ପ୍ରଚାର କରି ତା'ର ସମାଧାନ ପାଇଁ ସରକାରଙ୍କୁ ଚେତାବନୀ ଶୁଣାଇବା ସହ ଇଂରେଜ ସରକାରଙ୍କ ଦୋଷ ଦୁର୍ବଳତା ଓ ଅତ୍ୟାଚାରକୁ ଲୋକଲୋଚନକୁ ଆଣି ତା'ର କଠୋର ସମାଲୋଚନା କରିଥିଲା। ଏହାଛଡ଼ା ସେ ସମୟରେ ରଚିତ ନୂତନ ରଚନାଗୁଡ଼ିକ ସମ୍ବନ୍ଧରେ ମନ୍ତବ୍ୟମାନ ପ୍ରକାଶ କରୁଥିଲା। ଏହି କାଳରେ ପତ୍ରପତ୍ରିକାର ପ୍ରକାଶ ପାଇଁ ଅନେକ ମୁଦ୍ରାଯନ୍ତ୍ର ପ୍ରତିଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ 'ବାଲେଶ୍ୱର ସମ୍ବାଦ ବାହିକା'(୧୮୬୮), 'ଉତ୍କଳ ଦର୍ପଣ' (୧୮୭୩), 'ଉତ୍କଳ ମଧୁପ'(୧୮୭୮), 'ପ୍ରଦୀପ'(୧୮୮୫), 'ସମ୍ବଲପୁର ହିତୈଷିଣୀ'(୧୮୮୯), 'ଉତ୍କଳ ପ୍ରଭା'(୧୮୯୧) ଓ 'ଉତ୍କଳ ସାହିତ୍ୟ'(୧୮୯୭) ପ୍ରଭୃତି ପତ୍ରପତ୍ରିକା ଗୁଡ଼ିକ ଥିଲେ ଯଥାର୍ଥରେ ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟି ଓ ବିକାଶର ପ୍ରଧାନ ମାଧ୍ୟମ। ପରେ ବିଂଶ ଶତାବ୍ଦୀରେ 'ମୁକୁର'(୧୯୦୬), 'ସତ୍ୟବାଦୀ'(୧୯୧୫), 'ସହକାର'(୧୯୧୯), 'ନବଭାରତ' (୧୯୩୪), 'ଆଧୁନିକ'(୧୯୩୬), 'ଡଗର'(୧୯୩୬), 'ଶଙ୍ଖ'(୧୯୪୫), 'ଚତୁରଙ୍ଗ' (୧୯୪୬) ଇତ୍ୟାଦି ପତ୍ରପତ୍ରିକା ଗୁଡ଼ିକରେ ସାହିତ୍ୟ ସହ ଅନ୍ୟାନ୍ୟ ଲେଖା ପ୍ରକାଶ ପାଇ ଓଡ଼ିଆ ପତ୍ରପତ୍ରିକା ସାହିତ୍ୟ ସମୃଦ୍ଧ ହେବା ସହ ପରିପୃଷ୍ଟ ମଧ୍ୟ ହୋଇଥିଲା।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଶାରେ ମୁଦ୍ରଣଯନ୍ତ୍ରର ଦ୍ରୁତ ପ୍ରସାର ଏବଂ ଛାପାକାଗଜର ପ୍ରଚୁର ଉପଲବ୍ଧି ହେତୁ ଦୈନିକ ସମ୍ବାଦପତ୍ର ସହିତ ବହୁ ଓଡ଼ିଆ ପତ୍ରପତ୍ରିକା ସୃଷ୍ଟିଲାଭ କରିଛି। ସ୍ୱାଧୀନତା ପୂର୍ବକାଳରେ ଯେଉଁ ପତ୍ରପତ୍ରିକା ପ୍ରକାଶ ପାଉଥିଲା, ସେଥିରେ ସାଧାରଣତଃ ସମ୍ବାଦ, ପ୍ରବନ୍ଧ, କବିତା, ଗଳ୍ପ, ସାହିତ୍ୟ ଆଲୋଚନା, ସମାଲୋଚନା, ବିଭିନ୍ନ ସମସ୍ୟା ସମ୍ପର୍କିତ ଚର୍ଚ୍ଚା ପ୍ରକାଶ ପାଉଥିଲା। ମାତ୍ର ସ୍ୱାଧୀନତା ପରକାଳ ପତ୍ରିକାରେ ଏ ସମେତ ଫିଚର, ସାକ୍ଷାତକାର, ଶିଶୁଗଳ୍ପ କବିତା, ଚଳଚ୍ଚିତ୍ର, ଶିକ୍ଷା, ଖେଳ ଖବର, ଜ୍ୟୋତିଷ ଶାସ୍ତ୍ର, ଅନୁବାଦ, ବିଶ୍ୱ ସାହିତ୍ୟ, ରମ୍ୟରଚନା, ଆତ୍ମଜୀବନୀ, ସାମାଜିକ, ସାଂସ୍କୃତିକ, ରାଜନୈତିକ ସଂଗଠନ ଓ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ଦେଖିବାକୁ ମିଳେ। କେତେକ କ୍ଷେତ୍ରରେ ପତ୍ରିକାଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ, ବିଷୟ ପ୍ରସଙ୍ଗକୁ ନେଇ ବିଶେଷାଙ୍କ ମାନ ପ୍ରକାଶ କରିଛି। ପୁଣି କେତେକ କ୍ଷେତ୍ରରେ କବିତା, ସମାଲୋଚନା, ଗଳ୍ପ, ଶିଶୁ ସାହିତ୍ୟ, ସିନେମା, ଆଧ୍ୟାତ୍ମିକ ପ୍ରଭୃତି ବିଷୟକୁ ନେଇ ସ୍ୱତନ୍ତ୍ର ଧରଣର ପତ୍ରପତ୍ରିକା ଆତ୍ମପ୍ରକାଶ କରିଛି। ବିଶେଷତଃ ଏ ସବୁର ଅନ୍ତରାଳରେ ପାଠକୀୟ ରୁଚିର ପରିବର୍ତ୍ତନ ନିହିତ ଅଛି। ତା ସହ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ବିକାଶ ସାଧନ ନିମନ୍ତେ ପତ୍ରିକା ସାହିତ୍ୟ ଏଭଳି ପଦକ୍ଷେପ ଗ୍ରହଣ କରିଛି।

ସ୍ୱାଧୀନତା ପରବର୍ତ୍ତୀ କାଳରେ ହରେକୃଷ୍ଣ ମହତାବଙ୍କ 'ଝଙ୍କାର', ମନୋଜ ଦାସଙ୍କ 'ଦିଗନ୍ତ'(୧୯୪୯), ଯଦୁମଣି ପରିଜାଙ୍କ 'ଆସନ୍ତାକାଲି'(୧୯୫୦), ଓଡ଼ିଶା ସାହିତ୍ୟ ଏକାଡ଼େମୀର ମୁଖପତ୍ର 'କୋଣାର୍କ'(୧୯୫୮), 'ନବରବି', 'ମାନସ'(୧୯୭୨), 'ଇସ୍ତାହାର'(୧୯୭୭) ପ୍ରଭୃତି ଓଡ଼ିଆ ସାହିତ୍ୟ ବିକାଶରେ ସହାୟକ ହୋଇଥିଲେ। ପ୍ରବନ୍ଧ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ଏକାଙ୍କିକା, ରମ୍ୟରଚନା, ସାହିତ୍ୟ ସମାଲୋଚନା ଆଦି ସାହିତ୍ୟର ସକଳ ବିଭାଗ ଏହିସବୁ ପତ୍ରିକା ଗୁଡ଼ିକରେ ନିଜର କାୟା ମେଲିଥିଲା। 'ଉତ୍କଳ ସାହିତ୍ୟ' ପରେ 'ଝଙ୍କାର' ଥିଲା ସାହିତ୍ୟ ପକ୍ଷେ ଏକ କ୍ରାନ୍ତିକାରୀ ସୃଷ୍ଟି। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟକୁ ବିକାଶ କରିବାରେ ଏହାର ଭୂମିକା ଥିଲା ଉଲ୍ଲେଖ ଯୋଗ୍ୟ। 'ଝଙ୍କାର' ୧୯୪୯ ମସିହା ଏପ୍ରିଲ ମାସରେ ପ୍ରଥମେ ହରେକୃଷ୍ଣ ମହତାବଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା। ସ୍ୱାଧୀନତା ପରକାଳର ଗଳ୍ପ, କବିତା ଓ ସମାଲୋଚନା ଧାରାକୁ 'ଝଙ୍କାର' କରିଛି ପରିପୃଷ୍ଟ ଓ ସମୃଦ୍ଧ। ପ୍ରତ୍ୟେକ ବର୍ଷ ଏହାପକ୍ଷରୁ ବିଷୁବ ମିଳନ ଉତ୍ସବ ପାଳନ କରାଯାଇ, ସେହି ଉତ୍ସବରେ ସାହିତ୍ୟିକମାନଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରାଯାଉଛି। ଏଯାବତ୍ 'ଝଙ୍କାର' ସାହିତ୍ୟ ବିକାଶରେ ବ୍ରତୀ ରହିଛି। ୧୯୪୯ ମସିହାରେ ମନୋଜ ଦାସଙ୍କ ସମ୍ପାଦନାରେ ବାଲେଶ୍ୱରରୁ 'ଦିଗନ୍ତ' ପ୍ରକାଶ ପାଇଥିଲା। କିଛିଦିନ ଚାଲି ଏହା ବନ୍ଦ ହୋଇ ଯାଇଥିଲା। ପରବର୍ତ୍ତୀ କାଳରେ ସଚ୍ଚି ରାଉତରାୟ ଏହାର ସମ୍ପାଦନା ସହ ଯୋଡ଼ି ହୋଇଥିଲେ। ୧୯୫୦ରେ କଲିକତା ମହାନଗରୀରୁ 'ଆସନ୍ତାକାଲି' ପ୍ରକାଶ ପାଇଥିଲା। ଏହାର ଫିଚରଧର୍ମୀ ରଚନା ଲୋକଙ୍କୁ ଆକୃଷ୍ଟ କରିଥିଲା।୧୯୫୮ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ମୁଖପତ୍ର ଭାବେ 'କୋଣାର୍କ' ଆତ୍ମପ୍ରକାଶ କରିଥିଲା। ଏହାଥିଲା ଏକ ପ୍ରମୁଖ ପ୍ରବନ୍ଧ ଓ ସମାଲୋଚନାଧର୍ମୀ ପତ୍ରିକା। ଏହି ପତ୍ରିକା ବହୁ ବିଶିଷ୍ଟ ଲେଖକ ଓ ସାହିତ୍ୟିକଙ୍କ ବିଶେଷାଙ୍କ ପ୍ରକାଶ କରିଛି। ଏହା ଆଜି ମଧ୍ୟ ଜୀବିତ ରହିଛି।

୧୯୭୨ ମସିହାରେ କୃଷ୍ଣପ୍ରସାଦ ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶିତ ମାସିକ ସାହିତ୍ୟ ପତ୍ରିକା 'ମାନସ' ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ ସହାୟକ ହୋଇଥିଲା। ଏହା ପ୍ରବୀଣଙ୍କ ଠାରୁ ନବୀନଙ୍କ ଯାଏଁ ସମସ୍ତଙ୍କ ଲେଖାକୁ ନିଜ ପୃଷ୍ଠାରେ ସ୍ଥାନ ଦେଇଥିଲା। ୧୯୭୦ ମସିହା ଠାରୁ ଓଡ଼ିଶାରୁ ପ୍ରକାଶିତ ପତ୍ରପତ୍ରିକାମାନଙ୍କ ମଧ୍ୟରେ ପ୍ରଧାନ ଥିଲେ ରାଉରକେଲାସ୍ଥିତ କଲଚରାଲ୍ ଏକାଡ଼େମୀର ମୁଖପତ୍ର 'ନବପତ୍ର', ବିଭୂତି ପଟ୍ଟନାୟକଙ୍କ 'ଗଳ୍ପ'(୧୯୭୦), ଶ୍ରୀନିବାସ ଉଦଗାତାଙ୍କ 'ପଞ୍ଚରଙ୍ଗ'(୧୯୭୦), ରଘୁନାଥ ମହାପାତ୍ରଙ୍କ 'ଅଧୁନା'(୧୯୭୩), ନିତ୍ୟାନନ୍ଦ ଶତପଥୀଙ୍କ 'ଇସ୍ତାହାର', ପ୍ରଫୁଲ୍ଲ କୁମାର ଜଗଦ୍ଦେବଙ୍କ 'ମୂଲ୍ୟାୟନ'(୧୯୭୯), ଓଡ଼ିଆ ଗବେଷଣା ପରିଷଦର ମୁଖପତ୍ର 'ଏଷଣା'(୧୯୮୦) ଆଦି। ସ୍ୱାଧୀନତା ପରକାଳରେ ଓଡ଼ିଶା ସମେତ ଓଡ଼ିଶା ବାହାରୁ କେତେକ ଓଡ଼ିଆ ପତ୍ରିକା ପ୍ରକାଶ ପାଉଥିଲା। ସେଗୁଡ଼ିକ ମଧ୍ୟରେ ଥିଲା- 'ଆସନ୍ତାକାଲି', 'କୁଙ୍କୁମ', 'ପ୍ରତିବେଶୀ', 'ବୀଣା', 'ମଧୁଛନ୍ଦା', 'କଳନା' ପ୍ରଭୃତି ପ୍ରଧାନ।

ସ୍ୱାଧୀନତା ପରକାଳରେ ସାହିତ୍ୟ ପତ୍ରିକା ସହ କେତେକ

ଶିଶୁ ସାହିତ୍ୟ ପତ୍ରିକାର ମଧ୍ୟ ଆବିର୍ଭାବ ଘଟିଥିଲା। ଓଡ଼ିଶାର ପ୍ରଥମ ଶିଶୁସାହିତ୍ୟ ପତ୍ରିକା 'ପ୍ରଭାତ'(୧୯୦୯) ରେବା ରାୟଙ୍କ ପ୍ରଚେଷ୍ଟାରେ କଟକରୁ ପ୍ରକାଶ ପାଇଥିଲା। ପରେ ପରେ ଚିନ୍ତାମଣି ଆଚାର୍ଯ୍ୟଙ୍କ 'ମଧୁକୋଷ'(୧୯୧୮), 'ପଞ୍ଚାମୃତ', ବାଳକୃଷ୍ଣ କରଙ୍କ 'ଜହ୍ନମାମୁଁ' (୧୯୩୨) ପ୍ରକାଶ ପାଇଥିଲା। ସ୍ୱାଧୀନତା ପରେ 'ମୀନାବଜାର'(୧୯୪୮) ଥିଲା ପ୍ରଥମ ଓଡ଼ିଆ ଶିଶୁ କିଶୋର ପତ୍ରିକା। ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁ କୂଲ୍ୟରେ ଏହା ପ୍ରକାଶ ପାଇଥିଲା। ଏହାପରେ ବାଳକୃଷ୍ଣ କରଙ୍କ ସମ୍ପାଦିତ 'ଶିଶୁ ଶଙ୍ଖାଳି'(୧୯୪୯), ରାମକୃଷ୍ଣ ନନ୍ଦଙ୍କ 'ସଂସାର'(୧୯୫୪), ବିନୋଦ କାନୁନଗୋଙ୍କ ସମ୍ପାଦିତ 'ଶିଶୁ- ସମ୍ପଦ'(୧୯୫୫), ଗୋଦାବରୀଶ ମହାପାତ୍ରଙ୍କ 'ଟୁଆଁ ଟୁଇଁ'(୧୯୫୭), ନବକିଶୋର ମହାପାତ୍ରଙ୍କ 'ମନ ପବନ' (୧୯୬୭) ଏବଂ ବୀରକିଶୋର ଦାସଙ୍କ ସମ୍ପାଦିତ 'ମୋ ଦେଶ' (୧୯୬୮) ପ୍ରଭୃତି ଶିଶୁକିଶୋର ପତ୍ରିକା ପ୍ରକାଶ ପାଇ ଓଡ଼ିଆ ଶିଶୁ ସାହିତ୍ୟକୁ ସମୃଦ୍ଧ ଓ ଋଦ୍ଧିମନ୍ତ କରିଥିଲା।

୧୯୫୦ ପରେ ଓଡ଼ିଶାରେ ଚଳଚ୍ଚିତ୍ରର ପ୍ରାଧାନ୍ୟ ବଢ଼ିଥିଲା। ଏହି ଚଳଚ୍ଚିତ୍ରର ପ୍ରସଙ୍ଗକୁ ଆଧାର କରି କେତେକ ପତ୍ରିକା ସ୍ୱାଧୀନତା ପୂର୍ବରୁ ଏବଂ ପରେ ପ୍ରକାଶ ଲାଭ କରିଥିଲା। "ସ୍ୱାଧୀନତା ପୂର୍ବରୁ ଚଳଚ୍ଚିତ୍ର ବିଷୟରେ କଟକରୁ 'ଚିତ୍ରଲେଖା', 'ରୂପଶ୍ରୀ' ଏବଂ ବ୍ରହ୍ମପୁରରୁ 'ସିନେ ଓଡ଼ିଶା' ପ୍ରକାଶିତ ହେଉଥିଲା। ସ୍ୱାଧୀନ ପରକାଳରେ 'ଚିତ୍ରପୁରୀ', 'ବାଣୀଚିତ୍ର', 'ଚଳଚ୍ଚିତ୍ର ଜଗତ', 'ସିନେ ସମ୍ବାଦ', 'ଚିତ୍ରପରୀ' ରଙ୍ଗୀନ ଚିତ୍ରଜଗତ ଏବଂ ଚଳଚ୍ଚିତ୍ର ବିଷୟକ 'ଜୀବନରଙ୍ଗ' ପ୍ରଭୃତି ସିନେମା ସମ୍ପର୍କୀୟ ପତ୍ରିକା ଭାବରେ ବିଶେଷ ଉଲ୍ଲେଖଯୋଗ୍ୟ"।୧ ତେବେ ଅନ୍ୟ ଭାଷାଭାଷୀର ଚଳଚ୍ଚିତ୍ର ପତ୍ରିକା ଅପେକ୍ଷା ଓଡ଼ିଆ ଚଳଚ୍ଚିତ୍ର ପତ୍ରିକାର ବିଶେଷ ପ୍ରାଧାନ୍ୟ ନଥିଲା। ଯାହାଫଳରେ ଏଗୁଡ଼ିକର ବିଲୟ ଘଟିଥିଲା। ସିଏ ଯାହା ବି ହେଉ ଏହି ପତ୍ରିକାଗୁଡ଼ିକ ଓଡ଼ିଆ ସିନେମାକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇବା ପାଇଁ ଯେଉଁ ଉଦ୍ୟମ କରିଥିଲେ ତାହା ଉଲ୍ଲେଖଯୋଗ୍ୟ। କେବଳ ସାହିତ୍ୟ, ସିନେମା ନୁହେଁ ବିଜ୍ଞାନକୁ ଲୋକପ୍ରିୟ କରି ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଉଦ୍ୟମ କେତୋଟି ପତ୍ରିକା କରିଥିବା ଜଣାଯାଉଛି। ସେମାନଙ୍କ ମଧ୍ୟରେ 'ବିଜ୍ଞାନ ସାରଥି', 'ବିଜ୍ଞାନ ମଧୁପ', 'ବିଜ୍ଞାନ ଭାରତୀ', 'ବିଜ୍ଞାନ ବାର୍ତ୍ତା', 'ବିଜ୍ଞାନ ପ୍ରଭା' ଓ 'ବିଜ୍ଞାନାଲୋକ' ଥିଲା ପ୍ରଧାନ। ଗୋକୁଳାନନ୍ଦ ମହାପାତ୍ରଙ୍କ 'ବିଜ୍ଞାନାଲୋକ' ଓ କୁଳମଣି ସାମଲଙ୍କ ସମ୍ପାଦିତ 'ବିଜ୍ଞାନ ପ୍ରଭା' ସମାଧିକ ଦୃଷ୍ଟି ଆକର୍ଷଣ କରିଥିଲା। ଏଗୁଡ଼ିକ ବିଜ୍ଞାନର ପ୍ରଚାର ପ୍ରସାରର ବ୍ରତୀ ଥିଲେ।

ସରକାରଙ୍କ ସୂଚନା ଓ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ସରକାରଙ୍କ ପକ୍ଷରୁ କେତେକ ପତ୍ରିକା ପ୍ରକାଶ ପାଉଛି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ 'ଯୋଜନା' ପ୍ରକାଶ ପାଉଥିବା ବେଳେ ପ୍ରତିରକ୍ଷା ମନ୍ତ୍ରଣାଳୟ, ନୂଆଦିଲ୍ଲୀରୁ 'ଦୈନିକ ସମାଚାର' ନାମରେ ଅନ୍ୟ ଏକ ଓଡ଼ିଆ ପତ୍ରିକା ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ପାଇଁ 'ଉତ୍କଳ ପ୍ରସଙ୍ଗ' ନାମକ ଏକ ମାସିକ ଓଡ଼ିଆ ପତ୍ରିକା ପ୍ରକାଶ ପାଉଛି। ପୁନଶ୍ଚ ସ୍ୱାଧୀନତା ପରଠାରୁ ଓଡ଼ିଶାରୁ ପ୍ରକାଶ ପାଇଥିବା ଦୈନିକ ସମ୍ବାଦପତ୍ର- ସମାଜ, ପ୍ରଜାତନ୍ତ୍ର, ଆଶା, ମାତୃଭୂମି, ହୀରାଖଣ୍ଡ, ସମ୍ବାଦ, ଦିନଲିପି, ଧରିତ୍ରୀ, ପ୍ରଗତିବାଦୀ, ସମୟ, ସ୍ୱରାଜ, ଅନୁପମ ଭାରତ ପ୍ରଭୃତିରେ ଗଳ୍ପ, କବିତା, ସ୍ତମ୍ଭ ସାହିତ୍ୟ ରଚିତ ହେଉଛି। ପ୍ରବନ୍ଧ, ରମ୍ୟରଚନା, ପୁସ୍ତକ ସମୀକ୍ଷା, ଓଡ଼ିଶାର ସଂସ୍କୃତି ଓ ପରମ୍ପରା ସମ୍ପର୍କୀୟ ଲେଖା ପ୍ରକାଶ ପାଉଛି। ମାତ୍ର ଏହି ସମ୍ବାଦପତ୍ରଗୁଡ଼ିକ ପତ୍ରିକା ଅପେକ୍ଷା ଖୁବ୍ ଜନପ୍ରିୟ ହୋଇଥିବା ମନେହୁଏ ନାହିଁ।

ଅଭିଜାତ ସାହିତ୍ୟ ପତ୍ରିକା ଭାବରେ ଯେଉଁମାନେ ପାଠକ ସମାଜରେ ବେଶ୍ ଆଦୃତ, ସେମାନେ ହେଲେ 'ଝଙ୍କାର', 'ପୌରୁଷ', 'ସମାବେଶ', 'ସହକାର', 'ଡଗର', 'ଦିଗନ୍ତ', 'ନବଲିପି', 'ସୌରଭ', 'ମାନସ', 'ସୁଚରିତା', 'ଅମୃତାୟନ', 'ସମାରୋହ', 'ତମସା', 'ଗୋକର୍ଣ୍ଣିକା', 'ବର୍ତ୍ତିକା', 'ନିଶାନ୍ତ', 'ପ୍ରତିବେଶୀ', 'ଅଗ୍ରଣୀ', 'ଆଗାମୀ', 'ଶତରୂପା', 'ବନଫୁଲ', 'କଥା କଥା କବିତା କବିତା', 'ବିଶ୍ୱମୁକ୍ତି', 'ଗୌରବ', 'ପ୍ରାଚୀତାରା', 'ପରାଗ', 'ଶତଦ୍ରୁ', 'ଅର୍ପିତା', 'ତୀରତରଙ୍ଗ', 'ମହୁରି', 'ସୁଧନ୍ୟା', 'ଶ୍ୱେତ ସଙ୍କେତ', 'ସାହିତ୍ୟ ଦର୍ପଣ', 'ଦିଗବଳୟ', 'ଶିଳାଶ୍ରୀ', 'ନବକାକଳି', 'ବାଣୀଚିତ୍ର', 'ବୈତରଣୀ', 'ଅଭିଷେକ', 'ନବରବି', 'ଅଷ୍ଟପାଦ' ଇତ୍ୟାଦି। ଏଥିମଧ୍ୟରୁ କେତେକ ପତ୍ରିକା ହୁଏତ ମୃତ ଅଥବା ଜୀବିତ। କେତେକ ପତ୍ରିକା କେବଳ ପୂଜା ବିଶେଷାଙ୍କ ରୂପେ ପ୍ରଚାରିତ ହୋଇଥାନ୍ତି। ଅଳ୍ପ କେତୋଟି ପତ୍ରିକା ନିରବଚ୍ଛିନ୍ନ ଭାବରେ ପ୍ରକାଶିତ ହୋଇ ସାହିତ୍ୟର ସେବା କରିଆସୁଛନ୍ତି।

ପଚାଶ ପରକାଳରେ ଓଡ଼ିଶାରେ ପାଠକୀୟ ରୁଚିକୁ ଆଧାର କରି ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ବିଶେଷ ବିଭାଗକୁ କେନ୍ଦ୍ର କରି କେତେଗୁଡ଼ିଏ ସ୍ୱତନ୍ତ୍ର ପତ୍ରିକା ଜନ୍ମଲାଭ କରିଥିଲା। ସେଗୁଡ଼ିକ ମଧ୍ୟରୁ ସାହିତ୍ୟର କବିତା ବିଭାଗକୁ ଆଧାର କରି କୃଷ୍ଣଚରଣ ବେହେରା ଓ ଦୁର୍ଗାଚରଣ ପରିଡ଼ାଙ୍କ ସମ୍ପାଦନାରେ 'କବିତା' ପତ୍ରିକା, ବ୍ରଜନାଥ ରଥଙ୍କ 'କାବ୍ୟ' ପତ୍ରିକା ପ୍ରଭୃତି ପ୍ରକାଶ ପାଇଥିଲା। କେବଳ ଗଳ୍ପକୁ ନେଇ ଯେଉଁ ପତ୍ରପତ୍ରିକାଗୁଡ଼ିକ ପ୍ରକାଶ ପାଇଛି, ସେଗୁଡ଼ିକ ମଧ୍ୟରେ ରହିଛି- ହୃଦାନନ୍ଦ ମଲ୍ଲିକଙ୍କ ସମ୍ପାଦିତ 'ଅଗ୍ରଣୀ' ପତ୍ରିକା, ବିଭୂତି ପଟ୍ଟନାୟକଙ୍କ ସମ୍ପାଦିତ ତ୍ରୈମାସିକ 'ଗଳ୍ପ' ପତ୍ରିକା, ବଳରାମ ସାହୁଙ୍କ 'ଗଳ୍ପଝର', ସୁଦତ୍ତା ପଟ୍ଟନାୟକଙ୍କ ସମ୍ପାଦିତ 'କଥା' ପ୍ରଭୃତି ପ୍ରଧାନ। ଏହିସବୁ ପତ୍ରିକାରେ ପ୍ରବୀଣଙ୍କ ଠାରୁ ଆରମ୍ଭ କରି ବହୁ ତରୁଣ କଥାକାରଙ୍କ ଗଳ୍ପ ପ୍ରକାଶ ପାଇ ଓଡ଼ିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧ କରିଥିଲା। 'କଥା' ପତ୍ରିକା ନିଜର 'ନବପ୍ରତିଭା ପ୍ରତିଯୋଗିତା' ବ୍ୟବସ୍ଥା ଦ୍ୱାରା ତରୁଣ କଥାକାରମାନଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ଦେବା ସହିତ ପୁରସ୍କାର ମାଧ୍ୟମରେ ସେମାନଙ୍କୁ ଗଳ୍ପ ଲେଖିବା ପାଇଁ ଉତ୍ସାହିତ ମଧ୍ୟ କରୁଛି। କବିତା, ଗଳ୍ପ ବ୍ୟତୀତ ନାଟ୍ୟ ସାହିତ୍ୟକୁ ଆଧାର କରି ଇନ୍ଦୁଭୂଷଣ କରଙ୍କ 'ସ୍ରଷ୍ଟା' ପତ୍ରିକା, ଅଶ୍ୱିନୀ ପଟ୍ଟନାୟକଙ୍କ 'ଏକାଙ୍କିକା', ଯଦୁମଣି କାନୁନଗୋଙ୍କ ସମ୍ପାଦିତ 'ନଟବନ୍ଧୁ' ପ୍ରଭୃତି ପତ୍ରିକା ଆତ୍ମପ୍ରକାଶ କରିଥିଲା।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ ଉପନ୍ୟାସ

ରଚନାକୁ ଅଧିକ ଲୋକପ୍ରିୟ କରାଇବା ପାଇଁ ବଂଶୀଧର ଭୂୟାଁଙ୍କ ସମ୍ପାଦନାରେ ପ୍ରକାଶିତ 'ଜନ ସାହିତ୍ୟ' ପତ୍ରିକା ଥିଲା ମୁଖ୍ୟ। ଏହା ବ୍ୟତୀତ 'ମଳୟ' ଓ 'ମେଘମାଳା' ପତ୍ରିକା ଥିଲା ଅନ୍ୟତମ। ଏହି ପତ୍ରିକାଗୁଡ଼ିକ ନୂତନ ଲେଖକମାନଙ୍କୁ ଉପନ୍ୟାସ ରଚନା ପାଇଁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ କେତେକ ପ୍ରସିଦ୍ଧ ବିଦେଶୀ ଉପନ୍ୟାସର ଓଡ଼ିଆ ରୂପାନ୍ତର ମଧ୍ୟ ପ୍ରଚାର କରିଥିଲେ। 'ଜନ ସାହିତ୍ୟ' ପତ୍ରିକାର ପ୍ରଥମ ସଂଖ୍ୟାରେ ଜ୍ଞାନୀନ୍ଦ୍ର ବର୍ମାଙ୍କ 'ତିନୋଟି ହୃଦୟର କାହାଣୀ' ଉପନ୍ୟାସ ଏବଂ ପରବର୍ତ୍ତୀ ସମୟରେ ଦେବ୍ରାଜ ଲେଙ୍କାଙ୍କ 'ଅନ୍ଧମୁହାଣ' ପରି ଅନେକ ଉପନ୍ୟାସ ଏହି ପତ୍ରିକାରେ ପ୍ରକାଶିତ ହୋଇଥିଲା। ମାତ୍ର ଦୁଃଖର କଥା ପୃଷ୍ଠପୋଷକତାର ଅଭାବ ହେତୁ ଏହି ପତ୍ରିକାଗୁଡ଼ିକ ବନ୍ଦ ହୋଇଯାଇଥିଲା। ଏକବିଂଶ ଶତାବ୍ଦୀରେ ଓଡ଼ିଆ ଉପନ୍ୟାସକୁ ଆହୁରି ପ୍ରସାରିତ କରିବା ପାଇଁ ସୁନୀତି ମୁଣ୍ଡଙ୍କ ସମ୍ପାଦନାରେ 'ଦୀକ୍ଷା' ନାମକ ଉପନ୍ୟାସଧର୍ମୀ ପତ୍ରିକା ପ୍ରକାଶିତ ହେଉଛି। କେବଳ ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସର ପ୍ରକାଶ ପାଇଁ କେତେକ ପତ୍ରିକା ପ୍ରକାଶ ପାଇଥିଲା। ସେଗୁଡ଼ିକ ମଧ୍ୟରେ କାହ୍ନୁଚରଣଙ୍କ ସମ୍ପାଦିତ ମାସିକ 'ଡିଟେକ୍ଟିଭ୍' ପତ୍ରିକା ଏବଂ ଏଚ୍. କେ. ନାସାଦଙ୍କ ସମ୍ପାଦିତ 'ଚକ୍ରାନ୍ତ' ଥିଲା ପ୍ରଧାନ। ଏହି ପତ୍ରିକା ଦ୍ୱୟ ଦୀର୍ଘ ପଚିଶ ବର୍ଷକାଳ ବଞ୍ଚିରହି ବହୁ ଲେଖକଙ୍କ ସୃଷ୍ଟିକୁ ପ୍ରଚାର, ପ୍ରସାର କରିଥିଲା। ଏହି ପର୍ଯ୍ୟାୟରେ ଭୂପେନ୍ ଗୋସ୍ୱାମୀ ଦ୍ୱାରା ସମ୍ପାଦିତ 'ଗୋଇନ୍ଦା'ପତ୍ରିକା ମଧ୍ୟ କିଛିକାଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ରହସ୍ୟ ରୋମାଞ୍ଚଧର୍ମୀ କାହାଣୀ ଓ ଉପନ୍ୟାସକୁ ଲୋକପ୍ରିୟ କରିବାରେ ଏମାନଙ୍କ ଅବଦାନ ଥିଲା ଅତ୍ୟନ୍ତ ଉଲ୍ଲେଖନୀୟ। ଏହା ବ୍ୟତୀତ ନାରୀ ଲେଖନୀ ଦ୍ୱାରା ସମୃଦ୍ଧ ଶକୁନ୍ତଳା ପଣ୍ଡାଙ୍କ ସମ୍ପାଦିତ 'ସୁଚରିତା' ପତ୍ରିକା ଏବଂ ଅନୁବାଦ ସାହିତ୍ୟରେ ପରିପୁଷ୍ଟ ଶକୁନ୍ତଳା ବଳିୟାରସିଂ ଦ୍ୱାରା ସମ୍ପାଦିତ 'ଶତଭିଷା' ପତ୍ରିକା ଥିଲା ମହତ୍ତ୍ୱପୂର୍ଣ୍ଣ। ଏହି ପତ୍ରିକା ଦ୍ୱୟ ଆଜି ମଧ୍ୟ ଜୀବିତ ରହିଛନ୍ତି।

ସେହିପରି ସମାଲୋଚନା ସାହିତ୍ୟକୁ ପ୍ରାଧାନ୍ୟ ଅର୍ପଣ କରି ଓଡ଼ିଶା ସାହିତ୍ୟ ଏକାଡ଼େମୀର ମୁଖପତ୍ର 'କୋଣାର୍କ' ପତ୍ରିକା, ପ୍ରଫୁଲ୍ଲ କୁମାର ଜଗଦେବଙ୍କ ସମ୍ପାଦିତ 'ମୂଲ୍ୟାୟନ', ଓଡ଼ିଆ ଗବେଷଣା ପରିଷଦର ମୁଖପତ୍ର 'ଏଷଣା', ରବି ମିଶ୍ର ଓ ସ୍ନେହ ମିଶ୍ରଙ୍କ ମିଳିତ ସମ୍ପାଦିତ 'ସମାଲୋଚନା' ପତ୍ରିକା ଆତ୍ମପ୍ରକାଶ କରିଥିଲା। 'ମୂଲ୍ୟାୟନ' ହେଉଛି ଏକ ମୌଳିକ ସମାଲୋଚନାତ୍ମକ ପତ୍ରିକା। ଏଥିରେ ଉପନ୍ୟାସ ବିଶେଷାଙ୍କ, ଗୁରୁପ୍ରସାଦ ବିଶେଷାଙ୍କ ପରି ବହୁ ଦୁର୍ଲଭ ସୃଷ୍ଟି ମୁକ୍ତିଲାଭ କରିଛି। 'ଏଷଣା' ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିଛି। ସମ୍ପାଦକଙ୍କ ମୌଳିକ ଦୃଷ୍ଟିଭଙ୍ଗୀ, ତତ୍ତ୍ୱପୂର୍ଣ୍ଣ ନୂତନ ବିଷୟର ଆଲୋଚନା 'ଏଷଣା' ପତ୍ରିକାକୁ ଦେଇଛି ପ୍ରତିଷ୍ଠା। ବୁର୍ଲାରୁ ପ୍ରକାଶିତ 'ସମାଲୋଚନା' ପତ୍ରିକା ନିରପେକ୍ଷ ସମା-ଲୋଚନା ଠାରୁ ଆରମ୍ଭ କରି ଲୋକସାହିତ୍ୟ, ଗଳ୍ପ, ଉପନ୍ୟାସ ପ୍ରଭୃତି ବିଷୟର ତାତ୍ତ୍ୱିକ ଆଲୋଚନାକୁ ପ୍ରାଧାନ୍ୟ ଦେଇଚି। ପୁନଶ୍ଚ ଶିକ୍ଷାନୁଷ୍ଠାନ ତଥା ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରେ କେତେକ ପତ୍ରିକା ପ୍ରକାଶ ପାଉଛି। ବିଶ୍ୱଭାରତୀ, ଓଡ଼ିଆ ବିଭାଗ ତରଫରୁ ପ୍ରକାଶ ପାଉଥିବା 'ବିଶ୍ୱଭାରତୀ ଦୀପିକା', ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ ପାଉଥିବା 'ସପ୍ତର୍ଷି' ପତ୍ରିକା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରେଭେନ୍ସା, ଉତ୍କଳ ଏବଂ ବହୁ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ସାମୟିକ ସମାଲୋଚନା ଲେଖା ଓ ବିଶେଷାଙ୍କ ମାନ ପ୍ରକାଶ କରି ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରି ଆସୁଛନ୍ତି। ଯେଉଁ କେତେଗୁଡ଼ିଏ ସମାଲୋଚନାଧର୍ମୀ ପତ୍ରିକା ପ୍ରକାଶ ପାଇଛି, ସେଗୁଡ଼ିକ ମଧ୍ୟରେ 'ଏଷଣା'ର ଦାନ ରହିଛି ଉଲ୍ଲେଖନୀୟ।

ଏଷଣା(୧୯୮୦)ର ଜନ୍ମଜାତକ: 'ଏଷଣା' ଏକ ଷାଣ୍ମାସିକ ଗବେଷଣାଧର୍ମୀ ସାହିତ୍ୟ ପତ୍ରିକା। 'ଓଡ଼ିଆ ଗବେଷଣା ପରିଷଦ'ର ମୁଖପତ୍ର ଭାବେ 'ଏଷଣା' ୧୯୮୦ ମସିହା ସେପ୍ଟେମ୍ବର ମାସରେ କଟକରୁ ଡକ୍ଟର କ୍ଷେତ୍ରବାସୀ ନାୟକଙ୍କ ସମ୍ପାଦନାରେ ପ୍ରଥମେ ପ୍ରକାଶ ପାଇଥିଲା। ଏହି ପତ୍ରିକା ଛଅ ମାସର ବ୍ୟବଧାନରେ ପ୍ରତ୍ୟୋକ ବର୍ଷ ଦୁଇଥର(ଜୁନ୍, ଡିସେମ୍ବର ମାସରେ) ପ୍ରକାଶିତ ହୁଏ। ଏ ପତ୍ରିକା ଆଜି ମଧ୍ୟ ଜୀବିତ। ଓଡ଼ିଆ ସାହିତ୍ୟରେ ଗବେଷଣାଧର୍ମୀ ପତ୍ରିକା ପ୍ରକାଶନ ଇତିହାସରେ 'ଏଷଣା' ଏକ ବ୍ୟତିକ୍ରମ। ଏହି ଗବେଷଣାଧର୍ମୀ ସାହିତ୍ୟ ପତ୍ରିକା ଓଡ଼ିଆ ସାହିତ୍ୟର ମହାନ୍ ଆଲୋଚକ, ବିଜ୍ଞ ଗବେଷକ ଓ ସମାଲୋଚକଙ୍କ ଲେଖାରେ ସମୃଦ୍ଧ ହୋଇଥିଲା। ପାଶ୍ଚାତ୍ୟ ସାହିତ୍ୟରେ ଦେଖାଯାଉଥିବା ନୂତନ ଶୈଳୀ, ବିଚାର ଓ ମତବାଦକୁ ଓଡ଼ିଶାର ପାଠକଙ୍କ ନିକଟରେ ପହଞ୍ଚାଇବାର ଅନନ୍ୟ ପ୍ରୟାସ କରିଥିଲା ଏହି ପତ୍ରିକା। ଓଡ଼ିଆ ସାହିତ୍ୟରେ ପରିଲକ୍ଷିତ ନୂତନ ଅନାଲୋଚିତ ଦିଗକୁ ଆଲୋଚନା କରି 'ଏଷଣା' ପାଠକ ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। 'ଏଷଣା'ର ସମ୍ପାଦକୀୟ ଲେଖାକୁ ଅନୁଶୀଳନ କଲେ, ସେଥିରେ ସମ୍ପାଦକଙ୍କ ସାହିତ୍ୟ ସମାଲୋଚନା ପ୍ରତି ଗଭୀର ଦୃଷ୍ଟି କୋଣ ଓ ସୂକ୍ଷ୍ମ ମନନଶୀଳତାର ପରିଚୟ ମିଳେ। ସାହିତ୍ୟ ସମାଲୋଚନା ସମ୍ପର୍କରେ ସମ୍ପାଦକ 'ଏଷଣା'ର ପ୍ରଥମ ଖଣ୍ଡ ସମ୍ପାଦକୀୟରେ ଉଲ୍ଲେଖ କରିଛନ୍ତି- "ଶୁଦ୍ଧ ସମାଲୋଚକର ଲକ୍ଷ୍ୟ, ପାଠକ ନୁହନ୍ତି, ଲକ୍ଷ୍ୟ ହେଉଛି ସାହିତ୍ୟବସ୍ତୁ; ତାହାର ଉତ୍କର୍ଷ ଅପକର୍ଷ ଅନ୍ୱେଷଣ। ମୂଲ୍ୟଦୃଷ୍ଟିରୁ କୌଣସି ରଚନା ବିଶେଷକୁ ଅନ୍ୟ ମୂଲ୍ୟବାନ ସାହିତ୍ୟବସ୍ତୁ ସଙ୍ଗେ ମିଳେଇ ଦେଖିବା, ମାନବ ସଂସ୍କୃତି ଓ ଐତିହ୍ୟର ଭୂମିକା ନିର୍ଣ୍ଣୟ କରିବା, ତତାତ୍ମ୍ୟବିଧି(Introspective method) ବଳରେ ସାହିତ୍ୟବସ୍ତୁରୁ ସ୍ରଷ୍ଟା ମାନସ ପ୍ରତ୍ୟକ୍ଷ କରିବା, ଶିଳ୍ପ ଧର୍ମର ସୌନ୍ଦର୍ଯ୍ୟ ଖୋଜିବା ଇତ୍ୟାଦି ହେଉଛି ଏଇ ସମାଲୋଚନାର ଲକ୍ଷ୍ୟ; ଏହାକୁ କୁହାଯାଏ ଶୁଦ୍ଧ ସମାଲୋଚନା"।୨ ଏହି ସମ୍ପାଦକୀୟରୁ ସମ୍ପାଦକଙ୍କ ସାହିତ୍ୟ ପ୍ରତି ଥିବା ଅନ୍ତର୍ନିହିତ ବିଚାରଧାରାକୁ ଲକ୍ଷ୍ୟ କରିହୁଏ।

୧୯୮୦ ମସିହାରେ ଜନ୍ମଲାଭ କରିଥିବା 'ଓଡ଼ିଆ ଗବେଷଣା ପରିଷଦ' ଥିଲା ଗୁରୁ କୃଷ୍ଣଚରଣ ବେହେରା ଏବଂ ଶିଷ୍ୟ ଅଧ୍ୟାପକ କ୍ଷେତ୍ରବାସୀ ନାୟକଙ୍କ ମାନସ ସନ୍ତାନ। ୧୯୭୬ ମସିହାରେ ଏହି ପରିଷଦର ଭିତ୍ତିପ୍ରସ୍ତର ପଡ଼ିଥିଲା ଏକ ଚଳନ୍ତା ରେଳଗାଡ଼ିରେ। ଏହି ପ୍ରସଙ୍ଗରେ କୃଷ୍ଣଚରଣ ବେହେରା ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ

କରିଛନ୍ତି-"୧୯୭୬ ମସିହା ଅକ୍ଟୋବର ମାସରେ କ୍ଷେତ୍ରବାସୀ ନାୟକଙ୍କ ପିଏଚ୍. ଡି ପରୀକ୍ଷାର ମୌଖିକ ପର୍ବ କଲିକତାଠାରେ ଶେଷ କରି ପୁରୀ ଏକ୍ସପ୍ରେସ୍ ଟ୍ରେନ ଯୋଗେ କଟକ ବାହୁଡ଼ୁଛୁ। ବାଟରେ ଭାଷା ସାହିତ୍ୟର ଆଲୋଚନା ଚର୍ଚ୍ଚା ଓ ଗବେଷଣା ପାଇଁ କିଛି ଆନୁଷ୍ଠାନିକ ଉଦ୍ୟମର ଆବଶ୍ୟକତା ସମ୍ପର୍କରେ ଆମ ଭିତରେ କଥାବାର୍ତ୍ତା ହେଲା। ବହୁଦିନତଳେ ବିଂଶ ଶତାବ୍ଦୀର ତୃତୀୟ ଦଶକରେ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି, ବିଚ୍ଛନ୍ଦଚରଣ ପଟ୍ଟନାୟକ ପ୍ରମୁଖ ଏଗାର ଜଣ ସଂସ୍କୃତିପ୍ରେମୀ ବିଶିଷ୍ଟ ବ୍ୟକ୍ତିଙ୍କୁ ଘେନି 'ପ୍ରାଚୀ ସମିତି' ପ୍ରତିଷ୍ଠିତ ହୋଇଥିଲା। 'ପ୍ରାଚୀ' ନାମକ ଏକ ପତ୍ରିକା ପ୍ରକାଶ ସହିତ ଏହା ପ୍ରକାଶ କରିଥିଲା ତେପନ ଖଣ୍ଡି ପ୍ରାଚୀନ ସାହିତ୍ୟ ସଂସ୍କୃତିର ଗ୍ରନ୍ଥ। ମାତ୍ର ପ୍ରତିଷ୍ଠାନଟି ଅଳ୍ପ କେତୋଟି ବର୍ଷ କାମ କଲା ପରେ ବନ୍ଦ ହୋଇ ଯାଇଥିଲା। ସେହିପରି ସାହିତ୍ୟ ସଂସ୍କୃତିର ଚର୍ଚ୍ଚା ଓ ଗବେଷଣା ଉଦ୍ଦେଶ୍ୟରେ ଏକ ପ୍ରତିଷ୍ଠାନ ସ୍ଥାପନ ପାଇଁ ଆମ ଭିତରେ କଥାବାର୍ତ୍ତା ହେଲା"।୩ ଏହି ପରିକଳ୍ପନାର ମାତ୍ର ଚାରିବର୍ଷ ପରେ ପ୍ରତିଷ୍ଠାନଟି 'ଓଡ଼ିଆ ଗବେଷଣା ପରିଷଦ'ର ରୂପ ନେଲା। ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ 'ପ୍ରାଚୀ ସମିତି'(୧୯୨୬) କେବଳ ପ୍ରାଚୀନ ଗ୍ରନ୍ଥ ସମ୍ପାଦନା କରୁଥିବା ବେଳେ 'ଓଡ଼ିଆ ଗବେଷଣା ପରିଷଦ' ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟ ଗ୍ରନ୍ଥକୁ ସମ୍ପାଦନା ମାଧ୍ୟମରେ ନୂଆ ଜୀବଦାନ ଦେଇଛି। ଏହି ପରିଷଦର ମୁଖପତ୍ର 'ଏଷଣା' ଗବେଷଣାର ନୂତନ ଦିଗ ଉନ୍ମୋଚନ କରିବାରେ ବାହକ ସାଜିଛି।

୧୯୮୦ ମସିହାରେ କଟକର ଛତ୍ର ବଜାରସ୍ଥିତ କ୍ଷେତ୍ରବାସୀ ନାୟକଙ୍କ ବାସଭବନରେ ଆରମ୍ଭ ହୋଇଥିଲା 'ଓଡ଼ିଆ ଗବେଷଣା ପରିଷଦ'। କ୍ଷେତ୍ରବାସୀ ନାୟକ ହେଲେ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଏବଂ କୃଷ୍ଣଚରଣ ବେହେରା ହେଲେ ପ୍ରତିଷ୍ଠାତା ସଭାପତି। "ଡକ୍ଟର ମନୀନ୍ଦ୍ର ମହାନ୍ତି 'ଓଡ଼ିଆ ଗବେଷଣା ପରିଷଦ'ର କ୍ରେଷ୍ଟଟିଏ ପ୍ରସ୍ତୁତ କରିଥିଲେ। ପଦ୍ମଫୁଲ। ତା' ସମ୍ମୁଖ ଭାଗରେ ଦୀପଟିଏ ଶିଖା ମେଲାଇ ଜଳୁଛି। ଏହି ଶିଖା ଓ ପଦ୍ମଫୁଲର ମଝି ପାଖୁଡ଼ା ପ୍ରାୟ ଏକ ହୋଇଯାଇଛି, ଏହି ଶିଖା ଓ ପାଖୁଡ଼ା ଏକ ଦୃଷ୍ଟିପାତର ଭୂମିକା ନେଇ ତୃତୀୟ ନୟନର ଆଭାସ ଦେଇଛି। ପଦ୍ମଫୁଲ ହେଲା ସାହିତ୍ୟର ପ୍ରତୀକ। ଦୀପ-ଜ୍ଞାନ ଓ ଆଲୋକର ପ୍ରତୀକ, ପୁଣି ତୃତୀୟ ନୟନ ଅନିସନ୍ଧିତ୍ସୁ ଦୃଷ୍ଟିକୋଣର ପ୍ରତୀକ ଅଟେ"।୪ ପରିଷଦ ଓ ଏଷଣାର ଉନ୍ମେଷ ଓ ବିକାଶ କ୍ଷେତ୍ରରେ କ୍ଷେତ୍ରବାସୀ ନାୟକଙ୍କ ଭୂମିକାକୁ ସ୍ମରଣ କରି କୃଷ୍ଣଚରଣ ବେହେରା କହନ୍ତି- "କ୍ଷେତ୍ରବାସୀ ଯେତେବେଳେ ଦକ୍ଷିଣ ଓଡ଼ିଶାରୁ କଟକ ବଦଳି ହୋଇ ଆସିଲେ, ସେତେବେଳେ ତାଙ୍କ ଜୀବନରେ ଏକ ନୂତନ ପର୍ବ ଆରମ୍ଭ ହେଲା। ପ୍ରତିଷ୍ଠିତ ହେଲା 'ଓଡ଼ିଆ ଗବେଷଣା ପରିଷଦ' ବା 'The Institude Of oriya studies'. ସେ ହେଲେ ଏହାର ପ୍ରତିଷ୍ଠାତା ସମ୍ପାଦକ। ୧୯୮୦ ରୁ ୧୯୮୬ ଏହି ସ୍ୱଳ୍ପ ସମୟ ମଧ୍ୟରେ ସେ ନିଜର ସମସ୍ତ ଶକ୍ତି ସାମର୍ଥ୍ୟ ଦେଇ ପ୍ରତିଷ୍ଠାନକୁ ଗଢ଼ି ତୋଳିଲେ। ପରିଷଦର ମୁଖପତ୍ର 'ଏଷଣା' ନିୟମିତ ପ୍ରକାଶ ପାଇଲା, କିଛି ଆଲୋଚନା ଗ୍ରନ୍ଥ ଓ ପ୍ରାଚୀନ ସାହିତ୍ୟର ପୁସ୍ତକ ମଧ୍ୟ ପ୍ରକାଶିତ ହେଲା। ଏ ଦିଗରେ ତାଙ୍କର ଅକ୍ଳାନ୍ତ ଶ୍ରମ ଓ ନବ ନବ ଉଦ୍ୟମ ଲକ୍ଷ୍ୟ କରି ମୁଁ ବିସ୍ମିତ ହେଉଥିଲି"।୫ ଏଥିରୁ ଜଣାଯାଏ ଯେ, ଓଡ଼ିଆ ଗବେଷଣା ପରିଷଦ ଏବଂ ଏଷଣା ପ୍ରତି କ୍ଷେତ୍ରବାସୀ ନାୟକଙ୍କର ଅବଦାନ ଥିଲା ଅତୁଳନୀୟ।

"ମୂଳତଃ 'ଓଡ଼ିଆ ଗବେଷଣା ପରିଷଦ' ଥିଲା ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପ୍ରତିଷ୍ଠିତ 'ପ୍ରାଚୀ ସମିତି'ର ଏକ ପରି ମାର୍ଜିତ ଓ ପରିବର୍ଦ୍ଧିତ ପ୍ରତିଷ୍ଠାନ। 'ପ୍ରାଚୀ ସମିତି' ମୁଖ୍ୟତଃ ପ୍ରାଚୀନ ସାହିତ୍ୟର ଉଦ୍ଧାର, ପ୍ରସାର ଓ ପ୍ରଚାର ପାଇଁ ଧ୍ୟାନ ଦେଇଥିଲା। କିନ୍ତୁ ଓଡ଼ିଆ ଗବେଷଣା ପରିଷଦର ଲକ୍ଷ୍ୟ ଥିଲା ଅଧିକ ବ୍ୟାପକ। ଏହା କେବଳ ପ୍ରାଚୀନ ଓଡ଼ିଆ ସାହିତ୍ୟର ଉଦ୍ଧାର, ପ୍ରକାଶନ,ପ୍ରଚାର ଓ ପ୍ରସାର ପାଇଁ ଧ୍ୟାନଶୀଳ ହେବାରେ ସୀମିତ ନଥିଲା। କ୍ଷେତ୍ରବାସୀ ନିଜେ ଭାରତୀୟ ସାହିତ୍ୟ ତତ୍ତ୍ୱ ଭଲଭାବରେ ଅଧ୍ୟୟନ କରିଥିଲେ ଓ ପାଶ୍ଚାତ୍ୟ ସାହିତ୍ୟ ଓ ସାହିତ୍ୟତତ୍ତ୍ୱର ଯଥାସମ୍ଭବ ଟିକିନିଖି ଖବର ରଖୁଥିଲେ। ତେଣୁ ପ୍ରାଚୀନ ଓଡ଼ିଆ ସାହିତ୍ୟର ଉଦ୍ଧାର, ପ୍ରକାଶନ, ପ୍ରଚାର ଓ ପ୍ରସାର ସହିତ ଓଡ଼ିଆ ଗବେଷଣା ପରିଷଦ ମାଧ୍ୟମରେ ଆଧୁନିକ ସାହିତ୍ୟ ପରିସରରେ ମଧ୍ୟ ଗୁଣାତ୍ମକ କିଛି କରିବା ଥିଲା କ୍ଷେତ୍ରବାସୀଙ୍କ ମୁଖ୍ୟ ପ୍ରୟାସ"।୬ କ୍ଷେତ୍ରବାସୀଙ୍କ ଇଚ୍ଛା ଥିଲା ଜୀବନର ଶେଷ ସମୟ ସେ ସାହିତ୍ୟ ସାଧନାରେ ଅତିବାହିତ କରିବେ, ମାତ୍ର ୧୯୮୬ ମସିହାରେ ତାଙ୍କର ଅକାଳ ବିୟୋଗ ଘଟିବାରୁ ତାହା ପରିପୂର୍ଣ୍ଣ ହୋଇ ପାରିଲାନାହିଁ। ପୁଣି କ୍ଷେତ୍ରବାସୀଙ୍କ ବିୟୋଗ ଉଭୟ ପରିଷଦ ଏବଂ ଏଷଣା ପକ୍ଷେ ସୃଷ୍ଟି କରିଥିଲା ଦୁଃଖଦ ପରିସ୍ଥିତି। ତଥାପି ଏସବୁ ଘଟିବା ସତ୍ତ୍ୱେ ମଧ୍ୟ ପରିଷଦ ଓ ଏଷଣା ଉଭୟେ କର୍ମ ପଥରେ ଆଗେଇ ଚାଲିଥିଲା।

'ଓଡ଼ିଆ ଗବେଷଣା ପରିଷଦ' ଓ ଏହାର ଗବେଷଣାଧର୍ମୀ ମୁଖପତ୍ର 'ଏଷଣା' ଓଡ଼ିଆ ସାହିତ୍ୟ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। "ଓଡ଼ିଆ ସାହିତ୍ୟର ଗବେଷଣା ପ୍ରତି ସୃଷ୍ଟି ହୋଇଥିବା ଜଡ଼ତା ଭାଙ୍ଗିବାକୁ ଏହା ପ୍ରଯତ୍ନଶୀଳ ହୋଇଉଠିଥିଲା। ଆଧୁନିକ ସାହିତ୍ୟର ବିଭିନ୍ନ ଧାରା ଓ ଧାରଣା ସମ୍ପର୍କରେ ସ୍ୱଷ୍ଟ ଅବବୋଧ ସୃଷ୍ଟି କରିବାର ସଚେତନ ପ୍ରୟାସ ଆରମ୍ଭ କରିଥିଲା ଏହି ଅନୁଷ୍ଠାନ। ବିଭିନ୍ନ ସମ୍ମାନ ମାଧ୍ୟମରେ ଆଲୋଚକଙ୍କୁ ବହୁପାଠୀ କରିବାର ଅବକାଶ ପାଇଁ ଅବସର ଦେଇଥିବା ବେଳେ ବିଭିନ୍ନ ବିଷୟର ଯଥାର୍ଥ ଅବବୋଧ ପାଇଁ ମଧ୍ୟ କ୍ଷେତ୍ର ପ୍ରସ୍ତୁତ କରିଥିଲା 'ଓଡ଼ିଆ ଗବେଷଣା ପରିଷଦ'"।୭ ଏଷଣାରେ ପ୍ରକାଶ ପାଉଥିବା ବହୁ ତତ୍ତ୍ୱପୂର୍ଣ୍ଣ ପ୍ରବନ୍ଧ ରଚନାକୁ ଏକାଠି କରି ପୁସ୍ତକ ଆକାରରେ ପ୍ରକାଶ ପାଇଁ ପ୍ରୟାସ କରିଥିଲେ। ଏଥିରେ ସଫଳ ହୋଇଥିଲେ। କ୍ଷେତ୍ରବାସୀ ନାୟକ 'ଓଡ଼ିଆ ଗବେଷଣା ପରିଷଦ ଗ୍ରନ୍ଥମାଳା'ର ପ୍ରସ୍ତୁତି ପାଇଁ କୃଷ୍ଣଚରଣ ବେହେରା ଓ ଚିତ୍ତରଞ୍ଜନ ଦାସଙ୍କ ସାହାର୍ଯ୍ୟ ଲୋଡ଼ି ଶେଷରେ 'ଓଡ଼ିଆ ଗବେଷଣା ପରିଷଦ ଗ୍ରନ୍ଥମାଳା'କୁ ସମ୍ପାଦନା କରି ପ୍ରକାଶ କରିବାରେ ସଫଳ ହୋଇଥିଲେ। ପରିଷଦ ଦ୍ୱାରା ଆୟୋଜିତ ବିଭିନ୍ନ ସମ୍ମାନରେ ପଠିତ ପ୍ରବନ୍ଧକୁ ଏକତ୍ରିତ କରି ପୁସ୍ତକର ରୂପ ଦେଇ ପରିଷଦର ଗ୍ରନ୍ଥମାଳାରେ ସ୍ଥାନିତ କରାଯାଉଥିଲା। ସେଗୁଡ଼ିକ ଯଥା- 'ସର୍ଜନାତ୍ମକ

ସାହିତ୍ୟ ସମୀକ୍ଷା', 'ତୁଳନାତ୍ମକ ସାହିତ୍ୟ', 'ଶୈଳୀ ବିଜ୍ଞାନ', 'ନନ୍ଦନ ତତ୍ତ୍ୱ', 'ଗବେଷଣା ବିଧି ଓ ଅନୁବାଦ କଳା', 'ଦଳିତ ଆନ୍ଦୋଳନ ଓ ଦଳିତ ସାହିତ୍ୟ' ପ୍ରଭୃତି ପ୍ରଧାନ।

୧୯୮୦ ମସିହାରୁ ଷାଣ୍ମାସିକ ସାହିତ୍ୟ ପତ୍ରିକା 'ଏଷଣା' ପ୍ରକାଶ ପାଇଲା। ଏହି ପତ୍ରିକା ଓଡ଼ିଆ ସାହିତ୍ୟର ବହୁ ସାରସ୍ୱତ ସାଧକ, ସମାଲୋଚକଙ୍କ ଲେଖାରେ ସମୃଦ୍ଧ ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କଲା। ୧୯୮୬ ମସିହା କାଳରେ ସମ୍ପାଦକ କ୍ଷେତ୍ରବାସୀଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ଧର୍ମପତ୍ନୀ ଲାବଣ୍ୟଦେବୀ ତାଙ୍କ ସ୍ଥାନ ପୂରଣ କଲେ। କୃଷ୍ଣ ଚରଣ ବେହେରା ହେଲେ 'ଏଷଣା'ର ମୁଖ୍ୟ ସମ୍ପାଦକ। ଚିତ୍ତରଞ୍ଜନ ଦାସ, ନରେନ୍ଦ୍ରନାଥ ମିଶ୍ର,ଗଗନେନ୍ଦ୍ରନାଥ ଦାଶ ପ୍ରମୁଖ ସାଧକଗଣ ଏହି ପତ୍ରିକାର ସମ୍ପାଦନା ସହ ଜଡ଼ିତ ହେଲେ। 'ଏଷଣା' ପତ୍ରିକା ପୃଷ୍ଠାରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ଥିଲା ବହୁ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହି ପତ୍ରିକାରେ ପ୍ରକାଶ ପାଉଥିବା ନିୟମିତ ବିଭାଗଗୁଡ଼ିକ ମଧ୍ୟରେ- ଆଲୋଚନା, ଗ୍ରନ୍ଥ ସମୀକ୍ଷା, ସଂକ୍ଷିପ୍ତ ଗ୍ରନ୍ଥ ସମୀକ୍ଷା, ସାଂସ୍କୃତିକୀ:ମତ ଓ ମନ୍ତବ୍ୟ, ବିୟୋଗ ପଞ୍ଜି ଓ ପାରିବାରିକ ଥିଲା ପ୍ରଧାନ। ଏଷଣାରେ ପ୍ରକାଶିତ ଆଲୋଚନା ବିଭାଗଟିକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ସେଥିରେ କେବଳ ସାହିତ୍ୟ ସମ୍ବନ୍ଧୀୟ ବିଷୟ ଚର୍ଚ୍ଚା ହେଉନଥିଲା, ସେଥିରେ ପୁଣି ଇତିହାସ, ଧର୍ମ, ଦର୍ଶନ, ସଂସ୍କୃତି, ସମାଜଶାସ୍ତ୍ର, ଭାଷା ଏଥି ସହିତ ପ୍ରାଚୀନ ଓ ମଧ୍ୟକାଳୀନ ଅପ୍ରକାଶିତ ରଚନାବଳୀର ସୁସମ୍ପାଦିତ ରୂପ ମଧ୍ୟ ଆତ୍ମପ୍ରକାଶ କରୁଥିଲା। ଗ୍ରନ୍ଥ ସମୀକ୍ଷା ଥିଲା 'ଏଷଣା' ପୃଷ୍ଠାର ଅନ୍ୟତମ ବିଶେଷତ୍ୱ। ଏହି ଗ୍ରନ୍ଥ ସମୀକ୍ଷା ଥିଲା ଦୁଇ ପ୍ରକାରର। ଗୋଟିଏ ହେଲା ସଂକ୍ଷିପ୍ତ ଓ ଅନ୍ୟଟି ବିସ୍ତୃତ। ସାଂସ୍କୃତିକୀ: ମତ ଓ ମନ୍ତବ୍ୟରେ ଭାରତ ତଥା ଓଡ଼ିଶାର ବିଭିନ୍ନ ନାଚ, ବାଦ୍ୟ, ଗୀତ, ନାଟ, ସ୍ଥାପତ୍ୟ, ଲୋକାଚାର, ଚିତ୍ରକଳା ଆଦି ବିଷୟରେ ଆଲୋଚିତ ହେଉଥିଲା। ପୁନଶ୍ଚ ବିୟୋଗପଞ୍ଜିରେ ସର୍ଜନଶୀଳ ସାରସ୍ୱତ ବ୍ୟକ୍ତିତ୍ୱଙ୍କ ମୃତ୍ୟୁବରଣରେ ତାଙ୍କ ସ୍ମୃତିଚାରଣ କରାଯାଉଥିଲା। ପତ୍ରିକାର ଶେଷରେ ପାରିବାରିକ ବିଭାଗଟି ପ୍ରକାଶ ପାଉଥିଲା। ଏଥିରେ ଓଡ଼ିଆ ଗବେଷଣା ପରିଷଦ ଦ୍ୱାରା ସମ୍ପାଦିତ କାର୍ଯ୍ୟର ବିବରଣୀ ଦିଆଯାଉଥିଲା। ପରିଷଦ ଦ୍ୱାରା ଆୟୋଜିତ ଆଲୋଚନା ଚକ୍ର, ଚର୍ଚ୍ଚାଚକ୍ରରେ ପଠିତ ପ୍ରବନ୍ଧର ସାରମର୍ମ, ପ୍ରାବନ୍ଧିକଙ୍କ ଦୃଷ୍ଟିଭଙ୍ଗୀ, ଭିନ୍ନ ଭିନ୍ନ ଲେଖକଙ୍କ ଭିନ୍ନ ଭିନ୍ନ ବିଚାର, ପରିଷଦର ଅନ୍ତର୍ଗତ ସଦସ୍ୟ ସଦସ୍ୟାଙ୍କ କାର୍ଯ୍ୟାବଳୀର ବିବରଣୀ ପ୍ରଦାନ କରାଯାଉଥିଲା। 'ପାରିବାରିକ' ଶୀର୍ଷକ ବିଭାଗଟି ଥିଲା 'ଏଷଣା' ପତ୍ରିକାର ବଡ଼ ସ୍ୱାତନ୍ତ୍ର୍ୟ। ଏହା ପୂର୍ବରୁ ପ୍ରକାଶିତ କୌଣସି ପତ୍ରିକାରେ ଏହି 'ପାରିବାରିକ' ଶୀର୍ଷକ ଲେଖା ପ୍ରକାଶ ପାଇନଥିଲା। ଏ ଦିଗରେ ଏହି 'ଏଷଣା' ପ୍ରଥମ ପତ୍ରିକା।

'ଏଷଣା'ର ସୂଚୀପତ୍ରକୁ ଲକ୍ଷ୍ୟ କଲେ ଏହା କେବଳ ଗବେଷଣାଧର୍ମୀ ସାହିତ୍ୟ ପତ୍ରିକା ବୋଲି ମନେହୁଏ ନାହିଁ, ଏହା ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ ଜୀବନବୋଧର ଦଲିଲ ସଦୃଶ। ଏଷଣା କେବଳ ସାହିତ୍ୟ ଚର୍ଚ୍ଚା କରିନାହିଁ, ଏହା କରିଛି କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ସଂସ୍କୃତିର ଚର୍ଚ୍ଚା। 'ଏଷଣା'ର ଏହି ସ୍ୱତନ୍ତ୍ର ଯାତ୍ରାକୁ ଓଡ଼ିଶାର ବହୁ ବ୍ୟକ୍ତି ବିଶେଷ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି। "ଓଡ଼ିଶାର ଦୁଇ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ହରେକୃଷ୍ଣ ମହତାବ ଓ ସୁରେନ୍ଦ୍ର ମହାନ୍ତିଙ୍କ ବକ୍ତବ୍ୟ ତାହାର ପ୍ରମାଣ। ସ୍ୱସମ୍ପାଦିତ 'ଝଙ୍କାର' ୩୨ଶ ବର୍ଷ, ୮ମ ସଂଖ୍ୟା(ନଭେମ୍ବର ୧୯୮୦) ସମ୍ପାଦକୀୟରେ ଓଡ଼ିଆ ଗବେଷଣା ପରିଷଦର ପ୍ରତିଷ୍ଠା ଓ ମୁଖପତ୍ର 'ଏଷଣା' ପ୍ରକାଶନକୁ ମହତାବ 'ଶୁଭ ଉଦ୍ୟମ'ର ଶୀର୍ଷକରେ ଅଭିନନ୍ଦିତ କରିଛନ୍ତି। ସୁରେନ୍ଦ୍ର ମହାନ୍ତି କୃଷ୍ଣଚରଣଙ୍କୁ ତା-୨.୧୨. ୧୯୮୦ରିଖର ପତ୍ରରେ ଏଷଣାର ଏକ 'ସାଂସ୍କୃତିକୀ ଓ ସମ୍ପାଦକୀୟ ଉଚ୍ଚକୋଟୀର ହୋଇଛି' ବୋଲି ମନ୍ତବ୍ୟ ଦେଇଛନ୍ତି"।[୮] ଏହିପରି ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ଶୁଭେଚ୍ଛା ଏବଂ ସାରସ୍ୱତ ସର୍ଜନଶୀଳ ଲେଖକଙ୍କ ରଚନାରେ 'ଏଷଣା' ଅଦ୍ୟାବଧି ଜୀବିତ ରହିଛି।

ଊନବିଂଶ ଶତାବ୍ଦୀରେ ଓଡ଼ିଆ ପତ୍ରପତ୍ରିକାର ଉନ୍ମେଷ ଏବଂ ବିକାଶ ଘଟିଥିଲେ ହେଁ ବିଂଶ ଶତାବ୍ଦୀରେ ଏହା ଏକ ବିସ୍ତୃତ ଭାବେ ନବ ନବ ରୂପରେ ଆତ୍ମପ୍ରକାଶ କଲା। ପତ୍ରିକା କେବଳ ସାହିତ୍ୟ ପ୍ରଚାର ଓ ପ୍ରସାର ମଧ୍ୟରେ ସୀମିତ ନ ରହି ଇତିହାସ, ସଂସ୍କୃତି, ଦର୍ଶନ ପ୍ରଭୃତିର କଥା କହିଲା। ସାହିତ୍ୟର ଏକ ନିର୍ଦ୍ଦିଷ୍ଟ ବିଶେଷ ବିଭାଗକୁ କେନ୍ଦ୍ର କରି ପତ୍ରିକା ତା'ର ପ୍ରଚାର ପ୍ରସାର କଲା। ୧୯୮୦ ବେଳକୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଗବେଷଣାଧର୍ମୀ ସାହିତ୍ୟ ବା ଆଲୋଚନାର ଅଭାବ ଲକ୍ଷ୍ୟ କରି ଓଡ଼ିଆ ଗବେଷଣା ପରିଷଦ ତା'ର ପତ୍ର 'ଏଷଣା' ପ୍ରକାଶ କଲା। ଏଷଣା ଓଡ଼ିଆ ସାହିତ୍ୟର ବିଶେଷ ଅନାଲୋଚିତ ଦିଗଗୁଡ଼ିକୁ ଆଲୋଚନା କରି ପାଠକ ମହଲରେ ନୂତନ ଆଲୋକ ଜାଳିଲା। ଗବେଷଣା ପରିଷଦ ଏହି ଅନାଲୋଚିତ ଦିଗ ସମ୍ପର୍କରେ ଆଲୋଚନା ଚକ୍ରମାନ ଆରମ୍ଭ କରି ସେହି ଚର୍ଚ୍ଚାଚକ୍ରରେ ପଠିତ ପ୍ରବନ୍ଧଗୁଡ଼ିକୁ ତା'ର ପତ୍ର ଏଷଣାରେ ଛାପିଲା। ଏଷଣାରୁ ସେହି ଲେଖାଗୁଡ଼ିକୁ ପଢ଼ି ସାହିତ୍ୟ ପ୍ରେମୀ ପାଠକଗଣ ନୂଆ ନୂଆ ବିଷୟ ସମ୍ପର୍କରେ ଜ୍ଞାନ ଆହରଣ କରିବା ସହ ଉପକୃତ ମଧ୍ୟ ହେଲେ। ଏଷଣା ଅଶୀପର କାଳରେ ଓଡ଼ିଆ ସମାଲୋଚନା ସାହିତ୍ୟକୁ ଦେଖାଇଲା ନବ ବାଟ। ନୂତନ ନୂତନ ଶୈଳୀରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣକୁ ଆଧାର କରି ଲେଖକଗଣ ଗବେଷଣାଧର୍ମୀ ଲେଖାମାନ ଲେଖିଲେ। ଏହି ଗବେଷଣାଧର୍ମୀ ଆଲୋଚନାକୁ ନିଜ ପୃଷ୍ଠାରେ ପ୍ରକାଶ କରି 'ଏଷଣା' ସମାଲୋଚନା ସାହିତ୍ୟର ବ୍ୟାପକ ପ୍ରସାର ଘଟାଇଥିଲା। ଏଷଣା କେବଳ ସାହିତ୍ୟ ନୁହେଁ, ସାହିତ୍ୟ ସହିତ ଇତିହାସ, ସଂସ୍କୃତି, ଧର୍ମ, ଦର୍ଶନ, ସମାଜଶାସ୍ତ୍ର, ପ୍ରାଚୀନ ଏବଂ ମଧ୍ୟକାଳୀନ ସାହିତ୍ୟକୁ ମଧ୍ୟ ପ୍ରାଧାନ୍ୟ ଦେଇଥିଲା। ବିଶିଷ୍ଟ ବିଦ୍ୱାନ ଆଲୋଚକମାନଙ୍କର ଲେଖା ଏବଂ ପାଠକ ମାନଙ୍କର ଶ୍ରଦ୍ଧା, ଭଲପାଇବା ପାଇ 'ଏଷଣା' ଆଜି ମଧ୍ୟ ନିଜ କର୍ମପଥରେ ଆଗେଇ ଚାଲିଛି।

ପ୍ରାନ୍ତଟୀକା:

୧. ପଟ୍ଟନାୟକ, ପଠାଣି। ସାହିତ୍ୟ ମନୀଷା। କଟକ, ଓଡ଼ିଶା ବୁକ୍ ଷ୍ଟୋର। ୧୯୯୮। ପୃଷ୍ଠା-୨୩

୨. ଏଷଣା ୧ମ ଖଣ୍ଡ। ସେପ୍ଟେମ୍ବର ୧୯୮୦। କଟକ। ଓଡ଼ିଆ ଗବେଷଣା ପରିଷଦ। ସମ୍ପାଦକୀୟ ।

୩. ବେହେରା, କୃଷ୍ଣଚରଣ। ଆଖିର ଦେଖା ପ୍ରାଣର କଥା। କଟକ। ନବଦିଗନ୍ତ। ୨୦୦୯। ପୃଷ୍ଠା-୨୪୦

୪. ଚାନ୍ଦ, ଗୋବିନ୍ଦ ଚନ୍ଦ୍ର। ସାରସ୍ୱତ ଉପାସକ କ୍ଷେତ୍ରବାସୀ, ଓଡ଼ିଆ ଗବେଷଣା ପରିଷଦ, କଟକ। ୨୦୧୯। ପୃଷ୍ଠା-୫୯

୫. ପାତ୍ର ହରେକୃଷ୍ଣ ଓ ଅନ୍ୟମାନେ। କ୍ଷେମଙ୍କର କ୍ଷେତ୍ରବାସୀ(ସଂ)। ଓଡ଼ିଆ ଗବେଷଣା ପରିଷଦ, କଟକ। ୨୦୧୦। ପୃଷ୍ଠା-୧୭

୬. ତତ୍ରୈବ, ପୃଷ୍ଠା-୪୮

୭. ଚାନ୍ଦ, ଗୋବିନ୍ଦ ଚନ୍ଦ୍ର। ସାରସ୍ୱତ ଉପାସକ କ୍ଷେତ୍ରବାସୀ। ଓଡ଼ିଆ ଗବେଷଣା ପରିଷଦ, କଟକ। ୨୦୧୯। ପୃଷ୍ଠା-୫୯

୮. ଏଷଣା ୭୫ତମ ଖଣ୍ଡ। ଡିସେମ୍ବର ୨୦୧୭। କୃଷ୍ଣଚରଣ ବିଶେଷାଙ୍କ। ଓଡ଼ିଆ ଗବେଷଣା ପରିଷଦ, କଟକ। ପୃଷ୍ଠା-୯୦

ସହାୟିକା:

୧. ଚାନ୍ଦ, ଗୋବିନ୍ଦ ଚନ୍ଦ୍ର। ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଝଙ୍କାର। ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ। ୨୦୦୦

୨. ମହାପାତ୍ର, ଚନ୍ଦ୍ରଶେଖର; ଓଡ଼ିଶାର ପତ୍ରପତ୍ରିକା, ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡ଼େମୀ

Funding

No funding was received for conducting this study.

Does this article screened for similarity?

Yes

Conflict of interest

The Author has no conflicts of interest to declare that they are relevant to the content of this article.

About the Licenses

© Liku Behera 2024. The text of this article is open access and licensed under a Creative Commons Attribution 4.0 International License

Cite this Article :

Liku Behera, Swadhinata parabartee odia patrapatrika o 'Esana', Bageesha, Vol. No. 02, Issue No. 04, July - August 2024, Article No: BM2024/04-A005, Page- 38-44

ALOCHANA
ସମାଲୋଚନା
ପୂଜ୍ୟପ୍ରଣାମ

ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal

https://bageesha.in
OPEN ACCESS

ଗଙ୍ଗାଧରଙ୍କ କାବ୍ୟରେ ମଙ୍ଗଳାଚରଣ

■ ପ୍ରଫେସର ବବ୍ରୁବାହନ ମହାପାତ୍ର
ବିଭାଗ ମୁଖ୍ୟ, ଓଡ଼ିଆ ବିଭାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

ମୂଳ ଶବ୍ଦ: ଗଙ୍ଗାଧର ମେହେର, ମଙ୍ଗଳାଚରଣ, ପରମ୍ପରାର ଆହରଣ, ପ୍ରାଚୀନ, କାବ୍ୟଶିଳ୍ପୀ ଗଙ୍ଗାଧର, କାବ୍ୟାରମ୍ଭ, ସ୍ତୁତି ଗାନ, ଆଧୁନିକ କବି, କାବ୍ୟ, ଆଧୁନିକତା

ABSTRACT

ସାରାଂଶ: ପରମ୍ପରାର ଆହରଣ ଓ ତହିଁରେ ମୌଳିକତା ପ୍ରତିପାଦନ କବି ଗଙ୍ଗାଧରଙ୍କ ପ୍ରତ୍ୟେକ କାବ୍ୟାରମ୍ଭ ବା ମଙ୍ଗଳାଚରଣ ପ୍ରକ୍ରିୟାରେ ଅବଶ୍ୟ ଅନୁଭୂତ ହୋଇଥାଏ। ରୀତି କବି ଉପେନ୍ଦ୍ର ଭଞ୍ଜ ଓ ଆଧୁନିକ କବି ରାଧାନାଥ ଉଭୟଙ୍କ ଚିନ୍ତାଧାରା ଓ କାବ୍ୟ ଶୈଳୀ ଗଙ୍ଗାଧରଙ୍କୁ ଅନୁପ୍ରାଣିତ କରିଥିଲେ ମଧ୍ୟ ତାଙ୍କର ମୌଳିକତା ତଥା ସ୍ୱକୀୟ କାବ୍ୟ କଳ୍ପନା କଦାପି ବ୍ୟାହତ ହୋଇନାହିଁ। ଗଙ୍ଗାଧରଙ୍କ କାବ୍ୟରେ ମଙ୍ଗଳାଚରଣ ପରିପ୍ରେକ୍ଷାରେ ଏକଥା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ।

ଭାରତୀୟ ସଂସ୍କୃତିରେ ଯେକୌଣସି ମହତ୍ କାର୍ଯ୍ୟର ଶୁଭାରମ୍ଭ ହୁଏ, ଇଷ୍ଟ ଆରାଧନାରୁ ବା ଦେବଦେବୀ ପୂଜାରୁ, ଘର ନିର୍ମାଣ ଆଦ୍ୟରେ ଭୂମି ପୂଜା ହୁଏ। ବିବାହ ବନ୍ଧନରେ ଜୀବନ ନିର୍ବାହ କରିବା ପୂର୍ବରୁ ପୁରୋହିତ ମନ୍ତ୍ରୋଚ୍ଚାରଣ କରି ସୁଖଦ ଦାମ୍ପତ୍ୟ ଜୀବନ ପାଇଁ ଆଶୀର୍ବାଦ ଭିକ୍ଷା କରନ୍ତି। ହୀରାକୁଦ ବନ୍ଧ ନିର୍ମାଣ ବେଳେ ମଧ୍ୟ ପ୍ରଥମେ ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ନଡ଼ିଆ ଭଙ୍ଗା ହୋଇ ଭୂମି ପୂଜା ହୋଇଥିଲା। ଆଜିକାଲି ମଧ୍ୟ ରାଜନେତା ମାନେ ମନ୍ତ୍ରୀ ବା ସଭ୍ୟ ପଦ ମଣ୍ଡନ କରିବା ପୂର୍ବରୁ ଦେବଦେବୀ ଦର୍ଶନ କରି ଆଶିଷ ଭିକ୍ଷା କରନ୍ତି। କାର୍ଯ୍ୟର ଶୁଭାରମ୍ଭରେ ଏ ପ୍ରକାର ଇଷ୍ଟ ବନ୍ଦନା ମଙ୍ଗଳାଚରଣ ରୂପେ ଆଖ୍ୟାୟିତ ହୋଇଥାଏ। କାବ୍ୟ ରଚନା ଏକ ମହତ୍ କର୍ମ ହୋଇଥିବାରୁ ସର୍ବାଗ୍ରେ ଇଷ୍ଟ ଦେବ ଦେବୀଙ୍କ ସ୍ତୁତିଗାନ କରି ସଫଳ କାବ୍ୟ ସମାପ୍ତି ନିମିତ୍ତ ଆଶିଷ ଭିକ୍ଷା କରିବା ଏକ ସ୍ୱାଭାବିକ ପ୍ରକ୍ରିୟା, ଯାହାକୁ ସଂସ୍କୃତ ମହାକାବ୍ୟରେ ଆସୀନମସ୍କ୍ରୀୟା ବା ମଙ୍ଗଳ ଚରଣ କୁହାଯାଏ। ଏହା ଭାରତୀୟ ସାହିତ୍ୟର ଏକ ପ୍ରାଚୀନ ବିଧି। ସଂସ୍କୃତ ମହାକାବ୍ୟର ଅନୁସରଣରେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟଶିଳ୍ପୀମାନେ ମଧ୍ୟ କାବ୍ୟାରମ୍ଭରେ ମଙ୍ଗଳାଚରଣ କରିଥିବା ଜଣାଯାଏ। ମହାକବି ସାରଳା ଦାସଙ୍କ ଠାରୁ ଆରମ୍ଭ କରି ପଞ୍ଚସଖା ଓ ରୀତି କବି ଗଣ ଏହି ଧାରାକୁ ଅବଲମ୍ବନ କରି ଆସିଛନ୍ତି। ଏହି ପରମ୍ପରାରେ ଆଧୁନିକ କାବ୍ୟଶିଳ୍ପୀ ଗଙ୍ଗାଧର ମେହେର ନିଜ ପରମ୍ପରା ପ୍ରୀତିର ନିଦର୍ଶନ ସ୍ୱରୂପ କାବ୍ୟଗୁଡ଼ିକରେ ମଙ୍ଗଳାଚରଣ କରିଥିବା ଅନୁମିତ ହୁଏ। ସୂଚନାଯୋଗ୍ୟ ଯେ ରୀତି ଯୁଗୀୟ କାବ୍ୟଧାରାରେ ନୂତନତା ପ୍ରଦର୍ଶନ କରି କବିବର ରାଧାନାଥ ରାୟ ପାଶ୍ଚାତ୍ୟ କାବ୍ୟ ଶୈଳୀକୁ ଅନୁସରଣ କରିଥିବା ବେଳେ ଗଙ୍ଗାଧର ପ୍ରାଚୀନତା ଓ ଆଧୁନିକତାର ସଂଯୋଗ ସେତୁ ରୂପେ ମଙ୍ଗଳାଚରଣ କରିଥିଲେ ହେଁ କେବଳ ଇଷ୍ଟ ବନ୍ଦନା ନ କରି ତା ସହିତ ନୂତନ କାବ୍ୟାରମ୍ଭ ପ୍ରକ୍ରିୟା ସୃଷ୍ଟି କରିଛନ୍ତି। ଦେବ ଦେବୀଙ୍କ ଆଶୀର୍ବାଦ ପରି ପୂର୍ବସୂରୀଙ୍କ ସ୍ତୁତି ଗାନ ବା ଦେଶ ବନ୍ଦନାର ମହନୀୟତା ଗଙ୍ଗାଧରଙ୍କ କାବ୍ୟାରମ୍ଭରେ ପାଠକ ଅନୁଭବ କରିଥାଏ। ଏହା ଏକାଧାରରେ ପରମ୍ପରା ଓ ପୁରୋଦୃଷ୍ଟିର ସମନ୍ୱୟ ବୋଲି କୁହାଯାଇପାରେ।

ପୂର୍ବ ପ୍ରଚଳିତ ଓ ବହୁ ଜନାଦୃତ ରୀତିକୁ ପରବର୍ତ୍ତୀ କାଳର ସ୍ରଷ୍ଟା ଅନୁସରଣ ବା ଅବଲମ୍ବନ କରିବା ହେଉଛି ପରମ୍ପରା ବୋଧର ଦୃଷ୍ଟାନ୍ତ। ଏହା କବିର ଏକ ମୌଳିକ ଧର୍ମ ରୂପେ ପରିଗୃହୀତ ହୋଇଥାଏ। ଆଧୁନିକ କବି ଗଙ୍ଗାଧର ପରମ୍ପରା ବୋଧରେ ଅନୁପ୍ରାଣିତ ହୋଇ ସ୍ୱୀୟ ପ୍ରସିଦ୍ଧ କାବ୍ୟ ତପସ୍ୱିନୀରେ ମଙ୍ଗଳାଚରଣରୁ କାବ୍ୟର ଆରମ୍ଭ କରିଛନ୍ତି। ମାତ୍ର ଦେବୀ ବନ୍ଦନା କରିବା ଅବକାଶରେ ସେ ବାଗ୍‌ଦେବୀ ସରସ୍ୱତୀ ବା ଅଗ୍ର ପୂଜ୍ୟ ଦେବତା 'ଗଣେଶ'ଙ୍କ ବନ୍ଦନା ନ କରି ଭିନ୍ନ ରୀତି ଅବଲମ୍ବନ କରିଛନ୍ତି। ଏହା ତାଙ୍କର ପରମ୍ପରା ବୋଧରେ ପୁରୋଦୃଷ୍ଟିର ସଂଯୋଗ ବୋଲି ଅନୁଭବ କରିହୁଏ। ପରମ୍ପରା ବ୍ୟାହତ ନ ହେଉ, ମାତ୍ର ତହିଁରେ ସ୍ୱକୀୟତା ବା ସ୍ୱତନ୍ତ୍ରତାର ସଂକେତ ମଧ୍ୟ ଅବ୍ୟାହତ ରହୁ – ଏହା ହିଁ ସମ୍ଭବତଃ

କବିଙ୍କ ଉଦ୍ଦେଶ୍ୟ। ତେଣୁ ସେ - କିଏ ଗୋ ତୁ ଜ୍ୟୋତିର୍ମୟୀ,/ ଶୁଦ୍ଧ ଶୁଭ୍ରବେଶା/ ଇନ୍ଦ୍ର–ନୀଳ-ଦ୍ୟୁତି–ଜୀତ/ ମନୋହର କେଶା(୧) ବୋଲି ସମ୍ବୋଧନ କରି କେଉଁ ଦେବୀଙ୍କର ଦର୍ଶନ ବା ସାକ୍ଷାତ୍ ଲାଭ କରିଛନ୍ତି ତାହା ସ୍ପଷ୍ଟ କରି ନାହାଁନ୍ତି। ଆମ ଶାସ୍ତ୍ର ପରମ୍ପରାରେ ଜ୍ୟୋତିର୍ମୟୀ ନାମରେ କୌଣସି ଦେବୀ ଉପଲବ୍ଧ ହୁଅନ୍ତି ନାହିଁ। ତଥାପି ଗୌରୀ କୁମାର ବ୍ରହ୍ମାଙ୍କ ପରି କେତେକ ବିଦ୍ୱାନ, ସମୀକ୍ଷକ ଜ୍ୟୋତିର୍ମୟୀଙ୍କୁ ସରସ୍ୱତୀ ବୋଲି ଧରି ନେଇଛନ୍ତି। କଳା ସାଧନା ଓ କବିତ୍ୱ ଶକ୍ତି ପ୍ରଦାୟିନୀ ଦେବୀ ରୂପେ ସରସ୍ୱତୀ ସର୍ବତ୍ର ବିଦିତା। ମାତ୍ର କବି କ'ଣ ଏଠାରେ ସରସ୍ୱତୀଙ୍କ ସ୍ତୁତି ଗାନ କରିଛନ୍ତି? ନା ଆଉ କେଉଁ ଦେବୀଙ୍କ ରୂପ ଗୁଣର ବର୍ଣ୍ଣନା କରିଛନ୍ତି? ବିଶିଷ୍ଟ ଗଙ୍ଗାଧର ସାହିତ୍ୟ ସମୀକ୍ଷକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ନିଜସ୍ୱ ଦୃଷ୍ଟି କୋଣରୁ ବିଶ୍ଳେଷଣ କରି ଏହି ଜ୍ୟୋତିର୍ମୟୀ ବା ଆଲୋକମୟୀ ଦେବୀଙ୍କୁ ଯୋଗମାୟାଙ୍କ କଳ୍ପିତ ରୂପ ବା ବୈଷ୍ଣବୀ ସୀତାର ପ୍ରେମ ପ୍ରକଟ କାରିଣୀ ବିଷ୍ଣୁ ମାୟା ବୋଲି ଦର୍ଶାଇଛନ୍ତି।(୨) ତାଙ୍କରି କଳ୍ପନା ଶକ୍ତି ବଳରେ ଗ୍ରନ୍ଥର ପରିଣତିରେ ସୀତା ଦେଖି ପାରିଛନ୍ତି ଆଗାମୀ ଭବିଷ୍ୟତର ସୁଖଦ ଦୃଶ୍ୟ। ଏଠାରେ ସ୍ମରଣୀୟ ଯେ କବିବର ରାଧାନାଥ କଳ୍ପନା ଦେବୀଙ୍କୁ ସରସ୍ୱତୀଙ୍କ ପ୍ରିୟ ସଖୀ ରୂପେ ଚିତ୍ରଣ କରି ଚିଲିକାରେ ଲେଖିଛନ୍ତି - "ଧରନ୍ତି କଳ୍ପନା ନାମ ସେ ସୁନ୍ଦରୀ/ ବୀଣାପାଣିଙ୍କର ପ୍ରିୟ ସହଚରୀ"(୩)

ଅର୍ଥାତ୍ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କର ପ୍ରିୟ ସଖୀ ହେଉଛନ୍ତି କଳ୍ପନା। ସାଧାରଣତଃ କବି କାବ୍ୟ କଳ୍ପନା ଦ୍ୱାରା ତାହାର ରଚନାକୁ ମଞ୍ଜୁଳ ରୂପ ଦେଇଥାଏ। ତେଣୁ କଳ୍ପନା ଶକ୍ତି ଦାନ କରିବାର କ୍ଷମତା ସମ୍ପନ୍ନ କଳ୍ପନା ଦେବୀଙ୍କୁ ଗଙ୍ଗାଧର ଆରାଧନା କରି ନାହାଁନ୍ତି ତ? ଗଙ୍ଗାଧର ଥିଲେ ରାଧାନାଥଙ୍କ ଦୃଷ୍ଟିରେ ଓଡ଼ିଶାର କୋହିନୂର୍ ହୀରା। ଗଙ୍ଗାଧର ମଧ୍ୟ ରାଧାନାଥଙ୍କୁ କାବ୍ୟଗୁରୁ ରୂପେ ସ୍ୱୀକାର କରିଛନ୍ତି। ଉତ୍କଳଲକ୍ଷ୍ମୀରେ କବି ଲେଖିଛନ୍ତି - "କାବ୍ୟ ହିଁ ଗଲେଣି କାବ୍ୟ ରଚିବାକୁ ରାଧାନାଥ ନାମ ବହି/ ତାହାଙ୍କ ଭାରତୀ ବେଳେ ହେବ ଖ୍ୟାତ ଭାରତେ ଉତ୍କଳ ମହୀ।"(୪)

ତେବେ ଏ କଳ୍ପନା ଦେବି କିଏ? ଏ ପ୍ରଶ୍ନଟି ମନକୁ ଆନ୍ଦୋଳିତ କରେ। ପୃଥିବୀର ବିଭିନ୍ନ ଦେଶରେ କବି ଲେଖକମାନେ ସର୍ଜନଶୀଳତା ପାଇଁ ବିବିଧ ଦେବ ଦେବୀଙ୍କୁ ବନ୍ଦନା କରିଥିବା ଜଣାଯାଏ। ଗ୍ରୀସ୍‌ରେ ସ୍ୱପ୍ନ ଓ କଳ୍ପନାର ଦେବତା ହେଉଛନ୍ତି ମର୍‌ଫେୟସ୍ (Morpheus)। ହୋମରଙ୍କ ଇଲିଆଡ୍ ଓ ଓଭିଡ୍‌ଙ୍କ ମେଟାମର୍ଫସିସ୍‌ରେ ଦେବତା ମର୍‌ଫେୟସ୍‌ଙ୍କ କଥା ଉଲ୍ଲିଖିତ। ତାଙ୍କୁ ଦେବତାର ସନ୍ଦେଶ ବାହକ ଦେବଦୂତ ବୋଲି ଗଣନା କରାଯାଏ। ଏ ପ୍ରସଙ୍ଗରେ ଇଣ୍ଟରନେଟ୍‌ରୁ ଉପଲବ୍ଧ ତଥ୍ୟ ଅନୁଯାୟୀ କୁହାଯାଇଛି – "Morpheus, The primordial Greek god of dreams. XXX Morpheus was the dream messenger of the gods, communicating the divine message through Image and stories created as dreams"(୫) ବସ୍ତୁତଃ ଭାରତୀୟ ଲୋକବିଶ୍ୱାସରେ ଈଶ୍ୱରଙ୍କ ସ୍ୱପ୍ନାଦେଶ ପରି ମର୍‌ଫେୟସ ଈଶ୍ୱରଙ୍କ ବାର୍ତ୍ତାକୁ ସ୍ୱପ୍ନ ମାଧ୍ୟମରେ ପରିବେଷଣ କରନ୍ତି। ଭାରତୀୟ ସରସ୍ୱତୀଙ୍କ ପରି ରୋମ୍‌ର ବିଦ୍ୟାଦାୟିନୀ ଦେବୀ ହେଉଛନ୍ତି ମିନେର୍ଭା (Minerva) ସେହିପରି ଆୟାରଲାଣ୍ଡର କବିମାନେ ବ୍ରିଜିଡ୍(Brigid)ଙ୍କୁ ସର୍ଜନର ଦେବୀ ରୂପେ ଉପାସନା କରିଥାନ୍ତି। ସୁତରାଂ ପୃଥିବୀର ବିଭିନ୍ନ ଦେଶରେ କାବ୍ୟକର୍ତ୍ତା ମାନେ ନିଜ ସର୍ଜନଶୀଳତାର ସଫଳତାପାଇଁ ଦେବଦେବୀଙ୍କୁ ବନ୍ଦନା କରିଥିବା କଥା ସୁନିଶ୍ଚିତ। କିନ୍ତୁ ଗଙ୍ଗାଧରଙ୍କ ତପସ୍ୱିନୀରେ ବର୍ଣ୍ଣିତ ଜ୍ୟୋତିର୍ମୟୀ କିଏ ହୋଇ ପାରନ୍ତି? ସରସ୍ୱତୀ? ଯୋଗମାୟା? କଳ୍ପନା ସୁନ୍ଦରୀ? ନା ଆଉ କେଉଁ ଦେବୀ? ଏ ପ୍ରଶ୍ନର ଉତ୍ତର ମିଳେ କାବ୍ୟର ଉପସଂହାରରେ ଯେତେବେଳେ ନିଦ୍ରା ଦେବୀ ଓ ଯୋଗମାୟା ଉଭୟ ସୀତାଙ୍କ କୁଟୀରକୁ ଯାଇଛନ୍ତି ସେତେବେଳେ ସ୍ୱୟଂ ସୀତା ହୋଇ ଯାଇଛନ୍ତି ଜ୍ୟୋତିର୍ମୟୀ। କବିଙ୍କ ଭାଷାରେ- "ଏବେ ଯାଉଁ ବେଗେ ଦୁହେଁ ସତୀ ସନ୍ନିକଟ/ କରି ଦେବା ତା ଭବିଷ୍ୟ ରହସ୍ୟ-ପ୍ରକଟ/ ନିଦ୍ରା ସହ ଯୋଗମାୟା ଆସିଲେ ସତ୍ୱରେ/ ପଶିଲେ ଜାନକୀ ପର୍ଣ୍ଣ କୁଟୀର ଭିତରେ/ ସ୍ୱର୍ଗୀୟ ଜ୍ୟୋତିରେ ହେଲା କାନନ ଉଜ୍ଜ୍ୱଳ/ ସ୍ୱର୍ଗୀୟ ସୌରଭେ ପୂର୍ଣ୍ଣ ହେଲା ମହୀତଳ/ ସୌରଭେ ଜାନକୀ ପ୍ରାଣ ହେଲା ପୁଲକିତ/ ପ୍ରଭା ପ୍ରଭାବରେ ହେଲା ନେତ୍ର ନିମୀଳିତ/ ଦିଶିଲା ଜାନକୀ ହୋଇଛନ୍ତି ଜ୍ୟୋତିର୍ମୟୀ/ ତାଙ୍କ ଜ୍ୟୋତି ଆଲୋକିତ କରୁଅଛି ମହୀ।"(୬)

ଅତଏବ ଯେଉଁ ଜ୍ୟୋତିର୍ମୟୀଙ୍କୁ କାବ୍ୟର ଆଦ୍ୟରେ କବି କଳ୍ପନା ଚକ୍ଷୁରେ ଦେଖିଛନ୍ତି ଏବଂ ଚିହ୍ନି ନ ପାରି 'କିଏ ଗୋ ତୁ' ବୋଲି ପଚାରିଛନ୍ତି, ସେହି ଦେବୀ ଆଉ କେହି ନୁହଁନ୍ତି, ସେ ହୁଏତ ସୀତାଙ୍କ ରୂପାନ୍ତର। ସୀତା ନିଜେ କବିଙ୍କ ଆଗରେ ଜ୍ୟୋତିର୍ମୟୀ ରୂପେ ଉଭାସିତ ହୋଇ ନିଜକଥା ଶୁଣାଇଛନ୍ତି, ଠିକ୍ ଯେପରି ବାଲ୍ମୀକି ଆଶ୍ରମରେ ମୁନିକନ୍ୟାଙ୍କ ଆଗରେ ନିଜ ଜୀବନ କଥା ବଖାଣିଥିଲେ। ବାସ୍ତବତା ଏହି ଯେ ଗଭୀର ମନୋନିବେଶ କରି କବି ରାମାୟଣର ଉତ୍ତର ଭାଗର କାହାଣୀକୁ କାବ୍ୟରୂପ ଦେଲାବେଳେ ତାଙ୍କ ଚେତନାରେ ସୀତା ଏପରି ଆଚ୍ଛନ୍ନ ହୋଇଛନ୍ତି ଯେ ସେ ତାଙ୍କୁ ଏକ ଦେବୀ ରୂପେ ଜ୍ୟୋତିର୍ମୟୀ ରୂପରେ ପ୍ରତ୍ୟକ୍ଷ କରିଛନ୍ତି। ମନୋରାଜ୍ୟର ଭାବନା ଆଖିରେ ଉଭାସିତ ହୁଏ ବୋଲି ବିଜ୍ଞାନ ସମର୍ଥନ କରେ। ଆମେ ମନରେ ମାମୁଁ ଘର କଥା ଭାବିଲେ ଆମ ଆଗରେ ମାମୁଁ ଘରର ଚିତ୍ର ଉଭାସିତ ହୋଇଯାଏ। ଠିକ୍ ସେହିପରି ଗଙ୍ଗାଧରଙ୍କ ଚେତନାର ଦିବ୍ୟ ପ୍ରତିମୂର୍ତ୍ତି ସୀତା, ଜ୍ୟୋତିର୍ମୟୀ ରୂପ ନେଇଥିବା ମନେହୁଏ। ବର୍ଣ୍ଣ ଦୃଷ୍ଟିରୁ ମଧ୍ୟ ସୀତା ଦେବୀ ସ୍ୱରୂପା। ତାଙ୍କ ଶରୀର କୌମୁଦୀର ଘନୀଭୂତ ରୂପ ହେବା ସମ୍ଭବ। ସେଥି ପାଇଁ ତ ମୁନିକନ୍ୟାମାନେ

ଯେତେବେଳେ ସୀତାଙ୍କୁ ଦର୍ଶନ କରିଥିଲେ, ସେମାନେ ଭାବୁଥିଲେ- "ସ୍ୱର୍ଗପୁରୁ କେଉଁ ଦେବୀ କି ସଦ୍ୟ ଶାପର ଫଳେ/ ସ୍ୱଦେହରେ ଖସି ପଡ଼ିଛି ଆସି ଅବନୀ ତଳେ?"

ପୁଣି ମୁନିକନ୍ୟାଟିଏ ବାଲ୍ମୀକିଙ୍କୁ ଜଣାଇଛି- "ଚିନ୍ତାଇ ଦେଉଛି ବାସକୁ ତା'ର ନୟନ ବାରି/ ଦେବୀ କି ମାନବୀ ସହଜେ ହେଉ ନାହିଁ ତ ବାରି"(୭)

ମୁନିକନ୍ୟାମାନଙ୍କ ସାମୂହିକ ଅନୁଭବରେ ଯେଉଁ ସୀତା ଦେବୀ ସୁଲଭ ଦିବ୍ୟ ନାରୀ ସତ୍ତା, କବି ଗଙ୍ଗାଧରଙ୍କ ମାନସପଟ୍ଟରେ ସିଏ ଜ୍ୟୋତିର୍ମୟୀ ସ୍ୱରୂପ ଧାରଣ କରି ବିବିଧ ରତ୍ନ ଅଳଙ୍କାରରେ ବିଭୂଷିତା ହେବା କିଛି ବିଚିତ୍ର ନୁହେଁ। ବସ୍ତୁତଃ ଗ୍ରନ୍ଥ କଥା ବସ୍ତୁର ପରିଣତିରେ ଯେଉଁ ସୀତା ଜ୍ୟୋତିର୍ମୟୀ ରୂପେ ବର୍ଣ୍ଣିତ, ସେହି ସୀତା ହିଁ କବିଙ୍କ ମଙ୍ଗଳାଚରଣର ଜ୍ୟୋତିର୍ମୟୀ ଦେବୀ – ଏଥିରେ ସନ୍ଦେହ ନାହିଁ। ଗଙ୍ଗାଜଳରେ ଗଙ୍ଗାଙ୍କୁ ତର୍ପଣ କଲା ପରି କବି ସୀତା ଦେବୀଙ୍କ ଆଶୀର୍ବାଦରେ ତାଙ୍କ କଥା ପ୍ରତ୍ୟକ୍ଷାନୁଭୂତି ପରି ମାର୍ମିକ ରୂପେ ଲେଖିବାକୁ ହୋଇଛନ୍ତି ସମର୍ଥ। ଭାରତୀୟ ଅବତାରବାଦ୍ ଦୃଷ୍ଟିରୁ ଦେଖିଲେ, ରାମଚନ୍ଦ୍ର ବିଷ୍ଣୁଙ୍କ ସପ୍ତମ ଅବତାର। ସୁତରାଂ ରାମ ବିଷ୍ଣୁ ଅଂଶୀ ହେଲେ ସୀତା ହେଲେ ବୈଷ୍ଣବୀ ଶକ୍ତି। ତାଙ୍କର ଜ୍ୟୋତିର୍ମୟୀ ରୂପର ବର୍ଣ୍ଣନା କରି କବି ପ୍ରାଣ ପ୍ରଫୁଲ୍ଲିତ ହୋଇଛି ଏବଂ ସେ ବୈଷ୍ଣବୀ ସୀତାଙ୍କ ବାଲ୍ମୀକି ଆଶ୍ରମସ୍ଥ ତପସ୍ୱିନୀ ଜୀବନର ଚିତ୍ରାଙ୍କନ କରିଛନ୍ତି ବୋଲି ବିଶ୍ୱାସ ହୁଏ।

କବି ଗଙ୍ଗାଧରଙ୍କ କାବ୍ୟ ରଚନାର ପ୍ରଥମ ସ୍ମାରକୀ ହେଉଛି 'ରସରତ୍ନାକର'। ଏହି ରଚନାରୁ ଆଦ୍ୟ କବି ଜୀବନରେ ତାଙ୍କର ପ୍ରାଚୀନତା ପ୍ରତି ଅନୁରାଗ ଆକଳନ କରିହୁଏ। 'ର' ଆଦ୍ୟ ପ୍ରାନ୍ତ ଅକ୍ଷର ନିୟମରେ ରଚିତ ଏହି କାବ୍ୟ ରୀତି ଯୁଗୀୟ କାବ୍ୟ ଶୈଳୀର ନିଦର୍ଶନ। ଏହି କାବ୍ୟର ଆଦ୍ୟରେ କବି ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କୁ ସ୍ତୁତି କରି ମଙ୍ଗଳାଚରଣ କରିଥିବା ପରିଲକ୍ଷିତ ହୁଏ। ରାମଙ୍କ କରୁଣା ଭିକ୍ଷା କରି କବି ଲେଖିଛନ୍ତି – "ରଘୁନାଥ ଇନ୍ଦୀବର ନେତ୍ର ମନୋହର/ ରସା ସୁତା ହୃଦ ଜୀବଞ୍ଜୀବ ସୁଧାକର/ XXX /ରଚିବାକୁ ଗୀତ ଚିତ୍ତ ବଳିଅଛି ମୋର/ ରମେଶ କରୁଣା ବହି ବାଞ୍ଛା ପୂର୍ଣ୍ଣ କର।"(୮)

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପରି ସମ୍ଭବତଃ ରାମଚନ୍ଦ୍ର ହିଁ କବିଙ୍କ ପ୍ରିୟ ଆରାଧ୍ୟ ଦେବତା। ତାଙ୍କର ଆଦର୍ଶ ଜୀବନ ଗାଥାକୁ ନେଇ କବି ଇନ୍ଦୁମତୀ, ତପସ୍ୱିନୀ, ଅଯୋଧ୍ୟା ଦୃଶ୍ୟ, ଅହଲ୍ୟା ସ୍ତବ ସମେତ ହିନ୍ଦୀ ରାମାୟଣର କେତେକାଂଶ ଅନୁବାଦ ମଧ୍ୟ କରିଛନ୍ତି। ସୁତରାଂ ସେ ରାମ ଭକ୍ତ ନିଶ୍ଚୟ। ରାମଙ୍କ କୃପା ଲାଭ କରି ତେଣୁ ଆଦ୍ୟ କାବ୍ୟରେ କବି ଯୋଡ଼ହସ୍ତ ହୋଇ ମନୋବାଞ୍ଛା ପୂର୍ଣ୍ଣ କରିବାକୁ ଆଶିଷ ଭିକ୍ଷା କରିବା ସ୍ୱାଭାବିକ। ଅନୁରୂପ ଭାବେ କବି ପଦ୍ମିନୀ କାବ୍ୟର ଆଦ୍ୟରେ ବାଗ୍‌ଦେବୀ ସରସ୍ୱତୀଙ୍କୁ ବନ୍ଦନା କରିଛନ୍ତି। ସରସ୍ୱତୀ ଜ୍ଞାନ ରୂପୀ ଆଲୋକ ପ୍ରଦାୟିନୀ ଦେବୀ। ଆନୁଷ୍ଠାନିକ ଭାବେ ସ୍ୱଳ୍ପ ଶିକ୍ଷା ଲାଭ କରିଥିବା କବି ତେଣୁ ନିଜ ଅଜ୍ଞାନ ଅନ୍ଧକାରକୁ ଦୂରୀଭୂତ କରି କାବ୍ୟ ରଚନାର ସାମର୍ଥ୍ୟ ପ୍ରଦାନ କରିବାକୁ ତାଙ୍କୁ ନିବେଦନ କରି କହିଛନ୍ତି- "ଜ୍ଞାନାଲୋକ ପ୍ରଦାୟିନୀ ଭାସ୍ୱତୀ ଭାରତୀ/ ତୋର ଦତ୍ତ ଜ୍ଞାନ ଦୀପେ ହୁଏ ତୋ ଆରତୀ/ ଯେଉଁ ରୂପେ କରିଥାନ୍ତି ସାଗର ତର୍ପଣ/ ସାଗର ସଲିଳ କରି ସାଗରେ ଅର୍ପଣ/ ପବିତ୍ର ଆସନ ତୋର ପ୍ରତିଭା – ପଦ୍ମିନୀ/ ବିକାଶେ ବିନାଶ ହେଲେ ଅଜ୍ଞତା ଯାମିନୀ ।"(୯)

ଅଜ୍ଞାନତାର ଅନ୍ଧକାର ଦୂର କରି ପ୍ରତିଭା ରୂପକ ପଦ୍ମ ପ୍ରସ୍ଫୁଟନ କରିବାରେ ଦେବୀ ସରସ୍ୱତୀ ସମର୍ଥା। ତେଣୁ କବି ପଦ୍ମିନୀ କାବ୍ୟର ଅଗ୍ରଭାଗରେ ପ୍ରତିଭା ପଦ୍ମିନୀର ବିକାଶ ପାଇଁ ତାଙ୍କୁ ସ୍ତୁତି କରିଛନ୍ତି। ଉପରୋକ୍ତ ତିନି କାବ୍ୟ (ରସରତ୍ନାକର, ତପସ୍ୱିନୀ, ପଦ୍ମିନୀ)ରେ ମଙ୍ଗଳାଚରଣ ପ୍ରସଙ୍ଗରେ କବି ଦେବ ଦେବୀଙ୍କୁ ସ୍ତୁତି କରିଥିବା ବେଳେ ବିଶିଷ୍ଟ ପୌରାଣିକ କାବ୍ୟ 'ପ୍ରଣୟବଲ୍ଲରୀ'ରେ ପୂର୍ବସୂରୀ କବି ପ୍ରତିଭା ତଥା ବାଗଦେବୀଙ୍କ ବିଖ୍ୟାତ ବରପୁତ୍ରମାନଙ୍କୁ ବନ୍ଦନା କରି କାବ୍ୟାରମ୍ଭ କରିଛନ୍ତି। ଯଥା –"ଜୟ ବେଦବ୍ୟାସ ଜୟ କାଳିଦାସ/ ଭାରତୀ ପ୍ରିୟ ନନ୍ଦନ/ ତୁମ୍ଭେ ଜ୍ଞାନ ଗୁରୁ କବି ମଣ୍ଡଳୀର/ ଲଲାଟ ଶୋଭି ଚନ୍ଦନ/ XXX/ ଯେଉଁ ପଥେ ଗମି ଭ୍ରମିଛ ଗୁରୁ ହେ/ ଭାରତୀ କୁସୁମ ବନେ/ ସେହି ପଥେ ଚାଲି ତୋଳିବି କୁସୁମ/ ପଡ଼ିବ ଯେତେ ନୟନେ"(୧୦)

ବାଣୀ ବନ୍ଦନା ଓ ବାଣୀ ପୁତ୍ରଙ୍କ ବନ୍ଦନା ପରି ଦେଶ ବନ୍ଦନା କରି କବି ଉତ୍କଳଲକ୍ଷ୍ମୀର କାବ୍ୟାରମ୍ଭ କରିଛନ୍ତି। ଦେଶ ମାତୃକାର ସ୍ତୁତି ଓ ମହାନତାକୁ ସ୍ମରଣ କରି ସ୍ୱଦେଶ ପ୍ରୀତିରେ ଉଚ୍ଛ୍ୱସିତ ହେବା ପରମ୍ପରାପ୍ରେମୀ କବିର ଅନ୍ୟତମ ଲକ୍ଷ୍ୟ। ଏହା ମଧ୍ୟ ଗୋଟିଏ ଦୃଷ୍ଟିରୁ ମଙ୍ଗଳାଚରଣ ରୀତି। ଏହି ରୀତିରେ କବି ଉତ୍କଳ ଲକ୍ଷ୍ମୀଙ୍କୁ ଜଗତର ଶ୍ରେଷ୍ଠ ସୌନ୍ଦର୍ଯ୍ୟମୟୀ ଦେବୀ ସତ୍ତା ରୂପେ ଉପସ୍ଥାପନା କରିଛନ୍ତି। ରାଧାନାଥ ଚିଲିକା କାବ୍ୟର ଆଦ୍ୟରେ "ଉତ୍କଳ କମଳା ବିଳାସ ଦୀର୍ଘିକା" କହିଲା ପରି କବି 'କମଳା'ଙ୍କ ପ୍ରତିଶବ୍ଦ 'ଲକ୍ଷ୍ମୀ' ପଦ ବ୍ୟବହାର କରି ଲେଖିଛନ୍ତି – "ଜୟ ଗୋ ଉତ୍କଳ ଲକ୍ଷ୍ମୀ ଏକମାତ୍ର/ ସୁନ୍ଦରୀ ତୁ ବସୁଧାରେ/ ପ୍ରାକୃତିକ ଶୋଭା ରାଶି ରହିଛନ୍ତି/ ତୋ ଅଙ୍ଗରେ ଏକାଧାରେ।"(୧୧)

ଚିଲିକା ଓ ଉତ୍କଳ ଲକ୍ଷ୍ମୀ ଉଭୟ ଜାତୀୟ ଚେତନା ମୂଳକ କାବ୍ୟ। ଏଣୁ ଏଠାରେ ଜାତି ପ୍ରୀତିର ନିଦର୍ଶନ ସ୍ୱରୂପ ଉତ୍କଳ ଲକ୍ଷ୍ମୀଙ୍କୁ ବିଶ୍ୱର ଶ୍ରେଷ୍ଠ ସୁନ୍ଦରୀ ରୂପେ ଆଖ୍ୟାୟିତ କରିବା ବେଶ୍ ସୁସଙ୍ଗତ ହୋଇଛି। ତେବେ କବିଙ୍କର 'କୀଚକ ବଧ' ଓ 'ଅଯୋଧ୍ୟା ଦୃଶ୍ୟ' କାବ୍ୟରେ ସିଧା ସଳଖ ବିଷୟ ବସ୍ତୁର ଅୟମାରମ୍ଭ କରାଯାଇଥିଲେ ହେଁ ନଗର ବର୍ଣ୍ଣନାର ରମଣୀୟତା ଉଭୟ କାବ୍ୟର ଆଦ୍ୟରେ ପ୍ରକଟିତ। 'କୀଚକ ବଧ'ରେ - "ବିରାଟ ନଗର ମହୀ ମଧ୍ୟେ ମନୋହର/ ବିଶ୍ୱ ମନୋରମା ରାମା ଦେବୀ କେଳି ଘର।"(୧୨) ବୋଲି ଉଲ୍ଲେଖ କରି କବି ବିରାଟ ନଗ୍ରର ସୌନ୍ଦର୍ଯ୍ୟ ପ୍ରତିପାଦନ କରିଥିବା ବେଳେ ଅଯୋଧ୍ୟା ଦୃଶ୍ୟରେ ରାମଙ୍କ ରାଜା ହେବାର ସମ୍ବାଦ ଅଯୋଧ୍ୟା ବାସୀଙ୍କୁ କିପରି ଉଲ୍ଲସିତ କରିଛି ତାହା ଦର୍ଶାଇ କବି

ଲେଖିଛନ୍ତି –"ରାମ ରାଜା ହେବେ ବୋଲି ଅଯୋଧ୍ୟା ନିବାସୀ/ ଆନନ୍ଦ -ସରିତ -ସ୍ରୋତେ ଯାଉଛନ୍ତି ଭାସି/ ଦ୍ୱାରେ ଦ୍ୱାରେ ରମ୍ଭା ତରୁ ହୋଇଛି ପ୍ରୋଥିତ/ ଲମ୍ବିଛି କୁସୁମ ମାଳ ହୋଇ ସୁଗ୍ରଥିତ।"(୧୩)

ଉପରୋକ୍ତ ଦୁଇ କାବ୍ୟରେ ପାରମ୍ପରିକ ମଙ୍ଗଳାଚରଣ ନାହିଁ ସତ, କିନ୍ତୁ ନଗ୍ର ବର୍ଣ୍ଣନାର ରମଣୀୟତା ଫୁଟି ଉଠିଛି। ସେହିପରି କବିଙ୍କ 'ଇନ୍ଦୁମତୀ' କାବ୍ୟରେ ବିନା ମଙ୍ଗଳାଚରଣରେ କବି ବସ୍ତୁ ନିର୍ଦ୍ଦେଶ ବା ବିଷୟ ବସ୍ତୁର ପୂର୍ବାଭାସ ଦେଇଛନ୍ତି। କବିଙ୍କ ଭାଷାରେ –"ବିଦର୍ଭ ନଗରେ ପୁରୋବାସୀ ଗଣ/ ଆଜି ଅତି ଉଲ୍ଲସିତ/ ଆନନ୍ଦ ସାଗର ତରଙ୍ଗେ ନଗର/ ହୋଇଛି ଉଦବେଳିତ/ ବିଦର୍ଭାଧିପତି ଅନୁଜ୍ଞା ନିମନ୍ତେ/ କରିଛନ୍ତି ସ୍ୱୟଂବର/ ସମାଗତ ହୋଇ ଅଛନ୍ତି ଅନେକ/ ଦେଶର ନୃପ କୁମର।"(୧୪)

ଅଯୋଧ୍ୟା ଦୃଶ୍ୟରେ ରାମାଭିଷେକପାଇଁ ନଗରର ସାଜସଜ୍ଜା ଓ ଅଧିବାସୀମାନଙ୍କର ଆନନ୍ଦ ଉଚ୍ଛ୍ୱାସ ଯେପରି ବର୍ଣ୍ଣିତ ଏହି କାବ୍ୟରେ ବିଦର୍ଭ ରାଜାଙ୍କର ଭଗ୍ନୀ ଇନ୍ଦୁମତୀଙ୍କ ବିବାହ ନିମନ୍ତେ ନଗ୍ର ଓ ପୁରୋବାସୀ ହୋଇ ଉଠିଛନ୍ତି ଉଲ୍ଲସିତ। ସୁତରାଂ 'କୀଚକ ବଧ', ଇନ୍ଦୁମତୀ ଓ ଅଯୋଧ୍ୟା ଦୃଶ୍ୟରେ ନଗ୍ର ଶୋଭା ବର୍ଣ୍ଣନାଜନିତ ରମଣୀୟ ବାତାବରଣର ମଙ୍ଗଳାଚରଣ କରାଯାଇଛି ବୋଲି କୁହାଯାଇପାରେ। ମଧ୍ୟ ଯୁଗୀୟ ଓଡ଼ିଆ କାବ୍ୟରେ ଆଡ଼ମ୍ବରପୂର୍ଣ୍ଣ ନଗର ବର୍ଣ୍ଣନା ଯେପରି ରହିଥିଲା, ଗଙ୍ଗାଧର ଏହି ତିନି କାବ୍ୟରେ ସେହି ରୀତି ଅବଲମ୍ବନ କରିଥିବା ଅନୁମିତ ହୁଏ। ଭଞ୍ଜ ତାଙ୍କ ଲାବଣ୍ୟବତୀରେ ସିଂହଳ ଦ୍ୱୀପର ଯେପରି ବର୍ଣ୍ଣନା କରି ଲେଖିଛନ୍ତି " ଶୁଣ ହେ ସୁଜନେ ରସ କର୍ଣ୍ଣ ମନଲୋଭା/ ରତ୍ନାକର ମଧ୍ୟରେ ସିଂହଳ ଦ୍ୱୀପ ଶୋଭା ଯେ/ କହିବାର ନୁହେଁ ସେ କଟକ ଛଟକକୁ/ ରତ୍ନ ଝଟକରେ ହସେ ଆନ କଟକକୁ ଯେ।" (୧୫)

ସିଂହଳ ଦ୍ୱୀପ ଲାବଣ୍ୟବତୀର ଜନ୍ମସ୍ଥଳୀ। ସେଠି ସବୁଯାକ ସୁନ୍ଦର ଓ ମନୋହର। ସେ ରାଜ୍ୟରେ ଧନୀ ଅଛନ୍ତି, ଦାନୀ ବି ଅଛନ୍ତି। ଏପରିକି ସିଂହଳ ଦ୍ୱୀପର ଶୁଆଶାରୀମାନେ ମଧ୍ୟ କଣ୍ଠ ପରିଷ୍କାର କରିବା ପାଇଁ ପାନ ଓ ଲବଙ୍ଗ ଭକ୍ଷଣ କରୁଥିବାର ବର୍ଣ୍ଣନା କବି କରିଛନ୍ତି। ଅତିରଞ୍ଜନର ଚିତ୍ର ରହିଥିଲେ ହେଁ ଏଠି କବି କଳ୍ପନା ଅତ୍ୟନ୍ତ ଆମୋଦକର ଓ ଚିତ୍ତ ଉଲ୍ଲାସକ। ସ୍ୱଭାବକବି ଗଙ୍ଗାଧର ସମ୍ଭବତଃ ଭଞ୍ଜଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ତାଙ୍କର ଉପରୋକ୍ତ ତିନି କାବ୍ୟରେ ନଗର ବର୍ଣ୍ଣନାର ଚମତ୍କାରିତା ପ୍ରଦର୍ଶନ କରିଛନ୍ତି।

କବି ଗଙ୍ଗାଧର କାବ୍ୟ ପରମ୍ପରାର ସ୍ତାବକ ଓ ବାହକ। କାବ୍ୟ ରଚନାର ଆଦ୍ୟରେ ମଙ୍ଗଳାଚରଣ ହେଉ ବା ନଗର ବର୍ଣ୍ଣନା ହେଉ, ସବୁଠି କବି ପରମ୍ପରା ରକ୍ଷା କରିଛନ୍ତି ଓ ସ୍ୱକୀୟତା ମଧ୍ୟ ପ୍ରଦର୍ଶନ କରିଛନ୍ତି। କୀଚକ ବଧ କାବ୍ୟ ଉପରେ ମନ୍ତବ୍ୟ ଦେଇ ରାଧାନାଥ କହିଥିଲେ – "ପୁରାତନରେ ନୂତନତା ଏବଂ ଆହୃତରେ ମୌଳିକତା ପ୍ରତିଫଳିତ କରିବାର ପ୍ରତିଭାର ବିଧି ପ୍ରତିପାଦିତ ଅଧିକାର ଅଟେ।"(୧୬) ସେ ଦୃଷ୍ଟିରୁ ପରମ୍ପରାର ଆହରଣ ଓ ତହିଁରେ ମୌଳିକତା ପ୍ରତିପାଦନ କବି ଗଙ୍ଗାଧରଙ୍କ ପ୍ରତ୍ୟେକ କାବ୍ୟାରମ୍ଭ ବା ମଙ୍ଗଳାଚରଣ ପ୍ରକ୍ରିୟାରେ ଅବଶ୍ୟ ଅନୁଭୂତ ହୋଇଥାଏ। ରୀତି କବି ଉପେନ୍ଦ୍ର ଭଞ୍ଜ ଓ ଆଧୁନିକ କବି ରାଧାନାଥ ଉଭୟଙ୍କ ଚିନ୍ତାଧାରା ଓ କାବ୍ୟ ଶୈଳୀ ଗଙ୍ଗାଧରଙ୍କୁ ଅନୁପ୍ରାଣିତ କରିଥିଲେ ମଧ୍ୟ ତାଙ୍କର ମୌଳିକତା ତଥା ସ୍ୱକୀୟ କାବ୍ୟ କଳ୍ପନା କଦାପି ବ୍ୟାହତ ହୋଇନାହିଁ। ଗଙ୍ଗାଧରଙ୍କ କାବ୍ୟରେ ମଙ୍ଗଳାଚରଣ ପରିପ୍ରେକ୍ଷାରେ ଏକଥା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ।

ପୃଷ୍ଠଟୀକା:

୧. ମେହେର, ଗଙ୍ଗାଧର। ତପସ୍ୱିନୀ। ଗଙ୍ଗାଧର ଗ୍ରନ୍ଥାବଳୀ। ପୃଷ୍ଠା-୦୧

୨. ଉଦ୍‌ଗାତା, ଗୋବିନ୍ଦ ଚନ୍ଦ୍ର। କାବ୍ୟଶିଳ୍ପୀ ଗଙ୍ଗାଧର। ୧୯୯୨। ସରସ୍ୱତୀ ଉଦ୍‌ଗାତା,ସମ୍ବଲପୁର। ପୃଷ୍ଠା,୦୬

୩. ରାୟ, ରାଧାନାଥ। ଚିଲିକା। ପୃଷ୍ଠା-୦୩

୪.ମେହେର, ଗଙ୍ଗାଧର। ଉତ୍କଳ ଲକ୍ଷ୍ମୀ। ଗଙ୍ଗାଧର ଗ୍ରନ୍ଥାବଳୀ। ପୃଷ୍ଠା ସଂଖ୍ୟା - ୧୮୫

୫. Internet, krewe of Morpheus.clubex-press.comରେ ଉପଲବ୍ଧ।

୬. ତପସ୍ୱିନୀ, ୧୧ମ ସର୍ଗ ଗ୍ରନ୍ଥାବଳୀ। ପୃଷ୍ଠା -୫୦

୭. ତପସ୍ୱିନୀ, ୨ୟ ସର୍ଗ, ଗ୍ରନ୍ଥାବଳୀ। ପୃଷ୍ଠା -୦୬

୮. ରସ ରତ୍ନାକର, ୧ମ ଛାନ୍ଦ, ଗ୍ରନ୍ଥାବଳୀ। ପୃଷ୍ଠା -୪୩୦

୯. ପଦ୍ମିନୀ, ୧ମ ସର୍ଗ, ଗ୍ରନ୍ଥାବଳୀ। ପୃଷ୍ଠା - ୩୦୧

୧୦. ପ୍ରଣୟ ବଲ୍ଲରୀ, ୧ମ ସର୍ଗ, ଗ୍ରନ୍ଥାବଳୀ। ପୃଷ୍ଠା-୫୬

୧୧. ଉତ୍କଳ ଲକ୍ଷ୍ମୀ, କାବ୍ୟାରମ୍ଭ, ଗ୍ରନ୍ଥାବଳୀ। ପୃଷ୍ଠା-୧୭୯

୧୨. କୀଚକ ବଧ, ପ୍ରଥମ ସର୍ଗ, ଗ୍ରନ୍ଥାବଳୀ। ପୃଷ୍ଠା -୧୨୧

୧୩. ଅଯୋଧ୍ୟା ଦୃଶ୍ୟ, ପ୍ରଥମ ସର୍ଗ, ଗ୍ରନ୍ଥାବଳୀ। ପୃଷ୍ଠା -୧୯୭

୧୪. ଇନ୍ଦୁମତୀ, ପୂର୍ବ ଭାଗ, ଗ୍ରନ୍ଥାବଳୀ। ପୃଷ୍ଠା-୧୫୭

୧୫. ଭଞ୍ଜ, ଉପେନ୍ଦ୍ର। ଲାବଣ୍ୟବତୀ। ଦ୍:୨ୟ ଛାନ୍ଦ

୧୬. ଦ୍ରଷ୍ଟବ୍ୟ କୀଚକ ବଧ ଆଦ୍ୟରେ ରାଧାନାଥଙ୍କ ମନ୍ତବ୍ୟ।

(ପ୍ରଦତ୍ତ ଉଦାହରଣ ଗୁଡ଼ିକ ଡ. ନଗେନ୍ଦ୍ର ନାଥ ପ୍ରଧାନ ସମ୍ପାଦିତ ଗଙ୍ଗାଧର ଗ୍ରନ୍ଥାବଳୀ, ନୂତନ ମୁଦ୍ରଣ, ଧର୍ମଗ୍ରନ୍ଥ ଷ୍ଟୋର, ୧୯୮୪ ରୁ ପରିଗୃହୀତ)

ALOCHANA
ସମାଲୋଚନା
ନୂ ଆ ଫ ର୍ଦ୍ଧ
ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal
OPEN ACCESS
https://bageesha.in

ଫୁକୋଙ୍କ କ୍ଷମତା ସଂରଚନା ପରିପ୍ରେକ୍ଷୀରେ ରମେଶ ପାଣିଗ୍ରାହୀଙ୍କ 'ମହାନାଟକ'

■ ଡ. ରବୀନ୍ଦ୍ର କୁମାର ଦାସ
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

ମୂଳ ଶବ୍ଦ: ମହାନାଟକ, ରମେଶ ପାଣିଗ୍ରାହୀ, ନାଟକର ଶୈଳୀ, ଫୁକୋ, କ୍ଷମତା ସଂରଚନା ତତ୍ତ୍ୱ, ଫୁକୋକର କ୍ଷମତା ତତ୍ତ୍ୱ, ନାଟ୍ୟକାର

ABSTRACT

'ମହାନାଟକ' ଭାରତର ରାଜନୀତିକ ଓ ସାମାଜିକ ଇତିହାସର ସନ୍ଧିକ୍ଷଣରେ ଲେଖା ହୋଇଥିବାର କଥା ନିଜେ ନାଟ୍ୟକାର ସ୍ୱୀକାର କରିଛନ୍ତି। ଏ ନାଟକର ଶୈଳୀ, ବ୍ୟଞ୍ଜନା, କଳ୍ପନାପ୍ରବଣତା, ହାସ୍ୟରସ, ଗୀତିମୟତା ଓ ପ୍ରକାଶଭଙ୍ଗୀ ଓଡ଼ିଆ ନାଟକରେ ସଂପୂର୍ଣ୍ଣ ନୂତନ ବୋଲି ନାଟ୍ୟକାର କହିଛନ୍ତି। ସେ ଯାହା ବି ହେଉ ଏହି ନାଟକରେ ହସ୍ତିନା ନଗରର ସମ୍ରାଟ ବଜ୍ରବାହୁ ଯେଭଳି ଶାସନ କରିଛନ୍ତି, ସେହି ଶାସନର କ୍ଷମତା ରାଜନୀତି ସହିତ ଫୁକୋଙ୍କର କ୍ଷମତା ସଂରଚନା ତତ୍ତ୍ୱର ନିବିଡ଼ ସଂପର୍କ ଥିବା ପରି ମନେ ହୁଏ। ସେଥିପାଇଁ ଏହି ନାଟକଟିକୁ ଯେକୌଣସି ଶାସନତନ୍ତ୍ରର ଅବ୍ୟବସ୍ଥିତ ଧାରା ସହିତ ତୁଳନା କରାଯାଇପାରେ। ତତ୍ ସହିତ ନାଟକରେ ସନ୍ନିବେଶିତ ଶାସନଗତ ଛଳନାକୁ ମଧ୍ୟ ଫୁକୋକର କ୍ଷମତା ତତ୍ତ୍ୱ ପରିପ୍ରେକ୍ଷୀରେ ଆକଳନ କରାଯାଇପାରେ।

[ଏଇ ପ୍ରବନ୍ଧ ସମ୍ପର୍କରେ କିଛି ସୂଚନା: ପ୍ରବନ୍ଧଟି ୨୦୧୮ ମସିହା ଡିସେମ୍ବର ମାସରେ ଭୁବନେଶ୍ୱରରେ ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ଉପରେ ସ୍ୱତନ୍ତ୍ର ଭାବରେ ଆୟୋଜିତ ଏକ ଜାତୀୟ ଆଲୋଚନାଚକ୍ରରେ ଉପସ୍ଥାପନ କରାଯାଇଥିଲା। ଏହି ଆଲୋଚନା ଚକ୍ରରେ ନିଜେ ରମେଶ ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ। ତାଙ୍କ ନାଟକ ଉପରେ ଏକ ସମାଲୋଚନା ଗ୍ରନ୍ଥ ପ୍ରକାଶ ପାଇବ ଏବଂ ସେଥିରେ ମୋର ଏ ପ୍ରବନ୍ଧ ସ୍ଥାନିତ ହେବ ବୋଲି ଭାବି ଏହାର ଡିଟିପି ମୁଁ ଉଦ୍ୟକ୍ତାମାନଙ୍କ ପାଖକୁ ପଠାଇଥିଲି; କିନ୍ତୁ ସେ ପୁସ୍ତକ କୌଣସି କାରଣରୁ ପ୍ରକାଶ ପାଇ ପାରିନଥିଲା। ଦୀର୍ଘ ପାଞ୍ଚ ଛଅ ବର୍ଷ ପରେ ବନ୍ଧୁ ସଞ୍ଜୟ ହାତୀ ଏ ପ୍ରବନ୍ଧଟିକୁ ମୋ ଠାରୁ ପୁଣି ସଂଗ୍ରହ କରି ପୁସ୍ତକ ପ୍ରକାଶ କରିବା କଥା କୁହନ୍ତେ ମୁଁ ଏ ପ୍ରବନ୍ଧଟିକୁ ଖୋଜି ପାଇ ପାରି ନଥିଲି। ଶେଷରେ ବନ୍ଧୁ ସଞ୍ଜୟ ହାତୀ ଏଇ ପ୍ରବନ୍ଧଟିକୁ ଆବିଷ୍କାର କରି ମୋତେ ଅବଗତ କରାଇବା ସହିତ ତା'ର ପିଡ଼ିଏଫ୍ ମୋ ପାଖକୁ ପଠାଇଥିଲେ। ଦୀର୍ଘ ବର୍ଷ ତଳର ଅପ୍ରକାଶିତ ସେଇ ପ୍ରବନ୍ଧଟିକୁ ସାମାନ୍ୟ ସଂଶୋଧନ କରି 'ବାଗୀଶ' ପତ୍ରିକାରେ ପ୍ରକାଶ ପାଇଁ ମୁଁ ସମ୍ପାଦକ ବିକେଶ ସାହୁଙ୍କ ନିକଟକୁ ପଠାଇଛି। ତେବେ ଫୁକୋଙ୍କ କ୍ଷମତା ସଂରଚନାର ଆଲୋକରେ ଏ ପ୍ରବନ୍ଧଟିକୁ ଓଡ଼ିଆ ସମାଲୋଚନା ସାହିତ୍ୟର ପ୍ରଥମ ପ୍ରାୟୋଗିକ ଦୃଷ୍ଟାନ୍ତ ଭାବରେ ଗଣନା କରାଯାଇ ପାରେ। -ଲେଖକ]

'ମହାନାଟକ'ର ମୁଖବନ୍ଧରେ ନାଟ୍ୟକାର ରମେଶ ପାଣିଗ୍ରାହୀ କହନ୍ତି- "ହସ୍ତିନା ନଗରରେ ସବୁ ସମ୍ଭବ। ସେଠାରେ ହସ୍ତ (କାର୍ଯ୍ୟ) ଓ ପଦ(ଗତି)ମାନଙ୍କୁ ଛେଦନ କରାଯାଇଛି। ଦେଶରେ ନା କର୍ମ ଅଛି ନା ଗତି। ତଥାପି ସମ୍ରାଟ ବଜ୍ରବାହୁ ଚାହାନ୍ତି ଏହି ପରମ୍ପରାରେ ଗତି ଓ କର୍ମରେ କୌଣସି ଉଚ୍ଛୃଙ୍ଖଳା ରହିପାରିବ ନାହିଁ। ଶୀଳଭଦ୍ରଙ୍କର ପଚମାନ ସ୍ଥିରତା ବିପକ୍ଷରେ ବ୍ରହ୍ମଦତ୍ତ ଶେଷକୁ ବିପ୍ଳବ କରିବା ପାଇଁ ବାଧ୍ୟ ହୋଇଛନ୍ତି। ସେ (ବଜ୍ରବାହୁ) ଜଣେ ଉଦ୍ଭଟ ଶାସକ। ବାସ୍ତବତା ଓ ବାସ୍ତବ ସମସ୍ୟାଠାରୁ ଯୋଜନ ଯୋଜନ ଦୂରରେ ଥାଇ ସେ ଶାସନ କାର୍ଯ୍ୟ ସଂପାଦନ କରୁଛନ୍ତି। ତାଙ୍କର ନିଜର କ୍ଷମତା ସଂପର୍କରେ ଏକ ଦୁର୍ନିବାର ମୋହ। ଅଥଚ ରାୟ ଦେବା ଶୈଳୀଟି ଅଦ୍ଭୁତ। ମୃତ୍ତିକା କଳସୀରେ ସାତଟି ଗୋଡ଼ି ପକାଇ ସେ ଗଧ ଭଳି ହସନ୍ତି। ସମସ୍ୟାଟି ହୁଏତ ବଜ୍ରବାହୁଙ୍କ ନପୁଂସକତାରେ ନିହିତ। ସେ ସୃଷ୍ଟିଶୀଳ ନୁହନ୍ତି। ସୃଷ୍ଟି କରିବା ପାଇଁ ଅକ୍ଷମ। ପ୍ରତ୍ୟେକ ମଣିଷ ନିଜ ପାଇଁ ଗୋଟିଏ ଗୋଟିଏ ମୁଖା ତିଆରି କରିଥାନ୍ତି। ହଠାତ୍ ଦିନେ ସକାଳେ ସିନ୍ଦୂରା ଫାଟିବା ପୂର୍ବରୁ ଜଣେ ବ୍ରହ୍ମଦତ୍ତ ଆସି ସେଇ ମୃତ୍ତିକା ଭାଣ୍ଡଟିକୁ ଭାଙ୍ଗିଦିଏ। ବ୍ରହ୍ମଦତ୍ତ କ'ଣ ନିରବଧି କାଳ। (ଦା'ଟିଏ ଧରି ଫସଲ କାଟୁଥିବା ସମୟ? କିଏ ଜାଣେ?)। XXX ଦିନେ

ନା ଦିନେ କିଏ ଜଣେ ବ୍ରହ୍ମଦତ୍ତ ଆସିବ। ସେ ସକାଳ ଏ ପର୍ଯ୍ୟନ୍ତ ଆସିନି। ସବୁ ମୁଖା ଦିନେ ଖୋଲି ଯିବ। ସେ ସମୟ ଏ ପର୍ଯ୍ୟନ୍ତ ଆସିନି। ତେଣୁ ଏହାର ନାମ ମହାନାଟକ। ଏହା କୌଣସି ନିର୍ଦ୍ଦିଷ୍ଟ ଶାସକ ବା system ପ୍ରତି ଆକ୍ଷେପ ନୁହେଁ। ଏହା କୌଣସି ନିର୍ଦ୍ଦିଷ୍ଟ ସମୟର ଫଟୋଗ୍ରାଫ୍ ନୁହେଁ। କୌଣସି ନିର୍ଦ୍ଦିଷ୍ଟ କାଳର ବନ୍ଦୀଶାଳାରେ ଏହି ନାଟକର ଚରିତ୍ରମାନେ ଛଟପଟ ହେଉନାହାଁନ୍ତି। ଇତିହାସର ଶବ୍ଦହୀନ ଶୋଭାଯାତ୍ରା ଚାଲିଛି। ସିଂହାସନମାନେ ଏହିଭଳି ଭାଙ୍ଗୁଛନ୍ତି। ଅର୍ଦ୍ଧ ଭଗବାନ ପ୍ରତିମାମାନେ ଏହିଭଳି ଓହ୍ଲେଇ ଆସିବାକୁ ବାଧ୍ୟ।"

'ମହାନାଟକ' ୧୯୭୨ ମସିହାରେ ଲେଖା ହୋଇଥିଲା। ତେବେ ପ୍ରଥମେ ୧୯୮୧ରେ ଏହା ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା। ଏହି ନାଟକଟି ଭାରତୀୟ ରାଜନୀତିକ ଓ ସାମାଜିକ ଇତିହାସର ଏକ ସନ୍ଧିକ୍ଷଣରେ ଲେଖା ହୋଇଥିଲା। ନାଟ୍ୟକାରଙ୍କ ମୁଖବନ୍ଧରେ ଉଲ୍ଲିଖିତ ୧)'ହସ୍ତ ଓ ପଦ', ୨)'ଉଦ୍ଭଟ ଶାସକ', ୩)'ନପୁଂସକତା', ୪) 'ମୁଖା', ୫) 'ନିରବଧି କାଳ', ୬) 'ଫସଲ କାଟୁଥିବା ସମୟ', ୭) 'ମହାନାଟକ', ୮) 'ଫଟୋଗ୍ରାଫ୍', ୯) 'ଶବ୍ଦହୀନ ଶୋଭାଯାତ୍ରା', ୧୦)'ଅର୍ଦ୍ଧଭଗବାନ ପ୍ରତିମାମାନେ' ପ୍ରଭୃତି ଉଚ୍ଚାରିତ ସଂକେତକସମୂହରେ ବହୁପାର୍ଶ୍ୱଯୁକ୍ତ ଅବଧାରଣାତ୍ମକ ଅର୍ଥ ନିହିତ। 'କିଏ ଜାଣେ?' ପ୍ରଶ୍ନସୂଚକ ବାକ୍ୟାଂଶଟିରେ ଯେଉଁ ପ୍ରଶ୍ନଶୀଳତା ଉତ୍‌ଥାପିତ ତାହା "raises questions rather than attempting to supply answers" ରଙ୍ଗିତଧର୍ମିତା ସମ୍ମୁଖୀକୃତ।

ଏହି ନାଟକରେ ଯେଉଁ ପ୍ରଶ୍ନ, ଯେଉଁ ବିରୋଧାଭାସ, ଯେଉଁ ଶୃଙ୍ଖଳାହୀନ ସଂଶୟତାବାଦୀ(scepticism) ସଂପୃକ୍ତି ରହିଛି, ତାହା ଆମକୁ ଏକ ସିମୁଲେଟିଭ୍ ଶାସନ ବ୍ୟବସ୍ଥା ଆଡ଼କୁ ଘେନି ଯାଉଛି। ଏହି ଛଳନାଯୁକ୍ତ ଶାସନ ବ୍ୟବସ୍ଥା ପଶ୍ଚାତରେ ଫୁକୋଙ୍କ କ୍ଷମତା ସଂରଚନାର ଆଭିପ୍ରାୟିକତା ଆଲୋଚ୍ୟ ନାଟକଟିକୁ କିପରି ବହୁପ୍ରସ୍ଥୀୟ ସାମାଜିକ, ରାଜନୀତିକ, ଜୈବିକ, ସାଂସ୍କୃତିକ ହାଲୁସିନେସନ୍‌ର ପରିମଣ୍ଡଳରେ ସ୍ଥାପନ କରୁଛି, ସେ ସବୁକୁ ବିଶ୍ଳେଷଣ କରାଯାଇପାରେ। 'ମହାନାଟକ'ରେ ଯେଉଁ କ୍ଷମତା ଏବଂ ଜ୍ଞାନର କଥା କୁହାଯାଇଛି, ତାହାର ମୁଖ୍ୟତଃ ତିନୋଟି ପ୍ରସ୍ଥ ରହିଛି। ପ୍ରଥମ ପ୍ରସ୍ଥର କାରକଗଣଙ୍କ ମଧ୍ୟରେ ଅବୁଝା ରାଜା ବଜ୍ରବାହୁ, ଶୀଳଭଦ୍ର, ଅପରିବର୍ତ୍ତିତ ବ୍ରହ୍ମଦତ୍ତ, ବିଦୂଷକ, ଗୌଡ଼ ରାଜକୁମାର, କର୍ଣ୍ଣାଟ ରାଜକୁମାର, କଳିଙ୍ଗ ରାଜକୁମାର, ବାରିକ, ଅବନ୍ତୀ ସାଧକ ପ୍ରମୁଖ।

ଏହି ପ୍ରସ୍ଥରେ ଥିବା ସକଳ କାରକ ଗୋଟିଏ ଗୋଟିଏ ଆରୋପିତ ଏବଂ ପ୍ରରୋଚିତ କ୍ଷମତା ବ୍ୟବସ୍ଥା ମଧ୍ୟରେ ଗୁଳାଭୁକ୍ତ ହୋଇ କାର୍ଯ୍ୟ କରିଛନ୍ତି। ସେଥିପାଇଁ ନାଟକର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସେହି ଆରୋପିତ ଏବଂ ପ୍ରରୋଚିତ କ୍ଷମତା ସଂରଚନାର ଆଦିମ ବ୍ୟବସ୍ଥାକୁ ଭାଙ୍ଗିବା ପାଇଁ ପ୍ରୟାସ କରାଯାଇଛି।

ଶେଷରେ ଏହି ସ୍ଥିର ତଥା ଅପରିବର୍ତ୍ତନୀୟ ଧାରାକୁ ସଚଳ ଏବଂ ପରିବର୍ତ୍ତନଶୀଳ କରାଇବା ପାଇଁ ସେହି ଚିରାଚରିତ ଏଷ୍ଟାବ୍ଲିଶମେଣ୍ଟ ମଧ୍ୟରୁ ନିଜକୁ ଓହରେଇ ନେଇଛନ୍ତି ବ୍ରହ୍ମଦତ୍ତ।

ବ୍ରହ୍ମଦତ୍ତ ଯେତେବେଳ ପର୍ଯ୍ୟନ୍ତ ଅବୁଝା ରାଜା ବଜ୍ରବାହୁଙ୍କର କ୍ଷମତା ଏବଂ ଜ୍ଞାନର ବ୍ୟବସ୍ଥା ମଧ୍ୟରେ ନିଜକୁ ଏକାକାର କରାଇ ଦେଇଥିଲେ, ସେତେବେଳ ପର୍ଯ୍ୟନ୍ତ ବ୍ରହ୍ମଦତ୍ତଙ୍କ ମଧ୍ୟରେ ଯେଉଁ ସ୍ୱୟଂକ୍ରିୟ ଅସ୍ମିତା ସଂଗୋପିତ ହୋଇ ରହିଥିଲା, ତାହାକୁ ନିଜେ ସେ ନିଜେ ଚିହ୍ନଟ କରିପାରି ନଥିଲେ। ତେଣୁ ଯେତେବେଳେ ବ୍ରହ୍ମଦତ୍ତୀୟ ବ୍ୟବସ୍ଥାରେ ଆତ୍ମ-ଆବିଷ୍କାରକ ପ୍ରକାର୍ଯ୍ୟର ସଂଯୋଜନ ହେଲା ସେତେବେଳେ ବ୍ରହ୍ମଦତ୍ତ ଆଉ ବଜ୍ରବାହୁଙ୍କର ଅଧୀନସ୍ଥ ହୋଇ ରାଜଶକ୍ତିର ପଚମାନ ସ୍ୱର ସହିତ ସ୍ୱର ମିଳାଇ ପାରିଲେ ନାହିଁ। ଏଇଠୁ ଆରମ୍ଭ ହେଲା ନାଟକର ଦ୍ୱିତୀୟ ପ୍ରସ୍ଥ। ଏଇଠୁ ସେ ନିୟନ୍ତ୍ରିତ ହେବା ବଦଳରେ ପର୍ଯ୍ୟବେକ୍ଷକ ପାଲଟିଗଲେ; ସ୍ଥିରଚିତ୍ର ହେବା ପରିବର୍ତ୍ତେ ଚଳଚ୍ଚିତ୍ର ପାଲଟିଗଲେ; ଧରାବନ୍ଧା ସମୟାବଦ୍ଧ ନହୋଇ ସମୟ ବଳୟ ବହିର୍ଭୂତ ପାଲଟିଗଲେ; ଉଚ୍ଚ ସଂସ୍କୃତିର(high culture) ପରିସରଭୁକ୍ତ ନହୋଇ ଲୋକପ୍ରିୟ ସଂସ୍କୃତି (pop culture)ର ଦ୍ରବୀଭୂତ ଉପାଦାନ ପାଲଟିଗଲେ; ଦୃଶ୍ୟପଟ ହେବା ପରିବର୍ତ୍ତେ ଦ୍ରଷ୍ଟା ପାଲଟିଗଲେ; ଅର୍ଥସ୍ତରୀୟ ଗୁରୁତ୍ୱାରୋପତା(meaning is important) ପରିବର୍ତ୍ତେ ଆପେକ୍ଷିକ ଅର୍ଥାନ୍ୱୟତା (meaning is relative) ଏବଂ ଏଇଠୁ ଆରମ୍ଭ (open ended) ପାଲଟିଗଲେ; ଆଧିପତ୍ୟ ସର୍ବସ୍ୱ ଆକଳନଗତ ରୈଖିକତା ବଦଳରେ ବୈୟକ୍ତିକ ସମୀକ୍ଷକ (everyone is a critic) ପାଲଟିଗଲେ; ଐତିହାସିକ ଆନୁକ୍ରମିକତା ମଧ୍ୟରୁ ନିଃସୃତ ହୋଇ ମୁହୂର୍ତ୍ତାୟିତ ବିଦ୍ୟମାନତା ପାଲଟିଗଲେ।

ଫଳରେ ତାଙ୍କ ଭିତରର ଶକ୍ତି ସଂରଚନା ଜଣକ କିମ୍ବା ଗୋଷ୍ଠୀକେନ୍ଦ୍ରିକ ନହୋଇ ବହୁବଚନୀୟ ସାମର୍ଥ୍ୟ ଲଭି ସକଳ ଜନତାର ହୋଇଗଲା। ସେ ଏକ ବିବର୍ତ୍ତନଶୀଳ ଜ୍ଞାନାଲୋକ ଦ୍ୱାରା ନିଜ ଅନ୍ତରସ୍ଥ ପର୍ଯ୍ୟବେକ୍ଷକୀୟ ସାମର୍ଥ୍ୟକୁ ଚିହ୍ନି ପାରିଲେ। ତେଣୁ ଏଠାରେ ବ୍ରହ୍ମଦତ୍ତ ଆଉ ବଜ୍ରବାହୁଙ୍କ 'ହଁ' ରେ ଆଉ ଗୋଟେ 'ହଁ' ନ ହୋଇ ପାଲଟିଗଲେ 'କାହିଁକି?', 'କ'ଣ?', ଏବଂ 'କିଏ?' ଓ 'କିପରି'ର ଉନ୍ମୋଷକ ତଥା ମହାନାୟକ। ସେହି କ'ଣ, କାହିଁକି, କିଏ ଏବଂ କିପରିର ବିବର୍ତ୍ତନଶୀଳ ପ୍ରଶ୍ନପ୍ରବାହ ମଧ୍ୟରୁ ଜନ୍ମ ନେଲା ଶହ ଶହ ପ୍ରଶ୍ନ। ଶହ ଶହ ଦମ୍ଭିତ ସହଯୋଗ। ତାପରେ ଅନ୍ଧାରୀ ଶାସନ ସଂରଚନା କ୍ରମଶଃ ଏକ ବିବର୍ତ୍ତନଶୀଳ ଉପଲବ୍ଧି ତଥା ଆତ୍ମବିଶ୍ୱାସର ଅଜସ୍ର ସମ୍ଭାବନାଯୁକ୍ତ କିରଣମାଳାରେ ରୂପାନ୍ତରିତ ହୋଇଗଲା। ତାପରେ କ୍ଷମତା ବହୁମୁଖୀ (multiplicity of force) ଯୁକ୍ତ ହୋଇ ପରିବର୍ତ୍ତିତ ହୋଇଗଲା।

ତତ୍ପରେ ବଜ୍ରବାହୁଙ୍କର "ତୁମ୍ଭଙ୍କୁ ମୁଁ ପାଞ୍ଚ ସହସ୍ର ହସ୍ତୀ, ଅଶ୍ୱ ଦେବି.... ଗ୍ରାମ ଦାନ ଦେବି....., ଗବାଦି ପଶୁ ଦେବି....., ଚାରଣ ଭୂମି ଦେବି, ସୁବର୍ଣ୍ଣ ମୋହର ଦେବି..... ପୁରଷ୍କାର ଦେବି..... ସମ୍ମାନ ଦେବି..... ଏ ଆନ୍ଦୋଳନ ବନ୍ଦ କର ! ବନ୍ଦ କର!" ପ୍ରଭୃତି ବସ୍ତୁବାଦୀ ଯାନ୍ତ୍ରିକ ଆଧିପତ୍ୟ ଘୋଷଣାନାମା

ନିଷ୍ଫଳ ହୋଇଯାଇଛି। ତେଣୁ ବ୍ରହ୍ମଦଣ୍ଡୀୟ ବ୍ୟବସ୍ଥା କହିଛି- "ମୁଁ କିଛି ଚାହେଁନା । XXX ମୋର ଆଖି ଖୋଲି ଯାଇଛି। ମୁଁ ଚାହେଁ ଏ ସ୍ୱେଚ୍ଛାଚାରୀ ଶାସନର ମୃତ୍ୟୁ ଓ ଭୋକିଲା ପଟୁଆରର ଜୟ ହେଉ।"

ବଜ୍ରବହୁଙ୍କର ଏ ଧରଣର କ୍ଷମତା ସଂରଚନାକୁ ସାର୍ବଭୌମ କ୍ଷମତା ସଂରଚନା କୁହାଯାଏ। ଯାହା obedience to the law of the king or central authority (ଫୁକୋ)ସହିତ ପ୍ରତ୍ୟକ୍ଷ ଭାବେ ସଂପର୍କିତ। ଦ୍ୱିତୀୟ ପ୍ରସ୍ଥ ଅର୍ଥାତ୍ ରୂପାନ୍ତରିତ ବ୍ରହ୍ମଦଣ୍ଡ ହେଉଛନ୍ତି ଦ୍ୱିତୀୟ ପ୍ରସ୍ଥ। ଏହି ଧରଣର ପ୍ରସ୍ଥ ନିକଟରେ କୌଣସି ଦେଶକାଳପାତ୍ରସ୍ତରୀୟ ପକ୍ଷପାତିତା ନଥାଏ। ଏମାନେ ନିଜର ଅନ୍ତର୍ଚେତନା ମଧ୍ୟରୁ ଉତ୍ସାରିତ ହୋଇ ପାର୍ଥିବ ସଂରଚନାରେ ପରିବର୍ତ୍ତନ ଆଣିବା ପାଇଁ ଯଥାସାଧ୍ୟ ପ୍ରୟାସ କରିଥାନ୍ତି। ଏମାନଙ୍କ ପାଇଁ power ଏବଂ knowledge ଗୋଟିଏ ଭୂମିରୁ ଆଉ ଗୋଟିଏ ଭୂମିକୁ ଲଙ୍ଘିତ ହୁଏ। ଫଳରେ ମୃତ୍ତିକା ଭାଣ୍ଡ ଭାଙ୍ଗିଯାଏ। ସମ୍ରାଟ ବଜ୍ରବାହୁ ଆଉ ପାଗଳାମି କରି ପାରନ୍ତି ନାହିଁ। ଶୀଳଭଦ୍ରମାନେ ଆଉ ବ୍ରହ୍ମଦଣ୍ଡୀୟ ବ୍ୟବସ୍ଥାକୁ ଲବି ମାଧ୍ୟମରେ ସ୍ଥିର କରି ରଖିପାରନ୍ତି ନାହିଁ। ଗୌଡ଼ ଦେଶ, କର୍ଣ୍ଣାଟ ଦେଶ, କଳିଙ୍ଗ ଦେଶ, ଅବନ୍ତି ଦେଶ ପ୍ରଭୃତି ସ୍ଥାନକୈନ୍ଦ୍ରିକ ବ୍ୟବସ୍ଥାରେ ନୂତନ ସୂର୍ଯ୍ୟୋଦୟର ସୂତ୍ରପାତ ଘଟେ। ଏହି ବ୍ରହ୍ମଦଣ୍ଡୀୟ ଉଦ୍‌ଯୋଗ ଦ୍ୱାରା ସମଗ୍ର ସ୍ଥାନକାଳପାତ୍ରକୈନ୍ଦ୍ରିକ ପ୍ରେକ୍ଷାପଟ ବଦଳିଯାଇଛି ଆଲୋଚ୍ୟ ନାଟକ 'ମହାନାଟକ'ରେ। 'ମହାନାଟକ'ର ତୃତୀୟ ପ୍ରସ୍ଥଟି ବାସ୍ତବିକ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ। ସେଇ ପ୍ରସ୍ଥର ଅନ୍ତର୍ଭୁକ୍ତ ହେଉଛନ୍ତି ରାଣୀ କେତକୀଗନ୍ଧା, ଶ୍ୱେତାଙ୍ଗ ସୌଦାଗର, ପ୍ରଥମ ସଖୀ ଏବଂ ଦ୍ୱିତୀୟ ସଖୀ। ଏମାନେ ସର୍ବଦା ସ୍ୱପ୍ନଶୀଳ। ଏମାନଙ୍କର ସାମଗ୍ରିକ ମାନସିକ ସ୍ଥାପତ୍ୟରେ ଗୋଟିଏ ଅଯୋନିସମ୍ଭୂତା ସ୍ୱପ୍ନପ୍ରବାହ ଡେଣା ଝାଡ଼ି ଉଡ଼ିବୁଲୁଥାଏ। ଏମାନେ ସବୁବେଳେ ସୃଷ୍ଟିଶୀଳତାର ସ୍ୱପ୍ନ ଦେଖନ୍ତି। ସବୁଜ କ୍ଷେତର ସ୍ୱପ୍ନ ଦେଖନ୍ତି। ପଲ୍ଲବିତ ବସନ୍ତର ସ୍ୱପ୍ନ ଦେଖନ୍ତି। ଏମାନଙ୍କର ସବୁବେଳେ ବସ୍ତୁବାଦୀ ସାଂସ୍କୃତିକ ସଂରଚନା ସହିତ ଟକ୍କର ହୁଏ। ସେଥିପାଇଁ ଏମାନେ କହନ୍ତି- "ରାଣୀ ହଂସପୁର ଆଜି ଶୂନ୍ୟ ଲାଗୁଛି ମୋତେ। ସବୁଥାଇ ଯେମିତି କିଛି ନାହିଁ ମୋର ! ଏ ମୁକ୍ତା.... ଏ ମରକତ....ଏ ଇନ୍ଦ୍ରନୀଳମଣି .... ଏ ସୁବର୍ଣ୍ଣ ପିଞ୍ଜୁରୀ .... କିଛି ମୋର ଲୋଡ଼ା ନାହିଁ।" ଏମାନେ ପୁଣି କହନ୍ତି "ଏଠି ସବୁ ଶୂନ୍ୟ। ଶୂନ୍ୟ ରାଜା। ଶୂନ୍ୟପୁଣି ରାଣୀ ହଂସପୁର।" (ପୃ-୪୨)। ପୁଣି ଏମାନେ କହନ୍ତି- "ଦେଇ କି ପାରିବ ସଖୀ ଆଞ୍ଜୁଳାଏ ଶିଶୁର କାନ୍ଦଣା? କିଛି ଭଙ୍ଗା ଅଝଟ ପଣିଆ। ଦେଇ କି ପାରିବ ମୋତେ ମାତୃତ୍ୱର ଅଭିଶାପ ପ୍ରଥମ ଯନ୍ତ୍ରଣା?"

ଏହି ଧରଣର ପ୍ରସ୍ଥୀୟ ବ୍ୟବସ୍ଥାର ମଣିଷମାନେ ସ୍ୱପ୍ନ ଏବଂ ହୃଦୟ ରୂପକ ଯମୁନା ବାଲିରେ ରୁଣୁଝୁଣୁ ରୁଣୁଝୁଣୁ ନୁପୂର ନିକ୍ୱଣ ସୃଜି ପଦ ସଂଚାଳନ କରିବାକୁ ଅହରହ ଇଚ୍ଛନ୍ତି। ଯାହା ଚିର ଯାନ୍ତ୍ରିକତାଯୁକ୍ତ ହସ୍ତିନା ନଗରର ବଜ୍ରବାହୁ ବ୍ୟବସ୍ଥା ମଧ୍ୟରେ ଅସମ୍ଭବ। ସେଥିପାଇଁ ଏଇ ପ୍ରବୃତ୍ତିଗତ ଇଚ୍ଛାକୁ ପୂରଣ କରିବା ପାଇଁ ଜଣେ ଅବନ୍ତୀ ସାଧକ ଅଯୋନିସମ୍ଭୂତା ମାନସିକ-ସ୍ଥାପତ୍ୟରେ ସମ୍ପାରିତ ହେଇ କେତକୀଗନ୍ଧାଙ୍କ ସମ୍ମୁଖରେ ଉଭା ହୁଅନ୍ତି। ଫଳରେ ୧) ଟାଙ୍ଗରା ଭୂଇଁ ଶ୍ୟାମଳାଙ୍ଗୀ ହୁଏ; ୨) ମରୁଭୂମି ଗାଇ ଉଠେ ମଧୁର ମହ୍ଲାର; ୩) ପଦ୍ମଫୁଟେ ପୁଷ୍କରିଣୀରେ; ୪) ଅଙ୍ଗେ ଅଙ୍ଗ କାଉଁରୀ ଶିହରେ; ୫) ବୃକ୍ଷସମ ସ୍ନିଗ୍ଧ ଛାୟା ପୁଷ୍ପସମ ମଧୁ ବିତରିତ ହୁଏ। ଏହି ପ୍ରସ୍ଥୀୟ ସଂରଚନାରେ କୌଣସି ସୀମାରେଖା କାର୍ଯ୍ୟକରେ ନାହିଁ। ଏଠି ସୀମାହୀନତା ହିଁ ଐଶ୍ୱର୍ଯ୍ୟ ହୋଇ ଛିଡ଼ା ହୁଏ। ଏଠି ଯାନ୍ତ୍ରିକତାଯୁକ୍ତ ପ୍ରକାର୍ଯ୍ୟ କାର୍ଯ୍ୟ କରେ ନାହିଁ। ସେଥିପାଇଁ କେବଳ ଲୋଡ଼ା ହୁଏ ହୃଦୟରୁ ହୃଦୟକୁ ବିସ୍ତାରିତ ହେବାର ପ୍ରବୃତ୍ତି ପରିଚାଳିତ ନମନୀୟତା। ଏହି ନମନୀୟତାର ସ୍ପର୍ଶରେ ମନର ବ୍ୟାକରଣ ଭାଙ୍ଗିଯାଏ। ରଙ୍ଗବାରି ହୁଏ ନାହିଁ। ଅନ୍ତହୀନ ସଙ୍ଗମର ବିସ୍ତାରଣ ଘଟେ। ଫଳରେ "ବନସ୍ପତି ସାରା ମଧୁର କଣିକା ଝରେ। ମଧୁଝରେ ଗାଭିର ସ୍ତନରୁ, ସମୁଦ୍ରରୁ ମଧୁଝରେ, ପାହାନ୍ତି ଉଷାରୁ ମଧୁଝରେ, ସୃଷ୍ଟି ସାରା ମଧୁଝରେ, ପୁଷ୍ପ ପାଖୁଡ଼ାରୁ ମଧୁଝରେ ଏବଂ ତତ୍ ସହିତ ମଧୁସ୍ୱପ୍ନ ମଧୁମୟ ଅଙ୍ଗରେ ଅଙ୍ଗରେ ମଧୁମୟ ଛନ୍ଦ ତୋଳେ ।" ଏହି ଧରଣର ବିମର୍ଶ ସହିତ ଫୁକୋଙ୍କ ଜୈବକ୍ଷମତା ସଂରଚନାର କେତେକ ସାଦୃଶ୍ୟ ରହିଥିବାର ମନେହୁଏ।

'ମହାନାଟକ'ର ଆରମ୍ଭ, ଆରୋହଣ ଏବଂ ଶୀର୍ଷସ୍ତରୀୟ ବିସ୍ତାରଣ ସମ୍ରାଟ ବଜ୍ରବାହୁଙ୍କ ହାଲୁସିନେଟେଡ୍ ବ୍ୟକ୍ତି ଚରିତ୍ରର ଭିତ୍ତିଭୂମି ଉପରେ ଗତିଶୀଳ ହୋଇଛି। ଫୁକୋ ଯେଉଁ କ୍ଷମତା ରାଜନୀତି ବା ପଲିଟିକସ୍ ଅଫ୍ ପାୱାର ମାଧ୍ୟମରେ ଗୋଟିଏ ରାଷ୍ଟ୍ରର ସମସ୍ତ ମୂଲ୍ୟବୋଧ, ଲରାଜନୀତିକ ପରିବେଶ ତଥା ନୀତିଗତ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହୋଇ ଆସୁଥିବାର କଥା କହନ୍ତି, ତାହା ଏହି ବଜ୍ରବାହୁଙ୍କ ପ୍ରତିପତ୍ତିଶାଳୀ ପିପାସା ମଧ୍ୟରେ ଚାଳିତ ହୋଇଥିବାର ଲକ୍ଷ୍ୟ କରାଯାଏ। ଫୁକୋ କହନ୍ତି- "କ୍ଷମତା ହେଉଛି ଦମନ। ଦମନର ପନ୍ଥା ହେଉଛି ଆଇନ ପ୍ରଣୟନ ଓ ଆଇନର ପରିଣତି ହେଉଛି ବଶୀକରଣ।" (ସାଂପ୍ରତିକ ପାଶ୍ଚାତ୍ୟସମାଲୋଚନା ତତ୍ତ୍ୱ- ଜିତେନ୍ଦ୍ର ନାରାୟଣ ପଟ୍ଟନାୟକ (ପୃ-୯୯)। ଏହି ବକ୍ତବ୍ୟର ଯଥାର୍ଥ ପ୍ରୟୋଗ ବଜ୍ରବାହୁ ଏବଂ ତାଙ୍କ ପାରିଷଦବର୍ଗଙ୍କ ମାଧ୍ୟମରେ ସାଧିତ ହୋଇଥିବାର ଦୃଷ୍ଟାନ୍ତ ରହିଛି। ଏଠାରେ ବଜ୍ରବାହୁ ୧) ନିଜକୁ ନରବିଷ୍ଣୁ ବୋଲି କହନ୍ତି। ୨) ଚନ୍ଦ୍ରସୂର୍ଯ୍ୟ ତାଙ୍କ ଇଚ୍ଛାରେ ଆତଜାତ ହୁଅନ୍ତୁ ବୋଲି ଚାହାଁନ୍ତି। ୩) ରାଜ୍ୟର ନ୍ୟାୟାଳୟ କାର୍ଯ୍ୟ ରାତ୍ରିବେଳେ ଚାଲିବାକୁ ନିର୍ଦ୍ଦେଶ ଦିଅନ୍ତି। ୪) ପ୍ରମୋଦଶାଳାକୁ ରାଜ କାର୍ଯ୍ୟ ପରିଚାଳନା ପାଇଁ ଉପଯୁକ୍ତ ସ୍ଥାନ ବୋଲି ବିବେଚନା କରନ୍ତି। ୫) କର୍ଣ୍ଣାଟ ଜମିଦାରଙ୍କ ହସ୍ତପଦ ଛେଦନ ପାଇଁ ଦୂତକୁ ଆଦେଶ ଦିଅନ୍ତି। ୬) ଗଛରେ ଫଳିଥିବା ହସ୍ତ ଓ ପଦମାନଙ୍କୁ ଆଣି ଭଣ୍ଡାର ଘରେ ରଖାଯାଉ ବୋଲି କହନ୍ତି। ୭) ତାଙ୍କ ସାମ୍ରାଜ୍ୟର ଅଧୀନରେ ଶାସିତ ଗୌଡ଼ ଦେଶର ପୁରୁଷମାନେ ସନ୍ଧ୍ୟା ହେଲେ ଚତୁଷ୍ପଦ ଯାନରେ ବସାଇ ରମଣୀମାନଙ୍କୁ ଅଦୃଶ୍ୟ କରିଦିଅନ୍ତି। ୮) ବଜ୍ରବାହୁଙ୍କ ଅଧୀନସ୍ଥ କଳିଙ୍ଗ ରାଜ୍ୟରେ ଆକାଶରେ ହ୍ରେଷାରବ ଶୁଣାଯାଏ। ୯) ସେଠାରେ

ବିନା ମେଘରେ ବର୍ଷା ହୁଏ। ୧୦) ଆଲୋକ ସବୁନୀଳ ବର୍ଣ୍ଣ ଦିଶେ। ୧୧) ଶିକ୍ଷକମାନଙ୍କୁ ଆକାଶରେ ଛାତ ନିର୍ମାଣ ପାଇଁ ଆଦେଶ ଦିଆଯାଏ ଇତ୍ୟାଦି ପ୍ରସଙ୍ଗ ସହିତ ଫୁକୋଙ୍କ କ୍ଷମତା ସଂରଚନାର ପ୍ରତ୍ୟକ୍ଷ ସମ୍ପର୍କ ରହିଥିବାର ଲକ୍ଷ୍ୟ କରାଯାଏ।

ବଜ୍ରବାହୁଙ୍କର ଏତାଦୃଶ କ୍ଷମତା ସଂରଚନା ତଥା ତାହାର ପ୍ରୟୋଗ ହେତୁ ସମଗ୍ର ହସ୍ତିନା ରାଜ୍ୟ ଶୁଷ୍କ ମରୁଭୂମି ହେଇ ଯାଇଛି। କେତକୀଗନ୍ଧା ପରି ସର୍ଜନଶୀଳ ମଣିଷମାନେ ସୃଷ୍ଟିର ସ୍ୱପ୍ନରୁ ବଞ୍ଚିତ ହୋଇଛନ୍ତି। ସର୍ବତ୍ର ନିଷ୍ଫଳ ବନ୍ଧ୍ୟାତ୍ୱର ସଂକ୍ରମଣ ହୋଇଛି। କେବଳ ତୋଷାମୋଦକାରୀମାନଙ୍କର ଅତିଶୟ ପ୍ରଶସ୍ତିଗାନରେ ରାଜ୍ୟର ଆକାଶ ପ୍ରତିଧ୍ୱନିତ ହୋଇଛି। ରାଜ୍ୟରେ ବିଭିନ୍ନ ସଂକଟ ଦେଖାଦେଇଛି। ବନ୍ୟା,ବାତ୍ୟା,ମରୁଡ଼ି ସୃଷ୍ଟି ହୋଇଛି। ନାରୀ ଧର୍ଷଣ, ସୋମରସ ପାନ, ନାରୀ ଅପହରଣ ପ୍ରଭୃତି ଦୁଷ୍କାର୍ଯ୍ୟ ସମଗ୍ର ହସ୍ତିନା ନଗ୍ରରେ ଘଟିତ ହୋଇଛି। ତଦ୍ଦ୍ୱରା ନାହିଁ ନଥିବା ଉକ୍ରଟ ସମସ୍ୟାମାନ ବଜ୍ରବାହୁଙ୍କ ଶାସନ କାଳରେ ମୁଣ୍ଡ ଟେକିଛି। ଶାସନ ସଂରଚନାର ଏହି ଧରଣର ବ୍ୟବସ୍ଥାକୁ ଲୁଇ ଆଲ୍‌ଥୁସର ଷ୍ଟେଟ ରିପ୍ରେସିଭ୍ ଷ୍ଟ୍ରକଚର୍(SRS) କହିଛନ୍ତି। ଏହାକୁ ଆଣ୍ଟୋନିଓ ଗ୍ରାମସ୍କି ହେଜିମୋନିକ୍ ଥିଓରି ବା ଆଧିପତ୍ୟ ତତ୍ତ୍ୱ ବୋଲି କହିଛନ୍ତି। ଗ୍ରାମସ୍କି କହନ୍ତି- "ବିଭିନ୍ନ କାଳରେ କେତେକ ପ୍ରତିପତ୍ତିଶାଳୀ ଗୋଷ୍ଠୀ ନିଜର ଇଚ୍ଛାରେ କେତେକ ମୂଲ୍ୟବୋଧ, ଭାବଧାରା ଏବଂ ସାମାଜିକ ସଂପର୍କକୁ ସ୍ପୃହଣୀୟ ବୋଲି ଚତୁରତାର ସହିତ ପ୍ରଚାର କରିବାରେ ଲାଗିଥାନ୍ତି। ଏହାରି ମଧ୍ୟରେ ନିଜର ଆଧିପତ୍ୟ ଜାହିର କରିଥାନ୍ତି (ସାଂପ୍ରତିକ ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ – ଜିତେନ୍ଦ୍ର ନାରାୟଣ ପଟ୍ଟନାୟକ (ପୃଷ୍ଠା-୧୦୯)।" ଲୁଇ ଆଲ୍‌ଥୁସରଙ୍କ SRS ବ୍ୟବସ୍ଥା ଅନ୍ତର୍ଭୁକ୍ତ ପୋଲିସ, ସୈନ୍ୟବାହିନୀ, କୋର୍ଟକଚେରି, ଜେଲବ୍ୟବସ୍ଥା ଇତ୍ୟାଦି ଯାହାକୁ ପ୍ରୟୋଗ କରି କ୍ଷମତାସୀନ ଗୋଷ୍ଠୀ ସେମାନଙ୍କର କ୍ଷମତାକୁ ଦୋହଲାଇ ଦେବା ପାଇଁ ଆଶଙ୍କା ସୃଷ୍ଟି କରୁଥିବା ପରିପନ୍ଥୀ ମତବାଦକୁ ଦମନ କରିଥାନ୍ତି (ସାଂପ୍ରତିକ ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ – ଜିତେନ୍ଦ୍ର ନାରାୟଣ ପଟ୍ଟନାୟକ (ପୃ-୧୧୦)।"

ଏହି SRSର ସମସ୍ତ ଲକ୍ଷଣ 'ମହାନାଟକ'ର ଚରିତ୍ର ବଜ୍ରବାହୁଙ୍କ ମଧ୍ୟରେ ରହିଛି। ଏଭଳି ଶାସନଧାରାକୁ ଲୁଇ ଆଲଥୁସର୍ Interpellation ବୋଲି କହିଛନ୍ତି ଏବଂ ଏହା ତଥାକଥିତ ସ୍ୱାଧୀନତା ନାମରେ ଏକ ପ୍ରଚ୍ଛନ୍ନ ଆତ୍ମପ୍ରବଞ୍ଚନା ଛଡ଼ା କିଛି ହୋଇ ନପାରେ ବୋଲି ମଧ୍ୟ ତାଙ୍କର ମତ। ଫୁକୋ ଏହି ଭାବଧାରାକୁ ଲକ୍ଷ୍ୟ କରି କ୍ଷମତାସୀନ ଲୋକମାନେ କିଭଳି ଯୁଗେ ଯୁଗେ କ'ଣ କହିବା ଉଚିତ କ'ଣ କରିବା ଉଚିତ ପ୍ରଭୃତି ନିର୍ଦ୍ଧାରଣ କରନ୍ତି, ତାହାକୁ ପ୍ରକାଶ କରିଛନ୍ତି। ବଜ୍ରବାହୁଙ୍କ ନିକଟରେ ସବୁ କିଛି ଥିଲା। ତାଙ୍କ ପାଖରେ ଅମାତ୍ୟ ବ୍ରହ୍ମଦତ୍ତ ଥିଲେ। ଅର୍ଥମନ୍ତ୍ରୀ ଶୀଳଭଦ୍ର ବି ଥିଲେ। କିନ୍ତୁ ସେମାନଙ୍କର ଜ୍ଞାନ(knowledge) ବଜ୍ରବାହୁଙ୍କ କ୍ଷମତା-ଆଧିପତ୍ୟ ନିକଟରେ ସେପରି ସଫଳତା କିମ୍ବା ପ୍ରାୟୋଗିକତା ହାସଲ କରିପାରିନଥିଲା। ସେମାନେ ରାଜକୀୟ କ୍ଷମତା ସଂରଚନାର 'ହଁ' ସହିତ 'ହଁ' ମିଳାଇ ସେହି ରାଜକୀୟ ବୌଦ୍ଧିକ କ୍ଷମତାସୀନ ବ୍ୟବସ୍ଥା ସହିତ ନିଜର ବୁଦ୍ଧିକୁ ସମତାଳ କରାଇ ଦେଇ ତତ୍କାଳୀନ ପ୍ରଚଳିତ ରାଜକୀୟ ବ୍ୟବସ୍ଥା ମଧ୍ୟରେ ନିଜକୁ ଏକାକାର କରିଦେଇଥିଲେ।

ଫୁକୋ କହନ୍ତି ଯେଉଁ ସମୟରେ ଯାହା ବି କିଛି ସମ୍ଭବ ହୁଏ, ତାହା ସେହି ସମୟରୁ ଆଉ ଗୋଟିଏ ସମୟକୁ ଗଲାପରେ ପରିବର୍ତ୍ତିତ ହୋଇଯାଏ। ସେହି କଥା ଘଟିଲା ନାଟକର ଶେଷଭାଗରେ ବ୍ରହ୍ମଦତ୍ତଙ୍କ ଚରିତ୍ରରେ। ବ୍ରହ୍ମଦତ୍ତ ନିଜର ଅନ୍ତଃସ୍ୱରକୁ ଶ୍ରବଣ କରି ବଜ୍ରବାହୁଙ୍କ ପରି କ୍ଷମତାଶୀଳ ବ୍ୟାଖ୍ୟାକାରଙ୍କର କ୍ଷମତା ବ୍ୟବସ୍ଥାଠାରୁ ନିଜକୁ ଛିନ୍ନକରିଦେଲେ। ତା' ପରେ ସେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ "କେବଳ ସତ କହିବା ଯଥେଷ୍ଟ ନୁହେଁ; ବରଂ ସତ୍ୟ ଭିତରେ ଅବସ୍ଥାନ କରିବା ହିଁ ଏକାନ୍ତ ପ୍ରୟୋଜନ (It is not enough to speak the truth, one must be in the truth) ।" ଫୁକୋଙ୍କର ଏହି ଉକ୍ତିଟି 'ମହାନାଟକ'ରେ ଯଥାର୍ଥ ରୂପ ଗ୍ରହଣକରିଛି ବୋଲି କୁହାଯାଇପାରେ। "ଶେଷରେ ରାଜା ବଜ୍ରବାହୁ ସ୍ୱେଚ୍ଛାରେ ସିଂହାସନ ତ୍ୟାଗକଲେ। ସିଂହାସନ ଉପରୁ ଓହ୍ଲାଇ ଆସି ମସ୍ତକରୁ ମୁକୁଟ ବାହାର କରିଦେଲେ। ରଖିଦେଲେ ସିଂହାସନ ଉପରେ। ବାହୁ ତାଙ୍କର ପ୍ରସାରିତ ହେଲା। ମସ୍ତକ ଢଳି ପଡ଼ିଲା ତାଙ୍କର ଗୋଟିଏ ପଟକୁ (ପୃଷ୍ଠା ସଂଖ୍ୟା ୮୭)।"

ଫୁକୋ ମଣିଷକୁ unspoken archives ବୋଲି କହିଛନ୍ତି। ଏହି ଅଭିଲେଖାଗାରରେ ବିଭିନ୍ନ ପୁରୁଣା ଦଲିଲ୍ ଓ ନଥିପତ୍ର ରହିଥାଏ। ଏହି ଅକଥିତ ଦଲିଲ୍ ଓ ନଥିପତ୍ରଗୁଡ଼ିକ ବିଭିନ୍ନ ନିୟମ ଓ ତତ୍ତ୍ୱ ସହ ସମ୍ବନ୍ଧିତ ହୋଇ ରହିଥାନ୍ତି। ଏଗୁଡ଼ିକ କେଉଁ କେଉଁ ସ୍ଥାନକାଳପାତ୍ର ପରିପ୍ରେକ୍ଷୀରେ ଗୃହୀତ ହେବେ କି ବର୍ଜିତ ହେବେ ସେ ସବୁ ପାଇଁ ଗୋଟେ ଜ୍ଞାନସଂରଚନା ତାତ୍କାଳିକତା ପରିପ୍ରେକ୍ଷୀରେ କାର୍ଯ୍ୟ କରେ। ତତ୍ ଦ୍ୱାରା ବଜ୍ରବାହୁ ଭଳି ଶାସକୀୟ ଅବଚେତନଗତ ସ୍ଥାପତ୍ୟରେ ଶେଷରେ ରୂପାନ୍ତର ଦେଖାଦିଏ। ତତ୍ ସହିତ ବ୍ରହ୍ମଦତ୍ତ ମଧ୍ୟ ସେହି ଅବଚେତନୀୟ କ୍ଷମତା ସଂରଚନାର ଅହେତୁକ ମୋହ ମଧ୍ୟରୁ ନିଜକୁ ମୁକୁଳେଇ ଏକ ସଚେତନଶୀଳ ସ୍ୱୟଂକ୍ରିୟତା ଦ୍ୱାରା ନିଜକୁ ଚାଳିତ କରାଇବା ଫଳରେ ଆଉ ଗୋଟିଏ episteme ବା ଜ୍ଞାନତତ୍ତ୍ୱ ମଧ୍ୟକୁ ପ୍ରବେଶ କରନ୍ତି। ଏଥିପାଇଁ ଅବଶ୍ୟ ତର୍କ ହୁଏ। ଗୋଟିଏ ପିଢ଼ି ସହିତ ଆଉ ଗୋଟିଏ ପିଢ଼ିର ସଂଘର୍ଷ ହୁଏ। ଆଉ ଏହି ଧରଣର ସଂଘର୍ଷଶୀଳ ବିମର୍ଶ ମଧ୍ୟରୁ ଜନ୍ମ ନିଏ ଏକନୂତନ ସୂର୍ଯ୍ୟୋଦୟ। ବ୍ରହ୍ମଦତ୍ତଙ୍କ ଭାଷାରେ- "ଏହି ଦେଖ ସମ୍ରାଟ! ପୂର୍ବଦିଗନ୍ତ ରକ୍ତିମ। ସକାଳର ଆଲୋକ କିପରି ସିନ୍ଦୂରା ହୋଇ ଫାଟି ପଡ଼ୁଛି – ସତେ ଯେମିତି ଏକ ନୂତନ ସୃଷ୍ଟିର ନୂତନ ସୂର୍ଯ୍ୟ (ପୃ-୮୭)।"

ରାଣୀ କେତକୀଗନ୍ଧା ଏବଂ ଶ୍ୱେତାଙ୍ଗ ସୌଦାଗରଙ୍କ ମଧ୍ୟରେ ଯେଉଁ ସ୍ୱପ୍ନମୟ ସଂପର୍କ ଗଢ଼ି ଉଠିଛି ତାହାକୁ ବିରୋଧ କରିଛି ତଥାକଥିତ ରିପ୍ରେସିଭ ହାଇପୋଥେସିସ୍ ବା ବଜ୍ରବାହୁ ବ୍ୟବସ୍ଥା। କିନ୍ତୁ କେତକୀଗନ୍ଧା ଏବଂ ଶ୍ୱେତାଙ୍ଗ

ସୌଦାଗରଙ୍କ ମଧ୍ୟରେ ବଜ୍ରବାହୁଙ୍କ politics of power ବାଧକ ହୋଇ ବେଶୀ କ୍ଷଣ ତିଷ୍ଠି ରହିପାରିନାହିଁ। ସେ ଦୁହେଁ ରିପ୍ରେସିଭ୍ ହାଇପୋଥେସିସ୍‌କୁ ଅବାସ୍ତବ ବୋଲି ସାବ୍ୟସ୍ତ କରି ନିଜ ନିଜର ସଂପର୍କକୁ ସାମାଜିକ ଓ ରାଜନୀତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି। ଏଭଳି ସଂପର୍କକୁ ଯେତେବେଳେ ସମାଜରେ ବିରୋଧ କରାଯାଏ, ସେତେବେଳେ ଏହାକୁ ଏକ ସୁଚିନ୍ତିତ ରାଜନୀତିକ କୌଶଳ ବା political technology ବୋଲି ଆଖ୍ୟାୟିତ କରିଛନ୍ତି ନିଜେ ଫୁକୋ। ତେଣୁ ଯାନ୍ତ୍ରିକତାଯୁକ୍ତ establishment ମଧ୍ୟରୁ ବିମୁକ୍ତ ହେବାକୁ ଚାହିଁଛି କେତକୀଗନ୍ଧା। ଏଇ ତ ପ୍ରେମମୟ ସଂପର୍କ। ଏହା ଯୁଗେ ଯୁଗେ ସପ୍ନରୁ ବଞ୍ଚିତ ମଣିଷକୁ ବଞ୍ଚାଇବା ସୂତ୍ର ପ୍ରଦାନ କରେ। ହତାଶ ବୁକୁରେ ସ୍ୱପ୍ନର ମଧୁମୟ ଚାରା ରୋପଣ କରେ। ସଞ୍ଜିବନୀ ମନ୍ତ୍ର ବିତରଣ କରେ। ଏ ସ୍ୱପ୍ନ କିନ୍ତୁ କୌଣସି ଯାନ୍ତ୍ରିକବ୍ୟବସ୍ଥା ଦ୍ୱାରା ପରିଚାଳିତ ରାଜକୀୟ ପ୍ରମୋଦଶାଳା ନୁହେଁ। 'ମହାନାଟକ' ଭାରତର ରାଜନୀତିକ ଓ ସାମାଜିକ ଇତିହାସର ସନ୍ଧିକ୍ଷଣରେ ଲେଖା ହୋଇଥିବାର କଥା ନିଜେ ନାଟ୍ୟକାର ସ୍ୱୀକାର କରିଛନ୍ତି। ଏ ନାଟକର ଶୈଳୀ, ବ୍ୟଞ୍ଜନା, କଳ୍ପନାପ୍ରବଣତା, ହାସ୍ୟରସ, ଗୀତିମୟତା ଓ ପ୍ରକାଶଭଙ୍ଗୀ ଓଡ଼ିଆ ନାଟକରେ ସଂପୂର୍ଣ୍ଣ ନୂତନ ବୋଲି ନାଟ୍ୟକାର କହିଛନ୍ତି। ସେ ଯାହା ବି ହେଉ ଏହି ନାଟକରେ ହସ୍ତିନା ନଗରର ସମ୍ରାଟ ବଜ୍ରବାହୁ ଯେଭଳି ଶାସନ କରିଛନ୍ତି, ସେହି ଶାସନର କ୍ଷମତା ରାଜନୀତି ସହିତ ଫୁକୋଙ୍କର କ୍ଷମତା ସଂରଚନା ତତ୍ତ୍ୱର ନିବିଡ଼ ସଂପର୍କ ଥିବା ପରି ମନେ ହୁଏ। ସେଥିପାଇଁ ଏହି ନାଟକଟିକୁ ଯେକୌଣସି ଶାସନତନ୍ତ୍ରର ଅବ୍ୟବସ୍ଥିତ ଧାରା ସହିତ ତୁଳନା କରାଯାଇପାରେ। ତତ୍ ସହିତ ନାଟକରେ ସନ୍ନିବେଶିତ ଶାସନଗତ ଛଳନାକୁ ମଧ୍ୟ ଫୁକୋକର କ୍ଷମତା ତତ୍ତ୍ୱ ପରିପ୍ରେକ୍ଷୀରେ ଆକଳନ କରାଯାଇପାରେ।

ସହାୟକ ଗ୍ରନ୍ଥସୂଚୀ:

୧) Nayak, Pramod K.- Contemporary Literary and Cultural Theory, Pearson Publication, 7th-2018

୨) Foucault, Michel.- Discipline and Punishment, 1975.

୩) Foucault, Michel.- The History of Sexuality, 1978

୪) Said, Edward W.- Orientalism, Penguin Books, 2001

୫) Abrams, M.H. & Harpham, Geoffrey Galt- A Handbook of Literary Terms, Cenaage Learning, 2011

୬) Shepherd, Simon & Wallis, Mick- Drama/Theatre/Performance (The New Critical Idiom), Routledge Publication, 2004

୭) Hart, Kevin- A Beginners Guide Postmodernism, One World Oxford, 2006

୮) ପାଣିଗ୍ରାହୀ, ରମେଶ ପ୍ରସାଦ। ମହାନାଟକ। ୨୦୧୭। ଓଡ଼ିଶା ବୁକ୍ ଷ୍ଟୋର, କଟକ।

୯) ଦାସ, ରବୀନ୍ଦ୍ର କୁମାର। ଉତ୍ତର ଆଧୁନିକ ସମାଲୋଚନାବାଦର କାଠଗଡ଼ାରେ ଓଡ଼ିଆ ସାହିତ୍ୟ। ୨୦୧୮। ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ।

A L O C H A N A
ସମାଲୋଚନା
ପ୍ର ସ ଙ୍ଗ ନା ରୀ
ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal
OPEN ACCESS
https://bageesha.in

ଅଗ୍ନିସ୍ନାତା : ଆତ୍ମଜାର ଆତ୍ମଲିପି

■ ଡ. ବିଜୟଲକ୍ଷ୍ମୀ ଦାଶ
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ମୂଳ ଶବ୍ଦ: ଅଗ୍ନିସ୍ନାତା, ଜୀବନ, ଅନୁଭବ, ଦୃଷ୍ଟିଭଙ୍ଗୀ, ସମ୍ବନ୍ଧ, ଜ୍ୟୋସ୍ନା ବିଶ୍ୱାଳ ରାଉତ, ସଂଗ୍ରାମୀ ଜୀବନ, ସ୍ୱାଧୀନତା ସଂଗ୍ରାମ, ସଂଗ୍ରାମୀ ଜୀବନ

ABSTRACT

ସାରାଂଶ: 'ଅଗ୍ନିସ୍ନାତା'ର ଲେଖିକା ଜ୍ୟୋସ୍ନା ବିଶ୍ୱାଳ ରାଉତଙ୍କ ଜୀବନର ଭୂମି ଉପରେ ଲିଖିତ। ଏହା ପାଠ କଲେ ଆମ ଜୀବନର ଅବଶ୍ୟମ୍ଭାବୀ ଧାରାଟି ଆହୁରି ସୁସ୍ପଷ୍ଟ ହୋଇଯାଏ। ଆମର ଅନୁଭବ ଅନେକ ସମୟରେ ଜୀବନକୁ ବିବିଧ ଭାବରେ ଦେଖାଇ ଦିଏ। ଦୃଷ୍ଟିଭଙ୍ଗୀ ଯେତେ ପରିବ୍ୟାପ୍ତ ହେବ ଜୀବନ ସେତେ ମଧୁର ପାଲଟି ଯିବ । ଜୀବନ ଅନୁଶୀଳନ ରୂପୀ ସମ୍ବନ୍ଧର ଚେତନା ହେଉଛି ଅଗ୍ନିସ୍ନାତା।

'ଅଗ୍ନିସ୍ନାତା' ଲେଖିକା ଜ୍ୟୋସ୍ନାଙ୍କର ଉପନ୍ୟାସୋପମ ଆତ୍ମଜୀବନୀ। ସାରସ୍ୱତ ଜୀବନଯାତ୍ରାର ଅନ୍ୟତମ ସଫଳ ଅର୍ଘ୍ୟ। ବହିଟି ପ୍ରକାଶ ପାଇଛି ୨୦୨୩ ନଭେମ୍ବର ମାସରେ। ପ୍ରକାଶକ ହେଉଛନ୍ତି ଜଗନ୍ନାଥ ରଥ, ବାଲୁବଜାର, କଟକ। ବହିଟି ଏକୋଇଶ ଅଧ୍ୟାୟ ବିଶିଷ୍ଟ। 'ପରିତ୍ୟକ୍ତ', 'କ୍ରୀତଦାସୀ', 'ଲାଜ', 'କୈଶୋର', 'ଅଭିଶାପ', 'କଟକଣା', 'ନିଆଁଖପରା', 'ଆକର୍ଷଣ', 'ସାତସିଆଁ', 'ରଣନୀତି', 'ଓଢ଼ଣୀ', 'ନିଆଁଗୋଜଣା', 'ସମୟଚକ୍ର', 'ସର୍ବସ୍ୱାନ୍ତ', 'ସୁକୃତ' 'ଯୋଗଜନ୍ମା', 'ଜୀବନ ଅଭିଯାନ', 'ଡାଙ୍ଗଲାପାଶ୍', 'ବିଷାକ୍ତ କୀଟ', 'ମୂଳସମ୍ବଳ', 'ଐଶ୍ୱର୍ଯ୍ୟଶାଳୀ' ଭଳି ୨୧ଟି ଅଧ୍ୟାୟ ଭିତରେ ଲେଖିକା ଜୀବନର ସର୍ବଶ୍ରେଷ୍ଠ ଉପଲବ୍ଧିଗୁଡ଼ିକୁ ବଖାଣିଛନ୍ତି। ଶେଷରେ ଲେଖିକାଙ୍କର ବକ୍ତବ୍ୟ ହେଉଛି "ମୁଁ ଏକ ନୂତନ ଧରଣର ଇତିହାସ ସୃଷ୍ଟି କରିବାକୁ ଚାହେଁ, ଯେଉଁ ଇତିହାସ କେବଳ ଅମୃତର ସନ୍ଧାନ ଦେବ ।" ଲେଖିକା ନିଜ ହୃଦୟର ବ୍ୟଥା ଓ ବେଦନାକୁ ପ୍ରଥମ ଅଧ୍ୟାୟରେ ଯୁଗପୁରୁଷ, ଅମୃତ ସନ୍ତାନ, ବୁଢ଼ାଲୁଇତ ବ୍ରହ୍ମପୁତ୍ରଙ୍କୁ ନିଜ ଅଭିଯୋଗ ମାଧ୍ୟମରେ ବ୍ୟକ୍ତ କରୁଛନ୍ତି। ଲେଖିକାଙ୍କ ବକ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଥାଏ।

ମୁଁ ତାଙ୍କ ଆଗରେ ଅଭିଯୋଗ ବାଢ଼ିଲି –"ହେ ପ୍ରିୟ ଅମୃତ ସନ୍ତାନ! ଜୀବନସାରା କଷ୍ଟ ଅଶାନ୍ତି, ବିଶ୍ୱାସଘାତକତା, ପ୍ରତାରଣା ଆଦିର ବୋଝକୁ ବୁଜୁଳା କରି ବୋହି ବୋହି ମୋ ଅଣ୍ଟା ନଇଁ ପଡ଼ିଲାଣି। ହାତମୁଠାରେ ଆଗଭଳି ଆଉ ଜୋର୍ ନାହିଁ। ପାଦ ଦିଇଟା ବେଳେବେଳେ ଥକି ପଡୁଛି ତଥାପି ... ତଥାପି ଫେରିଯିବା ପାଇଁ ରାସ୍ତା କାହିଁକି ପାଉନି? XXX ମୋତେ ଉତ୍ତର ଦିଅ ଯୁଗପୁରୁଷ। ମୁଁ ଆଉ ପାରୁନି। ଯୁଗ ଯୁଗ ଧରି ଧରିତ୍ରୀକୁ ଶକ୍ତି କରି ଅବିରାମ ଗତିରେ ବହି ଚାଲୁଥିବା ଲୁଇତ ଆଡ଼କୁ ଅସହାୟ ଭାବେ ଅନେଇ ରହିଲି।" (ପୃ.୧୧)

ଲେଖିକା ଜ୍ୟୋସ୍ନା ଜୀବନର କଥାକୁ ଉପନ୍ୟାସୋପମ ଆତ୍ମକଥାର ଆଖ୍ୟା ଦେଇଛନ୍ତି। ଆମେ ଏଥିରେ ଏକମତ ଯେ, ଉପନ୍ୟାସ ହେଉଛି ଏକ କାଳ୍ପନିକ ଓ ବାସ୍ତବଧର୍ମୀ ସର୍ଜନକଳା। ଔପନ୍ୟାସିକ ଏଥିରେ ଏ ଦୁଇଟି ଦିଗକୁ ଆଧାର କରି କଥାବସ୍ତୁ ଓ ଚରିତ୍ର ଚୟନ କରେ। ଆତ୍ମଜୀବନୀ କିନ୍ତୁ ଲେଖକର ଆପଣା ଜୀବନର ବଞ୍ଚିବାର କାହାଣୀ ପାଲଟି ଯାଏ। ଆତ୍ମଜୀବନୀ ହେଉଛି - ସ୍ୱଜୀବନ ଆବିଷ୍କାର ଏବଂ ଜୀବନ ପରିଚୟର କାହାଣୀ। ଯେଉଁଥିରେ ସ୍ୱକୀୟ ଅନୁରାଗ, ଆତ୍ମଉତ୍ତୋଳନ, ଆତ୍ମ ପ୍ରସାରଣର ଓ ଅନୁରାଗର ସ୍ୱର ବାରି ହୋଇପଡ଼େ। 'ଅଗ୍ନିସ୍ନାତା' ଉପନ୍ୟାସ ପରି ମନୋରମ। ସତ୍ୟ, ଆବେଗ ଓ ଅନୁଭୂତିର କାବ୍ୟିକ ରୂପାୟନ। ଲେଖିକାଙ୍କ ଚମତ୍କାରିତା ସ୍ୱସ୍ପଷ୍ଟ। ଆପଣାର ହେତୁ ହେବା ଦିନୁ ଲେଖିକା ନିଜକୁ ନେଇ ଆଣି ଥୋଇ ପାରିବାକୁ କେତେ ସାଧନା ନକରିଛନ୍ତି। ସେସବୁ ଅନୁଭୂତିକୁ ଆପଣାର ସରସ ଭାଷାରେ ଓ ସରସ ଶୈଳୀରେ ଲିପିବଦ୍ଧ କରିଛନ୍ତି। ନିମ୍ନୋକ୍ତ ଲେଖକୀୟ ଅଭିବ୍ୟକ୍ତିରୁ ଏହା ସ୍ପଷ୍ଟ ହୋଇଥାଏ। ବୁଢ଼ା ଲୁଇତରୂପୀ ଦିବ୍ୟପୁରୁଷଙ୍କୁ ସମ୍ବୋଧନ କରି କହୁଛନ୍ତି –"ହେ ମୋର ପ୍ରିୟ ପୁରୁଷ! ଏହି ବ୍ୟତିକ୍ରମଧର୍ମୀ ଜୀବନରେ ମୁଁ ବାରମ୍ବାର କାହିଁକି ଦଂଶିତ ହେଉଛି? ପୁରୁଣା ଘା'ଶୁଖିବାର ଉପକ୍ରମ ହେଲାବେଳକୁ ତା'ପାଖରେ ଆଉ

ଗୋଟିଏ ନୂଆ ଘା'। ଦେହରେ ସେହି ଘାଆଗୁଡ଼ାକ ଏଭଳି ଯନ୍ତ୍ରଣା ଦେଉଛନ୍ତି ଯେ ମୁଁ ମୋ ଶରୀରଠୁ ସବୁପ୍ରକାର ମୋହ ଛିଣ୍ଡେଇ ଦେଇଛି।"(ପୃ.୧୨)

ଦିବ୍ୟପୁରୁଷଙ୍କ ଆଶ୍ୱାସନାବାଣୀ ଲେଖିକାଙ୍କୁ ଦୃଢ଼ କରିଦିଏ। ସେ କହନ୍ତି –"ଯାଅ, ପୃଥିବୀରେ ଏହିଭଳି ଜଣେ ଲୋକର ସନ୍ଧାନ କର ଯିଏ, ଏହିସବୁ ସମସ୍ୟାଠୁ ଊର୍ଦ୍ଧ୍ୱରେ। XXX ଜୀବନଚକ୍ରରେ ଭାଗ୍ୟ ସବୁବେଳେ ଅଦୃଶ୍ୟ ହୋଇରହେ। ସମୟ ଏହି ଭାଗ୍ୟଚକ୍ରକୁ ନିୟନ୍ତ୍ରଣ କରେ। ଆମେ ଏହାର ଫଳାଫଳକୁ ଭୋଗ କରିବାପାଇଁ ବାଧ ହୋଇପଡୁ ।"(ପୃ.୧୩)

ସମ୍ଭାବନା ଓ ଫଳଶ୍ରୁତି ଦୃଷ୍ଟିରୁ ଏକାନ୍ତ ସଂକୀର୍ଣ୍ଣ ପରିସର ଭିତରେ ବଢ଼ିଥିବା ଲେଖିକା ଜ୍ୟୋତ୍ସ୍ନା ପରିସ୍ଥିତି ସହ କେତେ ଯୁଝିଛନ୍ତି, ପ୍ରତିକୂଳ ଅବସ୍ଥାକୁ କିପରି ଅନୁଭବ କରିଛନ୍ତି, ହୁଏତ କୋଉଠି ଭରସାର ଡାଳଟିଏ ଧରିପାରିବା ଲାଗି ସେ କେତେ ନଈ ପହଁରିଛନ୍ତି ତା'ର ହିସାବ ନାହିଁ। ପହଁରିବା ସମୟରେ କେତେବେଳେ ଭାଗ୍ୟବାଦୀ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି ତ ପୁଣି କେତେବେଳେ ବ୍ୟକ୍ତିବାଦୀ। କିନ୍ତୁ କୌଣସି ସମୟରେ ଜୀବନର ଅସଲ ବାଡ଼ଗୁଡ଼ାକ ଭାଙ୍ଗିପାରିନାହାଁନ୍ତି। ମୂଳ ଜନ୍ମଗତ ସଂସ୍କାର ପାଖରେ ସେ ବାନ୍ଧି ହୋଇ ପଡ଼ିଛନ୍ତି। ଏହା ତାଙ୍କୁ ଏତେ ମାତ୍ରାରେ କାବୁ କରି ରଖିଛି ଯେ, ସେଥିରୁ ସେ ନିଜକୁ ମୁକ୍ତ ରଖିପାରିନାହାନ୍ତି। ଓଡ଼ିଶାର ଜଗତସିଂହପୁର ଅଞ୍ଚଳର ଏକ ନିପଟ ମଫଲସର ଅଭାବୀ ପରିବାରରେ ଜନ୍ମ ନେଇଥିବା ଜଣେ ସାଧାରଣ ଝିଅଟି ନିଜର ଦୃଢ଼ ସଂକଳ୍ପ ବଳରେ ଆସାମର ଗୌହାଟୀ ବିଶ୍ୱବିଦ୍ୟାଳୟର ପ୍ରଫେସର ହେବା ସହିତ ଜଣେ ଯଶସ୍ୱୀ ଲେଖିକା ହେବାର ଗୌରବ ଅର୍ଜନ କରିପାରିଛନ୍ତି। ଜୀବନର ଆରମ୍ଭରୁ ଆଜିଯାଏ ଯେଉଁସବୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିଛନ୍ତି ତା'ର ରୂପାୟନ 'ଅଗ୍ନିସ୍ନାତା'। ଓଡ଼ିଶାରୁ ଆସାମ ସୁଦୀର୍ଘ ଯାତ୍ରା ପଥରେ ଆପଣା ଜୀବନର ଅଜସ୍ର ସମ୍ଭାବନାକୁ ହାତେଇବା ପାଇଁ ବହୁ ବାଧା ବିଘ୍ନକୁ ସାମ୍ନା କରିଛନ୍ତି। ତଥାପି ସେଇ ସକଳ ସ୍ଥିତିରେ ସିଏ କେବଳ ଆପଣାକୁ ନେଇ, ସ୍ୱସାଧନାକୁ ନେଇ ଜୀବନର ଯାବତୀୟ ହିସାବ କରିଛନ୍ତି।

ରକ୍ଷଣଶୀଳ ପରିବାରର ସଂକୀର୍ଣ୍ଣ ମନୋଭାବ ଲେଖିକାଙ୍କୁ ଅନେକ ସମୟରେ ଯନ୍ତ୍ରଣାରେ କ୍ଷତାକ୍ତ କରିଛି। ପରିବାରରେ ନିଜ ରକ୍ତ ସମ୍ପର୍କୀୟ, ଯାହାର ଗର୍ଭରୁ ଜନ୍ମ ସେ ଯଦି ପୁଅ-ଝିଅ ଭିତରେ ପାତର ଅନ୍ତର କରନ୍ତି ସେ କଷ୍ଟକୁ ଲାଘବ କରିବ କିଏ? ପ୍ରତିଟି କ୍ଷେତ୍ରରେ ପୁଅମାନଙ୍କୁ ଅଗ୍ରାଧିକାର ଦେବା, ଝିଅମାନଙ୍କୁ ତୁଚ୍ଛ ନଗଣ୍ୟ ଭଳି ବ୍ୟବହାର କରିବାର ହୃଦୟ ବିଦାରକ କଷ୍ଟ 'ବୋଉ' ଶବ୍ଦ ପ୍ରତି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଦିଏ। ଲେଖିକାଙ୍କ ବର୍ଣ୍ଣନାରୁ ଆମେ ସ୍ପଷ୍ଟ ହୋଇପାରିବା।

• "ମୁଁ ସକାଳୁ ଉଠି ଦାଣ୍ଡ, ବାଡ଼ି ଦୁଆରରେ ଗୋବରପାଣି ପକେଇ ସବୁଆଡ଼େ ପହଁରେ। ତା'ପରେ ଚୁଲିରୁ ପାଉଁଶ କାଢ଼ି ମାଟି ଗୋବର ମିଶେଇ ଚୂଲି ଲିପେ। ତା'ପରେ ବାସନ-କୁସନ, କଡ଼େଇ-ଡେ଼କ୍‌ଚି ଆଦି ପାଉଁଶରେ ମାଜେ। ଏହାପରେ ଦଉଡ଼ି ଦଉଡ଼ି ଛୋଟ ବାଲ୍‌ଟିରେ ପୋଖରୀରୁ ଆଠବାଲ୍‌ଟି ପାଣି ଆଣି ଦୁଇଟା ବଡ଼ ବାଲ୍‌ଟିରେ ଭର୍ତ୍ତି କରେ।" (କ୍ରୀତଦାସ, ପୃ.୨୪)

• "ଭାଇ ଭଉଣୀ ମିଶି ସାତଜଣ, ବାପା-ବୋଉଙ୍କୁ ମିଶାଇଲେ ନ'ଅ ପ୍ରାଣୀ କୁଟୁମ୍ବ। ବାପାଙ୍କ ଶେଯ ବିଛଣା ସଜାଡ଼ିବା, ଭଜା-ସନ୍ତୁଳା ପରିବା କାଟିବା, କେନାଲରୁ ଚାରି-ପାଞ୍ଚ ମାଠିଆ ପାଣି ଆଣିବା, ଅଇଁଠା ବାସନ, କଡ଼େଇ ଡେ଼କ୍‌ଚି ମାଜିବା, ଲଣ୍ଠନ ସଫା ସଂଜଦେବା, ଶାଗ ବାଛିବା ଭଳି ଯାବତୀୟ କାମ ସାରିବା ପରେ ଯଦି ଫୁରସତ୍ ମିଳିବ ତା'ହେଲେ ପାଠପଢ଼ା।

ଭଗବାନଙ୍କ ଉପରେ ଅଭିମାନ କରନ୍ତି ଲେଖିକା। ସୃଷ୍ଟିରେ ପୁଅଝିଅ ସମାନ। କିନ୍ତୁ କାହିଁକି ବିଧାତା ଏପ୍ରକାର ଅବିଚାର କରିଛନ୍ତି। ଘରର ପୁଅମାନେ ପାଠ ପାଢ଼ିବା ପାଇଁ ଟିଉସନ୍ ବର୍ଷସାରା ଖଞ୍ଜା। ପୁଅ ବୋଲି ବାପା ସେମାନଙ୍କୁ ଘଣ୍ଟା କିଣି ଦିଅନ୍ତି। ସାଇକେଲ୍ କିଣି ଦିଅନ୍ତି। ଜୋତା-ମୋଜା, ପ୍ୟାଣ୍ଟ-ସାର୍ଟ ସବୁକିଛି। ଖାଇବାରେ ମଧ ପାତର ଅନ୍ତର। ଟିଉସନ ଯିବେ ବୋଲି ରାତିରୁ ଭଜା, ସୁଜିଖିରୀ। କିନ୍ତୁ ଘରର ଝିଅ ଭାବେ ଯାବତୀୟ କାମ କଲାପରେ ଭୋକରେ ପେଟ ଆଉଟି ହେଉଥିବା ସେ ସମୟରେ ବୋଉର ଗାଳି ଆଉ ଗଂଜଣା।

ଏତେ କଷ୍ଟ ଯନ୍ତ୍ରଣା ଭିତରେ ଥାଇ ମଧ ବାରମ୍ବାର ଗୋଟିଏ ପ୍ରଶ୍ନ ଲେଖିକାଙ୍କୁ କ୍ଷତବିକ୍ଷତ କରୁଛି, "ମୋ ପାଠପଢ଼ା ସାଙ୍ଗରେ ବୋଉର କ'ଣ ସମସ୍ୟା? (କ୍ରୀତଦାସ, ପୃ.୨୮) ଆପଣାର ପାଠ ପଢ଼ିବାର ଇଚ୍ଛାକୁ କେଉଁଠି ହେଲେ ଅବଦମିତ କରିନାହାନ୍ତି। ସେଥିପାଇଁ କେତେ କଷ୍ଟ ତାଙ୍କୁ ସ୍ୱୀକାର କରିବାକୁ ପଡ଼ିଛି। ସେ ଲେଖିଛନ୍ତି –

"ମୋ ପାଠପଢ଼ାର ଦୁଇଟା ମୂଳ ସୁଯୋଗ ଥିଲା-ଗୋଟିଏ ହେଉଛି ପୋଖରୀକୁ ପାଣି ଆଣିବାକୁ ଗଲାବେଳେ ପ୍ୟାଣ୍ଟ ଭିତରେ ବହି ପଶେଇ ନିଏ। ପୋଖରୀ ହୁଡ଼ାରେ ବସି ଅଧଘଣ୍ଟାଏ ପଢ଼େ। ଡେରି ହେଲେ ବୋଉ ଘରେ ଥାଇ ମୋ ନାଁ ଧରି ରଡ଼େ। ମୁଁ ସାଂଗେ ସାଂଗେ ପ୍ୟାଣ୍ଟ ଭିତରେ ବହି ପଶେଇ ପୋଖରୀରେ ବାଲ୍‌ଟିକୁ ବୁଡ଼େଇ ଦେଇ ଗୋଟାଏ ନିଶ୍ୱାସରେ ଆସି ଘରେ ହାଜିର ହୋଇଯାଏ।" (କ୍ରୀତଦାସ, ପୃ.୨୯)

ପାଠପଢ଼ିବା ସମୟରେ ପ୍ରତିବନ୍ଧକକୁ ସାମ୍ନାକରିବା ଗାଁରୁ ସହରକୁ ଆସି ପାଠପଢ଼ିବା, ହଷ୍ଟେଲ ଜୀବନ ଏ କ୍ଷେତ୍ରରେ ମଧ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି। ପ୍ରତିକୂଳ ପରିସ୍ଥିତି ଓ ଲେଖିକାଙ୍କ ଜୀବନର ପ୍ରତିଟି ଘଟଣା ସତେଯେମିତି ହାତଧରାଧରି ହୋଇ ଚାଲିଛନ୍ତି। ସମାନ୍ତରାଳ ସରଳରେଖା ପରି। କିନ୍ତୁ 'ଅଗ୍ନିସ୍ନାତା'ର ଲେଖିକା ସେସବୁକୁ ନୀରବରେ ସାମ୍ନା କରିଛନ୍ତି। ଆଗକୁ ବଢ଼ିଛନ୍ତି। ଏବଂ ବୁଝିଯାଇଛନ୍ତି। "ଆତ୍ମବିଶ୍ୱାସ ହିଁ ମଣିଷର ସବୁଠୁ ବଡ଼ ଶକ୍ତି। ମୁଁ ପାରିବି, ମୁଁ ନିଶ୍ଚୟ ପାରିବି...।" XXX 'ନାରୀ ପୁରୁଷଠୁ ଦୁର୍ବଳ' ଏହି କଥା ଭାଗ୍ୟ ବିଧାତା କୌଣସି ନାରୀ କପାଳରେ କେବେହେଲେ ଲେଖିନଥାନ୍ତି। ଆମ ସମାଜ ଏହି ନିମୟ ଗଢ଼ିଛି।" (ନିଆଁ ଖପରା, ପୃ.୮୯) ଏଇ ଆତ୍ମବିଶ୍ୱାସ ତାଙ୍କୁ ଅନନ୍ୟା କରି

ଗଢ଼ିତୋଳିଛି। ଏମ୍.ଏ. ଓଡ଼ିଆରେ ପାସ୍ କରି ପ୍ରଥମେ ମହାବିଦ୍ୟାଳୟରେ ଅଧ୍ୟାପିକା ହିସାବରେ ନିଜର କର୍ମମୟ ଜୀବନ ଆରମ୍ଭ କରିଛନ୍ତି। ଏହାପରେ ଜଣେ ଆଇ.ପି.ଏସ୍. ଅଫିସରଙ୍କୁ ବିବାହ କରିଛନ୍ତି। ଲେଖିକା ଜ୍ୟୋତ୍ସ୍ନାଙ୍କର ରୂପ ଯେମିତି ତୋଫା ଗୋରା ମନ ମଧ୍ୟ ସଫା। କିନ୍ତୁ ଏଇ ଗୋରା ରଙ୍ଗ ପାଇଁ ମଧ୍ୟ ଶାଶୁଘରୁ ଅନେକ ଗଂଜଣା ସହିବାକୁ ପଡ଼ିଛି। ଗାଁ'ଟାଯାକର ଲୋକେ ଗୋରାରଂଗକୁ ନେଇ ଟୁପୁରୁଟାପୁରୁ ହୁଅନ୍ତି। ଜଣେ ବୁଢ଼ୀ ମାଉସୀ କହୁଛନ୍ତି –

"ସବୁ ଝିଅ ଯେମିତିଆ ଗୋରା, ଇଏତ ସେମିତିଆ ଗୋରା, ଆଉ ବମ୍ବେ ନେଇ ରଙ୍ଗ କରି ଆଣିବା କଥା ଗାଁ ସାରା ପ୍ରଚାର ହୋଇଛି। ମୋତେ ତ କାହିଁକି ସେମିତି ଲାଗୁନି। କହୁଛନ୍ତି, ଛ'ଅ ମାସ ଯାଏ ଏହି ରଂଗ ରହିବ, ପୁଣି ଛ'ଅ ମାସପରେ ଆଉ ଥରେ ରଙ୍ଗ କରିବା ପାଇଁ ତାକୁ ବମ୍ବେ ନେବାକୁ ପଡ଼ିବ। ତା'ପରେ ମୋତେ ପଚାରିଲେ, ଆଲୋ ମା! ତୋ ଦେହର ରଂଗ ଦେବା କଥା ସତ ନାଁ ମିଛ? ଗାଁରେ ସମସ୍ତେ କହୁଛନ୍ତି ତୁ ତ୍ରିପଣ୍ଡ କାଳି ଥିଲୁ। ତେ ଭାଇମାନେ ବମ୍ବେରେ ପଚାଶ ହଜାର ଟଙ୍କା ଦେଇ ଦେହରେ ଧଳାରଂଗ ଲଗେଇ ଆଣିଛନ୍ତି।" (ନିଆଁଗୋଜଣା, ପୃ.୧୪୬)

ପ୍ରତିକୂଳ ପରିସ୍ଥିତି ଲେଖିକା ଜ୍ୟୋତ୍ସ୍ନାଙ୍କ ଜୀବନରେ ଏଇଠି ସରିନାହିଁ। ଉଭୟ ପରିବାରର ଛଳନା ଓ ସ୍ୱାର୍ଥପରତା ତାଙ୍କୁ ଆଘାତ ଦେଇଛି ସତ କିନ୍ତୁ କର୍ତ୍ତବ୍ୟରୁ କଦାପି ସେ ଓହରି ଯାଇନାହାଁନ୍ତି। ଏମ୍.ଫିଲ୍, ପିଏଚ୍.ଡ଼ି, ଡ଼ି.ଲିଟ୍ ଭଳି ସର୍ବୋଚ୍ଚ ଡିଗ୍ରୀ ଲାଭକରିଛନ୍ତି। ପିଲାଦିନେ ପ୍ୟାଣ୍ଟ ଭିତରେ ବହି ଖଣ୍ଡେ ପୂରାଇ ଲୁଚି ଲୁଚି ପାଠପଢୁଥିବା କୁନି ଝିଅଟି ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡ଼ିଗ୍ରୀ ପ୍ରାପ୍ତ ହୋଇଛନ୍ତି। ଆସାମ ରହଣିକୁ ମଧ୍ୟ ସେ ସୁନ୍ଦର ଭାବେ ଉପଯୋଗ କରିଛନ୍ତି। ଆସାମୀ ଭାଷା ଶିଖିଛନ୍ତି। ଅସମୀୟା ଭାଷା, ସାହିତ୍ୟ ପ୍ରତି ଆକର୍ଷିତ ହୋଇଛନ୍ତି। ଗୌହାଟୀ ବିଶ୍ୱବିଦ୍ୟାଳୟର ଆଧୁନିକ ଭାରତୀୟ ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ଭାବରେ ନିଜର କର୍ମମୟ ଜୀବନକୁ ସର୍ବୋଚ୍ଚ ଶୀର୍ଷରେ ପହଞ୍ଚାଇ ପାରିଛନ୍ତି।

ବିଶ୍ୱବିଦ୍ୟାଳୟର ଚକ୍ରବ୍ୟୁହ ବ୍ୟବସ୍ଥା ମଧ୍ୟ ଲେଖିକାଙ୍କ କର୍ମମୟ ଜୀବନକୁ ପ୍ରଭାବିତ କରିଛି। ବିଶ୍ୱବିଦ୍ୟାଳୟ ଚାକିରୀ ଜୀବନରେ ସାମ୍ନା କରିଥିବା ଦୈନିକ ସହକର୍ମୀ ପ୍ରଫେସରଙ୍କର କୂଟ ଚକ୍ରାନ୍ତକୁ 'ଯୋଗଜନ୍ମା' ଅଧ୍ୟାୟର 'ଗଙ୍ଗା' ଚରିତ୍ର ମାଧ୍ୟମରେ ବର୍ଣ୍ଣନା କରିଛନ୍ତି। ଲେଖିକାଙ୍କ ଅସୀମ ଧୈର୍ଯ୍ୟ, ଆଘାତ ପରେ ଆଘାତ ସହି ଶେଷରେ ଜୀବନ ଜିତିବାର ବିଶ୍ୱାସ ଗଙ୍ଗାରୂପୀ ଜ୍ୟୋତ୍ସ୍ନାଙ୍କୁ ଅନ୍ୟାୟ ବିରୋଧରେ, ପ୍ରାଚୀନ ବିଧିବ୍ୟବସ୍ଥା ଓ ପୁରୁଷ କୈନ୍ଦ୍ରିକ ସମାଜ ବ୍ୟବସ୍ଥାର ହୀନଚକ୍ରାନ୍ତ ବିରୋଧରେ ସଂଗ୍ରାମ କରିବାକୁ ପ୍ରେରଣା ପ୍ରଦାନ କରିଛି। ଯୁଗ ଯୁଗ ଧରି ପ୍ରଚଳିତ ପରମ୍ପରା ଅଛି 'ଝିଅ ପିଲାଙ୍କ ଭାଗ୍ୟ ସେଇଆ'। ଏଇ କୁ-ପରମ୍ପରାକୁ ଭାଙ୍ଗିବାକୁ ଗଙ୍ଗା ଅଣ୍ଟା ଭିଡ଼ିଚି। ଗଙ୍ଗାର ଦୃଢ଼ବିଶ୍ୱାସ ଦିନେ ନା ଦିନେ ଗୋଟିଏ ଗଙ୍ଗାର ସ୍ୱର ସହିତ ବହୁ ସ୍ୱର ମିଶିବେ। ଶେଷରେ ଗଙ୍ଗାରୂପୀ ଜ୍ୟୋତ୍ସ୍ନାଙ୍କର ସମାଜର ନାରୀମାନଙ୍କ ପାଇଁ ବାର୍ତ୍ତା ହେଉଛି –

"ସମାଜରେ ନାରୀମାନଙ୍କ ପାଇଁ ବାନ୍ଧି ଦିଆଯାଇଥିବା ଯୁକ୍ତିହୀନ, ଅର୍ଥହୀନ ନିଷ୍ଠୁର ନିୟମଗୁଡ଼ିକୁ ଶାଶ୍ୱତ ସୌନ୍ଦର୍ଯ୍ୟର ପ୍ରତିମୂର୍ତ୍ତି ନାରୀ ହିଁ କେବଳ ପରିବର୍ତ୍ତନ କରିପାରିବ।" (ଯୋଗଜନ୍ମା, ପୃ.୨୨୯)

"ମୋ ଅନ୍ତରାତ୍ମା ମୋତେ ସମାଜରେ ମଣିଷ ଭଳି ବଞ୍ଚିରହିବା ପାଇଁ ପ୍ରେରଣା ଦେଲା। ମୋର ଅନୁଭବ ହେଲା– ଜୀବନକୁ ଛିନ୍ନଛତ୍ର କରି ନର୍କରେ ପରିଣତ କରିବା ପାଇଁ ମୁଁ ଏହି ପୃଥିବୀକୁ ଆସିନି। ମୋ ଜୀବନର ମହତ୍ତ୍ୱ ଅଛି। XXX ମୁଁ ବୁଝିପାରିଥିଲି, "ମୃତ୍ୟୁ ପଥରେ ମଣିଷ ନିଜେ ନିଜର ସହଯାତ୍ରୀ କିନ୍ତୁ ସତ୍ୟର ଉଦ୍‌ଘାଟନ କରିବାଠୁ ମିଥ୍ୟା ଅଧ୍ୟାୟ ଉପରେ ବଦ୍‌ନାମର ପ୍ରଲେପ ଦେବାରେ ମଣିଷ ଅଧିକ ସିଦ୍ଧହସ୍ତ ।" XXX ମୁଁ ଏହି ନିଷ୍ଠୁର ସତ୍ୟକୁ ଉପଲବ୍ଧି କରିଥିଲି –"ଭଙ୍ଗା ମନକୁ ସଜାଡ଼ିବା ପାଇଁ ପୃଥିବୀରେ କୌଣସି ମରାମତି ଶାଳ ନାହିଁ। କେବଳ ଆଶ୍ୱାସନାର ରଫୁ ଦେଇ ଆମକୁ ଜୀବନ ବିତେଇବାକୁ ହୁଏ।" (ଚାଙ୍ଗଲାପାଶ୍, ପୃ.୨୪୪)

ପରିଶେଷରେ ଏଇ ଉପନ୍ୟାସୋପମ ଆତ୍ମଜୀବନୀ ପାଠ କରିସାରିଲା ପରେ ସମାଜ ପାଇଁ ଏହାର ବାର୍ତ୍ତା ହେଉଛି "ବିଳାସବ୍ୟସନ ପୂର୍ଣ୍ଣ ଜୀବନଯାତ୍ରାର ପ୍ରତିଯୋଗିତାରେ ନିଜକୁ ସାମିଲ କରିବାରେ କିଛି ବାହାଦୂରୀ ନଥାଏ। ଦାରିଦ୍ର୍ୟ ଏବଂ ଅସହାୟତାକୁ ହଜମ କଲାଭଳି ଧୈର୍ଯ୍ୟ ଏବଂ ସତ୍‌ସାହସ ହିଁ ମଣିଷର ପ୍ରକୃତ ସଫଳତାର ମାପକାଠି।" (କୈଶୋର, ପୃ.୫୫)

ବର୍ତ୍ତମାନ ଆମେ ଏଇ ଉପନ୍ୟାସୋପମ ଆତ୍ମ ଜୀବନର ନିର୍ଯ୍ୟାସ ଆଡ଼େ ଦୃଷ୍ଟି ପକାଇବା।

- ପ୍ରଥମତଃ ଜୀବନର ବିଶାଳତାକୁ ନେଇ ଲେଖିକା ସ୍ତମ୍ଭୀଭୂତା। ଏହା ତାଙ୍କ ହୃଦୟରେ ସୃଷ୍ଟି କରିଛି ସୀମାହୀନ ଉଦ୍‌ବେଳନ। 'ଅଗ୍ନିସ୍ନାତା' ଭିତରେ ଜୀବନର ଆବେଗମୟ ଅନୁଭୂତିକୁ ଯେତିକି ଖୋଜିଛନ୍ତି ଜୀବନର ରହସ୍ୟ ପାଖରେ ସେତିକି ବିଚଳିତ ମଧ୍ୟ ହୋଇପଡ଼ିଛନ୍ତି। ଏହି ଅବସ୍ଥାର ବହିଃପ୍ରକାଶ ହିଁ ତାଙ୍କର 'ଅଗ୍ନିସ୍ନାତା'।
- ଦ୍ୱିତୀୟତଃ, ଜୀବନର ବିପୁଳ ଅନୁଭୂତି ତାଙ୍କ ପାଖରେ ଏକ ଚ୍ୟାଲେଞ୍ଜ। ଏଇ ଚ୍ୟାଲେଞ୍ଜ ଭିତରୁ ହିଁ ସେ ଲେଖିକା ହେବାର ଗୌରବ ପ୍ରାପ୍ତ ହୋଇଛନ୍ତି। ସୃଜନଶୀଳତା ପାଇଁ ପୃଥିବୀ ମଧ୍ୟରେ ଏକ ଆବେଗମୟ ଯୋଡ଼ଣ ହେଉଛି 'ଅଗ୍ନିସ୍ନାତା'। ହୋଇପାରେ 'ଅଗ୍ନିସ୍ନାତା'ର ଅନୁଭୂତିର ଦିଗ୍‌ବଳୟ ଓଡ଼ିଶାରୁ ଆସାମ। କିନ୍ତୁ ପ୍ରତ୍ୟେକ ଅନୁଭୂତି ନୂତନ ଓ ଅତୁଳନୀୟ।
- ତୃତୀୟତଃ ଆତ୍ମପ୍ରତାରଣା ଭିତରେ ମଣିଷକୁ ଅନେକ ସମୟରେ ବଞ୍ଚିବାକୁ ପଡ଼େ। ଯନ୍ତ୍ରଣାର ପାର୍ଥିବ ପୋଷାକ ପରିହାର କରି ଏଇ ଭୟଙ୍କର ପୃଥିବୀରୁ ନିଜକୁ ମୁକ୍ତ କରି ଶାନ୍ତିଲାଭ କରିବା ହେଉଛି ଜୀବନ। ଲେଖିକାଙ୍କ ଦୃଷ୍ଟିରେ ଜୀବନଟା ଖାଲି ଏକ ଆର୍ତ୍ତନାଦ ନୁହେଁ, ଏକପ୍ରକାର ଅମୃତର ପିପାସା। ଆପଣାର ଲୋକମାନଙ୍କର ଆତ୍ମପ୍ରତାରଣାରେ ମଣିଷ କ୍ଳାନ୍ତ ଭାରବାହକ ପାଲଟିଯାଏ। ମଣିଷର ଧୈର୍ଯ୍ୟ, ଦୃଢ଼

କର୍ତ୍ତବ୍ୟନିଷ୍ଠା ଏ ଭାରକୁ ବୋହିବା ପାଇଁ ସାମର୍ଥ୍ୟ ଯୋଗାଏ। ଯାହା ଲେଖିକାଙ୍କ 'ଅଗ୍ନିସ୍ନାତା'ରେ ଉପଲବ୍ଧ।

• ଚତୁର୍ଥତଃ, ମଣିଷ ଯେଉଁପରି ପୃଥିବୀରେ ବଞ୍ଚିବା ପାଇଁ ଇଚ୍ଛା କରୁଥାଏ, ସେହିପରି ପୃଥିବୀଟିଏ ସିଏ ପାଇପାରେ ନାହିଁ। ତେଣୁ ନିଜ ଜୀବନକୁ ସିଏ କେଉଁଠି କିପରି ବଞ୍ଚିବ, ସମୁଦାୟ ସମୟଟା ସାରା ସିଏ ଖାଲି ସେଇ ଜାଗାଟି ଖୋଜି ବୁଲୁଥାଏ। ସିଏ କ'ଣ ସ୍ୱପ୍ନରେ ସୁଦ୍ଧା ଭାବିଥିଲା ଯେ, ବଞ୍ଚିବା ପାଇଁ ତାକୁ ଏମିତି ଦୁଇଟି ନିଉଁଛୁଣା ପୃଥିବୀ ମିଳିଯିବ ବୋଲି। ଗୋଟିଏ ବାପଘରର ପୃଥିବୀ ଅପରଟି ଶାଶୁଘରର ପୃଥିବୀ ଯାହା ଲେଖିକାଙ୍କ ଆତ୍ମକଥାରୁ ସ୍ପଷ୍ଟ ହୋଇଥାଏ।

ଅଗ୍ନିସ୍ନାତାର ତିନୋଟି ଦିଗକୁ ନେଇ ଆଲୋଚନାଟି ପ୍ରସ୍ତୁତ। (କ) ଲେଖିକାଙ୍କ ବାଲ୍ୟଜୀବନ (ବାପଘରର ସମୟ), (ଖ) ଲେଖିକାଙ୍କ ବିବାହ ପରର ଜୀବନ, (ଗ) ଲେଖିକାଙ୍କ କର୍ମମୟ ଜୀବନ।

ପରିଶେଷରେ ମୁଁ ଏଇଠି ପହଞ୍ଚିଛି ଯେ,

• ଆମ ଚାରିପାଖରେ ଘେରି ରହିଥିବା ବିଭିନ୍ନ ଆବର୍ଜନାର ଅନ୍ତରାଳରୁ ଲେଖିକାଙ୍କର ନିଷ୍ପାପ, ନିରପରାଧ ଏବଂ ପବିତ୍ର ଆତ୍ମାକୁ ଚିହ୍ନିପାରିଛି।

• ଲେଖିକାଙ୍କ ମନର ଭାବ ବିହ୍ୱଳତା ଓ ତନ୍ମୟତା ଯେଉଁଠାରେ ଅନାବିଳ ଓ ସରଳ, ତାହା ଯେତେ ସାଧାରଣ, ଛୋଟ ଏବଂ ଗୁରୁତ୍ୱହୀନ ହେଲେ ମଧ୍ୟ ଚିରକାଳ ପାଇଁ ଅମଳିନ ଓ ଅନାହତ ହୋଇରହିଯାଇଛି।

ଆତ୍ମବିଶ୍ୱାସ ଏକ ବଡ଼ ଉତ୍କୃଷ୍ଟ ଗୁଣ। ଏହା ମଣିଷର ଭଙ୍ଗା ମନକୁ ଯୋଡ଼ି ଦେଇପାରେ। ମଣିଷ ଭିତରେ ସହନଶୀଳତା ସୃଷ୍ଟି କରେ। ଆମକୁ ଆଗେଇବା ସହ ବଞ୍ଚିବାର ପ୍ରେରଣା ପ୍ରଦାନ କରେ। ଜୀବନର ମହତ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରିବାରେ ଯେ ମାନବ ଜୀବନର ସଫଳତା; ଏହି ବାର୍ତ୍ତା ବହନ କରେ 'ଅଗ୍ନିସ୍ନାତା'।

("ଅଗ୍ନିସ୍ନାତା" ଆତ୍ମଜୀବନୀ ବହି ଆଧାରରେ ଆଲୋଚନାଟି ପ୍ରସ୍ତୁତ।)

●

ସା । କ୍ଷା । ତ କା । ର

ବାଗୀଶ ବରେଣ୍ୟ

ବାଗୀଶର ଚଳିତ ସଂଖ୍ୟାର **'ବାଗୀଶ ବରେଣ୍ୟ'**ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବିଶିଷ୍ଟ ସମାଲୋଚକ, ସଂପାଦକ ଓ ଗବେଷକ **ଡ. ଦାଶରଥି ଆଚାର୍ଯ୍ୟ**ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର। - *ସଂପାଦନା ମଣ୍ଡଳୀ , ବାଗୀଶ*

ଡ. ଦାଶରଥି ଆଚାର୍ଯ୍ୟଙ୍କ ସ୍ଥିରଚିତ୍ର

ଦାଶରଥି ଆଚାର୍ଯ୍ୟ(୧୩ ଅଗଷ୍ଟ ୧୯୬୨) ଜନ୍ମସ୍ଥାନ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ କେଦାରଉଦିତପ୍ରତାପପୁର (ଇଚ୍ଛାପୁର) ଗ୍ରାମ। ପିତା ଶ୍ରୀ କିଶୋରଚନ୍ଦ୍ର ଆଚାର୍ଯ୍ୟ। ବୃତ୍ତି ଅଧ୍ୟାପନା। ପ୍ରବୃତ୍ତି ଓଡ଼ିଆ ଭାଷାରେ ପ୍ରବନ୍ଧ ଓ ସାହିତ୍ୟ ସମାଲୋଚନା ଲେଖିବା, ଗ୍ରନ୍ଥ ସଂପାଦନା କରିବା। ତାଙ୍କ ଜୀବନର ଦୀର୍ଘ ସମୟ ବିତିଛି ଗବେଷଣା, ଅଧ୍ୟାପନା ଓ ସଂପାଦନା କ୍ଷେତ୍ରରେ। ଜଗନ୍ନାଥ କୌଶଲ୍ୟା ମହାବିଦ୍ୟାଳୟ, ରିଷିଡ଼ା, କଳାହାଣ୍ଡିରୁ ୨୬ ନଭେମ୍ବର ୧୯୮୭ ମସିହାରେ ସେ ତାଙ୍କ ଅଧ୍ୟାପନା ଜୀବନ ଆରମ୍ଭ କରି ୩୧ ଜାନୁଆରୀ ୨୦୨୨ ମସିହାରେ ପ୍ରାଧ୍ୟାପକ ଭାବେ ଅବସର ଗ୍ରହଣ କରିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା, ସମ୍ବଲପୁରରୁ ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକ ସମାପନ କରିବା ପରେ ସେଇଠି ହିଁ 'ଉପେନ୍ଦ୍ର ଭଞ୍ଜଙ୍କ କାଳ୍ପନିକ କାବ୍ୟରେ ଅଳଙ୍କାର ଯୋଜନା' ଶୀର୍ଷକ ଗବେଷଣା ସନ୍ଦର୍ଭ ଉପସ୍ଥାପନା ପୂର୍ବକ ସେ ଲାଭ କରନ୍ତି କଳାଭୂଷଣ(୧୯୮୭) ଓ 'ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଅଳଙ୍କାର ଯୋଜନା' ଶୀର୍ଷକ ଗବେଷଣା ସନ୍ଦର୍ଭ ଉପସ୍ଥାପନା ପୂର୍ବକ ସେ ଲାଭ କରନ୍ତି କଳାବିଭୂଷଣ (୧୯୯୨)ଉପାଧି। ତାଙ୍କ ସାହିତ୍ୟ ଆଲୋଚନା ଓ ଗବେଷଣାର କ୍ଷେତ୍ର ବିଶେଷତଃ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ। ଏହା ବ୍ୟତୀତ କଳାହାଣ୍ଡିର ଲୋକକଳା ଓ ଲୋକସାହିତ୍ୟର ଆଲୋଚନା ଓ ସଂଗ୍ରହ କ୍ଷେତ୍ରରେ ମଧ ସେ ବହୁ ସଫଳତାର ଅଧିକାରୀ। ବାସ୍ତବରେ ସେ ଜଣେ ସାହିତ୍ୟ ପ୍ରତି ସମର୍ପିତ ବ୍ୟକ୍ତି। ଜୀବନର ସର୍ବାଧିକ ସମୟ ସାହିତ୍ୟ ଅଧ୍ୟାପନାରେ ବିତିଥିଲେ ହେଁ ସାହିତ୍ୟ ଆଲୋଚନା ଓ ଗବେଷଣାରୁ ସେ ଦୂରେଇଯାଇ ନାହାଁନ୍ତି। କେବଳ ଯେ ଜଣେ ଭଲ ଗବେଷକ ଭାବେ ନୁହେଁ ବରଂ ଜଣେ ସଫଳ ସଂପାଦକ ଓ ଗ୍ରନ୍ଥ ସଙ୍କଳକ ଭାବେ ମଧ ତାଙ୍କ ଯଥେଷ୍ଟ ପରିଚୟ ରହିଛି। ଏକ ଉପାନ୍ତ ଅଞ୍ଚଳରେ ଜନ୍ମ ହୋଇ ମଧ ସାହିତ୍ୟର ବିକାଶ ଓ ପ୍ରଚାର କ୍ଷେତ୍ରରେ ତାଙ୍କର ଯୋଗଦାନ ଓ ନିଷ୍ଠାକୁ ଅସ୍ୱୀକାର କରାଯାଇ ନ ପାରେ।

ତାଙ୍କ ପ୍ରକାଶିତ ପୁସ୍ତକମାନଙ୍କ ମଧ୍ୟରେ 'ଦ୍ୱାରିକା ରାହାସ' ପୁରୁଷୋତ୍ତମ ଦାସ - ୧୭ଶ ଶତାବ୍ଦୀର ପ୍ରାକ୍ ଉପେନ୍ଦ୍ର ଓଡ଼ିଆ ରୀତିକାବ୍ୟ(ପୋଥି ଆବିଷ୍କାର ଓ ସଂପାଦନା) [୨୦୦୦], 'କଳାହାଣ୍ଡିର ଲୋକକଥା' (ସଂଗ୍ରହ ଓ ସଂପଦନା)[୨୦୦୦], 'କଳାହାଣ୍ଡିର ଲୋକକଥା' : ୧ମ ଭାଗ (ସଂଗ୍ରହ ଓ ସଂପାଦନା) [୨୦୦୩], 'କଳାହାଣ୍ଡିର ସାହିତ୍ୟ ବୈଭବ : ଉପନ୍ୟାସ ବିଶେଷ' [୨୦୧୧], 'କଥାଶିଳ୍ପୀ ଦାଶରଥି ନନ୍ଦ'[୨୦୧୨], 'କଳାହାଣ୍ଡିର ଲୋକଖେଳ' [୨୦୧୩], 'କବିସୌରଭ କାବ୍ୟସୁରଭି' [୨୦୧୫], 'ନୀଳଲୋହିତ ସିଂହଦେବ ଗ୍ରନ୍ଥାବଳୀ : ୧ମ ଭାଗ' (ସଂପାଦନା) [୨୦୨୦], 'ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଅଳଙ୍କାର ଯୋଜନା' [୨୦୨୧], 'ନାଗବଂଶ ଚରିତ - ପାଟରାଜା ପଦ୍ମନ ସିଂହ' (ସଂପାଦନା : ସମ୍ମିଳିତ) [୨୦୨୨], 'ଶିବଗୀତା – ବଲ୍ଲଭନାରାୟଣ ମହାପାତ୍ର' (ପୋଥି ସଂଗ୍ରହ ଓ ସଂପାଦନା) [୨୦୨୨], 'ନୀଳଲୋହିତ ସିଂହଦେଓ ଗ୍ରନ୍ଥାବଳୀ : ୨ୟ ଭାଗ' (ସଂପାଦନା) [୨୦୨୩], 'ଦୁର୍ଗାମାଧବ ପ୍ରସାଦ ସିଂହଦେଓ ଗ୍ରନ୍ଥାବଳୀ' [୨୦୨୪], ଶିବ ପୁରାଣ - ମହାରାଣୀ ବିଶ୍ୱାସ କୁମାରୀ ଦେବୀ (ପୋଥି ଆବିଷ୍କାର ଓ ସଂପଦନା) [୨୦୨୪], 'ମଧ୍ୟକାଳୀନ ଓଡ଼ିଆ କାବ୍ୟପ୍ରଭା'[୨୦୨୪] ଏହା ବ୍ୟତୀତ ତାଙ୍କ ଅନେକ ଗବେଷଣା ପ୍ରବନ୍ଧ ବିବିଧ ଉଚ୍ଚାଙ୍ଗ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରକୁ ସମୃଦ୍ଧ କରିଛି ।

୧. ଆପଣଙ୍କ ଦୃଷ୍ଟିରେ ସମାଲୋଚନା କହିଲେ କ'ଣ? ଅବଶ୍ୟ ଏହାର ସମାର୍ଥକ ଶବ୍ଦ ଭାବେ 'ଆଲୋଚନା'କୁ ବର୍ତ୍ତମାନ ସମୟରେ ଅନେକତ୍ର ଗ୍ରହଣ କରାଯାଉଛି। ଆପଣଙ୍କ ମତରେ ଏହା କେତେଦୂର ଯୁକ୍ତିଯୁକ୍ତ ।

ଉତ୍ତର: ସମାଲୋଚନା ହେଉଛି ପୂର୍ଣ୍ଣାଙ୍ଗ ଆଲୋଚନା। କୌଣସି ସାହିତ୍ୟ କୃତିର ଉତ୍କର୍ଷାପକର୍ଷ ନିର୍ଣ୍ଣୟ ପୂର୍ବକ ତା'ର ସାମଗ୍ରିକ ସୌନ୍ଦର୍ଯ୍ୟର ନିରପେକ୍ଷ ବିଚାର। ହଁ ଅନେକେ ଆଲୋଚନାକୁ ସମାଲୋଚନା ଅର୍ଥରେ ଗ୍ରହଣ କରିନେଇଛନ୍ତି, ଯଥା- 'ବିବିଧ ଆଲୋଚନା'- ଡ. ବାବାଜୀ ଚରଣ ପଟ୍ଟନାୟକ (ବିଜୟିନୀ ପବ୍ଲିକେସନ୍ସ, କଟକ-୧୨,୨୦୧୮) 'ନାନା ଆଲୋଚନା'- ପ୍ରଫେସର ବାଉରୀବନ୍ଧୁ କର (ସାରସ୍ୱତ ସରଣିର ଶାଶ୍ୱତ ସଙ୍କେତ ବର୍ତ୍ତିକା, ଦଶରଥପୁର, ଯାଜପୁର,୨୦୦୮)। ଆମ ସାଧାରଣ କଥୋପକଥନରେ ଜଣେ ଆଉ ଜଣକୁ ସମାଲୋଚନା କଲା କହିଲେ ତା'ର ନିନ୍ଦା କଲା ବା ଦୋଷ ପ୍ରଦର୍ଶନ କଲା ଏବଂ ସେ ତା' ବିଷୟରେ କିଛି ଆଲୋଚନା କଲା କହିଲେ ତା' ସମ୍ବନ୍ଧରେ ସାଧାରଣ ଭାବେ କିଛି କହିଲା- ଏପରି ବୁଝାଉଥିଲେ ମଧ୍ୟ ସାହିତ୍ୟ କ୍ଷେତ୍ରରେ ତାହା ଭିନ୍ନ। ଉଭୟ ଆଲୋଚନା ଓ ସମାଲୋଚନା ଶବ୍ଦ ସମାର୍ଥ ବାଚକ ତଥା ବ୍ୟାପକ ଅର୍ଥବାହୀ ହୋଇଥିବାରୁ ଏହାର ବ୍ୟବହାର ଅଯୌକ୍ତିକ ହେବ ନାହିଁ।

୨. ଏହି କିଛି ବର୍ଷ ହେବ ଯାହାସବୁ ଆଲୋଚନା ବିବିଧ ପତ୍ରପତ୍ରିକା ଓ ପୁସ୍ତକରେ ପ୍ରକାଶ ପାଉଛି। ସେ ସବୁ ଅଧ୍ୟୟନ କଲାବେଳେ ମୋତେ ଅନୁଭବ ହୁଏ, ସେସବୁ ଆଲୋଚନାର ସ୍ୱଚ୍ଛତା ଓ ନିରପେକ୍ଷତା ରକ୍ଷା କରାଯାଇ ପାରୁନାହିଁ। ସବୁ ଯେମିତି ଚର୍ବିତ ଚର୍ବଣ। ଆପଣଙ୍କ ମତରେ ଏକ ସାର୍ଥକ ଆଲୋଚନା ବା ସମାଲୋଚନା କେମିତି ହେବା ଉଚିତ୍?

ଉତ୍ତର: ପୂର୍ବ ପ୍ରଶ୍ନର ଉତ୍ତରରେ ଏ ସମ୍ବନ୍ଧରେ କିଛି ସୂଚନା ଦିଆଯାଇଛି। ସାର୍ଥକ ସମାଲୋଚନା ବା ଆଲୋଚନା ହେଉଛି, ଆଲୋଚକ ବା ସମାଲୋଚକ ବ୍ୟକ୍ତି, ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ସ୍ଥାନ, ଭାଷା, ସଂସ୍କୃତି ପ୍ରଭୃତି ପରିବେଶ ଓ ପରିସ୍ଥିତିର ଊର୍ଦ୍ଧ୍ୱରେ ରହି ସମ୍ପୂର୍ଣ୍ଣ ନିଷ୍ପକ୍ଷ ଭାବରେ ସମାଲୋଚନା ପଦ୍ଧତିର ଯେକୌଣସି ନିୟମାବଲମ୍ବନ ପୂର୍ବକ ସାହିତ୍ୟକୃତିଟିଏର ସାଙ୍ଗୋପାଙ୍ଗ ବିଚାର କରିଥିଲେ, ତାହା ସାର୍ଥକ ସମାଲୋଚନା। ଅନ୍ୟ ଅର୍ଥରେ କହିଲେ, ଏହା ହେଉଛି କବି ବା ଲେଖକଙ୍କ ସୃଷ୍ଟିର ପ୍ରକୃତ ଭାବ ସୌନ୍ଦର୍ଯ୍ୟ ଓ ଶୈଳୀ ସୌନ୍ଦର୍ଯ୍ୟର ଉଦ୍ଘାଟନ କରିବା।

୩. ବର୍ତ୍ତମାନ ସମୟରେ ଯୁବପିଢ଼ି ପ୍ରାଚୀନ ତଥା ମଧ୍ୟକାଳୀନ ସାହିତ୍ୟ ପ୍ରତି ଆକୃଷ୍ଟ ହେଉ ନଥିବାର ଦୃଷ୍ଟିଗୋଚର ହେଉଛି। ଏଥି ପାଇଁ ଆପଣ କାହାକୁ ଦାୟୀ କରିବେ?

ଉତ୍ତର: ଏଥିପାଇଁ ମୋଟାମୋଟି ଭାବରେ ସାମ୍ପ୍ରତିକ ଓଡ଼ିଶାର ସାମଗ୍ରିକ ପରିବେଶକୁ ଦାୟୀ କରାଯାଇପାରେ। କାରଣ ଯେଉଁଠି ପରିବେଶ ଅଛି, ସେଠାରେ ପ୍ରାଚୀନ ଓ ମଧ୍ୟକାଳୀନ ସାହିତ୍ୟ ଅଧ୍ୟୟନ ପ୍ରତି ଛାତ୍ରଛାତ୍ରୀଙ୍କ ଅନୁରାଗ ଦେଖାଯାଉଛି। ଆପଣ ଦେଖନ୍ତୁ, ଓଡ଼ିଶାର ସାଂସ୍କୃତିକ ତଥା ଧାର୍ମିକ ଜୀବନଧାରାରେ ଆଧ୍ୟାତ୍ମିକ ଚେତନା ସମ୍ବଳିତ ଗ୍ରନ୍ଥ ପଠନକୁ ଏକ ବାଧ୍ୟତାମୂଳକ କର୍ମ ଭାବରେ ଗ୍ରହଣ କରାଯାଇଥିଲା। ସେଥିପାଇଁ ଗ୍ରାମେଗ୍ରାମେ ନିୟମିତ ପୁରାଣ ପାଠ, ବିଭିନ୍ନ ଓଷାବ୍ରତ ଓ ପର୍ବପର୍ବାଣିରେ ମାହାତ୍ମ୍ୟ ପଠନାଦି ହେଉଥିଲା। ଏହା ମାଧ୍ୟମରେ ପୁରାତନ ସାହିତ୍ୟର ବିଷୟ ସୌନ୍ଦର୍ଯ୍ୟ ସମ୍ବନ୍ଧରେ ପ୍ରାୟ ସବୁପ୍ରକାର ଲୋକଙ୍କର ଏକ ପ୍ରକାର ଧାରଣା ହେଉଥିଲା। ଏହା ମଧ୍ୟକାଳୀନ କାବ୍ୟଚର୍ଚ୍ଚା ପାଇଁ

ସେମାନଙ୍କ ନିକଟରେ ପୃଷ୍ଠଭୂମି ରୂପେ କାର୍ଯ୍ୟ କରୁଥିଲା। ପାଲା, ଦାସକାଠିଆ ଓ ଅନ୍ୟାନ୍ୟ ଲୋକନାଟକଗୁଡ଼ିକ ଏହାର ପ୍ରଚାର ପ୍ରସାର ଘଟାଉଥିଲେ। ଏପରି ପରିବେଶରେ ବଢ଼ିଥିବା ପିଲାଟିଏ ତା'ର ପରିବାର ଓ ଗ୍ରାମ୍ୟ ପରିବେଶରୁ ଅନେକ କିଛି ସ୍ୱାଭାବିକ ଭାବରେ ଜାଣିପାରୁଥିଲା। ତେଣୁ ପ୍ରାଚୀନ ଓ ମଧ୍ୟକାଳୀନ ସାହିତ୍ୟ ପଢ଼ିବାରେ ସେ ଭୟଭୀତ ନହୋଇ ଆଗ୍ରହୀ ହେଉଥିଲା।

ସମ୍ପ୍ରତି ଏ ସାଂସ୍କୃତିକ-ସାମାଜିକ ପରମ୍ପରା ବହୁ ଭାବରେ ସଙ୍କୁଚିତ ହୋଇ ଅନେକାଂଶରେ କେବଳ ପ୍ରଦର୍ଶନ ପ୍ରଧାନ ହୋଇ ପଡ଼ିଛି। ତେଣୁ ଆମ ସମାଜରେ ପୁରାତନ ଓ ମଧ୍ୟକାଳୀନ ସାହିତ୍ୟର ପଠନ ତଥା ଚର୍ଚ୍ଚା ହୋଇ ନପାରିବାରୁ ଜଣେ ଶିଶୁ ବା କୋମଳମତି ଛାତ୍ର ଯାହା ପରିବେଶରୁ ଶିଖିବାକଥା ତାହା ଜାଣିପାରୁ ନାହିଁ।

ଦ୍ୱିତୀୟତଃ ଭୌତିକ ବିଜ୍ଞାନର ଅଗ୍ରଗତି ଏବଂ ସଂସ୍କୃତ ବଦଳରେ ଇଂରାଜୀ ଭିତ୍ତିକ ଶିକ୍ଷା ପଦ୍ଧତି ଯୋଗୁଁ ସାମ୍ପ୍ରତିକ ଛାତ୍ରଛାତ୍ରୀମାନେ ପୁରାତନ ସାହିତ୍ୟ ଅଧ୍ୟୟନ ପ୍ରତି ବିଶେଷ ଆଗ୍ରହୀ ହୋଇପାରୁ ନାହାନ୍ତି। ଏ ସବୁ କାରଣ ଫଳରେ ବର୍ତ୍ତମାନ ସମୟର ଶିକ୍ଷାନୁଷ୍ଠାନ ସମୂହରେ ଯେଉଁ ଶିକ୍ଷକ, ଅଧ୍ୟାପକ ସବୁ ଅଛନ୍ତି ସେମାନଙ୍କ ଭିତରୁ ଅନେକେ ପ୍ରାଚୀନ ଓ ମଧ୍ୟକାଳର ସାହିତ୍ୟରେ ପାରଦର୍ଶୀ ନଥିବାରୁ ଛାତ୍ରଛାତ୍ରୀମାନେ ଯଥୋଚିତ ଦିଗ୍‌ଦର୍ଶନ ପାଇପାରୁ ନାହାଁନ୍ତି। ସବୁଠାରୁ ବଡ଼କଥା ହେଉଛି, ଏ କ୍ଷେତ୍ରରେ ସରକାରୀ ନିୟନ୍ତ୍ରଣରେ ପରିଚାଳିତ ପାଠ୍ୟକ୍ରମ, ପରୀକ୍ଷା ପ୍ରଣାଳୀ ଓ ସେଥିପାଇଁ ପ୍ରସ୍ତୁତ ପ୍ରଶ୍ନପତ୍ରର ଆଦର୍ଶ।

ତେଣୁ କୌଣସି ଗୋଟିଏ କାରଣକୁ ଏଥିପାଇଁ ଦାୟୀ ନକରି ସାମଗ୍ରିକ ଭାବରେ ବର୍ତ୍ତମାନର ପରିବେଶ ହିଁ ଏଭଳି ସ୍ଥିତି ପାଇଁ ଦାୟୀ ବୋଲି କହାଯାଇ ପାରିବ। ଏ କ୍ଷେତ୍ରରେ ମୁଁ ଆଶାବାଦୀ। ଓଡ଼ିଆ ସାହିତ୍ୟର ପାଠକ ଓ ଛାତ୍ରଛାତ୍ରୀ ଏ ଦିଗରେ ଅଧିକ ଆଗ୍ରହ ପ୍ରକାଶ କରିଆସିବାର ସୂଚନା ଦେଲେଣି।

୪. ସାଂପ୍ରତିକ ସମୟର ଜଣେ ଉତ୍ତମ ଗବେଷକ ଓ ସମ୍ପାଦକ ଭାବରେ ଆପଣଙ୍କ ପ୍ରସିଦ୍ଧି ରହିଛି। ଆଜକୁ ଅନେକ ଗ୍ରନ୍ଥବଳୀ ଆପଣଙ୍କ ଦ୍ୱାରା ସୁସମ୍ପାଦିତ ହୋଇ ପ୍ରକାଶ ଲାଭ କରିଛି। ଏହି ଦୀର୍ଘ ଅନୁଭବ ଓ ଅନୁଭୂତିରୁ ଅନୁଗ୍ରହ କରି କହିବେ କି, ଗବେଷଣା ଓ ସମ୍ପାଦନା କ୍ଷେତ୍ରରେ କେଉଁ କେଉଁ ବିଷୟ ପ୍ରତି ସଚେତନ ରହିବା ନିହାତି ଆବଶ୍ୟକ?

ଉତ୍ତର: ଆପଣଙ୍କ ଏ ପ୍ରଶ୍ନର ପୂର୍ବାର୍ଦ୍ଧ ସହିତ ମୁଁ ଏକମତ ନୁହେଁ। କାରଣ, ଜଣେ ଉତ୍ତମ ଗବେଷକ ଓ ସମ୍ପାଦକ ବୋଲି ମୋତେ ଆପଣ କହିଛନ୍ତି, ମୁଁ ପ୍ରକୃତରେ ସେପରି ନିଜକୁ ବିଚାର କରୁନାହିଁ। ତା'ପରେ ମୁଁ ଯଦି ଉତ୍ତମ ଗବେଷକ ଓ ସମ୍ପାଦକ ହେଲି, ତା ହେଲେ ଆପଣ ନଟବର ସାମନ୍ତରାୟ ଓ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଭଳି ଗବେଷକ ଓ ସମ୍ପାଦକଙ୍କ ପ୍ରତି କି ବିଶେଷଣ ବ୍ୟବହାର କରିବେ? ଦ୍ୱିତୀୟତଃ, ମୋର ଗ୍ରନ୍ଥାବଳୀ ସମ୍ପାଦନାର ପରିମାଣ ଅନେକ ନୁହେଁ। ମାତ୍ର ଦୁଇଜଣଙ୍କ ଗ୍ରନ୍ଥାବଳୀ ମୁଁ ସମ୍ପାଦନା କରିଛି।

ଏବେ ଆସିବା ଆପଣଙ୍କ ଦ୍ୱିତୀୟ ପ୍ରସଙ୍ଗକୁ। ଗବେଷଣା ଏକ ବ୍ୟାପକ ତଥା ଗଭୀର ଅର୍ଥବହନକାରୀ ଶବ୍ଦ। ସମ୍ପାଦନା ଏହାର ଏକ ଅଙ୍ଗ। ତେଣୁ ମୋର ବିଚାରରେ ସମ୍ପାଦନା ମଧ୍ୟ ଏକ ଗବେଷଣା।

ଏ ଉଭୟ କାର୍ଯ୍ୟ ଉପଯୁକ୍ତ ବୈଜ୍ଞାନିକ ପ୍ରଣାଳୀରେ ସମ୍ପାଦିତ ନହେଲେ, ତା'ର ଗୁରୁତ୍ୱ ହ୍ରାସ ପାଏ। ସେଥିପାଇଁ ପ୍ରକୃତ ଗବେଷକ ଓ ସମ୍ପାଦକ କୌଣସି ଧାରଣାର ବା ଚାପର ବଶବର୍ତ୍ତୀ ନ ହୋଇ ସମ୍ପୂର୍ଣ୍ଣ ନିରପେକ୍ଷ ହେବା ଉଚିତ। ତା'ପରେ ସମ୍ପୃକ୍ତ ବିଷୟ ସମ୍ପର୍କରେ ତାଙ୍କର ପାରଦର୍ଶିତା, ବହୁଗ୍ରନ୍ଥ ପଠନ ଓ ମନନର ଧୈର୍ଯ୍ୟ ତଥା ସାମର୍ଥ୍ୟ, ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ସାହିତ୍ୟିକ ବ୍ୟଞ୍ଜନାର ପ୍ରକୃତ ତାତ୍ପର୍ଯ୍ୟ ବିଶ୍ଳେଷଣ ଦକ୍ଷତାଦି ରହିବା ବିଧେୟ। ଉଭୟ ଗବେଷଣା ଓ ସମ୍ପାଦନାର ମୂଳ ଉଦ୍ଦେଶ୍ୟ ସତ୍ୟର ଉଦ୍ଘାଟନ ହୋଇଥିବାରୁ ଗବେଷକ ଓ ସମ୍ପାଦକ ଯଥାସମ୍ଭବ ଗବେଷଣା କ୍ଷେତ୍ରରେ ଆବେଗ ତାଡ଼ିତ କଳ୍ପନାର ବଶବର୍ତ୍ତୀ ହେବା ଅନୁଚିତ।

୫.ସାମ୍ପ୍ରତିକ ସମୟରେ ବହୁ ପରିମାଣରେ ମୌଳିକ ସାହିତ୍ୟ ସୃଷ୍ଟି ହେଉଛି। ମାତ୍ର ସେଗୁଡ଼ିକ ସାଧାରଣ ପାଠକ ମନରେ ଦୀର୍ଘ ସମୟ ଧରି ପ୍ରଭାବ ବିସ୍ତାର କରିପାରୁନାହିଁ। ତେବେ ଏଭଳି କ୍ଷେତ୍ରରେ ସମାଲୋଚନା ଓ ସମାଲୋଚକର ଭୂମିକା କ'ଣ ହେବା ଉଚିତ ବୋଲି ଆପଣ ମନେକରନ୍ତି?

ଉତ୍ତର: ଆପଣ ଠିକ୍ କହିଛନ୍ତି, ସାମ୍ପ୍ରତିକ କାଳରେ ବହୁ ମୌଳିକ ସାହିତ୍ୟ ସାଧାରଣ ପାଠକ ମନରେ ଦୀର୍ଘ ପ୍ରଭାବ ପକାଇ ପାରୁନାହିଁ। ଏହାର କାରଣ ଓ ନିରାକରଣ ଯାହା ହେଉନା କାହିଁକି, ଏ କ୍ଷେତ୍ରରେ ସମାଲୋଚକର ଭୂମିକା ହେଉଛି, ଯେହେତୁ ସେ ସାଧାରଣ ପାଠକଠାରୁ ଭିନ୍ନ ତଥା ଉଚ୍ଚଦରର ପାଠକ, ତେଣୁ ସେ ନିଜେ ବହୁପାଠୀ ହୋଇ କେବଳ ମାନବିକ ଚେତନାର ଉତ୍ତରଣ ଘଟାଇ ପାରୁଥିବା ସାହିତ୍ୟ କୃତିର ଯଥାର୍ଥ ସୌନ୍ଦର୍ଯ୍ୟ ଆକଳନ ବା ମୂଲ୍ୟାୟନ କରି ଅନ୍ୟ ଇନ୍ଦ୍ରିୟ ଉତ୍ତେଜନା ସୃଷ୍ଟିକାରୀ ସାହିତ୍ୟ କୃତି ବା କୌଣସି ପ୍ରଭାବୀ ବ୍ୟକ୍ତିଙ୍କ କୃତି ଅଥବା ପିଲାଙ୍କ ନିମିତ୍ତ ପରୀକ୍ଷା ଉପଯୋଗୀ ସମାଲୋଚନା ରଚନାରୁ କ୍ଷାନ୍ତ ରହିଲେ

କ୍ରମଶଃ ଉନ୍ନତ ପ୍ରଭାବଶାଳୀ ସାହିତ୍ୟ ସୃଷ୍ଟି ହୋଇପାରିବ।

୬. ସମ୍ପ୍ରତି ଅନେକ ପ୍ରବୀଣ ଓ ନବୀନ ଗ୍ରନ୍ଥ ସମ୍ପାଦନା ଆଡ଼କୁ ମୁହେଁଇଛନ୍ତି। ଏହି ସମ୍ପାଦିତ ପୁସ୍ତକମାନଙ୍କ ମଧ୍ୟରୁ ଅନେକତ୍ର କେବଳ ଏକ ମୁଖବନ୍ଧକୁ ଛାଡ଼ିଦେଲେ 'ଯଥା ପୂର୍ବଂ.. ତଥା ପରଂ..' ରୀତି ହିଁ ଲକ୍ଷ୍ୟ କରାଯାଇପାରେ। ଅନେକ ଗ୍ରନ୍ଥସମ୍ପାଦକ ଗ୍ରନ୍ଥ ସମ୍ପାଦନାର ଉଦ୍ଦେଶ୍ୟ ମଧ୍ୟ ଜାଣିପାରୁ ନାହାଁନ୍ତି। ଏ କ୍ଷେତ୍ରରେ ଆପଣଙ୍କ କ'ଣ ପ୍ରତିକ୍ରିୟା ରହିବ?

ଉତ୍ତର: ଆପଣଙ୍କ କଥାର ସତ୍ୟତାକୁ ମୁଁ ଅସ୍ୱୀକାର କରୁନି। ବିଶେଷଜ୍ଞମାନେ ସମ୍ପାଦନା କ୍ଷେତ୍ରକୁ ଆସିବା ଆନନ୍ଦର କଥା। କିନ୍ତୁ ଏହା ଏକ ଜାତୀୟ କାର୍ଯ୍ୟ ଓ ବୈଜ୍ଞାନିକ ଶିଳ୍ପକର୍ମ ହୋଇଥିବାରୁ ସମ୍ପୃକ୍ତ ସମ୍ପାଦକ ନିଜେ ଏଥିପାଇଁ ଯୋଗ୍ୟ କି ନା ପ୍ରଥମେ ଭଲଭାବରେ ନିଜକୁ ପରଖି ପରେ କାର୍ଯ୍ୟାରମ୍ଭ କରିବା କଥା। ଯଦି କୌଣସି ପଦପଦବୀ ଲାଭ ବା ତୁରନ୍ତ ନାଁ କମେଇବା ଭଳି କିଛି ସଂକୀର୍ଣ୍ଣ ଉଦ୍ଦେଶ୍ୟ ରଖି ଏ କାର୍ଯ୍ୟ କରାଯାଏ, ତେବେ ଏହା ଏପରି ହୋଇଥାଏ। ନିଜର ଭାଷା ସାହିତ୍ୟ ପ୍ରତି ଏହା ଏକ ଶ୍ରମ ଓ ସମୟ ସାପେକ୍ଷ ସେବା ହୋଇଥିବାରୁ ସମ୍ପାଦକଙ୍କ ଧୈର୍ଯ୍ୟ ରହିବା କଥା।

୭. ଆପଣ ଜଣେ ପ୍ରାଧ୍ୟାପକ ଭାବେ ଜୀବନର ସର୍ବାଧିକ ସମୟ ବ୍ୟତୀତ କରିଛନ୍ତି। ସମ୍ପ୍ରତି ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମ ପରୀକ୍ଷା ତଥା ବୃତ୍ତି ଭିତ୍ତିକ ପରୀକ୍ଷାକୁ ଆଖି ଆଗରେ ରଖି ଅନେକ ସମ୍ପାଦିତ ପୁସ୍ତକ ପ୍ରକାଶ ପାଉଛି। ଏଗୁଡ଼ିକରେ ଶହ ଶହ ସଂଖ୍ୟାରେ ସଂକ୍ଷିପ୍ତ ପ୍ରଶ୍ନ ଓ ଉତ୍ତର ଦିଆଯାଉଛି। ଏଣୁ ଅଧିକାଂଶ ଛାତ୍ରଛାତ୍ରୀ ଏପରିକି ଗବେଷକ ଗବେଷିକାମାନେ ମଧ୍ୟ ମୂଳ ରଚନାକୁ ଆଉ ମନେପକାଉ ନାହାଁନ୍ତି। ଏହାକୁ ଆପଣ କେମିତି ଦେଖନ୍ତି?

ଉତ୍ତର : ମୋ' ବିଚାରରେ ବର୍ତ୍ତମାନ ଏହା ଏକ ଅତ୍ୟନ୍ତ ସ୍ପର୍ଶକାତର ବିଷୟ। କାରଣ, ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କ ଚରିତ୍ର ନିର୍ମାଣ, ମାନବିକତାର ଜାଗରଣ ବା ଅଧିତ ବିଷୟର ପୁଙ୍ଖାନୁପୁଙ୍ଖ ଜ୍ଞାନଲାଭ ବା ପ୍ରତିଭାର ଉନ୍ମୀଳନ ଆଦି କୌଣସି ବିଷୟ ଲକ୍ଷ୍ୟ ହୋଇ ରହିନାହିଁ।

କେବଳ ପିଲା କେତେ ଶତକଡ଼ା ମାର୍କ ପାଇଲା ତାହା ଅଭିଭାବକ, ଶିକ୍ଷାନୁଷ୍ଠାନ ଓ ସରକାର ସମସ୍ତଙ୍କର ଏକମାତ୍ର ଧ୍ୟେୟ ହୋଇଥିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ତେଣୁ ନାନା ରକମର ଗାଇଡ୍ ବହି ଓ ସମ୍ପାଦିତ ବହି ବଜାରରେ ସୁଲଭ ହେଉଛି। ତଦନୁସାରେ ପ୍ରଶ୍ନପତ୍ର ପଡୁଛି। ଏପରି ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ ଛାତ୍ରଛାତ୍ରୀଙ୍କର ସର୍ଜନାତ୍ମକ ସୁପ୍ତ ପ୍ରତିଭାକୁ ଜାଗ୍ରତ କରାଇପାରିବାର ସମ୍ଭାବନା କମ୍। ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପରୀକ୍ଷାରେ ପଡୁନଥିବାରୁ ଓ ସେଥିପାଇଁ ଛାତ୍ରଛାତ୍ରୀଗଣ ମୂଳ ବହିଠାରୁ ଦୂରରେ ରହୁଥିବାରୁ ସେମାନଙ୍କ ବିଶ୍ଳେଷଣାତ୍ମକ ଦକ୍ଷତା ହ୍ରାସ ପାଇଚାଲିଛି। ଏପରି ପରୀକ୍ଷା ପଦ୍ଧତି, ସହାୟକ ଗାଇଡ୍ ବହି ଲେଖା ଓ ମୂଳବହି ନ ପଢ଼ିବା ଆମ ଜାତୀୟ ବିକାଶର ପରିପନ୍ଥୀ।

୮. 'ବାଗୀଶ' ପାଇଁ ଆପଣଙ୍କ ଆଶୀର୍ବାଦ ଓ ଉପଦେଶ ସୂଚକ ଦୁଇଟି ବାକ୍ୟ ।

ଉତ୍ତର: 'ବାଗୀଶ' କେତେବେଳେ ବି କାହାର ଚାପରେ ନ ଆସୁ। ସର୍ବଦା ନିରପେକ୍ଷ ଭାବରେ ନିଜ ଆଦର୍ଶରେ ଅଟଳ ରହିଥାଉ।

ଉପସ୍ଥାପନା
ସହ-ସଂପାଦକ, ବାଗୀଶ

ବାଗୀଶ



ଓଡ଼ିଆ ପତ୍ର-ପତ୍ରିକାର ଇତିହାସ (୧୭୬୯-୧୯୦୦)

ଲେଖକ

ଡ. ଅରବିନ୍ଦ ଦାସ

ପ୍ରକାଶକ : ରଙ୍ଗ ପ୍ରକାଶନୀ, ତିହିଡ଼ି, ଭଦ୍ରକ

ପ୍ରଥମ ପ୍ରକାଶ : ୨୦୨୨

ପୃଷ୍ଠା - ୫୧୨, ମୂଲ୍ୟ - ୫୦୦ ଟଙ୍କା

ଡକ୍ଟର ଅରବିନ୍ଦ ଦାସଙ୍କ ଜନ୍ମ: ୧୫-୦୮-୧୯୮୩ରେ ଭଦ୍ରକ ଜିଲ୍ଲାର ଲଞ୍ଜାତାରା ଗ୍ରାମରେ। ଓଡ଼ିଶାର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପନା କରି ସାମ୍ପ୍ରତିକ ସମୟରେ ଆଗରପଡ଼ା ମହାବିଦ୍ୟାଳୟ, ଆଗରପଡ଼ା, ଭଦ୍ରକରେ ଅଧ୍ୟାପନା ରତ। ଜଣେ କବି ଆଲୋଚକ, ଗବେଷକ ତଥା ସମ୍ପାଦକ ରୂପେ ତାଙ୍କର ସୁଖ୍ୟାତି ରହିଛି। ତାଙ୍କର ପ୍ରକାଶିତ ସୃଷ୍ଟିରାଜି ମଧ୍ୟରେ 'ହଣ୍ଡ୍ରେଡ୍ ଏସ୍.ଏମ୍. ଏସ.'(୨୦୧୩), 'ମୋର'(୨୦୧୫), 'ଅବସର'(୨୦୧୫), 'ମନ - ନଳିନୀରେ ଆଶା - ସରୋଜିନୀ'(୨୦୧୬), 'ଅଲୋଡ଼ା ଅନୁରାଗ'(୨୦୧୭), 'ସପନର ବେସୁରା ରାଗିଣୀ ଗାଇ'(୨୦୧୮) ଇତ୍ୟାଦି କବିତା ପୁସ୍ତକ; 'ବିଜୟ ଶତପଥୀଙ୍କ ନାଟ୍ୟବୃତ୍ତ : ଅଧ୍ୟୟନ ଓ ଅନୁଶୀଳନ'(୨୦୧୪), 'ଊନବିଂଶ ଶତାବ୍ଦୀର ଓଡ଼ିଆ ପତ୍ର ପତ୍ରିକା'(୨୦୧୪), 'ଊନବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟ'(୨୦୧୯), 'ଅଭିନବ ଆକାଂକ୍ଷା ଓ ଅନୁପମ ଜିଜ୍ଞାସା'(୨୦୧୯), 'ଅନ୍ୱେଷଣ ଓ ଅନୁଶୀଳନ'(୨୦୨୨), 'ଓଡ଼ିଆ ପତ୍ର-ପତ୍ରିକାର ଇତିହାସ'(୨୦୨୨) ଇତ୍ୟାଦି ଗବେଷଣାତ୍ମକ ସମାଲୋଚନା ପୁସ୍ତକ; 'ଉପନ୍ୟାସ ଦୌଡ଼ରେ ଊନବିଂଶ ଶତାବ୍ଦୀ'(୨୦୧୪), 'ଓଡ଼ିଶାର ଜନଜାତିଙ୍କ ପରିଚିତି'(୨୦୨୩), 'ଦିବ୍ୟସିଂହ ଦାସଅଧିକାରୀ: ସୃଷ୍ଟି ଓ ସମୀକ୍ଷା'(୨୦୨୩), 'ଅସଂପୂର୍ଣ୍ଣ ଓଡ଼ିଆ ଉପନ୍ୟାସ'(୨୦୨୪) ଭଳି ସମ୍ପାଦିତ ପୁସ୍ତକ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି। ଏତଦ୍ ବ୍ୟତୀତ ବିଭିନ୍ନ ପତ୍ର-ପତ୍ରିକାରେ ଅନେକ ଗବେଷଣା, ସମାଲୋଚନା ଏବଂ ସମୀକ୍ଷା ଭିତ୍ତିକ ପ୍ରବନ୍ଧ ପ୍ରକାଶିତ। ତାଙ୍କର ଏକ ଗବେଷଣାତ୍ମକ ପୁସ୍ତକ ହେଉଛି 'ଓଡ଼ିଆ ପତ୍ର-ପତ୍ରିକାର ଇତିହାସ(୧୭୬୯-୧୯୦୦)'।

'ଓଡ଼ିଆ ପତ୍ର-ପତ୍ରିକାର ଇତିହାସ(୧୭୬୯-୧୯୦୦)' ୨୦୨୨ ମସିହା ଉତ୍କଳ ଦିବସରେ ରାଜେଶ କୁମାର ସେଠୀଙ୍କଦ୍ୱାରା 'ରଙ୍ଗ ପ୍ରକାଶନୀ' ତିହିଡ଼ି, ଭଦ୍ରକରୁ ପ୍ରକାଶିତ। ୫୧୨ ପୃଷ୍ଠାର ଏହି ପୁସ୍ତକଟି ତିନୋଟି ଅଧ୍ୟାୟରେ ବିଭକ୍ତ। ପ୍ରଥମ ଅଧ୍ୟାୟ 'ପତ୍ର-ପତ୍ରିକା:ପରିଚୟାତ୍ମକ ପ୍ରତିନିବେଦନ', ଦ୍ୱିତୀୟ ଅଧ୍ୟାୟ 'ପତ୍ର-ପତ୍ରିକା :ବିଶେଷ ଅଧ୍ୟୟନ' ଏବଂ ତୃତୀୟ ଅଧ୍ୟାୟ 'ପତ୍ର-ପତ୍ରିକା: ପ୍ରତିରୂପର ପରିଚିତି' ନାମରେ ନାମିତ। ପ୍ରଥମ ଅଧ୍ୟାୟରେ ପତ୍ର-ପତ୍ରିକାର ପରିଚୟ ଓ ପାର୍ଥକ୍ୟ, କାଳିର ବ୍ୟବହାର, କାଗଜର ସୃଷ୍ଟି, ବିଶ୍ୱରେ ମୁଦ୍ରଣଯନ୍ତ୍ର ବା ଛାପାକଳ, ଭାରତରେ ମୁଦ୍ରଣଯନ୍ତ୍ର ବା ଛାପାକଳ, ଓଡ଼ିଶାରେ ମୁଦ୍ରଣଯନ୍ତ୍ର ବା ଛାପାକଳ, ବିଶ୍ୱର ପତ୍ର-ପତ୍ରିକା, ଭାରତର ପତ୍ର-ପତ୍ରିକା, ଓଡ଼ିଶାର ପତ୍ର-ପତ୍ରିକା, ଊନବିଂଶ ଶତାବ୍ଦୀରେ ପ୍ରକାଶିତ ପତ୍ର-ପତ୍ରିକା, ଊନବିଂଶ ଶତାବ୍ଦୀରେ ଦ୍ୱିଭାଷୀ ଓ ତ୍ରିଭାଷୀ ପତ୍ର-ପତ୍ରିକା, ଊନବିଂଶ ଶତାବ୍ଦୀରେ ହାତଲେଖା

ପତ୍ର-ପତ୍ରିକା, ମିଶନାରୀ ପତ୍ର-ପତ୍ରିକା, ଓଡ଼ିଆ ପତ୍ର-ପତ୍ରିକାର ସଂକ୍ଷିପ୍ତ ଇତିହାସ ଇତ୍ୟାଦି ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଆକାରରେ ଅନେକ ତଥ୍ୟ ଉପସ୍ଥାପିତ। ପ୍ରାରମ୍ଭରୁ ଊନବିଂଶ ଶତାବ୍ଦୀ ମଧ୍ୟରେ ଓଡ଼ିଆ ସାହିତ୍ୟର ଗତି ନିର୍ଦ୍ଧାରଣ କ୍ଷେତ୍ରରେ ପତ୍ର-ପତ୍ରିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି କାଳର ଅର୍ଥାତ ଊନବିଂଶ ଶତାବ୍ଦୀର ଓଡ଼ିଆ ପତ୍ର-ପତ୍ରିକାକୁ ନେଇ ଅନେକ ଦ୍ୱନ୍ଦ୍ୱ ଓ ସମସ୍ୟା ଦେଖାଯାଇଥାଏ। ସେ ଗୁଡ଼ିକୁ ଡକ୍ଟର ଅରବିନ୍ଦ ଦାସ 'ସଂକ୍ଷିପ୍ତ ରୂପରେ ସମସ୍ୟା', 'ଗୋଟିଏ ପତ୍ରିକା: ଦୁଇଟି ପରି ଲାଗେ', 'ଗୋଟିଏ ପତ୍ରିକା: ତିନୋଟି ପରି ଲାଗେ', 'ପ୍ରଥମ ଓଡ଼ିଆ ପତ୍ର ବା ପତ୍ରିକା', 'ଓଡ଼ିଶାରେ ପତ୍ର-ପତ୍ରିକା ପ୍ରଚଳନର ପ୍ରେରଣା, 'କିଏ ପତ୍ର ଆଉ କିଏ ପତ୍ରିକା' ଇତ୍ୟାଦି ନାମରେ ଅତି ସରଳ ତଥା ସଂକ୍ଷେପରେ ଉପସ୍ଥାପନ କରିଛନ୍ତି।

ଦ୍ୱିତୀୟ ଅଧ୍ୟାୟରେ ପତ୍ର-ପତ୍ରିକାର ବିଶେଷ ଅଧ୍ୟୟନ ପ୍ରସଙ୍ଗରେ ଆରମ୍ଭରୁ ଊନବିଂଶ ଶତାବ୍ଦୀ ମଧ୍ୟରେ ଓଡ଼ିଶାରେ ପ୍ରକାଶିତ 'କୁଜୀବର'ଠାରୁ ଆରମ୍ଭ ହୋଇ 'ଉତ୍କଳ ମଧୁପ' ପର୍ଯ୍ୟନ୍ତ ୬୩ଟି ଓଡ଼ିଆ ପତ୍ର-ପତ୍ରିକା ବିଷୟରେ ଆଲୋଚନା କରିଛନ୍ତି। ପତ୍ର-ପତ୍ରିକାର ପ୍ରକାଶନ ସମୟ(ଆରମ୍ଭ ଓ ଶେଷ), ପ୍ରକାଶକ, ପ୍ରକାଶନର ସ୍ଥାନ, ପତ୍ର-ପତ୍ରିକାର ପୃଷ୍ଠପୋଷକ, ଏହା ଦୈନିକ କି ସାପ୍ତାହିକ କି ପାକ୍ଷିକ କି ମାସିକ ତାହାର ସୂଚନା, ଇତ୍ୟାଦି ଧାରାବାହିକ ଭାବେ ପ୍ରସ୍ତୁତ ହୋଇଛି। ପୁଣି ପତ୍ର-ପତ୍ରିକାର ଉଦ୍ଦେଶ୍ୟ ଏବଂ ଏଗୁଡ଼ିକରେ କେଉଁସବୁ ବିଷୟ ପ୍ରକାଶ ପାଉଥିଲା ସେବିଷୟର ସଉଦାହରଣ ଉପସ୍ଥାପନ ହୋଇଛି। ପ୍ରତ୍ୟେକ ପତ୍ର-ପତ୍ରିକାର ଆଲୋଚନା ଶେଷରେ ପ୍ରାନ୍ତଟିକା ପ୍ରଦତ୍ତ। ତୃତୀୟ ଅଧ୍ୟାୟରେ ପତ୍ର-ପତ୍ରିକାର ପ୍ରତିରୂପର ପରିଚିତିରେ ୨୬ଟି ପତ୍ର-ପତ୍ରିକାର ଚିତ୍ର ପ୍ରଦାନ କରାଯାଇଛି। ଓଡ଼ିଆ ସାହିତ୍ୟରେ ମୋଡ଼ ପରିବର୍ତ୍ତନ କରିବାରେ ଊନବିଂଶ ଶତାବ୍ଦୀର ପତ୍ର-ପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାରେ ପତ୍ର-ପତ୍ରିକା ସମ୍ପର୍କରେ ବହୁତ କମ୍ ଗବେଷଣା ହୋଇଛି। ଏହି ଦିଗରୁ ଓଡ଼ିଆ ପାଠକମାନଙ୍କ ପାଇଁ ଏହି ପୁସ୍ତକଟି ଉପାଦେୟ ଅଟେ। ଆଶା ଯେ 'ଓଡ଼ିଆ ପତ୍ର-ପତ୍ରିକାର ଇତିହାସ(୧୭୬୯-୧୯୦୦)' ପାଠକୀୟ ଆଦୃତି ଲାଭ କରିବ ନିଶ୍ଚୟ।

ଉପସ୍ଥାପନା

- ସହ-ସଂପାଦକ, ବାଗୀଶ

●

ଘୋ ଷ ଣା

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର। ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ।
- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି। ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ। ଆମେ ଯଥାସାଧ୍ୟ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ।
- ଲେଖକ/ଲେଖିକାମାନଙ୍କୁ ଅନୁରୋଧ - ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ। ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ।

- ସଂପାଦକ

BAGEESHA | VOLUME N0. 02 | ISSUE N0. 04 | JULY - AUGUST 2024

ବାଗୀଶ

B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU | RS: 100/-